# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୧/୨୦୨୨ (୧୮ ପୃଷ୍ଠା) | Bhubaneswar, Wednesday, December 21/2022 Page 18 ₹ 7.00 | ★★★★★★

୪୯ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 28 | ମୂଲ୍ୟ ₹୭/-






Stores only at : BHUBANESWAR 621, Saheed Nagar, Janpath | BHUBANESWAR 309 District Centre, Chandrasekharpur | BERHAMPUR Venkatraju Arcade, Sano Bazar | CUTTACK 558/834, Cantonment Road | JHARSUGUDA Sarbahal Road, Jharsuguda | ROURKELA Kesar Bhawan, Main Road

NOWHERE ELSE


# ଜେଲରେ ଗୋବିନ୍ଦଙ୍କ ମୃତ୍ୟୁ

## ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଥିଲେ

- ମଙ୍ଗଳବାର କୋର୍ଟରେ ହାଜର ହେବାର ଥିଲା
- କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ, ୱାର୍ଡର ନିଲମ୍ବିତ
- ଷଡ଼୍‌ଯନ୍ତ୍ର କରି ମରାଯାଇଛି, ସିବିଆଇ ତଦନ୍ତ ଦାବି କଲେ ବିରୋଧୀ


ଗୋବିନ୍ଦ ସାହୁ


ମମିତା ମେହେର

**ବଲାଙ୍ଗୀର ଅଫିସ/ମୁରିବାହାଲ, ୨୦।୧୨(ଡି.ଏନ.ଏ.)**

କିଛି ସମୟ ପରେ କୋର୍ଟରେ ହାଜର ହୋଇଥାନ୍ତେ। ପୋଲିସ ଏସ୍କର୍ଟ ଗାଡ଼ି ମଧ୍ୟ ଜେଲକୁ ଯାଇଥିଲା। ହେଲେ କୋର୍ଟରେ ହାଜର ହେବାକୁ ଥିବା ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିବା ଜେଲ କର୍ତ୍ତୃପକ୍ଷଙ୍କ ନିକଟରୁ ସୂଚନା ମିଳିଲା। ସେ ହେଉଛନ୍ତି ୨୦୨୧ ଅକ୍ଟୋବର ୮ରେ ଘଟିଥିବା ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଗୋବିନ୍ଦଙ୍କ ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଛି। ଉପକାରାଗାର କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଗୋବିନ୍ଦ ଜେଲ ପରିସରରେ ଥିବା ଏକ ଗଛରେ ଗାମୁଛାରେ ଆତ୍ମହତ୍ୟା କରିଛନ୍ତି। ହେଲେ ଏହାକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି। ଗୋବିନ୍ଦଙ୍କ ସ୍ତ୍ରୀ ଏବଂ ବିରୋଧୀ ଦଳ ଏହାକୁ ହତ୍ୟାକାଣ୍ଡ ବୋଲି କହିଛନ୍ତି। ଡିଜିପି ସୁନିଲ କୁମାର ବଂଶଲ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦେଇଥିବାବେଳେ ଭାଜପା ଏବଂ କଂଗ୍ରେସ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। କାରଣ ଏହି ଘଟଣାରେ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇ ଆସୁଥିଲା। ତେଣୁ କ୍ରାଇମବ୍ରାଞ୍ଚ ରାଜ୍ୟ ସରକାରଙ୍କ ଅଧୀନରେ ଥିବାରୁ ତଦନ୍ତ ବାଟବଣା ହେବା ଆଶଙ୍କା ରହିଛି ବୋଲି ବିରୋଧୀ ଯୁକ୍ତି ବାଢ଼ିଛନ୍ତି। ଅପରପକ୍ଷରେ ଜେଲରେ ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟରେ ଅବହେଳା କରିବା ଘଟଣାରେ ଜେଲ ୱାର୍ଡର ଅକ୍ଷୟ କୁମାର ମହାନ୍ତିଙ୍କୁ ପଶ୍ଚିମାଞ୍ଚଳ ଜେଲ୍ ଡିଆଇଜି ଅନୁସୂୟା ଜେନା ନିଲମ୍ବିତ କରିଛନ୍ତି। ତେବେ ଜେଲ୍ ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କିଭଳି ଏବଂ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା କଲେ ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ☞ ପୃଷ୍ଠା-୪

# ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ ସୁଷମା

**ଭବାନୀପାଟଣା/ଗୋଲାମୁଣ୍ଡା, ୨୦।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

କଣ୍ଟାବାଞ୍ଜି ଜେଲରେ ମଙ୍ଗଳବାର ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହା ଆତ୍ମହତ୍ୟା ନୁହେଁ, ବରଂ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଗୋବିନ୍ଦଙ୍କ ସ୍ତ୍ରୀ ସୁଷମା ସାହୁ ଅଭିଯୋଗ କରିଛନ୍ତି। ଏଥିପାଇଁ ସେ ଜେଲ ପ୍ରଶାସନକୁ ଦାୟୀ କରିଛନ୍ତି। ଅପରାହ୍ନରେ ପରିବାରବର୍ଗଙ୍କ ସହ ସୁଷମା କେ.ଗାଁ ଥାନାରେ ଲିଖିତ ଏତଲା ଦେଇଛନ୍ତି। ମୋ ସ୍ୱାମୀ ନିର୍ଦ୍ଦୋଷ, ମମିତା ମେହେର ☞ ପୃଷ୍ଠା-୪

# ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଗୋବିନ୍ଦ ସାହୁଙ୍କ ମଙ୍ଗଳବାର ମୃତ୍ୟୁ ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୁକ୍ତ ଗୋବିନ୍ଦ ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ଉପ-କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଦିନ କାଟୁଥିଲେ। ଏହି ଘଟଣାକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇ ନିଜ ଆଡୁ ଏକ ମାମଲା (ନଂ.୨୭୩୭/୨୦୨୨) ରୁଜୁ କରି ସ୍ୱତନ୍ତ୍ର ଜେଲ ☞ ପୃଷ୍ଠା-୪


DSPL - 377

ଓଡ଼ିଶା ସରକାର

# ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍‌ର
## ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ

| ଉତ୍ସର୍ଗ | କାର୍ଯ୍ୟ ଶୁଭାରମ୍ଭ | ଟ୍ୟାପ୍‌ରୁ ୨୪ X ୭ ପାନୀୟଜଳ ଯୋଗାଣରେ ଭାରତର ୨ୟ ସହର |
|---|---|---|
| ୧୯ଟି ସହରରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ପାନୀୟଜଳ ସୁବିଧା ୫.୫ ଲକ୍ଷ ଜନସାଧାରଣ ହେବେ ଉପକୃତ | ଖୋର୍ଦ୍ଧା, ଜଟଣୀ ଏବଂ ହିଞ୍ଜିଳିକାଟୁ ପୌରାଞ୍ଚଳରେ କାର୍ଯ୍ୟାରମ୍ଭ ୧.୫ ଲକ୍ଷ ଜନସାଧାରଣ ହେବେ ଉପକୃତ | ଗୋପାଳପୁର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ୨୪ X ୭ ପାନୀୟଜଳ ଯୋଗାଣରେ ଭାରତର ୨ୟ ସହର |

| ସହରାଞ୍ଚଳ | ୱାର୍ଡ | ଉପକୃତ ହେବାକୁଥିବା ଜନସଂଖ୍ୟା |
|---|---|---|
| ଭୁବନେଶ୍ୱର | ୧୮ | ୩ ଲକ୍ଷ |
| କଟକ | ୩ | ୩୮ ହଜାର |
| ନିମାପଡା | ୩ | ୬ ହଜାର |
| ବ୍ରହ୍ମପୁର | ୧୬ | ୧.୫ ଲକ୍ଷ |
| ଗୋପାଳପୁର | ୧୧ | ୧୧ ହଜାର |
| ରାଉରକେଲା | ୪ | ୨୦ ହଜାର |
| ସୁନ୍ଦରଗଡ଼ | ୧ | ୫ ହଜାର |
| ବୀରମିତ୍ରପୁର | ୧ | ୩ ହଜାର |
| ରାଜଗାଙ୍ଗପୁର | ୪ | ୭ ହଜାର |
| କେନ୍ଦୁଝର | ୪ | ୧୩ ହଜାର |
| ଯୋଡ଼ା | ୨ | ୬ ହଜାର |
| ବଡ଼ବିଲ | ୨ | ୬ ହଜାର |
| ଚମ୍ପୁଆ | ୭ | ୯ ହଜାର |
| ଆନନ୍ଦପୁର | ୩ | ୬ ହଜାର |
| ବାରିପଦା | ୨ | ୭ ହଜାର |
| ରାଇରଙ୍ଗପୁର | ୨ | ୫ ହଜାର |
| ଭଦ୍ରକ | ୩ | ୬ ହଜାର |
| କରଞ୍ଜିଆ | ୨ | ୬ ହଜାର |
| ବ୍ୟାସନଗର | ୧ | ୩ ହଜାର |



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଲୋକାର୍ପଣ
୨୧ ଡିସେମ୍ବର ୨୦୨୨ ॥ ସକାଳ ୧୧.୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

ODISHA
The 1st Drink from Tap State in the Country

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ

OIPR-13194/13/0064/2223

ଦକ୍ଷିଣ ଓଡ଼ିଶା ପାଇଁ ଘଟଣାବହୁଳ ଥିଲା ୨୦୨୨। ବର୍ଷ ଆରମ୍ଭରେ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ପରଲୋକ ଯେତିକି ଦୁଃଖ ଦେଇଥିଲା, ବର୍ଷ ଶେଷରେ ବିଶ୍ୱକପ୍ ହକି ପାଇଁ ଗୀତ ଗାଇ ସୁନାଝିଅ ନମିତା ସେତିକି ଖୁସି ଆଣିଥିଲେ । ଜୟପୁର ବିମାନ ବନ୍ଦରରୁ ବିମାନ ଉଡ଼ାଣ ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନକୁ ସାକାର କରିଥିଲା। ଅନ୍ୟପକ୍ଷରେ କୋଟିଆ ଉପରେ ଆନ୍ଧ୍ର ବର୍ଷତମାମ ନଜର ରଖିଥିଲା। ରାୟଗଡ଼ା ଜିଲାର କାଶୀପୁର ଓ କୋରାପୁଟ ଜିଲାର ଦଶମନ୍ତପୁରରେ ଝାଡ଼ାବାନ୍ତି ଅଣାୟତ୍ତ ହୋଇଥିଲା। ଶେଷ ଭାଗରେ ପଦ୍ମଶ୍ରୀ କମଳା ପୂଜାରୀଅସୁସ୍ଥ ହୋଇପଡ଼ିବା ସମସ୍ତଙ୍କ ମନରେ ଖେଳାଇଥିଲା ଆଶା ଆଶଙ୍କାର ଲୁଚକାଳି।

# ଜୟପୁରରୁ ଉଡ଼ିଲା ବିମାନ




**କୋରାପୁଟ** ଜିଲା ପାଇଁ ୨୦୨୨ ଅକ୍ଟୋବର ୩୧ ତାରିଖ ସକାଳ ଆଣିଥିଲା ଖୁସି ଖବର। ଜିଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଥିଲା। ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟା ପରେ ଉଡ଼ାନ (ଉଡେ ଦେଶ କି ଆମ୍ ନାଗରିକ୍) ଯୋଜନାରେ ଡିଜିସିଏ(ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏଶନ)ରେ ଅନୁମତି ପାଇ ପ୍ରଥମ ଥର ପାଇଁ ଭୁବନେଶ୍ୱର-ଜୟପୁର ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଯାତ୍ରୀଙ୍କୁ ଆକୃଷ୍ଟ କରିବା ଲାଗି ସୀମିତ ସମୟ ପାଇଁ ଟିକେଟ୍ ମୂଲ୍ୟ ୧୦୪୯ ଟଙ୍କା ରହିଥିଲା। ଭୁବନେଶ୍ୱର, ଝାରସୁଗଡ଼ା ଏବଂ ରାଉରକେଲା ବିମାନବନ୍ଦର ପରେ ଏହା ରାଜ୍ୟର ୪ର୍ଥ ଲାଇସେନ୍ସପ୍ରାପ୍ତ ବିମାନ ବନ୍ଦର ଭାବେ ପରିଗଣିତ ହୋଇଛି। ସେହିପରି ବ୍ୟବସାୟିକ ବିମାନ ଚଳାଚଳ ପାଇଁ ଲାଇସେନ୍ସ ପାଇଥିବା ରାଜ୍ୟର ପ୍ରଥମ ନିଜସ୍ୱ ପ୍ରଥମ ବିମାନ ବନ୍ଦର ରୂପେ ପରିଚୟ ପାଇଥିଲା। ପ୍ରଥମ ଦିନରେ ଇଣ୍ଡିଆ ୱାନ ଏୟାର ପକ୍ଷରୁ ଅଫର ପ୍ରାଇସ୍ ଭାବେ ଟିକେଟ୍ ମୂଲ୍ୟ ୯୯୯ ଟଙ୍କା ରହିଥିଲା। ଏବେ ଜୟପୁରରୁ ଭୁବନେଶ୍ୱରକୁ ଟିକେଟ୍ ମୂଲ୍ୟ ରହିଛି ୩୫୭୫ ଟଙ୍କା। ଉଡାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ଓଡ଼ିଶା ସରକାର ଏବଂ ବିମାନ ବନ୍ଦର ପ୍ରାଧିକରଣଙ୍କ ମିଳିତ ଉଦ୍ୟମରେ ବିମାନ ବନ୍ଦରର ବିକାଶ କରାଯାଇଥିଲା। ଏହି ବିମାନ ଚଳାଚଳ ଦ୍ୱାରା ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ଧାରା ଯେ ଅଧିକ ତ୍ୱରାନ୍ୱିତ ହୋଇ ଏହି ସହର ଏକ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ରୂପେ ଉଭା ହୋଇଛି।

## ଗୁଣପୁରରେ ବିଜେଡିକୁ ମାତ୍‌ଦେଲେ ସ୍ୱାଧୀନ ପ୍ରାର୍ଥୀ


ମମତା ଗୌଡ଼


ଶିବ ଗୌଡ଼


ଝିଲି ଶବର

ପଞ୍ଚାୟତ ଏବଂ ପୌର ନିର୍ବାଚନରେ ରାୟଗଡ଼ା ଜିଲା ଗୁଣପୁର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏଠାରେ ବିରଳ ରେକର୍ଡ ଦେଖିବାକୁ ମିଳିଥିଲା। ଉଭୟ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ବାଜି ମାରିଥିବାବେଳେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଏଠାରେ ଧରାଶାୟୀ ହୋଇଥିଲା। ପୌର ନିର୍ବାଚନରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବ ଗୌଡ଼ ସ୍ୱାଧୀନ ଭାବେ ଲଢ଼ି ଉପାଧ୍ୟକ୍ଷ ପଦ ହାତେଇଥିବାବେଳେ ତାଙ୍କ ସ୍ତ୍ରୀ ମମତା ଗୌଡ଼ ପୌରାଧ୍ୟକ୍ଷା ଆସନ ପାଇଁ ସ୍ୱାଧୀନ ଭାବେ ଲଢ଼ି ବିଜୟୀ ହୋଇଥିଲେ। ୧୯ ୱାର୍ଡ ମଧ୍ୟରୁ ୧୧ଟି ସ୍ୱାଧୀନ କାଉନସିଲରଙ୍କ ହାତକୁ ଚାଲିଯାଇଥିଲା। ବିଜେଡିକୁ ୮ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସେହିପରି ପଞ୍ଚାୟତ ନିର୍ବାଚନରେ ମଧ୍ୟ ଶିବଙ୍କ ସମର୍ଥନରେ ଝିଲି ଶବର ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷା ହୋଇଥିଲେ। ଉଭୟ ନିର୍ବାଚନରେ ବିଜେଡିକୁ ଶକ୍ତ ଧକ୍କା ଲାଗିଥିଲା। ବିଜେଡିର ଟାଣୁଆ ନେତାଙ୍କ ପ୍ରଚାର ସତ୍ତ୍ୱେ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଏହା ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଥିଲା।

## ବିଧାନସଭାରେ ଝାଡ଼ାବାନ୍ତି ଝଡ଼

**ରାୟଗଡ଼ା** ଜିଲା କାଶୀପୁର ବ୍ଲକରେ ଚଳିତ ବର୍ଷ ଭିବ୍ରିଓ କଲେରା ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଥିଲା। ଦୂଷିତ ପାନୀୟ ଜଳ ଏଥିପାଇଁ ଦାୟୀ ବୋଲି ଜଳନମୁନା ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା। ବ୍ଲକ ଅନ୍ତର୍ଗତ ଟିକିରି, ଡୁଡୁକାବାହାଲ, ଡଙ୍ଗାସିଲ ଏବଂ ଶଙ୍କରଡ଼ା ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗାଁକୁ ଝାଡ଼ାବାନ୍ତି ବ୍ୟାପିଥିଲା। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଚାଲିଯାଇଥିଲା। ତେବେ ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୧୦ ରହିଥିଲା। ଏହି ଘଟଣା ବିଧାନସଭାକୁ ମଧ୍ୟ ହୁଲ୍‌ସ୍ଥୁଲ କରିଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମେତ ଭୁବନେଶ୍ୱରରୁ ସ୍ୱତନ୍ତ୍ର ଡାକ୍ତରୀ ଦଳ କାଶୀପୁରରେ ପହଞ୍ଚିଥିଲେ। ଏହି ଘଟଣା ଜିଲା ପ୍ରଶାସନ ଏବଂ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ସେ ସମୟରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ସେହିଭଳି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ୬ଜଣଙ୍କ ଜୀବନ ନେଇଥିଲା ଝାଡ଼ାବାନ୍ତି। ୭୯ ଜଣ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ଭଲ ହୋଇଥିଲେ। ଏହାକୁ ନିୟନ୍ତ୍ରଣକୁ ଆଣିବାକୁ ବ୍ଲକ ପ୍ରଶାସନକୁ ବେଶ୍ ନାକେଦମ୍ ହେବାକୁ ପଡ଼ିଥିଲା।

## ବନ୍ଦ ହେଲା ଝୁଲାପୋଲ

**ଡେଥ୍** ଡେଥ୍ ଜୋନ୍ ରୂପେ ପରିଚିତ ରାୟଗଡ଼ା ସହର ଉପକଣ୍ଠ ଚେକାଗୁଡ଼ାସ୍ଥିତ ନାଗାବଳୀ ନଦୀ ଉପରେ ଥିବା ରାଜ୍ୟର ଦ୍ୱିତୀୟ ଝୁଲାପୋଲକୁ ସେପ୍ଟେମ୍ବର ୨୫ରେ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ପର୍ଯ୍ୟଟକମାନେ ମାଁ ମଝିଘରିଆଣୀଙ୍କୁ ଦର୍ଶନ କରିବାକୁ ଆସି ଝୁଲାପୋଲ ବୁଲିବାକୁ ଆସୁଥିଲେ। ପୋଲ ତଳେ ପ୍ରବାହିତ ନାଗାବଳୀ ନଦୀକୁ ଗାଧୋଇବା ଏବଂ ସେଲ୍ଫି ନେବାପାଇଁ ଯାଇ ମୃତ୍ୟୁ ଘଟୁଥିଲା। ୫ ବର୍ଷ ମଧ୍ୟରେ ଏଠାରେ ଅସାବଧାନତାବଶତଃ ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ଅଗଷ୍ଟରେ ଆନ୍ଧ୍ର ପ୍ରଦେଶର ଏଲୁରୁ ଅଞ୍ଚଳରୁ ଗୋପାଳକୃଷ୍ଣ ନାମକ ବ୍ୟକ୍ତି ପରିବାର ସହ ଏଠାକୁ ବୁଲିବାକୁ ଆସିଥିବାବେଳେ ତାଙ୍କର ୩ ପୁଅ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଗୋପାଳକୃଷ୍ଣ ୨ ପୁଅଙ୍କୁ ବଞ୍ଚାଇବାରେ ସଫଳ ହୋଇଥିଲେ ମଧ୍ୟ ୫ ବର୍ଷର ସାନପୁଅକୁ ବଞ୍ଚାଇପାରି ନ ଥିଲେ। ଏମିତିକି ଗୋପାଳକୃଷ୍ଣ ନିଜେ ନଦୀରେ ଫସିଯାଇଥିଲେ। ଅଗ୍ନିଶମ ବାହିନୀ ଗୋପାଳକୃଷ୍ଣଙ୍କୁ ବହୁ କଷ୍ଟରେ ଉଦ୍ଧାର କରିଥିଲା। ପରେ ସାନପୁଅର ମୃତଦେହ ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ ଜିଲା ନଦୀକୂଳରୁ ମିଳିଥିଲା। ଏହି ଘଟଣା ପରେ ରିସ୍କ ନ ନେଇ ପ୍ରଶାସନ ପକ୍ଷରୁ ପୋଲକୁ ବନ୍ଦ କରାଯାଇଥିଲା।



## ନିର୍ବାଚନ ଡ୍ୟୁଟିରେ ଯିବାବେଳେ ବସ୍ ଓଲଟି ଚାଲିଗଲା ୩ ଗୃହରକ୍ଷୀଙ୍କ ଜୀବନ

**ଫେବୃୟାରୀରେ** ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନବେଳେ ଇଲେକ୍ସନ ଡ୍ୟୁଟି କରିବାକୁ ଯାଉଥିବା ୩ ଜଣ ଗୃହରକ୍ଷୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ନବରଙ୍ଗପୁର ରିଜର୍ଭ ଅଫିସ୍‌ରୁ କୋଷାଗୁମୁଡ଼ା ବ୍ଲକକୁ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ୪୫ ଗ୍ରାମରକ୍ଷୀ ଓ ଗୃହରକ୍ଷୀଙ୍କୁ ନେଇ ଯାଉଥିବା ପୋଲିସ ବସ୍‌ଟି ପାପଡ଼ାହାଣ୍ଡି ସୋରିଷପଦର ନିକଟ ବୁଲାଣି ରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ବସ୍ ତଳେ ଚାପି ହୋଇ ନବରଙ୍ଗପୁର ଇଚ୍ଛାବତୀଗୁଡ଼ା ସାହିର ସି.ଏଚ୍.ଶେଷାରାଓ, ନନ୍ଦାହାଣ୍ଡିର ଜଗବନ୍ଧୁ ଗୌଡ଼ ଓ ତେନ୍ତୁଳିଖୁଣ୍ଟିର ରବି ବିଶୋଇଙ୍କ ମୃତ୍ୟୁ ହୋଇଯାଇଥିଲା।

ପୁରୁଣା ଆନ୍ଧ୍ରପ୍ରଦେଶ




ନୂଆ ଆନ୍ଧ୍ରପ୍ରଦେଶ



## କୋଟିଆକୁ ନେଇ ଟଣାଓଟରା

**କୋରାପୁଟ** ଜିଲାର କୋଟିଆ ପଞ୍ଚାୟତକୁ ନେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଏବର୍ଷରେ ଲାଗି ରହିଥିଲା ଟଣାଓଟରା। ଆନ୍ଧ୍ର ତା'ର ନବଗଠିତ ୧୩ଟି ଜିଲା ମଧ୍ୟରୁ ପୂର୍ବରୁ ସବ୍ ଡିଭିଜନ ରୂପେ ଥିବା ପାର୍ବତୀପୁରମକୁ ନୂତନ ଜିଲା କରି ଏହାର ନାମ ମାନ୍ୟମ ଜିଲା ରଖିଥିଲ। ଏହି ଜିଲାରେ କୋଟିଆ ପଞ୍ଚାୟତକୁ ରଖିବା ନେଇ ସାଧାରଣରେ ବେଶ୍ ଆଲୋଡନ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ଏପ୍ରିଲ ୪ରେ ମାନ୍ୟମ ଜିଲା ଉଦ୍‌ଘାଟନ କରିଥିବା ଆନ୍ଧ୍ର, ପରବର୍ତ୍ତୀ ସମୟରେ ତା'ର ମନ୍ତ୍ରିମଣ୍ଡଳରେ ଏପ୍ରିଲ ୧୨ରେ ସାଲୁର ବିଧାୟକ ପିଡିକା ରାଜନ ଦୋରାଙ୍କୁ ନେଇଥିଲା। ସେ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିବା ପରେ କୋଟିଆ ଉପରେ ଅଧିକ ଫୋକସ୍ ଦେଇ ଆସୁଛନ୍ତି। ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା କରାଯାଇଥିଲେ ମଧ୍ୟ ଆନ୍ଧ୍ର ଏଥିପ୍ରତି ଭ୍ରୂକ୍ଷେପ ନ କରି କୋଟିଆରେ ବାରମ୍ବାର ଅନୁପ୍ରବେଶ କରି ସେଠାକର ଅଧିବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇବା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା ଚଳିତବର୍ଷ। ଏଥିପାଇଁ ଓଡ଼ିଶାର ସମସ୍ତ ରାଜନୈତିକ ଦଳ ଏକାଠି ସ୍ୱର ଉଠାଇଲେ କୋଟିଆ ଓଡ଼ିଶାର ହିଁ ହୋଇ ରହିବ ଏଥିରେ ସନ୍ଦେହ ନାହିଁ।

## ସୁନା ଝିଅ ନମିତା

**ଆସନ୍ତା** ବର୍ଷ ଜାନୁୟାରୀ ୧୩ରେ ହକି ବିଶ୍ୱକପ୍ ଓଡ଼ିଶାରେ ଆୟୋଜନ ହେଉଛି। ଏଥିରେ କୋରାପୁଟ ଜିଲା ବନ୍ଧୁଗାଁର ଆଦିବାସୀ ଝିଅ ନମିତା ମେଲେକା ଜାତୀୟ ସଙ୍ଗୀତ ଗାଇବେ। ଏହାକୁ ନେଇ ନମିତା ଏବେ ଚର୍ଚ୍ଚାକୁ ଆସିଛନ୍ତି। ପୂର୍ବରୁ ସେ ସ୍ଥାନୀୟ କୁଇ ଭାଷାରେ ବିଭିନ୍ନ ସଚେତନତାଧର୍ମୀ ଗୀତ ଗାଇଛନ୍ତି। ବିଶେଷକରି ଲତା ମଙ୍ଗେସ୍‌କରଙ୍କ ବିଭିନ୍ନ ଗୀତ ଏବଂ ଅନ୍ୟ ଭଜନ ତାଙ୍କର ପସନ୍ଦ। ନମିତାଙ୍କ କଣ୍ଠସ୍ୱର ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଭାଇରାଲ ହେଉଥିଲା।


ନମିତା ମେଲେକା

## ଚର୍ଚ୍ଚାରେ ଥିଲେ ପଦ୍ମଶ୍ରୀ କମଳା ପୂଜାରୀ

ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇ କଟକ ସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ଆଇସିୟୁରେ ଜଣେ ମହିଳା ତାଙ୍କୁ ନଚାଇବା ସହ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ପଦ୍ମଶ୍ରୀ କମଳା ଅସନ୍ତୋଷ ପ୍ରକାଶ କରିବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣା ଚଳିତବର୍ଷ କୋରାପୁଟ ଜିଲା ତଥା ରାଜ୍ୟ ପାଇଁ ଚର୍ଚ୍ଚା ସୃଷ୍ଟି କରିଥିଲା। ଅଗଷ୍ଟ ୨୨ରେ ସେ ଜ୍ୱର ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରଥମେ ଜୟପୁର ଜିଲା ଚିକିତ୍ସାଳୟ ଏବଂ ସେଠାରୁ ୨୪ରେ କଟକ ଏସସିବିକୁ ସ୍ଥାନାନ୍ତର ହୋଇଥିଲେ। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ଶେଷରେ ସେ ଅଗଷ୍ଟ ୨୯ରେ ସୁସ୍ଥ ହେବା ପରେ ତାଙ୍କ ଘରକୁ ଫେରିଥିଲେ। ସେ ଏସସିବି ମେଡିକାଲର ଆଇସିୟୁରେ ଥିବାବେଳେ ତାଙ୍କୁ ଜଣେ ମହିଳା ନଚାଇବା ସହ ଭିଡିଓ କରି ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହି ଘଟଣା ରାଜ୍ୟରେ ବେଶ୍ ଚର୍ଚ୍ଚା ପାଲଟିଥିଲା।



## ପରପାରିରେ ପଦ୍ମଶ୍ରୀ ଶାନ୍ତି ଦେବୀ



**ବର୍ଷ** ଆରମ୍ଭରେ ଭୂଦାନ ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ପଦ୍ମଶ୍ରୀ ଶାନ୍ତି ଦେବୀ ପରପାରିକୁ ଚାଲିଯାଇଥିଲେ। ଜାନୁୟାରୀ ୧୬ ରାତିରେ ୮୮ ବର୍ଷ ବୟସରେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା। ବାଲେଶ୍ୱର ଜିଲାରେ ଜନ୍ମଗ୍ରହଣ କରିଥିବା ଶାନ୍ତି ଦେବୀ ୧୭ ବର୍ଷ ବୟସରେ ଆଚାର୍ଯ୍ୟ ବିନୋବାଭାବେଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସମାଜ ସେବା ଆରମ୍ଭ କରିଥିଲେ। ୧୯୫୧ ରେ ସାମାଜିକ କର୍ମୀ ରତନ ଦାସଙ୍କୁ ସେ ବିବାହ କରିଥିଲେ। ୧୯୫୨ରେ କୋରାପୁଟରେ ଚାଲିଥିବା ଭୂ- ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇ ସାହୁକାରଙ୍କ କବଳରେ ଥିବା ଆଦିବାସୀଙ୍କ ଜମି ମୁକୁଳାଇବା କାମ ଆରମ୍ଭ କରିଥିଲେ। ପରେ ଅନାଥ ଝିଅମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ଲକ୍ଷ୍ୟରେ ଗୁଣପୁର, ରାୟଗଡ଼ା, ଜଗରଗୁଡ଼ାରେ ସେବା ସମାଜ ପ୍ରତିଷ୍ଠା କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶାନ୍ତି ଦେବୀଙ୍କୁ ୨୦୨୧ ନଭେମ୍ବର ୯ ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ।

## ପୁରସ୍କାର ଗ୍ରହଣ ପୂର୍ବରୁ ଏଏସ୍‌ଆଇଙ୍କ ମୃତ୍ୟୁ



**ରାୟଗଡ଼ା** ଜିଲା ପଦ୍ମପୁର ଥାନା ଅଧୀନ କେନ୍ଦୁଗୁଡ଼ା ଫାଣ୍ଡିରେ କାର୍ଯ୍ୟରତ ଏଏସ୍‌ଆଇ କିଶୋର ଚନ୍ଦ୍ର ବେହେରା ନିଜ ଉତ୍ତମ ସେବା ଓ କର୍ତ୍ତବ୍ୟନିଷ୍ଠା ଯୋଗୁ ଡିଜିପି ଡିସ୍କ ଆୱାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଏପ୍ରିଲ ୧ ରେ ପୁରସ୍କାର ଗ୍ରହଣ ପାଇଁ ସେ ଭୁବନେଶ୍ୱର ଯାଇଥିଲେ। ତେବେ ପୁରସ୍କାର ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ରୁମ୍‌ରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ କିଶୋରଙ୍କର ମୃତ୍ୟୁ ଘଟିଥିଲା।

**ତାଲିବାନୀ କଟକଣା: ଆଫଗାନ୍ ଝିଅଙ୍କ ଉଚ୍ଚଶିକ୍ଷା ବନ୍ଦ**

କାବୁଲ,୨୦।୧୨: ଆଫଗାନିସ୍ତାନର ଝିଅମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ଶିକ୍ଷା ଉପରେ ତାଲିବାନ ଶାସକ ମଙ୍ଗଳବାର ନିଷିଦ୍ଧାଦେଶ ଜାରି କରିଛନ୍ତି। ଆଫଗାନ ମହିଳାଙ୍କ ସ୍ୱାଧୀନତା ଓ ଶିକ୍ଷା ଅଧିକାର ଉପରେ କଠୋରପନ୍ଥୀ ଇସ୍‌ଲାମୀୟ ଶାସକ କ୍ରମାଗତ ଭାବେ କଟକଣା ଲଗାଇଚାଲିଛନ୍ତି। ଗତବର୍ଷ କ୍ଷମତା ଦଖଲ କରିବା ବେଳେ ନିୟମ କୋହଳ କରିବ ବୋଲି ତାଲିବାନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅନ୍ତର୍ଜାତୀୟ ବିରୋଧକୁ ବେଖାତିର କରି ମହିଳାଙ୍କ ଉପରେ କଟକଣା ବଢ଼ାଇ ଚାଲିଛି। ପୂର୍ବରୁ ନାବାଳିକାଙ୍କ ମାଧ୍ୟମିକ ଶିକ୍ଷା ଉପରେ ମଧ୍ୟ କଟକଣା ଲାଗିଥିଲା।

# ରାଜ୍ୟ ସରକାରଙ୍କୁ ଏନ୍‌ଜିଟି ନୋଟିସ

**ହାତୀ କରିଡର ବିଜ୍ଞପ୍ତି ମାମଲା**

■ **ଜାନୁୟାରୀ ୩୦ରେ ପରବର୍ତ୍ତୀ ଶୁଣାଣି**

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ହାତୀ କରିଡର (ହାତୀ ଚଲାପଥ) ପ୍ରସଙ୍ଗ ନେଇ ପୁଣି ରାଜ୍ୟ ସରକାରଙ୍କୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନୋଟିସ ଜାରି କରିଛନ୍ତି। ମଙ୍ଗଳବାର ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଜିଟି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ହାତୀ କରିଡର ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ସମ୍ପର୍କିତ ମାମଲାରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଆସନ୍ତା ଜାନୁୟାରୀ ୩୦ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ଭିତରେ ଉତ୍ତର ରଖିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି।

ସୂଚନାଯୋଗ୍ୟ, ୨୦୨୧ ଅଗଷ୍ଟ ୧୭ରେ ରାଜ୍ୟରେ ଥିବା ୧୪ଟି ହାତୀ କରିଡର ପାଇଁ ବିଜ୍ଞପ୍ତି ଜାରି କରିବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କାମକୁ ୨ ମାସ ଭିତରେ ସାରିବା ପାଇଁ ନିର୍ଦ୍ଦେଶ ରହିଥିଲା। ଏନ୍‌ଜିଟିଙ୍କ ରାୟ ଅନୁସାରେ ୨୦୨୧ ଅକ୍ଟୋବର ସୁଦ୍ଧା ବନବିଭାଗ ଓଡ଼ିଶାରେ ହାତୀ କରିଡର ସମ୍ପର୍କରେ ନୋଟିଫିକେଶନ ଜାରି କରିବା କଥା। ହେଲେ ଇତିମଧ୍ୟରେ ଦେଢ଼ବର୍ଷ ବିତି ଯାଇଥିଲେ ମଧ୍ୟ ବନ ବିଭାଗ ଚୁପ୍ ହୋଇ ବସିପଡ଼ିଛି। ତେଣୁ ଚଳିତ ମାସରେ ଓଡ଼ିଶା ବନ୍ୟପ୍ରାଣୀ ସମିତି ପକ୍ଷରୁ ପୁଣି ଥରେ ଏନ୍‌ଜିଟି ନିକଟରେ ଅଭିଯୋଗ କରାଯାଇଥିଲା। ଏ ସମ୍ପର୍କରେ ଶୁଣାଣି କରି ଏନ୍‌ଜିଟି ଏବେ ରାଜ୍ୟ ସରକାରଙ୍କୁ ଆସନ୍ତା ଜାନୁୟାରୀ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏ ସମ୍ପର୍କରେ ଓଡ଼ିଶା ବନ୍ୟପ୍ରାଣୀ ସମିତି ସମ୍ପାଦକ ତଥା ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ଏନ୍‌ଜିଟି ଗତବର୍ଷ ଅଗଷ୍ଟରୁ ଏହି ମାମଲାର ରାୟ ଦେବା ସହିତ ମାମଲାର ଅନ୍ତ ଘଟାଇଥିଲେ। କିନ୍ତୁ ବିଭାଗ ତାକୁ ଖାତିର କଲାନାହିଁ। ଏନ୍‌ଜିଟି ୨ମାସ ସମୟ ଦେଇଥିଲେ ମଧ୍ୟ ଖଣି ମାଫିଆଙ୍କ ଚାପରେ ବନ ବିଭାଗ ହାତୀ କରିଡର କଥା ଭୁଲିଯାଉଛି। ହାତୀ କରିଡର ନୋଟିଫିକେଶନ ଜାରି ହେଲେ ସେହି ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଯଥା ଖଣି ବା କଳକାରଖାନା ସ୍ଥାପନ ପାଇଁ କଟକଣା ଲାଗିଯିବ। ସେଥିପାଇଁ ବନ ବିଭାଗ ଏନ୍‌ଜିଟି ରାୟ ଦେବା ପରେ ମଧ୍ୟ ହାତୀ କରିଡର ବିଜ୍ଞପ୍ତି ଜାରି କରିବାରେ ସମୟ ଗଡ଼େଇ ଚାଲିଛି। ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ ସରକାର କୌଣସି ବିଜ୍ଞପ୍ତି ଜାରି ନ କରିବାରୁ ଆମେ ଆଉଥରେ ଏନ୍‌ଜିଟିର ଦ୍ୱାରସ୍ଥ ହେଲୁ ବୋଲି ମହାନ୍ତି ପ୍ରକାଶ କରିଛନ୍ତି।



## ୧୪ ହାତୀ କରିଡର

ରାଜ୍ୟରେ ୧୪ଟି ହାତୀ କରିଡର ରହିଥିବା ୨୦୧୦ରେ ବନ ବିଭାଗ କହିଥିଲା। ୨୦୧୨ରେ କେନ୍ଦ୍ର ସରକାରଙ୍କୁ ଡ୍ରାଫ୍ଟ ନୋଟିସ୍ ପଠାଇବା ପାଇଁ ବିଭାଗ ପ୍ରସ୍ତୁତ କରିଥିଲା। ହେଲେ ଏଯାଏ ବିଧିବଦ୍ଧ ଭାବେ ବନବିଭାଗ ପକ୍ଷରୁ ସରକାରୀ ନୋଟିଫିକେସନ ବା ବିଜ୍ଞପ୍ତି ଜାରି କରାଯାଇନାହିଁ। ବନ ବିଭାଗର ତଥ୍ୟାନୁସାରେ, ରାଜ୍ୟରେ ଥିବା ୧୪ଟି ହାତୀ କରିଡର ମଧ୍ୟରୁ ୪ଟି ଆନ୍ତଃରାଜ୍ୟ କରିଡର ହୋଇଥିବାବେଳେ ବାକି ସବୁ ଆନ୍ତଃଜିଲା କରିଡର। ଆନ୍ତଃରାଜ୍ୟ ମଧ୍ୟରେ ଥିବା କରିଡରଗୁଡ଼ିକ ହେଉଛି 'ବାଦାମପାହାଡ଼ (ମୟୂରଭଞ୍ଜ)-ଧୋବାଧୋବଣୀ(ଝାଡ଼ଖଣ୍ଡ)', 'ବାଦାମପାହାଡ଼(ମୟୂରଭଞ୍ଜ)-କରିଡ଼ା (ଝାଡ଼ଖଣ୍ଡ)', 'ପଶ୍ଚିମବଙ୍ଗ-ଦେଉଳୀ-ଶୁଳିଆପଦା' ଏବଂ 'କାରୋ(କେନ୍ଦୁଝର)-କରମପଡ଼ା (ଝାଡ଼ଖଣ୍ଡ)'। ସେହିପରି ଆନ୍ତଃଜିଲା କରିଡରଗୁଡ଼ିକ ହେଲା 'ଶିମିଳିପାଳ-ହଦଗଡ଼-କୁଲଡିହା', 'ତେଲକୋଇ-ପାଲଲହଡ଼ା', 'ମୟୂରଭଞ୍ଜ ଜିରିଡ଼ମାଲି-ଅନନ୍ତପୁର', 'କନ୍ହେଇଜେନା- ଅନନ୍ତପୁର', 'ବୁଗୁଡ଼ା-ସେଣ୍ଟ୍ରାଲ ଆର୍‌ଏଫ୍(ନୟାଗଡ଼ ଡିଭିଜନ), 'ନୂଆଗାଁ-ବାରୁଣୀ', 'ତାଳ-ଖୋଲଗଡ଼', 'ବାରପାହାଡ଼-ତରଭା-କନ୍ଧମାଳ', 'କୋଟଗଡ଼-ଚନ୍ଦ୍ରପୁର' ଏବଂ 'କର୍ଲାପାଟ-ଉର୍ଲଦାନୀ'। ଏସମସ୍ତ କରିଡର ୮୭୦.୬୧ ବର୍ଗକିମି ହୋଇଥିବାବେଳେ ଦୈର୍ଘ୍ୟ ୪୨୦.୮କିମି ବୋଲି ସୂଚନା ମିଳିଛି।

# ୨୦୨୩ ଡିସେମ୍ବରରେ ଏଡୁଫେଷ୍ଟ

ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ)

ଆସନ୍ତା ୨୦୨୩ ଡିସେମ୍ବରରେ ଏଡୁଫେଷ୍ଟ ଆୟୋଜିତ ହେବ। ଡିସେମ୍ବର ୧ରୁ ୩ ଯାଏ ଭୁବନେଶ୍ୱରରେ ଏହା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଏଥିରେ କନ୍‌ଫରେନ୍ସ, ଏଗ୍‌ଜିବିଶନ୍ ଓ ଇଭେଣ୍ଟସ କର୍ନର ହେବ। ସେଥିରେ ପ୍ରାଥମିକ ଶିକ୍ଷା, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଶିକ୍ଷା ସମ୍ପୃକ୍ତ ରହିବ। ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ବିଭିନ୍ନ ବିଭାଗ ସହ ଏ ନେଇ ପ୍ରାଥମିକ ସ୍ତରରେ ଆଲୋଚନା ହୋଇଛି।

**ଯୋଗଦେବେ ୫୦ ଦେଶର ଶିକ୍ଷାମନ୍ତ୍ରୀ**

୫୦ ଦେଶର ଶିକ୍ଷାମନ୍ତ୍ରୀ ଏହି ମେଗା ଇଭେଣ୍ଟରେ ଯୋଗଦେବେ। ସେମାନେ ସେମାନଙ୍କ ଦେଶର ଶିକ୍ଷା କଥା କହିବା ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବେ। ଏଥିସହିତ ଅନ୍ୟ ରାଜ୍ୟର ଶିକ୍ଷାମନ୍ତ୍ରୀମାନେ ମଧ୍ୟ ଏଡୁଫେଷ୍ଟରେ ଯୋଗଦେବେ। ଓଡ଼ିଶାରେ ଶିକ୍ଷାକ୍ଷେତ୍ରରେ ଅନେକ ନୂଆ ସଂସ୍କାର ହୋଇଛି। ହାଇସ୍କୁଲ ୫-ଟି ରୂପାନ୍ତର, ଆଦର୍ଶ ବିଦ୍ୟାଳୟ, ମୋ ସ୍କୁଲ, ମୋ କଲେଜ ଅଭିଯାନ ଇତ୍ୟାଦିକୁ ଫୋକସ୍ କରାଯିବ। ଏଥିରେ ୧ ହଜାର କୋଟି ପୁଞ୍ଜି ନିବେଶ ଆଶା କରାଯାଉଛି। ଅଭିଭାବକ ଓ ଶିକ୍ଷକ ମଧ୍ୟ ନିଜର ପରାମର୍ଶ ଦେଇପାରିବେ। ଶିକ୍ଷା କରିଡର ସୃଷ୍ଟି କରିହେବ। ସ୍ୱତନ୍ତ୍ର ଶିକ୍ଷା ପାଇଁ ଗ୍ଲୋବାଲ ଷ୍ଟାଣ୍ଡାର୍ଡ କ'ଣ ହୋଇପାରିବ ମୁଖ୍ୟ ଶାସନ ସଚିବ ସେ ଦିଗରେ କାମ କରୁଛନ୍ତି। ବଡ଼ ନିବେଶ ଟାର୍ଗେଟ୍ ଥିବାରୁ ନୂଆ ନୂଆ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଯୋଗଦେବା ଲାଗି ସ୍ୱାଗତ କରାଯାଉଛି। ଏଥିରେ ବ୍ଲକ ଚେନ୍ ଟେକ୍ନୋଲୋଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ରୋବୋଟିକ୍ସ ପରି ନୂଆ ନୂଆ କ୍ଷେତ୍ର ଆସିବ।










## ହକି ପାଇଁ ୨୨ରେ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଆସନ୍ତା ଜାନୁୟାରୀରେ ଓଡ଼ିଶାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହାକୁ କିଭଳି ସୁରୁଖୁରୁରେ ସମ୍ପାଦନ କରାଯିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଆସନ୍ତା ୨୨ ତାରିଖ ଅପରାହ୍ନ ୫ଟାରେ ଲୋକସେବା ଭବନ କନ୍‌ଭେନଶନ ହଲ୍‌ରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଦଳର ବିଧାୟକମାନେ ଯୋଗଦେବେ। ହକି ବିଶ୍ୱକପ୍ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଖେଳାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରାଉରକେଲା ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସହରକୁ ସୁନ୍ଦର ଭାବେ ସଜାଯାଉଛି। ଏ ନେଇ କାର୍ଯ୍ୟ ଜୋରସୋରରେ ଚାଲିଛି।

## ପୋଲିସ ସହ ଗୁଳି ବିନିମୟ: ଜଣେ ମାଓବାଦୀ ନିହତ

ମାଲକାନଗିରି, ୨୦।୧୨ (ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ମଙ୍ଗଳବାର ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନହିଁ। ଖବରରୁ ଜଣାପଡିଛି, ଛତିଶଗଡ଼ର ମିରାତୁର ଥାନା ଅନ୍ତର୍ଗତ ଟିମନର ଓ ପୋରୋବାଡା ଜଙ୍ଗଲରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ସେମାନଙ୍କୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ଜବାବରେ ଗୁଳିଚାଳନା କରିଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଉକ୍ତ ସ୍ଥାନ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେଠାରୁ ଅନେକ ମାଓବାଦୀ ସାମଗ୍ରୀ ମଧ୍ୟ ମିଳିଛି।

## ୧୧ ବର୍ଷରେ ମାଓବାଦୀ ହିଂସା ୭୭% କମିଛି

ନୂଆଦିଲ୍ଲୀ,୨୦।୧୨(ପି.ଟି.)

ଦେଶରେ ୧୧ ବର୍ଷ ମଧ୍ୟରେ ମାଓବାଦୀ ହିଂସା ୭୭ ପ୍ରତିଶତ ହ୍ରାସ ପାଇଛି। ୨୦୧୦ରେ ୨,୨୧୩ ମାଓବାଦୀ ହିଂସାକାଣ୍ଡ ଘଟିଥିବାବେଳେ ୨୦୨୧ରେ ଏହା ୫୦୯କୁ ଖସିଥିବା ମଙ୍ଗଳବାର ଲୋକ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି। ସେହିପରି ମାଓବାଦୀ ହିଂସାଜନିତ ମୃତ୍ୟୁସଂଖ୍ୟାରେ ମଧ୍ୟ ୮୫ ପ୍ରତିଶତ ହ୍ରାସ ଘଟିଛି। ୨୦୧୦ରେ ମାଓବାଦୀଙ୍କ ଆକ୍ରମଣରେ ୧,୦୦୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୧ରେ ୧୪୭ ଜଣଙ୍କ ଜୀବନ ଯାଇଛି ଏବଂ ୨୦୨୨ରେ ଏହି ଧାରା ଜାରି ରହିଛି। ଜାତୀୟ ନୀତିକୁ ନିଷ୍ଠାପର ଭାବେ କାର୍ଯ୍ୟକାରୀ କରାଯିବା ଫଳରେ ଏହି ସଫଳତା ମିଳିଥିବା ରାୟ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ୨୦୧୦ରେ ୯୬ ଜିଲାର ୪୬୫ ଥାନା ମାଓବାଦୀପ୍ରବଣ ଥିବାବେଳେ ୨୦୨୧ରେ ଏହା ୪୬ ଜିଲାର ୧୯୧ ଥାନା ଅଞ୍ଚଳ ମଧ୍ୟରେ ସୀମିତ ରହିଛି।

## ଇଡ୍‌କଲ୍ ଡେପୁଟି ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର (ବ୍ୟୁରୋ)/ପଟାଙ୍ଗି (ଡି.ଏନ୍.ଏ.)/କୋରାପୁଟ (ସ୍ୱ.ପ୍ର.) ୨୦।୧୨

**୪ ବ୍ୟାଙ୍କ ଖାତାରୁ ମିଳିଲା ୪.୧୯ କୋଟି ଜମାରାଶି**

■ **କାର୍ଯ୍ୟାଳୟ ସମେତ ଏକକାଳୀନ ୭ ସ୍ଥାନରେ ଚଢ଼ାଉ**

■ **ଭୁବନେଶ୍ୱର, ଯାଜପୁର, ନୟାଗଡ଼ରେ ୧୩ ପ୍ଲଟ ଠାବ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଡ୍‌କଲ୍ (ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭେଲପମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍)ର କୋରାପୁଟ ଜିଲା 'ଆମ୍ବାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସ'ର ଡେପୁଟି ମ୍ୟାନେଜର ଗୟା ସାନ୍ତରାଙ୍କ ଘର ଓ କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିମଧ୍ୟରେ କୋରାପୁଟ ଜିଲା ସୁଙ୍କି ଗେଟ ଅଞ୍ଚଳରେ ଥିବା ଭଡ଼ାଘର, ଆମ୍ବାଭାଲିସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ୩ ମହଲା କୋଠା ଓ ବ୍ୟବସାୟିକ ପ୍ରତିଷ୍ଠାନ, ଜୟଦେବ ବିହାରସ୍ଥିତ ନିର୍ମାଣାଧୀନ ୪ ମହଲା କୋଠା, ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ପୈତୃକ ଘର ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ାସ୍ଥିତ ଶ୍ୱଶୁର ଘର ରହିଛି। ଏହି ଚଢ଼ାଉରେ ଭିଜିଲାନ୍ସର ୭ଜଣ ଡିଏସ୍‌ପି, ୪ଜଣ ଇନ୍ସପେକ୍ଟର, ଜଣେ ସବ୍‌ଇନ୍ସପେକ୍ଟର, ୭ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ରହିଛନ୍ତି। ଚଢ଼ାଉ ଓ ଯାଞ୍ଚ ଚାଲୁଥିବା ବେଳେ ତାଙ୍କର ୧୬ଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ ୪ଟିରେ ୪.୧୯ କୋଟି ଟଙ୍କା ଜମା ରାଶି ଠାବ ହେଲାଣି, ଯାହା ସମସ୍ତଙ୍କୁ ଚକିତ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଗୟାଙ୍କ ଭୁବନେଶ୍ୱର, ନୟାଗଡ଼ ଓ ଯାଜପୁରର ମୁଖ୍ୟ ଅଞ୍ଚଳରେ ୧୩ଟି ପ୍ଲଟ ମଧ୍ୟ ଠାବ ହୋଇଛି। ଏଥିମଧ୍ୟରେ ଭୁବନେଶ୍ୱରରେ ୭, ଯାଜପୁରରେ ୫ ଓ ନୟାଗଡ଼ରେ ଗୋଟିଏ ପ୍ଲଟ ରହିଛି। ଏହି ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ କେତେ ସେନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ଭିଜିଲାନ୍ସର ଟେକ୍‌ନିକାଲ୍ ୱିଙ୍ଗ୍ ପକ୍ଷରୁ ଏସବୁର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି। ଏଥିସହ ୨ଟି ଚାରିଚକିଆ ଯାନ ଓ ୪ଟି ବାଇକ୍ ମଧ୍ୟ ଠାବ ହୋଇଛି। ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଛି। ତେଣୁ ଠାବ ହୋଇଥିବା ସମ୍ପତ୍ତିର ପରିମାଣ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ନେଇ ଭିଜିଲାନ୍ସ ଟିମ୍ ଗୟାଙ୍କୁ ପଚରାଉଚରା କରୁଛି। ତେବେ ୧୬ଟି ବ୍ୟାଙ୍କ ଆକାଉଣ୍ଟରୁ ୪.୧୯ କୋଟି ଜମା ରାଶି ଠାବ ହୋଇଥିବା ବେଳେ ଅନ୍ୟ ଆକାଉଣ୍ଟରୁ ଯାଞ୍ଚ ପରେ ଏହି ପରିମାଣ ବଢ଼ିବ। ଏପରିକି ଜମାରାଶି ୧୦ କୋଟି ଛୁଇଁବା ଆଶଙ୍କା କରାଯାଉଛି। ଦୀର୍ଘଦିନ ଧରି ଖଣି ଦୁର୍ନୀତି ମାଧ୍ୟମରେ ଗୟା ବହୁ ସମ୍ପତ୍ତି ଠୁଳ କରିଥିବା ଚର୍ଚ୍ଚା ହେଉଛି। ଆୟଠାରୁ ଠାବ ହୋଇଥିବା ସମ୍ପତ୍ତି କେତେ ପ୍ରତିଶତ ଜଣାପଡ଼ିବା ପରେ ଭିଜିଲାନ୍ସ ମାମଲା ରୁଜୁ କରି ବୁଧବାର କିମ୍ବା ଗୁରୁବାର ଗୟାଙ୍କୁ ଗିରଫ କରିପାରେ ବୋଲି ସୂଚନା ମିଳିଛି।



ଗୟା ସାନ୍ତରା

## ବର୍ଷାଙ୍କ ସାକ୍ଷ୍ୟଗ୍ରହଣ, ଓଡ଼ିଆରେ ଉତ୍ତର ଦେଲେ

**ବର୍ଷା-ଅନୁଭବ ପାରିବାରିକ ବିବାଦ ମାମଲା**

କଟକ ଅଫିସ, ୨୦।୧୨

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ସ୍ୱାମୀ ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତିଙ୍କ ପାରିବାରିକ ବିବାଦ ମାମଲାର ଶୁଣାଣି ମଙ୍ଗଳବାର ପରିବାର ଅଦାଲତରେ ହୋଇଛି। ବର୍ଷା ପ୍ରତିପକ୍ଷ ଓକିଲଙ୍କ ପ୍ରଶ୍ନର ଉତ୍ତର ଓଡ଼ିଆରେ ଦେଇଛନ୍ତି। ତେବେ ସାକ୍ଷ୍ୟଗ୍ରହଣ ଅସମ୍ପୂର୍ଣ୍ଣ ରହିଛି।

ପ୍ରକାଶ ଯେ, ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ନିମନ୍ତେ ଡିସେମ୍ବର ୧୯କୁ ଦିନ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ ବର୍ଷା ଅଦାଲତରେ ହାଜର ହୋଇଥିଲେ। ଅନୁଭବଙ୍କ ଓକିଲ ବର୍ଷାଙ୍କୁ ଇଂଲିଶ ଭାଷାରେ ପ୍ରଶ୍ନ ପଚାରିଥିବାବେଳେ ବର୍ଷା ଓଡ଼ିଆରେ ଉତ୍ତର ଦେଇଥିଲେ। ତେବେ ବର୍ଷାଙ୍କୁ ପ୍ରତିପକ୍ଷ ଓକିଲ ଆପତ୍ତିଜନକ ପ୍ରଶ୍ନ ପଚାରିଥିବା ନେଇ ତାଙ୍କ ଓକିଲ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାରୀର ମର୍ଯ୍ୟାଦା ପ୍ରତି ଆଞ୍ଚ ଆସିଲା ଭଳି କୌଣସି ପ୍ରଶ୍ନ ପ୍ରତିପକ୍ଷ ଓକିଲ ପଚାରିପାରିବେ ନାହିଁ ବୋଲି କୋର୍ଟଙ୍କୁ ସେ ଅବଗତ କରିଥିଲେ। ସେହିପରି ଅନୁଭବଙ୍କ ଓକିଲ ପଚାରିଥିବା କେତେକ ପ୍ରଶ୍ନ ଉପରେ ବର୍ଷା ଆପତ୍ତି ଉଠାଇଥିଲେ। ଯାହାଦ୍ୱାରା ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଅସମ୍ପୂର୍ଣ୍ଣ ରହିଥିଲା। ମଙ୍ଗଳବାର ବର୍ଷା ଅଦାଲତରେ ହାଜର ହେବା ପରେ ସେ ଓଡ଼ିଆରେ ସମସ୍ତ ଉତ୍ତର ଦେବେ ବୋଲି ଅଦାଲତଙ୍କୁ ଜଣାଇଥିଲେ। ଅଦାଲତ ଏଥିରେ ରାଜି ହେବା ପରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ହୋଇଥିଲା।



## ୨୪ରୁ କମିବ ଥଣ୍ଡା

■ **୧୦ ଡିଗ୍ରୀ ତଳେ ୮ ସହର**

■ **୮ ଜିଲାରେ କୁହୁଡ଼ି ସମ୍ଭାବନା**

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଉତ୍ତର-ପୂର୍ବ ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହିତ ହେଉଛି। ଏହାର ପ୍ରଭାବରେ ରାଜ୍ୟରେ ଗତ କିଛିଦିନ ହେବ ପାରଦ ତଳମୁହାଁ ରହିଛି। ବିଶେଷ କରି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଅଧିକ ରହିଛି। ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ରାଜ୍ୟର ୮ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ମଙ୍ଗଳବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୮, କେନ୍ଦୁଝର ୮.୪, ସୁନ୍ଦରଗଡ଼ ୯, ଝାରସୁଗୁଡ଼ା ୯.୬, ଦାରିଙ୍ଗବାଡ଼ି ୧୦, ଅନୁଗୋଳ ୧୦, ହୀରାକୁଦ ୧୦.୯, ଭବାନୀପାଟଣା ୧୦, ସୋନପୁର ୧୧, ବରଗଡ଼ ୧୧.୮, ଦେବଗଡ଼ ୧୧.୬, ସମ୍ବଲପୁର ୧୨.୪, କଟକ ୧୩.୪, ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୩.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୪ ତାରିଖରୁ ରାଜ୍ୟରେ ଶୀତ କମିବ। ପଶ୍ଚିମାବାୟୁ ପ୍ରବାହ ଯୋଗୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଯୋଗୁ ୪ ଦିନ ତାପମାତ୍ରା ଉପର ମୁହାଁ ରହିବ। ପୁଣି ୨୮ ତାରିଖରୁ ଶୀତ ବଢ଼ିବା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ।



ଆଜିର ମନ୍ତବ୍ୟ
"ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ହିତକର। ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ପାଳନ କରାଯିବାକୁ ଥିବାରୁ ମାଣ୍ଡିଆର ପ୍ରସାର ଦିଗରେ ଭାଜପା ଏମ୍‌ପିମାନେ କାର୍ଯ୍ୟ କରନ୍ତୁ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ମୃତ୍ୟୁ ସମୟ, ପୋଲିସ ତଥ୍ୟରେ ତାଳମେଳ ନାହିଁ

## ଜେଲରେ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣା

ବୀରେନ୍ଦ୍ର ଝାଙ୍କର
ବଲାଙ୍ଗୀର ଅଫିସ, ୨୦।୧୨

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ଉପକାରାଗାରରେ ସନ୍ଦେହଜନକ ମୃତ୍ୟୁକୁ ନେଇ ପୋଲିସ ପକ୍ଷରୁ ଦିଆଯାଇଥିବା ତଥ୍ୟରେ ତାଳମେଳ ରହୁନାହିଁ। ମଙ୍ଗଳବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମମିତା ହତ୍ୟା ମାମଲାର ଶୁଣାଣି ହେବାକୁ ଥିବାରୁ ଗୋବିନ୍ଦ ସାହୁଙ୍କୁ ପୋଲିସ ଏସ୍କର୍ଟ ଟିମ୍ କଣ୍ଟାବାଞ୍ଜି ଉପକାରାଗାରକୁ ନେବାକୁ ଯାଇଥିଲେ ବୋଲି କୁହାଯାଇଛି। ପୂର୍ବାହ୍ନ ପ୍ରାୟ ୧୦ଟା ପରେ ଗୋବିନ୍ଦଙ୍କୁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏସ୍କର୍ଟ ଟିମ୍ ଉପକାରାଗାରରେ ପହଞ୍ଚିବା ପରେ ଗୋବିନ୍ଦ ସାହୁ ଆତ୍ମହତ୍ୟା କରିଥିବା କୁହାଯାଇଛି। ତେବେ ମୃତକଙ୍କ ପରିଧାନକୁ ଲକ୍ଷ୍ୟ କଲେ ଭିନ୍ନ ଦିଗକୁ ଇଙ୍ଗିତ କରୁଛି। ଗୋବିନ୍ଦ ଏକ କଳାରଙ୍ଗର ଟ୍ରାଉଜର ଏବଂ ଏକ ନୀଳରଙ୍ଗର ଶୀତବସ୍ତ୍ର (ଜ୍ୟାକେଟ୍) ପିନ୍ଧିଛନ୍ତି। ଅର୍ଥାତ୍ କୋର୍ଟକୁ ଆସିବା ପାଇଁ ଗୋବିନ୍ଦ ପ୍ରସ୍ତୁତ ହୋଇ ନ ଥିଲେ। ଯଦି ପ୍ରସ୍ତୁତ ହୋଇ ନ ଥିଲେ, ତେବେ କଣ୍ଟାବାଞ୍ଜି ଉପକାରାଗାରକୁ ପୋଲିସ ପ୍ରକୃତରେ କେତେବେଳେ ପହଞ୍ଚିଥିଲା ଏବଂ ଗୋବିନ୍ଦ କେତେବେଳେ ଆତ୍ମହତ୍ୟା କଲେ ବୋଲି ସନ୍ଦେହ ହେଉଛି। ଗୋବିନ୍ଦ କଳାରଙ୍ଗର ଟ୍ରାଉଜର ପିନ୍ଧିଥିବାରୁ ପୋଲିସ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ସନ୍ଦେହ କରାଯାଉଛି। ବେକରେ ଗାମୁଛା ଫାଶ ପକାଇ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ୍ୟ



ସ୍ଥାନ ସମ୍ପର୍କରେ ସଠିକ୍ ତଥ୍ୟ ମିଳୁନାହିଁ। ଜେଲ ଭିତର ରନ୍ଧାଘର ପାଖ ଏକ ଗଛରେ ଆତ୍ମହତ୍ୟା କରିଥିବା କୁହାଯାଉଥିଲା। ପରେ ଜେଲ ଭିତର ଡାଇନିଂ ହଲ ଝରକା ରେଲିଂରେ ଆତ୍ମହତ୍ୟା କରିଥିବା କୁହାଯାଉଛି।

### ସାକ୍ଷୀଙ୍କୁ ଧମକ ଘଟଣାର ୨ ଅଭିଯୁକ୍ତ ଜେଲରେ ଥିଲେ

ମମିତା ମେହେର ହତ୍ୟା ମାମଲାର ଶୁଣାଣି ଚାଲିଥିବାବେଳେ ଗତ ନଭେମ୍ବର ୩୦ରେ ମହାଲିଙ୍ଗର ଜଣେ ସାକ୍ଷୀ ସାକ୍ଷ୍ୟ ଦେବାକୁ କଣ୍ଟାବାଞ୍ଜି ଆସି ଗୋବିନ୍ଦ ସାହୁ ଓ ତାଙ୍କର ଦୁଇ ସମର୍ଥକ ତାଙ୍କୁ ଧମକ ଦେଇଥିବା ଅଭିଯୋଗ କରିଥିଲେ। ଏହି ଘଟଣା ପରେ ପର୍ଦ୍ଦା ଦେଇ କୋର୍ଟ ଭିତରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଏଭଳି ଅଭିଯୋଗ ପରେ କଣ୍ଟାବାଞ୍ଜି ପୋଲିସ ଧମକ ଦେଇଥିବା ଦୁଇ ଅଭିଯୁକ୍ତ ମହାଲିଙ୍ଗ କଲେଜ ଅଧ୍ୟକ୍ଷ ରଞ୍ଜିତ ସାହୁ ଏବଂ ଶିକ୍ଷକ କୃତି ଚନ୍ଦନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନେ ମଧ୍ୟ କଣ୍ଟାବାଞ୍ଜି ଜେଲରେ ଥିଲେ। ପୂର୍ବରୁ ସହଯୋଗୀ ଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡି ମଧ୍ୟ ଜେଲରେ ଅଛନ୍ତି। ଏମାନଙ୍କ ଉପସ୍ଥିତି ସତ୍ତ୍ୱେ ଏଭଳି କ'ଣ ହେଲା ଯେ, ଗୋବିନ୍ଦ ଆତ୍ମହତ୍ୟା କଲେ ବୁଝାପଡୁନାହିଁ। ଜେଲ ଭିତରେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ସୁଷମା ଅଭିଯୋଗ କରିବା ପରେ ଘଟଣାଟି ଭିନ୍ନ ମୋଡ଼ ନେଇଛି।

### ଜେଲ ସେଲ୍‌ରୁ ଗୋବିନ୍ଦ କେତେବେଳେ ବାହାରିଲେ

କଣ୍ଟାବାଞ୍ଜି ସବ୍‌ଜେଲରେ ସ୍ୱତନ୍ତ୍ର ସେଲ୍ ନାହିଁ। ଦୁଇଟି ସାଧାରଣ ସେଲ୍ ରହିଛି। ଏହା ଭିତରେ ୬୭ଜଣ କଏଦୀ ରହିଛନ୍ତି। ଏହାରି ଭିତରେ ଗୋବିନ୍ଦ ସାହୁ ରହିଥିଲେ। ସମସ୍ତଙ୍କ ଭିତରୁ ବାହାରି ସେ କିଭଳି ଆତ୍ମହତ୍ୟା କଲେ ଏବଂ ଜେଲ କର୍ତ୍ତୃପକ୍ଷ ସୂଚନା ପାଇଲେ ନାହିଁ ଏହାକୁ ଅନେକେ ବିଶ୍ୱାସ କରିପାରୁ ନାହାନ୍ତି। ମଙ୍ଗଳବାର କୋର୍ଟରେ ଶୁଣାଣି ଥିବାରୁ ସେ ପ୍ରସ୍ତୁତ ହୋଇ କୋର୍ଟ ଯିବା କଥା। ଏଣୁ ତାଙ୍କୁ ସକାଳୁ ୱାର୍ଡର ସୂଚନା ଦେଇଥିବେ। ଏହାସତ୍ତ୍ୱେ ସେ କିଭଳି ଭାବେ ସେଲରୁ ଖସି ଡାଇନିଂ ହଲ ପଟକୁ ଯାଇ ଗାମୁଛାରେ ଜୀବନ ହାରିଲେ ତାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ଏଣୁ ଏହା ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ତାକୁ ନେଇ ଅଧିକ ଜାଣିବାକୁ ଲୋକେ ଅପେକ୍ଷା କରିଛନ୍ତି।

## ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ମିଳିଛି: ମମିତାଙ୍କ ପରିବାର

**ବଲାଙ୍ଗୀର ଅଫିସ, ୨୦।୧୨:** ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଖବର ପାଇବା ପରେ ମଙ୍ଗଳବାର ଝରଣୀ ଗାଁରେ ଥିବା ମମିତାଙ୍କ ପରିବାର ଲୋକେ ପ୍ରତିକ୍ରିୟା ରଖିଛନ୍ତି। ମମିତାଙ୍କ ବଡ଼ବାପା କୌଶିକ ମେହେର କହିଛନ୍ତି, ଗୋବିନ୍ଦଙ୍କୁ ଫାଶୀ ମିଳିବାର ଥିଲା। ନ୍ୟାୟିକ ପ୍ରକ୍ରିୟା ଜାରି ରହିଥିଲା। ତେବେ ନ୍ୟାୟାଳୟରୁ ନ୍ୟାୟ ମିଳିବା ପୂର୍ବରୁ ସେ ନିଜେ ନିଜର ଘୃଣିତ କାର୍ଯ୍ୟ ପାଇଁ ଆତ୍ମହତ୍ୟା କରିଛନ୍ତି। ଏହି ଖବର ତାଙ୍କ ପରିବାରକୁ ଆଶ୍ୱସ୍ତ କରିଛି ବୋଲି ସେ କହିଛନ୍ତି। ଗୋଟିଏ ସ୍ଥାନରେ ବସି ପରିବାର ଲୋକେ ଏହି ଖବର ଉପରେ ନଜର ରଖିଥିବା ସେ କହିଥିଲେ। ନ୍ୟାୟିକ ପ୍ରକ୍ରିୟାରେ ଫାଶୀ ମିଳିଥିଲେ ଅଧିକ ଖୁସି ଲାଗିଥାନ୍ତା । ତେବେ ଅଭିଯୁକ୍ତ ନିଜେ ଆତ୍ମହତ୍ୟା କରିଥିବାରୁ ସେ ତାର ଦଣ୍ଡ ପାଇଯାଇଛି ବୋଲି ହୃଦ୍‌ବୋଧ ହେଉଥିବା ସେ ଜଣାଇଛନ୍ତି।

## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ, ୨୦ ଲକ୍ଷ କ୍ଷତିପୂରଣ ଦାବି

ଭୁବନେଶ୍ୱର, (ବ୍ୟୁରୋ): ମମିତା ମେହେର ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣା କେନ୍ଦ୍ର ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ମାନବାଧିକାରୀ କର୍ମୀ ହିମାଂଶୁ ଶେଖର ନାୟକ ଏନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିବା ପରେ କମିଶନ ଡାଏରୀ (ନଂ. ୨୧୨୮୬/୨୦୨୨) ରୁଜୁ କରିଛନ୍ତି। ହିମାଂଶୁ ତାଙ୍କ ଅଭିଯୋଗରେ ଏକାଧିକ ଦାବି ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ଦେବାକୁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ପୋଲିସ ଡିଜି କ୍ରାଇମ୍‌ବ୍ରାଞ୍ଚ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ୩ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରନ୍ତୁ। ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଜେଲ ଆଇଜି କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନ ନିର୍ଦ୍ଦେଶ ଦେବା ଆଦି ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ଡିଏସ୍‌ପିଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍‌ର କଣ୍ଟାବାଞ୍ଜି ଗସ୍ତ

କଟକ ଅଫିସ, ୨୦।୧୨

କଣ୍ଟାବାଞ୍ଜି ସବ୍-ଜେଲ୍‌ରେ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ। ଡିଜିପିଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ କଣ୍ଟାବାଞ୍ଜି ଅଭିମୁଖେ ମଙ୍ଗଳବାର ଅପରାହ୍ନରେ ଯାତ୍ରା କରିଛନ୍ତି। ଉକ୍ତ ଦଳରେ ଆଉ ୩ ଜଣ ଅଧିକାରୀ ମଧ୍ୟ ରହିଛନ୍ତି। ଏହି ଦଳ କଣ୍ଟାବାଞ୍ଜି ଥାନାରେ ଗୋବିନ୍ଦ ସାହୁ ଆତ୍ମହତ୍ୟାକୁ ନେଇ ମଙ୍ଗଳବାର ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା (ନଂ.୧୫/୨୦୨୨) ର ତଦନ୍ତ କରିବେ। ତେବେ କ୍ରାଇମବ୍ରାଞ୍ଚର ଉପରୋକ୍ତ ଅଧିକାରୀମାନଙ୍କ ସମେତ ମାମଲାର ତଦନ୍ତ ପାଇଁ ଏକ ୧୦ ଜଣିଆ ଦଳ ଗଠନ ହୋଇଛି। ଏଥିରେ ଫୋରେନ୍‌ସିକ, ସାଇବର ବିଶେଷଜ୍ଞ ଓ ରାଜ୍ୟ ପୋଲିସର ଫଟୋ ବ୍ୟୁରୋ ଅଧିକାରୀମାନେ ତଦନ୍ତ ପ୍ରକ୍ରିୟାରେ ସହଯୋଗ ନିମନ୍ତେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗୋବିନ୍ଦ ସାହୁ ସିନ୍ଧେକେଲା ଥାନାର କେସ୍ ନଂ ୯୭/୨୧ର ଅଭିଯୁକ୍ତ ଭାବେ କଣ୍ଟାବାଞ୍ଜି ଜେଲରେ ରହୁଥିବାବେଳେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜେଲରେ ଗୋବିନ୍ଦଙ୍କ...

ପ୍ରଥମ ପୃଷ୍ଠାରୁ...

ନାହିଁ। ଉତ୍ତରାଞ୍ଚଳ ଆଇଜି ଡା. ଦୀପକ କୁମାର ଅପରାହ୍ନରେ ବଲାଙ୍ଗୀର ଏସ୍‌ପି ଅଫିସରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ମଙ୍ଗଳବାର କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ମମିତା ମେହେର ହତ୍ୟା ମାମଲାର ଶୁଣାଣି ତାରିଖ ଧାର୍ଯ୍ୟ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ଏବଂ ତାଙ୍କ ସହଯୋଗୀ ଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡିଙ୍କୁ କୋର୍ଟରେ ହାଜର କରିବା ପାଇଁ ପୋଲିସ ଏସ୍କର୍ଟ ଟିମ୍ କଣ୍ଟାବାଞ୍ଜି ସବ୍‌ଜେଲରେ ସକାଳ ପ୍ରାୟ ୯ଟାରେ ପହଞ୍ଚିଥିଲେ। ହେଲେ ଜେଲ ପରିସରରେ ଥିବା ରନ୍ଧାଘର ନିକଟରେ ଥିବା ଏକ ଗଛରେ ଗୋବିନ୍ଦ ବେକରେ ଫାଶ ପକାଇ ଝୁଲି ପଡ଼ିଥିବା ଜଣାପଡିଥିଲା। ତାଙ୍କୁ ସେଠାରୁ ତୁରନ୍ତ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (୧୫/୨୨) ରୁଜୁ ହୋଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଏଚ୍‌ଆରସି ଏବଂ ସୁପ୍ରିମକୋର୍ଟ ଗାଇଡଲାଇନ୍ ଅନୁସାରେ ମୃତକଙ୍କ ପରିବାର ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ମୃତଦେହର ପଞ୍ଚନାମା କରାଯିବ। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଏକ ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିବେ ଏବଂ ଏହାର ଭିଡିଓଗ୍ରାଫି କରାଯିବ ବୋଲି ସେ କହିଛନ୍ତି। ତେବେ ଗୋବିନ୍ଦଙ୍କ ମୃତ୍ୟୁର କାରଣ କ'ଣ ହୋଇଥାଇପାରେ ବୋଲି ଆଇଜି କୁମାରଙ୍କୁ ପଚରାଯିବାରୁ ତଦନ୍ତ ପରେ ଏହା ଜଣାପଡ଼ିବ ବୋଲି କହିଥିଲେ। ତେବେ ମମିତା ମେହେର ହତ୍ୟା ମାମଲାର ଚାର୍ଜଶିଟ୍ ହେଲା ପରେ ତାଙ୍କ ବିରୋଧରେ ଅନେକ ପ୍ରମାଣ ଥିବା ସେ ଜାଣିପାରିଥିଲେ। ଏପରିକି କିଛିଦିନ ତଳେ ସାକ୍ଷୀଙ୍କୁ ଧମକ ଘଟଣାରେ ତାଙ୍କୁ ଜାମିନ ମିଳିବ ନାହିଁ ବୋଲି ସେ ଜାଣିବା ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ସେ କହିଛନ୍ତି। ପୋଲିସ ଡିଜି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ କ୍ରାଇମବ୍ରାଞ୍ଚର ଏକ ୧୦ଜଣିଆ ଟିମ୍ କଣ୍ଟାବାଞ୍ଜି ଅଭିମୁଖେ ବାହାରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ସମ୍ବଲପୁର ଜେଲ ଡିଆଇଜି କଣ୍ଟାବାଞ୍ଜି ଜେଲ ଏବଂ ଡାକ୍ତରଖାନାରେ ପହଞ୍ଚି ଛାନଭିନ୍ କରିଛନ୍ତି। ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ କଣ୍ଟାବାଞ୍ଜିରେ ରହିଛି। ମିଳିଥିବା ସର୍ବଶେଷ ସୂଚନା ମୁତାବକ କଣ୍ଟାବାଞ୍ଜି ଡାକ୍ତରଖାନାରୁ ଗୋବିନ୍ଦଙ୍କ ମୃତଦେହ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଅଣାଯାଉଛି। ବୁର୍ଲା ଭିମସାରର ଏଫଏମ୍‌ଟି ବିଭାଗ ବିଶେଷଜ୍ଞ ଏବଂ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଏଫ୍‌ଏମ୍‌ଟି ବିଭାଗ ବିଶେଷଜ୍ଞ ଟିମ୍ ବ୍ୟବଚ୍ଛେଦ କରିବେ ବୋଲି ଜଣାପଡ଼ିଛି। ୨୪ ଘଣ୍ଟା ଭିତରେ ତଦନ୍ତ ରିପୋର୍ଟ ଦେବାକୁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଥିବାରୁ ଗୋବିନ୍ଦଙ୍କ ମୃତ୍ୟୁ ରହସ୍ୟ ଶୀଘ୍ର ଉନ୍ମୋଚିତ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ମମିତା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କର କଣ୍ଟାବାଞ୍ଜି ସବ୍‌ଜେଲରେ ମୃତ୍ୟୁକୁ ନେଇ ବିରୋଧୀ ଦଳ ଶାସକ ଦଳକୁ ଘେରିଛି। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଷଡ଼ଯନ୍ତ୍ର କରି ଗୋବିନ୍ଦଙ୍କୁ ହତ୍ୟା କରାଯାଇଛି ବୋଲି କହିଛନ୍ତି। ଏହି ମାମଲାରେ ପୂର୍ବତନ ମନ୍ତ୍ରୀ ଏବଂ ପ୍ରଭାବଶାଳୀ ଲୋକ ସମ୍ପୃକ୍ତ ଥିବା ନେଇ ଆରମ୍ଭରୁ ଅଭିଯୋଗ ହୋଇଥିଲା। ଏଣୁ ଜାଣିଶୁଣି ତାଙ୍କୁ ଷଡ଼ଯନ୍ତ୍ର କରି ଚୁପ୍ କରାଯାଇଛି। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ ନୁହେଁ ବରଂ ସିବିଆଇ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ଭାଜପା ମଧ୍ୟ ଗୋବିନ୍ଦ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବି କରିଛି।

୨୦୨୧ ଅକ୍ଟୋବର ୮ ତାରିଖରେ ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ଝରଣୀ ଗାଁରୁ ସନ୍‌ସାଇନ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷା ମମିତା କଳାହାଣ୍ଡି ଜିଲା ମହାଲିଙ୍ଗ ଅଭିମୁଖେ ବାହାରି ନିଖୋଜ ହୋଇଯାଇଥିଲେ। ତାଙ୍କ ପରିବାର ଲୋକେ କେ.ଗାଁ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ସେଠାରେ ଅଭିଯୋଗ ଗ୍ରହଣ କରିବ ନାହିଁ ବୋଲି ପୋଲିସ ଅଧିକାରୀ ମନା କରିବାରୁ ସେଠାରୁ ଫେରିଆସି ଅକ୍ଟୋବର ୧୩ରେ ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ସେଠାରେ ମାମଲା ରୁଜୁ ହୋଇଥିଲା। ପୋଲିସ ମହାଲିଙ୍ଗରୁ ସନ୍‌ସାଇନ ପବ୍ଲିକ୍ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ୧୪ ତାରିଖରେ ଆଣି ଥାନାରେ ଅଟକ ରଖିଥିଲେ। ସିନ୍ଧେକେଲାରୁ ଟିଟିଲାଗଡ଼ ପୋଲିସ ବାରାକକୁ ତାଙ୍କୁ ନିଆଯାଇଥିଲା। ବାରାକରୁ ୧୭ ତାରିଖରେ ଗୋବିନ୍ଦ ଫେରାର ହୋଇଯାଇଥିଲେ। ଫେରାର ହେବାପରେ ୧୯ତାରିଖରେ ବଙ୍ଗୋମୁଣ୍ଡା ନିକଟ ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ତାଙ୍କୁ ପୋଲିସ ଗିରଫ କରିଥିଲା। ମମିତା ମେହେରଙ୍କୁ ଗୋବିନ୍ଦ ତାଙ୍କ ନିଜ କାର ଭିତରେ ହତ୍ୟା କରିବା ପରେ ମହାଲିଙ୍ଗର ଏକ ନିର୍ମାଣାଧୀନ ଷ୍ଟାଡିୟମରେ ପୋଡ଼ି ମାରିଦେବା ପରେ ପୋତି ଦେଇଥିବା ନେଇ ପୋଲିସ ତଦନ୍ତ ଏବଂ ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ତତ୍କାଳୀନ ମନ୍ତ୍ରୀ ଏବଂ ବିଶିଷ୍ଟ ଲୋକଙ୍କ ସମ୍ପର୍କ ଦୃଷ୍ଟିରୁ ଘଟଣାଟି ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା।




ଥାନାରେ ଏତଲା ଦେଇ ଆସୁଛନ୍ତି ଗୋବିନ୍ଦଙ୍କ ସ୍ତ୍ରୀ ସୁଷମା ସାହୁ।

### ହତ୍ୟା ଅଭିଯୋଗ...

ହତ୍ୟା ମାମଲାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ, ପୋଲିସ ମିଥ୍ୟା ମାମଲାରେ ତାଙ୍କୁ ଫସାଇଦେଇଥିବା ସେ ଅଭିଯୋଗ କରିଛନ୍ତି। ସୋମବାର ଗୋବିନ୍ଦ ତାଙ୍କୁ ଫୋନ କରି ପରିବାରର କଥା ବୁଝିଥିବାବେଳେ ମଙ୍ଗଳବାର କିଭଳି ହଠାତ୍ ଆତ୍ମହତ୍ୟା କଲେ ବୋଲି ସୁଷମା ପ୍ରଶ୍ନ ଉଠାଇଛନ୍ତି। ସ୍ୱାମୀ ଜଣେ ଦୃଢ଼ମନା ବ୍ୟକ୍ତି, ସେ କେବେବି ଆତ୍ମହତ୍ୟା କରିପାରିବେ ନାହିଁ, ବରଂ ତାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ଏତଲାରେ ସୁଷମା ଦର୍ଶାଇଛନ୍ତି। ଜେଲରେ ଏତେ ସୁରକ୍ଷା ବ୍ୟବସ୍ଥା ଥିବାବେଳେ ସେ ଆତ୍ମହତ୍ୟା କରିବା ସମ୍ଭବ ନୁହଁ। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ତଥା ସିବିଆଇ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହାସହ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ଦାବି କରିଛନ୍ତି। ଗୋବିନ୍ଦଙ୍କ ସ୍ତ୍ରୀ ସୁଷମାଙ୍କ ସମେତ ୩ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ୨ଝିଅ ଲିପି ଓ ଲିପା ବେଙ୍ଗାଲୁରୁରେ ବେସରକାରୀ ଚାକିରି କରୁଥିବାବେଳେ ଲିଜା ଭୁବନେଶ୍ୱରରେ ପଢୁଛନ୍ତି। ସେହିପରି ପୁଅ ଚିନୁ ସ୍କୁଲରେ ପଢୁଥିବା ଜଣାପଡିଛି।

### ଓଏଚ୍‌ଆର୍‌ସିଙ୍କ ରିପୋର୍ଟ...

ଡିଜି ଓ ବଲାଙ୍ଗୀର ଏସ୍‌ପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ୧୫ ଦିନ ମଧ୍ୟରେ ଘଟଣା ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ଜାନୁୟାରୀ ୧୦ରେ ଏହି ମାମଲାର ଶୁଣାଣି କରାଯିବ ବୋଲି କମିଶନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଇକି ବାଣ୍ଟ, ମଡ଼ାକୁ କାଠ**
**ଘୋଡାକୁ ବାଗ, ଶୀତକୁ ମାଠ।**

ଯେତେ ଭାଇ ସେତେ ଘର। ଭାଇ ଥିଲେ ସମ୍ପତ୍ତିର ଭାଗ ବଣ୍ଟା ହୋଇଥାଏ। ମଣିଷ ମୃତ୍ୟୁବରଣ କଲେ ଶବଦାହ କରିବା ପାଇଁ କାଠ ଲୋଡ଼ା ପଡ଼ିଥାଏ। ଘୋଡ଼ାକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ହେଲେ ଲଗାମ କଷିବାକୁ ପଡ଼ିଥାଏ। ସେହିପରି ଶୀତରୁ ରକ୍ଷାପାଇବା ପାଇଁ ମୋଟା ବସ୍ତ୍ରର ଆବଶ୍ୟକତା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭୋଜି ହୋଇଥିଲା ବରଷେ**
**ଭଜି ହେଉଥିଲା ପୁରୁଷେ।**

ସାଧାରଣତଃ ଭୋଜିଭାତରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମିଳିଥାଏ। ତେବେ ଏପରି ଭଲ ସୁଆଦିଆ ଖାଇବା କଥା ବହୁଦିନ ପାଇଁ ମନରେ ସ୍ମୃତି ହୋଇ ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଯାଜପୁରରେ ୧୨୩ ଫୁଟ୍‌ର ମହାଦେବ ମୂର୍ତ୍ତି

- ଶେଷ ପର୍ଯ୍ୟାୟରେ ନିର୍ମାଣ କାର୍ଯ୍ୟ
- ଏହା ରାଜ୍ୟର ସବୁଠୁ ଉଚ୍ଚ ମୂର୍ତ୍ତି ହେବ
- ଶିବା ଗ୍ୟାଲେରି ନାମରେ ନାମିତ କରାଯିବ

ଯାଜପୁର ଟାଉନ,୨୦।୧୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଯାଜପୁର ଜିଲାରେ ୧୨୩ ଫୁଟ୍ ଉଚ୍ଚର ମହାଦେବଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ରାଜ୍ୟର ସବୁଠାରୁ ଉଚ୍ଚ ମୂର୍ତ୍ତି ହେବ ବୋଲି ସୂଚନା ମିଳିଛି। ପୂର୍ବରୁ ରାଉରକେଲା ହନୁମାନ ବାଟିକାରେ ୭୫ ଫୁଟ୍‌ର ହନୁମାନ ମୂର୍ତ୍ତି ଓ କୋରାପୁଟର ଦାମନଯୋଡ଼ିରେ ୧୧୦ ଫୁଟ୍ ଉଚ୍ଚର ହନୁମାନ ମୂର୍ତ୍ତି ରହିଛି। ଯାଜପୁରରେ ମା' ବିରଜାଙ୍କ ମନ୍ଦିର ରହିଥିବାବେଳେ ଦଶାଶ୍ୱମେଧ ଘାଟ ରହିଛି। ଅଧ୍ୟାତ୍ମବାଦୀ ତଥା ଧର୍ମପ୍ରାଣ ଶ୍ରଦ୍ଧାଳୁଙ୍କୁ ଏହା ବିଭିନ୍ନ ସମୟରେ ଆକୃଷ୍ଟ କରିଆସୁଛି। ତେଣୁ ଯାଜପୁର ବୈତରଣୀ ନଦୀକୂଳରେ ଓଡ଼ିଶାର ସୁଉଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତ୍ତି ନିର୍ମାଣ କରାଯାଉଛି। ଭୂମିଠାରୁ ୩୦ଫୁଟ୍ ଉଚ୍ଚତାରୁ ଏହାର ନିର୍ମାଣ ଆରମ୍ଭ ହୋଇଛି।



୫୦ରୁ୬୦ ଶ୍ରମିକ କାମରେ ଲାଗିଛନ୍ତି। ଦିଲ୍ଲୀର ମାତୁରାମ ଆର୍ଟ ନାମକ ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ କରୁଛି। ପ୍ରାରମ୍ଭିକ ଅଟକଳ ମୂଲ୍ୟ ୯ କୋଟି ୮୦ ଲକ୍ଷ ୪୨ ହଜାର ଟଙ୍କାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ କାମ ସରିଥିବା ବେଳେ ୧୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇସାରିଥିବା ଜଣାପଡ଼ିଛି। ମୂର୍ତ୍ତି ସମ୍ପୂର୍ଣ୍ଣ ହେବାକୁ ୧୬କୋଟିରୁ ଅଧିକ ଟଙ୍କା ଲାଗିବ ବୋଲି ଆକଳନ କରାଯାଉଛି। ଏଭଳି ନିର୍ମାଣ ଏଠାରେ ପ୍ରଥମଥର ପାଇଁ ହେଉଥିବାରୁ ଏହାର ଫ୍ରେମ୍ ନିର୍ମାଣ ବହୁ ସମୟ ସାପେକ୍ଷ ଓ ବ୍ୟୟବହୁଳ ରହିଛି। ଫାଇବର ଓ ଷ୍ଟିଲ୍‌ରେ ଏହାର ଫ୍ରେମ୍ ନିର୍ମାଣ କରାଯାଉଛି। ଏହାକୁ ଖରା ଓ ବର୍ଷାରୁ ରକ୍ଷା କରିବା ପାଇଁ କପରରେ ପୂରା ମୂର୍ତ୍ତିକୁ ଆଚ୍ଛାଦିତ କରାଯିବ। ଏହାର ଚାରିପଟେ ଅନେକ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହାକୁ ଶିବା ଗ୍ୟାଲେରି ନାମରେ ନାମିତ କରାଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ଘର କାମ ଅପେକ୍ଷା ବାହାର ଲୋକଙ୍କ ସକାଶେ ସମୟ ନେବେ। କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯିବା ଆଶଙ୍କା ରହିଛି । ପରିବାରର ନିର୍ଦ୍ଦେଶକ୍ରମେ ଗୃହକୁ ଧାତୁ, ଅଳଙ୍କାରାଦି ପଦାର୍ଥ କିମ୍ବା ମୂଲ୍ୟବାନ ଜିନିଷ ଆଣି ପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହୋଇପାରନ୍ତି। ଯାନ ବାହନ, ଦୋକାନବାଡ଼ି, ସଭା ସମିତିରେ ଟେନ୍‌ସନ୍ କିଛି ମାତ୍ରାରେ ଲାଗିରହିବ। ଅତି ନିକଟରେ ରହି ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷଭାବେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ପରିବହନ, ମାଲି ମକଦ୍ଦମାରେ ସଫଳତା ହାସଲ କରିବେ।

**ମିଥୁନ** କୌଣସି ସମସ୍ୟାର ସମ୍ମୁଖୀନ ହୋଇ ମାନସିକ ଅସ୍ଥିରତା ଦେଖାଦେଇପାରେ। ବିଭିନ୍ନ ପ୍ରକାର କାମରେ ବ୍ୟସ୍ତ ରହିବା କାରଣରୁ ମନ ଠିକ୍ ରହିବ ନାହିଁ । କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିପାରେ।

**କର୍କଟ** କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥାକହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ପାରିବାରିକ କ୍ଷେତ୍ର, ଯାନବାହନ ଚଳାଚଳ, ଦୋକାନବାଡି ପ୍ରଭୃତିରେ କିଛିଟା ସମସ୍ୟା ଦେଖାଦେବ । ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ। ପୁରାତନ ରୋଗର ପୀଡ଼ା ବୃଦ୍ଧି ମାନସିକ ସ୍ଥିତିକୁ ବିଷାଦିତ କରିବ ।

**ସିଂହ** ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗକୁ କର୍ମହାନି ଯୋଗୁ ମାନସିକ ସନ୍ତୁଳନ ହରାଇପାରନ୍ତି । ସନ୍ଦେହାତ୍ମକ କାର୍ଯ୍ୟ ପାରିପାର୍ଶ୍ୱିକ ପରିସ୍ଥିତିକୁ କେତେକାଂଶରେ ଅସ୍ୱାଭାବିକ କରିପାରେ। ଅବଶ୍ୟ ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆକସ୍ମିକ ଆଗନ୍ତୁକ ଅତିଥି ଦୁଶ୍ଚିନ୍ତାର କାରଣ ହୋଇପାରନ୍ତି।

**କନ୍ୟା** ବହୁତ ଦିନ ହେଲା ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ । ସାଂଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡ଼ା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ନିଜର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ତୁଳା** ବିଭିନ୍ନ ସ୍ଥଗିତ କାମ ବିଷୟ ଚିନ୍ତାକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ସାକ୍ଷାତକାର, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବେ। ସାହିତ୍ୟସଭା, ରାଜନୈତିକ ସଂଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରିୟଜନଙ୍କ ସହ ଭ୍ରମଣ କରିବା ମାନସରେ ଆଲୋଚନା କରିପାରନ୍ତି।

**ବିଛା** ଧୀରେ ଧୀରେ ପୂର୍ବର ସ୍ଥିତି ଓ ସୁଖ, ସୁବିଧା ବଦଳି ଯାଇଥିବାରୁ ମନରେ ଆନନ୍ଦ ରହିବନାହିଁ। ବିଶେଷତଃ ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ମାଲପରିବହନ ପାଇଁ ଅସୁବିଧା ହେବ ନାହିଁ। ଅଫିସରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ କିନ୍ତୁ ସମୟାନ୍ତରେ ସମାଧାନ ହୋଇଯିବ। ପାରିବାରିକ ଜୀବନରେ ସୁଖସନ୍ତୋଷ ପାଇପାରିବେ।

**ଧନୁ** ପ୍ରିୟ ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପସ୍ତେଇବେ। କର୍ମ କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ରାଜନୀତି, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଉଚ୍ଚ ମାନର ଫଳ ପାଇବେ। ଟିକିଏ ଟିକିଏ କଥାରେ ରାଗ ଅଭିମାନ କରି ନିଜର ସ୍ଥିତିକୁ ଦୁର୍ବଳ କରିପାରନ୍ତି।

**ମକର** ଅତୀତକୁ ସ୍ମରଣ କରି ସାମୟିକ ଭାବରେ ଆନମନା ରହିବେ। କର୍ମକ୍ଷେତ୍ରରେ ନିଜଠାରୁ ସାନଙ୍କ ମତକୁ ସମ୍ମାନ ଦେଲେ ସମାଲୋଚନାରୁ ରିହାତି ମିଳିବ। ଜୀବନଯାତ୍ରାର ଶୈଳୀକୁ ବଦଳାଇବାର ପ୍ରଯତ୍ନକଲେ କେତେକାଂଶରେ ଉପକୃତ ହେବ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ ।

**କୁମ୍ଭ** ପୂର୍ବନିର୍ଦ୍ଧାରିତ ଧର୍ମାନୁଷ୍ଠାନ ସକାଶେ ବନ୍ଧୁଗଣଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିପାରନ୍ତି। ଘରୋଇ ଆବଶ୍ୟକତା ପୂରଣ କ୍ଷେତ୍ରରେ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡିପାରେ। ଦୂରଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ ହେବ। ପରିସ୍ଥିତିକୁ ଆଖି ଆଗରେ ରଖି କାମ କରିଚାଲିଲେ ଆଶା ପୂରଣ ହୋଇପାରିବ ।

**ମୀନ** ଆଜି ଆପଣଙ୍କର ମନ ଭୁଲାଣିଆ କଥାରେ ଶତ୍ରୁମାନେ ମଧ୍ୟ ମିତ୍ର ପାଲଟିଯିବେ। ଭାବପ୍ରବଣତାବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନ ହାନି ଘଟିପାରେ । ପରିବାରରେ, ପରିବହନରେ, ଗୃହ ନିର୍ମାଣରେ,ସଭା ସମିତିରେ କ୍ରମଶଃ ସ୍ଥିରତା ଫେରି ଆସିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି ।

ଆଜି ଡିସେମ୍ବର ୨୧ ତାରିଖ, ପୌଷକୃଷ୍ଣ ତ୍ରୟୋଦଶୀ ବୁଧବାର, ରାଶି ନକ୍ଷତ୍ର-ଦିବା ଘ.୦୮.୨ମି. ପରେ ବିଶାଖା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୦ମି. ଗତେ ଘ.୦୮.୦ମି. ମଧ୍ୟେ, ଘ.୧୦.୯ମି. ଗତେ ଘ.୧୧.୪୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୦୫ମି. ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୧ ଡିସେମ୍ବର, ୨୦୨୨

ଯୀଶୁଖ୍ରୀଷ୍ଟ ପୃଥିବୀକୁ ଆସିଥିଲେ ଶୁଦ୍ଧି-ସାଧନା ପାଇଁ। ପୂର୍ଣ୍ଣତାର ସିଦ୍ଧି ପାଇଁ ନୁହେଁ। ସେ ପୂର୍ବରୁ ଜାଣିଥିଲେ ଯେ, ତାଙ୍କର ବ୍ରତ ସଫଳ ହେବ ନାହିଁ। ତାଙ୍କୁ ଆଉଥରେ ଏହି ପ୍ରତ୍ୟାଖ୍ୟାନକାରୀ ପୃଥିବୀକୁ ଫେରି ଆସିବାକୁ ହେବ ଈଶ୍ୱରଙ୍କ କୃପାକୁ ହାତରେ ଧାରଣ କରି। **-ଶ୍ରୀଅରବିନ୍ଦ**



# ୨ ଇଞ୍ଜିନ୍ ଚାଲୁନାହିଁ

ଦୁଇ ଭାଜପା ଶାସିତ ରାଜ୍ୟ ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ 'ବେଲଗାଭି'କୁ ନେଇ ସୀମା ବିବାଦ ବଢ଼ିବା ପରେ ଏବେ ଉତ୍ତେଜନା ସର୍ବୋଚ୍ଚରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ବେଲଗାମ୍ ବା ବେଲଗାଭି ହେଉଛି କର୍ଣ୍ଣାଟକର ଏକ ଅଂଶ, ଯାହାକି ବ୍ରିଟିଶ ଇଣ୍ଡିଆର ବମ୍ବେ ପ୍ରେସିଡେନ୍ସି ଅଧୀନରେ ଥିଲା। ବମ୍ବେ ପ୍ରେସିଡେନ୍ସି ମଧ୍ୟରେ ସେତେବେଳେ ଗୁଜରାଟ, ମହାରାଷ୍ଟ୍ର ଓ ଉତ୍ତର କର୍ଣ୍ଣାଟକର କେତେକ ଅଞ୍ଚଳ ଆସୁଥିଲା। ସ୍ୱାଧୀନତା ପରେ ବେଲଗାମ ଜିଲା ବମ୍ବେ ପ୍ରଦେଶର ଅଂଶ ହୋଇ ରହିଥିଲା। ୧୯୫୬ରେ ଭାଷାଭିତ୍ତିରେ ରାଜ୍ୟ ପୁନର୍ଗଠନ ଆଇନ ପ୍ରଣୟନ ହେବା ପରେ ବେଲଗାମ ଓ ବମ୍ବେ ଷ୍ଟେଟ୍‌ର ୧୦ ତାଲୁକକୁ ନବଗଠିତ ମହୀଶୂର ଷ୍ଟେଟ୍‌ରେ ସାମିଲ କରାଗଲା। ତେଣୁ ଉତ୍ତର କର୍ଣ୍ଣାଟକ ସୀମାରେ ଆସୁଥିବା ମରାଠୀ ଭାଷୀ ଅଞ୍ଚଳ ବେଲଗାଭି ଉପରେ ଏବେ ମହାରାଷ୍ଟ୍ର ଅଧିକାର ସାବ୍ୟସ୍ତ କରୁଥିବାରୁ ସ୍ଥିତି ଅସ୍ୱାଭାବିକ ହୋଇଛି। ଏହି ବିବାଦ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ତେବେ ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏବଂ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଉପସ୍ଥିତିରେ ସୀମା ବିବାଦର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ବିଫଳ ହୋଇଛି। ଫଳରେ ୧୯ ଡିସେମ୍ବରରେ ମହାରାଷ୍ଟ୍ରର କେତେକ ସଙ୍ଗଠନ ସୀମାରେ ପ୍ରତିବାଦ କରିବାରୁ ୪୦ ଜଣଙ୍କୁ କର୍ଣ୍ଣାଟକ ସରକାର ଅଟକ ରଖିଛନ୍ତି। ସେମାନଙ୍କ ମଧ୍ୟରେ ୮ ଜଣ ମହିଳା ଥିବା କୁହାଯାଉଛି। ଏଭଳି ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଏହାକୁ ନେଇ ରାଜନୀତି ହେବା ଉଚିତ ନୁହେଁ। ଅର୍ଥାତ୍ ମନ୍ତ୍ରୀ ଶାହା ଏହି ଘଟଣାରେ ନିଜର ଅସାମର୍ଥ୍ୟ ପ୍ରଦର୍ଶନ କରିଛନ୍ତି। କେବଳ ତାଙ୍କର ଅସାମର୍ଥ୍ୟ ନୁହେଁ, ଭାଜପା ଦେଉଥିବା 'ଡବଲ ଇଞ୍ଜିନ' ଡାକରା ଅର୍ଥାତ୍ କେନ୍ଦ୍ରରେ ଭାଜପା ସରକାର ଥିବାରୁ ରାଜ୍ୟରେ ମଧ୍ୟ ଭାଜପା ସରକାର ହେବା ଉଚିତ; ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ ବୋଲି ପ୍ରମାଣିତ ହୋଇଛି। ମନେପକାଇ ଦିଆଯାଇପାରେ ଯେ, ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଅନୁରୂପ ଡାକରା ଦେଇ କଂଗ୍ରେସ ଦଳ 'ମେନଷ୍ଟ୍ରିମ୍' ବା ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ କହି ଅନେକ ରାଜ୍ୟ ସରକାରଙ୍କୁ ଭାଙ୍ଗି ଦେଉଥିଲେ। ଚାଇନା ଓ ଭାରତ ମଧ୍ୟରେ ଅନ୍ତର୍ଜାତୀୟ ସୀମା ବିବାଦ ଲାଗି ରହିଥିବା ବେଳେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭିତରେ ଆନ୍ତଃରାଜ୍ୟ ସୀମା ସମସ୍ୟା କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। କର୍ଣ୍ଣାଟକରେ ଭାଜପା ସରକାର ଚାଲିଥିବା ବେଳେ ମହାରାଷ୍ଟ୍ରରେ ଶିନ୍ଦେ ଗୋଷ୍ଠୀ ସହ ମିଶି ଭାଜପା ଶାସନ କରୁଥିବାରୁ କାହାକୁ କିଭଳି ସନ୍ତୁଷ୍ଟ କରି ରଖିହେବ ତାହାର ସମାଧାନ ସୂତ୍ର ଶାହାଙ୍କୁ ମିଳିପାରୁ ନାହିଁ। ଇତିମଧ୍ୟରେ ଶିବ ସେନା ନେତା ସଞ୍ଜୟ ରାଉତ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ-ୟୁକ୍ରେନ୍ ଯୁଦ୍ଧାବସାନ ପାଇଁ ମଧ୍ୟସ୍ଥତା କରିପାରୁଥିବା ବେଳେ ଦୁଇ ରାଜ୍ୟ ମଧ୍ୟରେ ଉପୁଜିଥିବା ସୀମା ବିବାଦ ସମାଧାନ କରିବା ଲାଗି ତାଙ୍କ ପାଖରେ ସମୟ ନାହିଁ। ଭାଜପା ଗତ କିଛିବର୍ଷ ହେବ ନିର୍ବାଚନ ଆସିଲେ 'ଡବଲ ଇଞ୍ଜିନ୍ ସରକାର' ବିଷୟରେ କହି ବୁଲୁଛି। କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳ ଶାସନ କଲେ ବହୁ ସମସ୍ୟାର ସମାଧାନ ଆସିପାରିବ ବୋଲି ଗୁରୁତ୍ୱ ଦିଆଯାଉଛି। ବେଲଗାଭି ପ୍ରସଙ୍ଗକୁ ପରୀକ୍ଷାମୂଳକ ଭାବେ ନେଇ କେନ୍ଦ୍ର ସରକାର ସମାଧାନ ସୂତ୍ର ବାହାର କରିପାରିଥିଲେ ତାହା ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥାଆନ୍ତା। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ବୈଠକ ବସି ଆଲୋଚନା ହୋଇଥିଲେ ମଧ୍ୟ ସୁଫଳ ଆସିପାରିଲା ନାହିଁ। ଏଥିରୁ ବୁଝିବାକୁ ହେବ ଯେ, କେବଳ ନିର୍ବାଚନ ଜିତିବା ଲାଗି ଭାଜପା ସରକାର 'ଡବଲ ଇଞ୍ଜିନ୍ ସରକାର'କୁ ଏକ ସ୍ଲୋଗାନ ଭାବେ ବ୍ୟବହାର କରୁଛି। ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ରରେ ଶାସନ କରୁଥିବା ସରକାର ରାଜ୍ୟଗୁଡ଼ିକରେ ଯେଉଁ ରାଜନୈତିକ ଦଳ ଦ୍ୱାରା ଶାସିତ ହେଉଥାଉନା କାହିଁକି, ସମସ୍ତଙ୍କୁ ସମାନ ଗୁରୁତ୍ୱ ଦେବା ଦରକାର। ଯେତେବେଳେ ଦୁଇ ଭାଜପା ଶାସିତ ରାଜ୍ୟର ସମସ୍ୟା ସମାଧାନ କରିବାରେ କେନ୍ଦ୍ର ସରକାର ବିଫଳ ହେଉଛନ୍ତି, ସେତେବେଳେ ଅଣ-ଭାଜପା ଶାସିତ ରାଜ୍ୟ କି ଦଶା ଭୋଗୁଥିବେ ଅନୁମେୟ।

# ଶିଶୁଶ୍ରମିକ ସୁରକ୍ଷା ଓ ପେନ୍‌ସିଲ ପୋର୍ଟାଲ



ଡ. ସମୀର କୁମାର ନନ୍ଦ

୧୯୭୯ ମସିହାରେ ଗଠିତ ଗୁରୁପଦସ୍ୱାମୀ କମିଟିଙ୍କ ରିପୋର୍ଟ ଭାରତବର୍ଷରେ ଶିଶୁଶ୍ରମିକ ପ୍ରଥାର ନିରାକରଣ ପାଇଁ ଅନେକ ବାଟ ଖୋଲିଦେଇଥିଲା। ଏହି ରିପୋର୍ଟ ଆଧାରରେ ଦେଶରେ ଶିଶୁଶ୍ରମିକ (ନିଷିଦ୍ଧ ଓ ନିୟନ୍ତ୍ରଣ) ଆଇନ,୧୯୮୬ରେ ପ୍ରଣୟନ କରାଗଲା। ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଦେଶରେ ଜାତୀୟ ଶିଶୁ ଶ୍ରମ ପଲିସି କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଲା। ପୁନଶ୍ଚ ୧୪ ବର୍ଷରୁ କମ୍ ବୟସର କାର୍ଯ୍ୟରତ ଶିଶୁ ମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ଉଦ୍ଧାରକରି ସ୍ୱତନ୍ତ୍ର ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ଦେଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଶ୍ୱର ସର୍ବବୃହତ୍ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ୧୯୮୮ରେ ଖୋଲାଗଲା। ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ଦେଶର ଶିଶୁଶ୍ରମିକମାନଙ୍କ ପାଇଁ ବରଦାନ ସଦୃଶ ଥିଲା। ପ୍ରକଳ୍ପ ପ୍ରତିଷ୍ଠା ଦ୍ୱାରା ୨୦୦୧ ରୁ ୨୦୧୧ ଭିତରେ ଦେଶରେ ପ୍ରାୟ ୮୩ ଲକ୍ଷ ଶିଶୁଶ୍ରମିକ ହ୍ରାସ ପାଇଲେ।

ସମଗ୍ର ଦେଶରେ ଏକ ଶିଶୁଶ୍ରମିକ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲା ପ୍ରଶାସନ,ନାଗରିକ ସମାଜ ଓ ଜନସାଧାରଣଙ୍କୁ ଏକକ ମଞ୍ଚରେ ନିୟୋଜିତ କରିବା ସହିତ ଶିଶୁ ଶ୍ରମିକ ପ୍ରଥା ସମ୍ପର୍କିତ ସମସ୍ତ ତଥ୍ୟ ଓ ଅଭିଯୋଗକୁ ଏକକ ଡାଟାବେସ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ ସରକାର ତା୨୬।୦୯।୨୦୧୭ରିଖରେ ପେନ୍‌ସିଲ (Platform for Effective Enforcement for No Child Labour) ନାମରେ ଏକ ପୋର୍ଟାଲ ପ୍ରଚଳନ କଲେ। ଶିଶୁଶ୍ରମିକ ଆଇନର ସଫଳ ପ୍ରଣୟନ,ଅଭିଯୋଗ ପ୍ରକୋଷ୍ଠ,ସମସ୍ତ ବିଭାଗର ଏକାଭିମୁଖତା,ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପର ପରିଚାଳନା,ଶିଶୁମାନଙ୍କ ଟ୍ରାକିଂ ଓ ରାଜ୍ୟ ସରକାରଙ୍କ ଦ୍ୱାରା ମନିଟରିଂ ଆଦି ଏହି ପୋର୍ଟାଲର ମୁଖ୍ୟ ଉପାଦାନ ରହିଲା। ଏହି ପୋର୍ଟାଲରେ ଥିବା ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଦେଶର ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ଯେକେହି ଶିଶୁ କିମ୍ବା କିଶୋର ଶ୍ରମିକ ନିୟୋଜିତ ହେବାର ଦେଖିଲେ କୌଣସି କାର୍ଯ୍ୟାଳୟକୁ ନ ଯାଇ ତତ୍‌କ୍ଷଣାତ ଅଭିଯୋଗ ଦାଖଲକରି ପାରିବାର ବ୍ୟବସ୍ଥା ରହିଛି। ନୂତନ ଅଭିଯୋଗ ଦାଖଲ ଲିଙ୍କ୍‌ରେ କ୍ଲିକ୍ କଲେ ନିୟୋଜିତ ହୋଇଥିବା ଶିଶୁ/କିଶୋରର ତଥ୍ୟ,କାର୍ଯ୍ୟକ୍ଷେତ୍ରର ଠିକଣା ଓ ଅଭିଯୋଗକାରୀଙ୍କ ତଥ୍ୟ ପ୍ରଦାନ କରି ଅଭିଯୋଗ ଦାଖଲ କରିହେବ। ଜିଲା ନୋଡାଲ ଅଧିକାରୀ ଅଭିଯୋଗର ସତ୍ୟାସତ୍ୟ ତଦନ୍ତକରି କାର୍ଯ୍ୟାନୁଷ୍ଠାନ କରିବା ସହ ସମ୍ପୃକ୍ତ ଶିଶୁ/କିଶୋର ଶ୍ରମିକକୁ ଉଦ୍ଧାରକରି (୮ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁଶ୍ରମିକ) ସମଗ୍ର ଶିକ୍ଷା ଅଭିଯାନରେ ୯ ରୁ ୧୪ ବର୍ଷ ପର୍ଯ୍ୟନ୍ତ ଶିଶୁକୁ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପରେ ଓ ୧୫ ରୁ ୧୮ ବର୍ଷ ପର୍ଯ୍ୟନ୍ତ କିଶୋରକୁ ଦକ୍ଷତା ବିକାଶ କେନ୍ଦ୍ରରେ ଦାଖଲ କରି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ।



ପେନ୍‌ସିଲ ପୋର୍ଟାଲ ଖୋଲିବା ପରଠାରୁ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପ ସମେତ ସମସ୍ତ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକର ପରିଚାଳନା ପୋର୍ଟାଲ ମାଧ୍ୟମରେ କେବଳ ଗ୍ରହଣ କରାଗଲା। ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରେ ପଢୁଥିବା ଶିଶୁଶ୍ରମିକ ଛାତ୍ରୀଛାତ୍ରମାନଙ୍କ ଦୈନିକ ଉପସ୍ଥାନ ମଧ୍ୟ ପୋର୍ଟାଲ ମାଧ୍ୟମରେ କରିବା ପାଇଁ ବାଧ୍ୟ କରାଗଲା। କିନ୍ତୁ ସେଥିପାଇଁ ଭିତ୍ତିଭୂମିର ବିକାଶ କରାଗଲା ନାହିଁ। ଉଦାହରଣ ସ୍ୱରୂପ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକଙ୍କ ଦରମା ମାସିକ ୭୦୦୦ ଟଙ୍କା ଥିଲାବେଳେ ହିସାବ ରକ୍ଷକଙ୍କ ଦରମା ମାତ୍ର ୫୦୦୦ ଟଙ୍କା। ଏତିକି ଦରମାରେ ଉକ୍ତ କର୍ମଚାରୀ ବିଚରା ପେନ୍‌ସିଲ ପୋର୍ଟାଲର ପରିଚାଳନା ପାଇଁ ଆଣ୍ଡ୍ରୋଏଡ୍ ଫୋନ୍‌ଟିଏ କିଣିବ କେମିତି ? ପୁଣି ସେଥିରେ ପ୍ରତି ମାସରେ ଡାଟାପ୍ୟାକ୍ ପକାଇବ କିପରି ? ପୁନଶ୍ଚ ଚଳିତ ବର୍ଷ ଲୋକ ସଭାରେ କେନ୍ଦ୍ର ସଞ୍ଚାର ମନ୍ତ୍ରଣାଳୟ ତରଫରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଆମ ଦେଶର ୫,୯୭,୬୧୮ ଗ୍ରାମ ମଧ୍ୟରୁ ୨୫,୦୬୭ ଗ୍ରାମରେ ଓ ଆମ ରାଜ୍ୟର ୫୧୫୮୩ ଗ୍ରାମ ମଧ୍ୟରୁ ୬୦୯୯ ଗ୍ରାମରେ ବର୍ତ୍ତମାନ ସୁଦ୍ଧା ମୋବାଇଲ ଓ ଇଣ୍ଟରନେଟ୍‌ର ସେବାର ବ୍ୟବସ୍ଥା ନାହିଁ। ତା'ହେଲେ ଉକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ଓ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରଗୁଡ଼ିକ ପେନ୍‌ସିଲ ପୋର୍ଟାଲକୁ ବ୍ୟବହାର କରିବେ କେମିତି ? ପେନ୍‌ସିଲ ପୋର୍ଟାଲ ମାଧ୍ୟମରେ ଦୈନିକ ତଥ୍ୟ ନ ଦେଲେ ସରକାର ଅନୁଦାନ ବନ୍ଦ କରିଦେଲେ। ଫଳରେ ଦେଶର ଅନେକ ଶିଶୁଶ୍ରମିକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ଅନୁଦାନ ଅଭାବରୁ ବନ୍ଦ ହୋଇଗଲା, ଯାହାର ଶିକାର ହେଲେ ଲକ୍ଷାଧିକ ଶିଶୁଶ୍ରମିକ ଓ ସେମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ଦ୍ୱାରା ନିୟୋଜିତ ହୋଇଥିବା ହଜାର ହଜାର କର୍ମଚାରୀ। ପେନ୍‌ସିଲ ପୋର୍ଟାଲରେ ପ୍ରଦର୍ଶିତ ତଥ୍ୟକୁ ଅନୁଧ୍ୟାନକଲେ ପୋର୍ଟାଲର ପରିଚାଳନା କେତେ ଉପଯୋଗୀ ତାହା ଜଣାପଡ଼େ। ପୋର୍ଟାଲରେ ପ୍ରଦର୍ଶିତ ତଥ୍ୟ ଅନୁଯାୟୀ ପୋର୍ଟାଲ ଆରମ୍ଭ ହେଲା ଦିନ ଠାରୁ ୨୦୨୨ ନଭେମ୍ବର ୧୭ ପର୍ଯ୍ୟନ୍ତ ୬୨ ମାସ ମଧ୍ୟରେ ଆମ ଦେଶରେ ମାତ୍ର ୧,୯୭,୩୬୫ (୦.୦୫%) ଜଣ ଶିଶୁ ଚିହ୍ନଟ ହୋଇଛନ୍ତି। ନଭେମ୍ବର ୨୭ରେ ତଥ୍ୟ ଦେଖିଲେ ସେହି ସଂଖ୍ୟା ବୃଦ୍ଧିପାଇ ୧,୯୭,୩୯୧ (+୭୪) ରେ ପହଞ୍ଚିଛି। ତା'ହେଲେ କ'ଣ ପୋର୍ଟାଲ ଆରମ୍ଭ ହେଲା ଦିନଠାରୁ ଚଳିତ ବର୍ଷ ନଭେମ୍ବର ୧୭ପର୍ଯ୍ୟନ୍ତ ଏତେବଡ଼ ଦେଶରେ ଦୈନିକ ହାରାହାରି ୧୦୫ ଜଣ ଶିଶୁ ଚିହ୍ନଟ ହୋଇଥିଲା ବେଳେ ନଭେମ୍ବର ୧୭ ରୁ ୨୭ତାରିଖ ଭିତରେ ସାରା ଦେଶରେ ଦୈନିକ ହାରାହାରି ୭ଜଣ ଶିଶୁ ଚିହ୍ନଟ ହୋଇପାରିଛନ୍ତି? ସରକାରଙ୍କ ମତରେ ଯଦି ଶିଶୁଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଏହି ପୋର୍ଟାଲ ହିଁ ଏକମାତ୍ର ମାଧ୍ୟମ ଓ ସମଗ୍ର ଦେଶରେ ୧୮୮୦ ଦିନ ମଧ୍ୟରେ ମାତ୍ର ୦.୦୫ % ଶିଶୁ ଚିହ୍ନଟ ହେଲେ ତା'ହେଲେ କ'ଣ ଆମ ଦେଶ ଶିଶୁଶ୍ରମିକ ମୁକ୍ତ ହୋଇଗଲା ନା ଏହି ପୋର୍ଟାଲର ଅପାରଗତା ବୋଲି ଆମେ କହିବା ? ସେହିପରି ଦେଶରେ ୭୬୩ ରାଜସ୍ୱ ଜିଲା ଥିଲାବେଳେ ପେନ୍‌ସିଲ ପୋର୍ଟାଲର ତଥ୍ୟ ଅନୁସାରେ ଗତ ୬୨ ମାସରେ ମାତ୍ର ୬୨୦ ଜିଲାରେ ଜିଲା ନୋଡାଲ ଅଧିକାରୀ ନିଯୁକ୍ତ ହୋଇପାରିଛନ୍ତି। ତା'ହେଲେ ଅବଶିଷ୍ଟ ୧୪୩ ଜିଲାର ଶିଶୁମାନଙ୍କର ଭବିଷ୍ୟତ କାହା ହାତରେ ? ଏହି ପୋର୍ଟାଲର ପ୍ରଚଳନ ସରକାରଙ୍କ ଏକ ସୁନ୍ଦର ଯୋଜନା। କିନ୍ତୁ ଏହାକୁ ଶତ ପ୍ରତିଶତ ଉପଯୋଗୀ କରିବା ନିମନ୍ତେ ପ୍ରଥମେ ଦେଶର ସମସ୍ତ ଅଞ୍ଚଳରେ ମୋବାଇଲ ଓ ଇଣ୍ଟରନେଟ୍ ସେବାର ବ୍ୟବସ୍ଥା କରିବାକୁ ହେବ। ଦ୍ୱିତୀୟରେ ଏହାକୁ ବ୍ୟବହାର କରିବା ପାଇଁ ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ଦେବାକୁ ହେବ। ଜନସାଧାରଣରେ ଏହାର ବ୍ୟବହାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପଡିବ।

ଗତ ବଜେଟ ଅଭିଭାଷଣ ସମୟରେ ଦେଶର ଅର୍ଥମନ୍ତ୍ରୀ ସଂସଦ ରେ ଘୋଷଣାକଲେ ଯେ, ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଅଧୀନରେ ସାରା ଦେଶରେ କାର୍ଯ୍ୟ କରୁଥିବା ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପକୁ ବନ୍ଦ ନ କରି ସମଗ୍ର ଶିକ୍ଷା ଅଭିଯାନ (ଶିକ୍ଷା ମନ୍ତ୍ରଣାଳୟ)ରେ ୨୦୨୧ ମାର୍ଚ୍ଚ ୩୧ରୁ ମିଶ୍ରଣ କରାଗଲା। ପ୍ରଶ୍ନ ଉଠୁଛି, ଯଦି ସରକାରଙ୍କ ଗୋଟିଏ ମନ୍ତ୍ରଣାଳୟ ଶିଶୁଶ୍ରମିକଙ୍କ ପାଇଁ ୧୯୮୮ ରୁ ଦେଶରେ ସୁଚାରୁରୂପେ କାର୍ଯ୍ୟ କରିଆସୁଥିଲା ତା'ହେଲେ କାହା ସ୍ୱାର୍ଥରେ ଓ କ'ଣ ପାଇଁ ସେହି ମନ୍ତ୍ରଣାଳୟଠାରୁ ଦାୟିତ୍ୱ ଅପସାରଣ କରି ଶିକ୍ଷା ମନ୍ତ୍ରଣାଳୟକୁ ପ୍ରଦାନ କରାଗଲା। ଏହା ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ଅପାରଗତା ଥିଲା କି ସରକାରଙ୍କ ଶିଶୁଶ୍ରମିକ ମାରଣ ଯୋଜନା ଥିଲା ? ଏହି ଘୋଷଣା ପରେ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଜାତୀୟ ଶିଶୁଶ୍ରମିକ ପ୍ରକଳ୍ପର କଥା ଆଉ ନ ବୁଝି ହାତ ଟେକି ବସିଗଲା ସତ, କିନ୍ତୁ ପରିତାପର ବିଷୟ ଯେ ବଜେଟ ଘୋଷଣା ହେବାର ୧ବର୍ଷ ବିତିବାକୁ ଥିଲା ବେଳେ ଶିଶୁଶ୍ରମିକ ପ୍ରସଙ୍ଗକୁ ସରକାର ଅଣଦେଖା କରିବା ସହିତ ଏଯାବତ୍ ସମଗ୍ର ଶିକ୍ଷା ଅଭିଯାନକୁ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କଲେ ନାହିଁ। ପେନ୍‌ସିଲ ପୋର୍ଟାଲ ମାଧ୍ୟମରେ ସବୁ ଦାୟିତ୍ୱ ଦେଇ ସରକାରଙ୍କ ଶିଶୁ ଶ୍ରମିକ ମାରଣ ନୀତି ଓ ରାଜ୍ୟରେ ଶିଶୁଶ୍ରମିକମାନଙ୍କ ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ ନ କରି ହାତଟେକିଦେବା ଶିଶୁ ସୁରକ୍ଷା ପାଇଁ କେତେ ଶୁଭଙ୍କର ହେବ ତାହା ପାଠକେ ବିଚାର କରିବେ।

**ପ୍ରୋଗ୍ରାମ ମ୍ୟାନେଜର, ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ, ଭାରତ ସରକାର**
**ମୋ: ୯୪୩୭୨୧୮୯୧୭**

# ଆର୍ଥିକ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ



ସୌରଜିତ ପ୍ରଧାନୀ

ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ସକାରାତ୍ମକ ନିଶ୍ଚିତତା ନେଇ ସରକାରଙ୍କ ଆଇନକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି। ନ୍ୟାୟପାଳିକା ନିଶ୍ଚିତ କରିଛି ଯେ ଏଭଳି ଆଇନ ଆମ ସମ୍ବିଧାନର 'ମୌଳିକ ଢାଞ୍ଚା'କୁ ଉଲ୍ଲଂଘନ କରିବ ନାହିଁ। ଆମ ସାମାଜିକ ଢାଞ୍ଚାରେ 'ବନ୍ଦ ବ୍ୟବସ୍ଥା' ଏବଂ 'ଖୋଲା ବ୍ୟବସ୍ଥା' ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ଯେତେବେଳେ ଆମେ 'ବନ୍ଦ ବ୍ୟବସ୍ଥା' ବିଷୟରେ କହୁ, ଏହା ଜାତି, ବର୍ଣ୍ଣ, ଧର୍ମ ଇତ୍ୟାଦିକୁ ସୂଚାଇଥାଏ। ଥରେ ଏକ ନିର୍ଦ୍ଦିଷ୍ଟ ପରିବାରରେ ଜନ୍ମ ନେଲେ ଆପଣଙ୍କ ଭାଗ୍ୟରେ ମୋହର ଲାଗିଥାଏ। ଏହା ଏକ 'ବନ୍ଦ ବ୍ୟବସ୍ଥା' ଅର୍ଥାତ୍ ଏକ ପରିଚୟ ଯାହା ଜୀବନ ସାରା ଆପଣଙ୍କ ସହ ରହିଥାଏ।

ଆର୍ଥିକ ସ୍ଥିତି କଥା ଉଠିଲେ ଏହା ଏକ 'ଖୋଲା ବ୍ୟବସ୍ଥା'। ଯେକୌଣସି ବ୍ୟକ୍ତିର ଆର୍ଥିକ ଓ ଅର୍ଥନୈତିକ ସ୍ଥିତି ଭ୍ରାମ୍ୟମାଣ ଥାଏ ଏବଂ ସାମାଜିକ ପିରାମିଡେରେ ସମୟ ସମୟରେ ପରିବର୍ତ୍ତନ ହୋଇଥାଏ। ଆର୍ଥିକ ସ୍ଥିତି ଆଧାରରେ ଯୋଗ୍ୟତା ଚିହ୍ନଟ କରିବା ଏକ କଠିନ କାର୍ଯ୍ୟ ହେବ। ଆର୍ଥିକ ଅଭିବୃଦ୍ଧି ଏବଂ ଆର୍ଥିକ ମୁଦ୍ରାସ୍ଫୀତି ଦ୍ୱାରା ପରିଚାଳିତ ଏକ ଇକୋସିଷ୍ଟମରେ ଆବଶ୍ୟକ ହିତାଧିକାରୀଙ୍କ ଚିହ୍ନଟ କରିବା କଷ୍ଟକର ହେବ।

ତେବେ ଆର୍ଥିକ ପଛୁଆ ବିଭାଗ (ଇଡବ୍ଲ୍ୟୁଏସ୍) ଚୟନ ପାଇଁ ଜଣେ ପ୍ରାର୍ଥୀ କେମିତି ଯୋଗ୍ୟ ହୋଇପାରେ ? ପରିଚୟ ଅନୁସାରେ, ଚାକିରି କିମ୍ବା ଶିକ୍ଷାଗତ ଆସନ ପାଇଁ ଆଶାୟୀ ପ୍ରାର୍ଥୀ କୌଣସି ନିର୍ଦ୍ଦିଷ୍ଟ ଜାତି ଗୋଷ୍ଠୀର ହେବା ଉଚିତ ନୁହେଁ, ଯାହାର ଚାକିରି କିମ୍ବା ଆସନରେ ସଂରକ୍ଷଣ ଅଧିକାର ମଧ୍ୟ ରହିଛି। ପରବର୍ତ୍ତୀ କଥା ହେଲା, ପରିବାରର ବାର୍ଷିକ ଆୟ ୮ ଲକ୍ଷରୁ ଅଧିକ ହେବା କଥା ନୁହେଁ। ଇଡବ୍ଲ୍ୟୁଏସ୍‌ର ଅନ୍ତର୍ଭୁକ୍ତୀକରଣ ସୀମା ପ୍ରକୃତରେ ଭାରତର ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କୋଟା ପାଇଁ ବାଦ୍ ସ୍ତର। ବାର୍ଷିକ ୮ଲକ୍ଷ ଆୟକୁ ବାଦ୍ ଦେଲେ ଏହାକୁ 'କ୍ରିମିଲେୟାର' କୁହାଯାଏ। ତେଣୁ ନୂତନ ନୀତି ଅନୁସାରେ, ଏହା ଆମ ଦେଶରେ ସାଧାରଣ ଅଭାବ କିମ୍ବା ଆର୍ଥିକ ଦୁର୍ବଳତା ପାଇଁ ସରକାରୀ କଟ୍ ଅଫ୍।

ଏହି ମାପକାଠି ଜଟିଳତାର କାରଣ ହେଉଛି ମୁଦ୍ରାସ୍ଫୀତି ଓ ବିନିମୟ ହାରର ଭୂମିକା। ମୁଦ୍ରାସ୍ଫୀତି ହାର ଏବଂ ଭାରତୀୟ ମୁଦ୍ରାର ମୂଲ୍ୟ ପ୍ରକୃତିରେ ଗତିଶୀଳ ଏବଂ ସ୍ୱଳ୍ପ ସମୟ ମଧ୍ୟରେ ଏହା ଅତ୍ୟନ୍ତ ପରିବର୍ତ୍ତନଶୀଳ। ଟଙ୍କାର ମୂଲ୍ୟ ହ୍ରାସ ପାଇ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଥିବାରୁ ଏବଂ ମୁଦ୍ରାସ୍ଫୀତିର ସ୍ତର କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଆୟ ସ୍ତରରେ ସ୍ଥିରତାର ଅଭାବ ଦେଖାଦେଇଛି। ମାସିକ ୬୫ ହଜାର ଟଙ୍କା ଆୟ ପୂର୍ବରୁ ଆରାମଦାୟକ ହୋଇଥାଇପାରେ। ଆଜିର ପରିପ୍ରେକ୍ଷୀରେ ଏହାକୁ ବଞ୍ଚିତ ବୋଲି ବିବେଚନା କରାଯାଉଛି। ଏବେଠାରୁ ୧ ଦଶନ୍ଧି ପରେ ଏହାକୁ 'ପିଟାନ୍ସ' ଭାବେ ବିବେଚନା କରାଯିବ। ତଥାପି ଆମର ଆୟକର ନୀତି ପରିବର୍ତ୍ତିତ ଦୃଶ୍ୟପଟ ସହିତ ତାଳ ଦେଇ ପାରିନାହିଁ।



ବାର୍ଷିକ ଆୟ ୨.୫ ଲକ୍ଷ ଟପିବା ପରେ ଟ୍ୟାକ୍ସ ଲାୟାବିଲିଟି ଆରମ୍ଭ ହୋଇଥାଏ। ଏପରିକି ୨ଗୁଣା ଆୟ କରୁଥିବା ପରିବାର ପାଇଁ ଏହା ଇଡବ୍ଲ୍ୟୁଏସ୍ ସୀମାଠାରୁ ମଧ୍ୟ କମ୍। ଏଭଳି ପରିବାର ଇଡବ୍ଲ୍ୟୁଏସ୍ ସୁବିଧା ପାଇବାକୁ ଯୋଗ୍ୟ, କିନ୍ତୁ ଟିକସ ପ୍ରଦାନରୁ ବାଦ୍ ପଡ଼ିବେ ନାହିଁ। ଇଡବ୍ଲ୍ୟୁଏସ୍ କୋଟା ବ୍ୟବସ୍ଥାର ଏହା ହେଉଛି ସବୁଠାରୁ ବଡ଼ ଅନ୍ତର୍ନିହିତ ବିଭାଜନ। ଏଭଳି ପରିବାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ, କିନ୍ତୁ ଟିକସ ଛାଡ଼ କରିବା ଭଳି ଦୁର୍ବଳ ନୁହନ୍ତି।

ଇଡବ୍ଲ୍ୟୁଏସ୍ ନୀତି ଅନ୍ୟ ତଥ୍ୟକୁ ମଧ୍ୟ ପାଳନ କରୁନାହିଁ। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରେ, ବ୍ୟବହାର ଆଧାରରେ, ବାର୍ଷିକ ୫ ଲକ୍ଷରୁ ୩୦ ଲକ୍ଷ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ପରିବାରକୁ 'ମଧ୍ୟବିତ୍ତ' ଭାବରେ ଏକତ୍ର କରାଯାଇଥିଲା। ତେଣୁ 'ମଧ୍ୟବିତ୍ତ' ଭିତରେ ଏମିତି ଅନେକ ପରିବାର ରହିବେ, ଯେଉଁମାନେ 'ଆର୍ଥିକ ଦୃଷ୍ଟିରୁ ଦୁର୍ବଳ' ବୋଲି ଯୋଗ୍ୟ ବିବେଚିତ ହେବେ।

ନୀତିଗତ ଦୃଷ୍ଟିକୋଣରୁ ଏଭଳି ସକାରାତ୍ମକ ନିଶ୍ଚିତତା ମଧ୍ୟ ଚିରକାଳ ପଛୁଆ ରହିବାର କାରଣ ହୋଇପାରେ। ଲୋକମାନେ ନିଜକୁ ଉଚ୍ଚାଭିଳାଷୀ ହେବା ପାଇଁ ଦୂରେଇ ରଖିବେ ଏବଂ ଏଭଳି ବ୍ୟବସ୍ଥାରୁ ଲାଭ ଉଠାଇବେ। ଏହା ମଧ୍ୟ ଆୟ ହେରଫେର ଏବଂ ଜାଲିଆତିକୁ ପ୍ରୋତ୍ସାହିତ କରିବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ (ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ)କୁ ସମାଜର ଗରିବ ଓ ଦୁର୍ବଳବର୍ଗର ଲୋକଙ୍କୁ ଉପଯୁକ୍ତ ଓ ଯୁକ୍ତିଯୁକ୍ତ କର୍ମନିଯୁକ୍ତି ସମାଧାନ ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ବରଂ ଏହି ଯୋଜନା ଆଳସ୍ୟ ଓ ଅଳସତାକୁ ପ୍ରୋତ୍ସାହନ ଦେଉଛି। ସରକାର ଏଥିପ୍ରତି ଯତ୍ନବାନ ହେବା ଉଚିତ ଯେ, ସେଭଳି କୌଣସି ପଦକ୍ଷେପ ନିଆଯିବ ନାହିଁ।

ଆଇନଗତ ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟ ଏହି ଆଇନର ବୈଧତାକୁ ସମର୍ଥନ କରିବା ଯଥାର୍ଥ। କିନ୍ତୁ କାର୍ଯ୍ୟାନ୍ୱୟନ ଦୃଷ୍ଟିକୋଣରୁ, ଅନ୍ତର୍ନିହିତ ଜଟିଳତାକୁ ଦୂର କରିବା ପାଇଁ ବାସ୍ତବଧର୍ମୀ ସଂସ୍କାର ଆଣିବା ଆବଶ୍ୟକତା ରହିଛି। ସକାରାତ୍ମକ ନିଶ୍ଚିତତା ଏବଂ କୋଟା ବ୍ୟବସ୍ଥା ବିତର୍କ ଜୀବନର ବିଭିନ୍ନ କ୍ଷେତ୍ରରୁ ଯଥେଷ୍ଟ ବିତର୍କକୁ ଆକର୍ଷିତ କରିବ। ଏକ ସମାବେଶୀ ଓ ସମତାଭିତ୍ତିକ ସମାଜ ଗଠନ ପାଇଁ ଏହା ଏକ ଆବଶ୍ୟକ କୁପ୍ରଥା।

**ଜିଲା କେନ୍ଦ୍ର, ଚନ୍ଦ୍ରଶେଖରପୁର,**
**ଭୁବନେଶ୍ୱର, ମୋ-୯୯୬୭୧୦୨୨୬୪**

# ପ୍ଲାଷ୍ଟିକ୍ ଖାଉଛି ଭାଲୁ

ଇ-କମର୍ସ କମ୍ପାନୀ ଆମାଜନ ପକ୍ଷରୁ କୋଭିଡ୍ ମହାମାରୀ ସମୟରେ ଯେତିକି ପ୍ଲାଷ୍ଟିକ୍ ବର୍ଜ୍ୟ ସୃଷ୍ଟି କରାଯାଇଛି, ସେଥିରେ ପୃଥିବୀକୁ ୮୦୦ ଥର ଗୁଡ଼ାଯାଇପାରିବ ବୋଲି ଏନଭାଇରନମେଣ୍ଟ ଗ୍ରୁପ 'ଓସେନା' ପକ୍ଷରୁ କୁହାଯାଇଛି। ଏହା ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। କେବଳ ଯେ ଆମାଜନ ଏହି ସମୟରେ ଏକାକୀ ୧୮ ପ୍ରତିଶତ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ବ୍ୟବହାର କରିଛି ତାହା ନୁହେଁ, ତତ୍‌ସହିତ ପୃଥିବୀବ୍ୟାପୀ ଛୋଟ ବଡ଼ ସବୁ ବ୍ୟବସାୟ ଆହୁରି ଅଧିକ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କରିଚାଲିଛନ୍ତି। ଏଭଳି ସ୍ଥିତିରେ ହିମାଳୟରେ ଘଟୁଥିବା ପ୍ଲାଷ୍ଟିକ୍ ଜନିତ ବର୍ଜ୍ୟକୁ ଦେଖାଯିବା ଦରକାର। ପ୍ଲାଷ୍ଟିକ୍ ବର୍ଜ୍ୟ ଜନିତ ପ୍ରଦୂଷଣ ଯୋଗୁ ହିମାଳୟର ଦୁର୍ଲ୍ଲଭ ଔଷଧୀୟ ଗଛ ଓ ବହୁ ଜୀବ ବିଲୁପ୍ତିପ୍ରାୟ। ଏମାନଙ୍କ ମଧ୍ୟରେ କଶ୍ମୀରର ବିରଳ ବୃହତ୍ ସ୍ତନ୍ୟପାୟୀ ଧୂସର ଭାଲୁ ଅନ୍ୟତମ। ବାସସ୍ଥାନ ଓ ଖାଦ୍ୟାଭାବ ସହ ପର୍ଯ୍ୟଟନଜନିତ ପ୍ରଦୂଷଣ ଯୋଗୁ ସେମାନଙ୍କ ଜୀବନ ବିପଦରେ। ଆକଳନରୁ ଜଣାପଡ଼ିଛି ଯେ, ହିମାଳୟ ଅଞ୍ଚଳରେ ମୋଟ ୫୦୦ରୁ ୭୫୦ ଧୂସର ଭାଲୁ ରହିଛନ୍ତି। ଇଣ୍ଟର ନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ ଅଫ୍ ନେଚର(ଆଇୟୁସିଏନ୍) ରେଡ୍ ଲିଷ୍ଟରେ ଉକ୍ତ ଧୂସର ଭାଲୁକୁ ସବୁଠୁ ବିପଦରେ ଥିବା ପ୍ରାଣୀ ଭାବେ ସ୍ଥାନିତ କରାଯାଇଛି। ନିକଟରେ ଜମ୍ମୁ-କଶ୍ମୀର ବନ୍ୟଜନ୍ତୁ ସୁରକ୍ଷା ବିଭାଗ ଓ ୱାଇଲ୍ଡଲାଇଫ୍ ଏସ୍‌ଓଏସ୍ ନାମକ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି, ଏମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାରେ ପ୍ଲାଷ୍ଟିକ୍ ବର୍ଜ୍ୟ ମୁଖ୍ୟ ଭୂମିକା ନେଉଛି। । ଧୂସର ଭାଲୁ ପ୍ଲାଷ୍ଟିକ ବର୍ଜ୍ୟ ଓ ପିଙ୍ଗି ଦିଆଯାଉଥିବା ଖାଦ୍ୟ ଖାଉଛନ୍ତି । ଜଣାପଡ଼ିଛି ଯେ,ଏହି ଭାଲୁ ବର୍ଜ୍ୟଗଦାଗୁଡ଼ିକରୁ ୭୫% ଖାଦ୍ୟ ସଂଗ୍ରହ କରୁଛନ୍ତି। ଗବେଷକମାନେ ସେମାନଙ୍କ ମଳ ପରୀକ୍ଷା କରିବା ପରେ ସେଥିରେ ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ, ମିଲ୍କ ପାଉଡର ଏବଂ ଚକୋଲେଟ ଖୋଳ ପାଇଛନ୍ତି। ଏପରି କି କିଛି ସାମ୍ପୁଲ୍‌ରେ କାଚ ଅବଶେଷାଂଶ ମିଳିଛି। ରିପୋର୍ଟରେ କୁହାଯାଇଛି ଯେ ଏହି ବର୍ଜ୍ୟ ସହ ବଳକା ବିରିଆନି ଖାଇବା ଦ୍ୱାରା ଭାଲୁ ବିଭିନ୍ନ ରୋଗରେ ପଡୁଛନ୍ତି ଓ ସେମାନଙ୍କ ଆୟୁଷ କମିଯାଉଛି। ଏପରି କି ଏହାର ପ୍ରଭାବ ମା'ଭାଲୁଠାରୁ ସେମାନଙ୍କ ଛୁଆଙ୍କୁ ଯାଉଛି। ଉକ୍ତ ଗବେଷଣାରେ ଜଡ଼ିତ ବରିଷ୍ଠ ଜୀବ ବିଜ୍ଞାନୀ ସ୍ୱାମୀନାଥନ ଏସ୍ କହିଛନ୍ତି ଯେ, ସେମାନେ କଅଁଳିଆ ଗଛପତ୍ର, କୀଟ ଏବଂ ଛୋଟ ମେରୁଦଣ୍ଡୀ ପ୍ରାଣୀଙ୍କୁ ଖାଇବା ବଦଳରେ ବର୍ଜ୍ୟରୁ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ପ୍ରତି ଅତ୍ୟଧିକ ଆକୃଷ୍ଟ ହୋଇଛନ୍ତି।

ବିଗତ ଦୁଇ ଦଶନ୍ଧି ହେଲା ହିମାଳୟ ଅଞ୍ଚଳରେ ବର୍ଜ୍ୟଜନିତ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଏହା ମଧ୍ୟରେ ସବୁଠୁ ବେଶି ଭାଗ ହେଉଛି ପ୍ଲାଷ୍ଟିକ୍ ବର୍ଜ୍ୟ। ଏକ ଆକଳନରୁ ଜଣାପଡ଼ିଛି ଯେ, ହିମାଳୟ ଅଞ୍ଚଳର ୧୦ଟି ରାଜ୍ୟର ପର୍ଯ୍ୟଟନ ଯୋଗୁ ପ୍ରତିବର୍ଷ ୮ମିଲିୟନ ଟନ୍ ବର୍ଜ୍ୟ ସୃଷ୍ଟି ହେଉଛି। ୨୦୧୮ରେ ନୀତି ଆୟୋଗ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ସେହିବର୍ଷରେ ହିମାଳୟ ଅଞ୍ଚଳକୁ ୧୦୦ ମିଲିୟନ ପର୍ଯ୍ୟଟକ ଯାଉଥିଲାବେଳେ ୨୦୨୫ ସୁଦ୍ଧା ଏହି ସଂଖ୍ୟା ୨୪୦ ମିଲିୟନକୁ ଛୁଇଁବ। ସେଥିପାଇଁ ଗ୍ରୀନ୍ ସେସ୍ ଲାଗୁ କରିବାକୁ ପ୍ରସ୍ତାବ ରଖିଥିଲା। ଭାରତରେ ପ୍ରତିଦିନ ୨୫,୦୦୦ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଛି। କୁହାଯାଉଛି ୪୦ ପ୍ରତିଶତ ସଂଗ୍ରହ ହୋଇ ନ ପାରି ପାଣି ଓ ସ୍ଥଳ ଭାଗରେ ପଡ଼ିରହୁଛି। କିନ୍ତୁ ବାସ୍ତବରେ ହୁଏତ ଯଥେଷ୍ଟ ପ୍ରତିଶତ ଅଧିକ ବର୍ଜ୍ୟ ଏହିଭଳି ପଡ଼ିରହୁଛି। ଧୂସର ଭାଲୁଙ୍କ ପରି ଏହାକୁ ପକ୍ଷୀଠାରୁ ଆରମ୍ଭକରି ଗୋରୁ ଖାଇ ରୋଗରେ ପଡୁଛନ୍ତି ଓ ଏହାଯୋଗୁ ସେମାନଙ୍କର ମୃତ୍ୟୁ ହେଉଛି। କେବଳ ସ୍ଥଳଭାଗ ନୁହେଁ, ଜଳଭାଗରେ ପ୍ଲାଷ୍ଟିକ୍ ବର୍ଜ୍ୟ ଜଳଜୀବଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଶ୍ୱରେ ସମୁଦ୍ରରେ ମିଶୁଥିବା ସମସ୍ତ ବର୍ଜ୍ୟର ୮୦ ଭାଗ ହେଉଛି ପ୍ଲାଷ୍ଟିକ୍। ଜାତିସଂଘ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅତି କମ୍‌ରେ ୮୦୦ ପ୍ରଜାତିର ଜଳଚର ଜୀବ ପ୍ଲାଷ୍ଟିକ ବର୍ଜ୍ୟ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଅଗଷ୍ଟ ୨୦୨୧ରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବ୍ୟବହାର ଉପରେ ଅଣାଯାଇଥିବା ଆଇନକୁ ୨୦୨୨ରେ ଲାଗୁ କରିଥିଲେ। ଏଥିରୁ ବୁଝାପଡୁଛି ଯେ, ଆଇନ କରିଦେବା ସହଜ, କିନ୍ତୁ ସରକାରଙ୍କର ଆନ୍ତରିକତା ଅଭାବ ଥିବାରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ସାମଗ୍ରୀର କାରଖାନାଗୁଡ଼ିକୁ ବନ୍ଦ କରାଯାଉ ନାହିଁ। ପ୍ଲାଷ୍ଟିକ ବିକଳ୍ପ ବ୍ୟବହାର ପାଇଁ କନା ହେଉ କି କାଗଜ କିମ୍ବା ଝୋଟ ନିର୍ମିତ ଜିନିଷ ପ୍ରସ୍ତୁତ କରିବା ସମୟସାପେକ୍ଷ। ଅନ୍ୟପକ୍ଷରେ ବିକଳ୍ପ ଭାବେ ମାଟିରେ ମିଶିପାରୁଥିବା ବିଘଟନଯୋଗ୍ୟ ପ୍ଲାଷ୍ଟିକ୍ ଗ୍ରହଣ କରାଯାଇପାରିବ ନାହିଁ, କାରଣ ଏହାର ବିଘଟନ ପ୍ରକ୍ରିୟାରେ ଅଧିକ ମିଥେନ ଗ୍ୟାସ୍ ନିର୍ଗମନ ହୋଇଥାଏ। ଏହାସହ ପ୍ଲାଷ୍ଟିକ୍ କ୍ଷେତ୍ରରେ ନିଯୁକ୍ତ ପାଖାପାଖି ୫ ଲକ୍ଷ ଲୋକ ଚାକିରି ହରାଇବା ପରେ ସେମାନଙ୍କ ପାଇଁ ବିକଳ୍ପ ରୋଜଗାର ସୃଷ୍ଟି କରିବା ଦରକାର। ଏଣୁ କେବଳ ସରକାରୀ ଆଇନ ନୁହେଁ, ବରଂ ଲୋକେ ପ୍ଲାଷ୍ଟିକ ବର୍ଜ୍ୟର କ୍ଷତିକାରକ ପ୍ରଭାବକୁ ଅନୁଭବ କରିବା ସହ ସଚେତନ ହୋଇପାରିଲେ ସଙ୍କଟରେ ଥିବା ଧୂସର ଭାଲୁ ଭଳି ବହୁ ପ୍ରଜାତିର ଜୀବଜନ୍ତୁଙ୍କ ଜୀବନ ରକ୍ଷା କରାଯାଇପାରିବ।

## ଏଇ ଭାରତରେ

ପରିବେଶକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତ କରିବାରେ କେରଳର ଇଞ୍ଜିନିୟର ବିନ୍ଦୁ ଜନ୍ କାଲିଗାଲ୍‌ଙ୍କ ଅଭିନବ ପଦ୍ଧତି ବେଶ୍ ପ୍ରେରଣାଦାୟକ। କାଲିଗାଲଙ୍କ ବୟସ ୩୩ ଓ ସେ ଏମ୍.ଟେକ୍ କରିଛନ୍ତି। ସେ ୭ରୁ ୯ଟି ଗ୍ରୀନ୍ ସପ୍ ଅର୍ଥାତ୍ ବର୍ଜ୍ୟଶୂନ୍ୟ ଗ୍ରୋସେରି ଶପ୍ ବା ତେଜରାତି ଦୋକାନ ଖୋଲି ପ୍ଲାଷ୍ଟିକ ବର୍ଜ୍ୟ ହ୍ରାସ କରୁଛନ୍ତି। କାଲିଗାଲ ରହୁଛନ୍ତି ଏର୍ଣ୍ଣାକୁଲମ୍‌ରେ। ସେ ୟୁରୋପ ଗସ୍ତରେ ଯାଇଥିବା ସମୟରେ ବହୁ 'ଗ୍ରୀନ ଶପ୍' ବା ସବୁଜ ଦୋକାନ ଦେଖିବାକୁ ପାଇଥିଲେ। ସେଠାରୁ ଫେରିବା ପରେ କାଲିଗାଲ୍ ଏର୍ଣ୍ଣାକୁଲମ୍‌ରେ ସମାନ ପ୍ରକାର ଦୋକାନ ଖୋଲି ବିନା ପ୍ଲାଷ୍ଟିକ ବ୍ୟବହାରରେ ସବୁ ଗ୍ରୋସେରି ଜିନିଷ ବିକ୍ରି କରୁଛନ୍ତି। ଯେଉଁମାନେ ଜିନିଷ ନେବା ପାଇଁ ବ୍ୟାଗ କିମ୍ବା କିଛି ପାତ୍ର ଆଣୁଛନ୍ତି ସେମାନଙ୍କୁ ୨% ରିହାତି ଦେଉଛନ୍ତି। ଅନେକ ଦୋକାନରୁ କାଚ ପାତ୍ର କିମ୍ବା ପେପର ବ୍ୟାଗ୍ ଟଙ୍କା ପଇଠ କରି ସେଥିରେ ଜିନିଷ ନେଉଛନ୍ତି ଓ ତାହାକୁ ପୁଣି ଜିନିଷ କିଣିବାକୁ ଆସିଲେ ଫେରାଉଛନ୍ତି ଓ ପଇଠ ଟଙ୍କା ଫେରସ୍ତ ପାଉଛନ୍ତି। ପ୍ରତିଦିନ ୩୦୦ ଗ୍ରାହକ ତାଙ୍କ ଦୋକାନରୁ ଜିନିଷ ନେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଡିସେମ୍ବର ୧୯୯୭

- ଶିବସେନା ମୁଖ୍ୟ ବାଲ୍ ଥାକ୍‌ରେ ସର୍ବସମ୍ମତ କ୍ରମେ ଦଳର ଆଜୀବନ ମୁଖ୍ୟ ଭାବେ ନିର୍ବାଚିତ।
- ରଣଜୀ ଦଳର ଅଧିନାୟକ ସଞ୍ଜୟ ରାଉଳଙ୍କୁ ଇମ୍ପା ଗ୍ରୁପ୍ ପକ୍ଷରୁ ପ୍ରଦତ୍ତ ରାଜ୍ୟର ମର୍ଯ୍ୟାଦାଜନକ ଏକଲବ୍ୟ ପୁରସ୍କାର ପ୍ରଦାନ।

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ। -(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 8 | | | 7 |
| | | 2 | | | | 5 | 6 | |
| 5 | 1 | | | | 9 | 2 | 8 | |
| | | | 2 | | 1 | | 4 | |
| | | 4 | | | | | | |
| | | | | | 4 | | 9 | 5 |
| | | | 3 | | | 7 | | |
| 1 | | | 9 | | | | | |
| 9 | | | | | 5 | | | |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

| | | | | | | | | |
|---|---|---|---|---|---|---|---|---|
| 5 | 3 | 2 | 4 | 8 | 1 | 9 | 6 | 7 |
| 1 | 7 | 6 | 3 | 5 | 9 | 8 | 2 | 4 |
| 4 | 8 | 9 | 2 | 7 | 6 | 1 | 5 | 3 |
| 6 | 5 | 1 | 7 | 9 | 2 | 4 | 3 | 8 |
| 8 | 2 | 3 | 5 | 1 | 4 | 6 | 7 | 9 |
| 7 | 9 | 4 | 8 | 6 | 3 | 2 | 1 | 5 |
| 3 | 1 | 8 | 6 | 4 | 5 | 7 | 9 | 2 |
| 2 | 6 | 7 | 9 | 3 | 8 | 5 | 4 | 1 |
| 9 | 4 | 5 | 1 | 2 | 7 | 3 | 8 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁଙ୍କ ଖାଦ୍ୟରେ ବିଷାକ୍ତ ଦ୍ରବ୍ୟ

ମହାଶୟ, ରାଜ୍ୟ ତଥା ଦେଶର ଶିଶୁମାନଙ୍କ ଖାଦ୍ୟ ପଦାର୍ଥ ସମ୍ପୂର୍ଣ୍ଣ ଗୁଣହୀନ। ପଲ୍ଲୀ, ସହର, ହାଟ, ବଜାର, ଦୋକାନମାନଙ୍କରେ ବିଭିନ୍ନ ରଙ୍ଗ ବେରଙ୍ଗ ପ୍ୟାକେଟରେ ବହୁଳ ଭାବରେ କିଣା ବିକା ଚାଲିଛି। ଏହା ମୁଖ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏସବୁ ଖାଦ୍ୟପଦାର୍ଥ ଶିଶୁମାନଙ୍କ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ କି ନୁହେଁ, ଏହାର ପରୀକ୍ଷା ନିରୀକ୍ଷା କରୁଛି କିଏ ? ଏକାଧିକ ଖାଦ୍ୟ ସାମଗ୍ରୀ ରାସାୟନିକ ବିଷ ପ୍ରକ୍ରିୟା ସଂଯୁକ୍ତ। ଆଜି ଓ ଆଗାମୀ କାଲିର ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟହାନିକାରକ ଅନିବାର୍ଯ୍ୟ। ସରକାରଙ୍କ ଗୋଚରରେ ଶିଶୁମାନଙ୍କ ଖାଦ୍ୟ ପଦାର୍ଥରେ କେମିତି ଠକାମି, ଚଞ୍ଚକତା ବୃଦ୍ଧି ପାଇବାରେ ଲାଗିଛି ଏଥିରୁ ଅନୁମେୟ।

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ାଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ୟୁନିଟ୍-୪, ସକାଳ ୯ଟା।
- ଦେବଦାସୀ ନୃତ୍ୟ ମନ୍ଦିର, ପୁରୀ ପକ୍ଷରୁ ୧୬ଶ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ, ଭଞ୍ଜ କଳାମଣ୍ଡପ, ପୂର୍ବାହ୍ନ ୧୦ଟା।
- ଡାକ୍ତର କାଶୀନାଥ ନାୟକଙ୍କ ରଚିତ ଇଂରାଜୀ ପୁସ୍ତକ 'ମାଇଁ ଭିଲେଜ୍ ଲାଇଫ୍ ଆଣ୍ଡ ବିୟଣ୍ଡ', ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଟୁଗେଦର ପକ୍ଷରୁ ଚିତ୍ତରଞ୍ଜନ ମହନ୍ତଙ୍କ 'ଏ ସୋଲୋ ୱାଟର କଲର୍ ଆର୍ଟ ଏକ୍ଜିବିଶନ' ସୂଚନା ଭବନ, ୧୧ଟା।
- ନ୍ୟାଶନାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ୧୯ତମ ରାଜ୍ୟସ୍ତରୀୟ ଟ୍ୟାଲେଣ୍ଟ ସର୍ଚ୍ଚ ପ୍ରୋଗ୍ରାମ ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ, ଭଞ୍ଜ କଳାମଣ୍ଡପ ଓ ସେଣ୍ଟ ଜାଭିୟର୍ ପବ୍ଲିକ ହାଇସ୍କୁଲ ପରିସର, ଅପରାହ୍ନ ୩ଟା।
- ଶିବଶକ୍ତି କ୍ଲବ ପକ୍ଷରୁ ଅଲ୍ ଓଡ଼ିଶା ୨୭ତମ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ତମାଣ୍ଡୋ ମିନି ଷ୍ଟାଡିୟମ୍, ଅପରାହ୍ନ ୩ଟା।
- ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଯାପନୀ ଉତ୍ସବ, କଳିଙ୍ଗ ଷ୍ଟାଡିୟମ୍, ଅପରାହ୍ନ ୩ଟା।
- ସ୍ନିଗ୍ଧା ଏକାଡେମୀର ୨୦ତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା ୪୫।
- ଉତ୍କଳ କନିକା ଗ୍ୟାଲେରିଆର ୩ୟ ବାର୍ଷିକ ଉତ୍ସବ, ଉତ୍କଳ କନିକା ପରିସର, ଅପରାହ୍ନ ୫ଟା।
- ଓଡ଼ିଶା ମିରର୍‌ର ୧୦ମ ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୫ଟା।
- ବିୟଜିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ଇଂଲିଶ ହିଷ୍ଟୋରିକାଲ୍ ନୋବେଲ୍ ସାଲାଭାଞ୍ଜିକାର ଲୋକାର୍ପଣ ଉତ୍ସବ, ସ୍ୱସ୍ତି ଗ୍ରାଣ୍ଡ, ମାଷ୍ଟର କ୍ୟାଣ୍ଟିନ ଛକ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ଗ୍ରାମୀଣ ଡାକମେଳା, ପ୍ରତାପରୁଦ୍ରପୁରସ୍ଥିତ ଆଖଣ୍ଡଳେଶ୍ୱର, କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୧୧ଟା।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ୨ୟ ଦିନ, ବେଣୁପୁର, ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ, ଭିଙ୍ଗାରପୁର, ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ, ଅପରାହ୍ନ ୩ଟା।
- ଆସ୍ଥାର ବାର୍ଷିକ ପ୍ରକଳ୍ପ-୨୦୨୨ କାର୍ଯ୍ୟକ୍ରମ, ଅଟଳା ପଞ୍ଚମୁଖୀ ବିହାରସ୍ଥିତ ସ୍କୁଲ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।

**କଟକ**

- କୁଇନ୍ ମେରିଜ୍ ସ୍କୁଲ ପକ୍ଷରୁ ବାର୍ଷିକ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୪ଟା ୩୦।
- ୧୭ତମ ମହାନଦୀ ଫେଷ୍ଟିଭାଲର ଉଦ୍‌ଘାଟନୀ ଉତ୍ସବ, ନେତାଜୀ ଖେଳପଡ଼ିଆ, ପୋତାପୋଖରୀ, ନୂଆବଜାର, ଅପରାହ୍ନ ୫ଟା।
- ଗଣିତଜ୍ଞ ନାରାୟଣ ପତିଙ୍କ ସ୍ମୃତିସଭା, ରାମକୃଷ୍ଣ କୁଟୀର, ବଙ୍ଗାଳି ସାହି, ଅପରାହ୍ନ ୫ଟା ୩୦।
- ଜନନେତା, ପୂର୍ବତନ ଏମ୍‌ପି ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ଦେବଦାସୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପ୍ରତ୍ୟାବର୍ତ୍ତନ ୨୦୨୨, ବାଲିଯାତ୍ରା ଉପର ପଡ଼ିଆ, ସନ୍ଧ୍ୟା ୬ଟା।

**ତିଗିରିଆ**

- ଆର୍‌ପି ଆବାସିକ ଡିଗ୍ରୀ ମହାବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ, ମହାବିଦ୍ୟାଳୟ ପରିସର, ବିଧାରପୁର, ସକାଳ ୯ଟା।

# ସୂର୍ଯ୍ୟମନ୍ଦିରରେ ହେବ ଜି-୨୦ ବୈଠକ

- ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ରୀୟ ପ୍ରତିନିଧି ମଣ୍ଡଳୀ
- ଭାଗ ନେବେ ୨୦ ଧନୀ ରାଷ୍ଟ୍ରର ମୁଖ୍ୟ

କୋଣାର୍କ,୨୦।୧୨(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଆୟୋଜନ ହେବାକୁ ଯାଉଛି ଜି-୨୦ର ଶିଖର ବୈଠକ। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ କୋଣାର୍କ ଆସି ସୂର୍ଯ୍ୟମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର ଅନୁଧ୍ୟାନ କରିଥିଲେ। କେନ୍ଦ୍ର ସଂସ୍କୃତି ବିଭାଗର ଯୁଗ୍ମ ସମ୍ପାଦକ ଲିଲି ପାଣ୍ଡିଆ, ଏଏସ୍ଆଇ ଏଡିଜି ଗୁରୁମିତ ସିଂହ ଚାୱଲା, ଏଏସ୍ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଦିବିସିତା ବ୍ରଜସୁନ୍ଦର ଗଡ଼ନାୟକ ପ୍ରମୁଖ ଉଚ୍ଚ ପଦାଧିକାରୀ ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ଓ ପରେ ସୂର୍ଯ୍ୟମନ୍ଦିରର ବିଭିନ୍ନ ସ୍ଥାନ ବୁଲି ଦେଖି ଟିକିନିଖି ପରଖିଥିଲେ। ୨୦୨୩ ନଭେମ୍ବର ୩୦ ପର୍ଯ୍ୟନ୍ତ ବିଭିନ୍ନ ଐତିହ୍ୟ ସ୍ଥଳୀରେ ଜି-୨୦ର ୨୦୦ରୁ ଅଧିକ ବୈଠକର ଆୟୋଜନ ଭାରତର ଅଧ୍ୟକ୍ଷତାରେ ହେବ। ବସୁଧୈବ କୁଟୁମ୍ବକମ୍ ଏବଂ ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ରହିଛି ଏହାକୁ ନେଇ ହେବ ଜି-୨୦ ବୈଠକ। ଏହି ବୈଠକରେ ୨୦ଟି ଧନୀ ରାଷ୍ଟ୍ରର ମୁଖ୍ୟ ଭାଗ ନେବେ ବୋଲି ସୂଚନା ମିଳିଛି। ତେବେ ସୂର୍ଯ୍ୟମନ୍ଦିରରେ କେବେ ଏହି ବୈଠକ ହେବ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କୋଣାର୍କ ସୂର୍ଯ୍ୟମନ୍ଦିରରେ ବୈଠକ ଆୟୋଜନ ପାଇଁ ଏଠାରେ ସୁରକ୍ଷା ବ୍ୟବସ୍ଥା, ସୂର୍ଯ୍ୟମନ୍ଦିର ପରିସର, ଯାତାୟାତ ବ୍ୟବସ୍ଥା ଆଦି ସମସ୍ତ ଦିଗ ପ୍ରତି କିଭଳି ଧ୍ୟାନ ଦିଆଯିବ ସେନେଇ ଅନୁଧ୍ୟାନ କରି ଫେରିଥିଲେ କେନ୍ଦ୍ରୀୟ ପ୍ରତିନିଧି ଦଳ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍ଆଇ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, ସଂରକ୍ଷଣ ଅଧିକାରୀ ନୀରଜ ସିଂ, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ସୂର୍ଯ୍ୟମନ୍ଦିର ପରିସରରେ କେନ୍ଦ୍ରୀୟ ପ୍ରତିନିଧି ମଣ୍ଡଳୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।




ଉତ୍କଳ ମଣ୍ଡପଠାରେ ମଙ୍ଗଳବାର ଜଗନ୍ନାଥ ଚେତନା ସମାରୋହଙ୍କୁ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ଘାଟନ କରୁଛନ୍ତି।

# ଜଗନ୍ନାଥମୟ ହେଲା ରାଜଧାନୀ

## ଜଗନ୍ନାଥ ଚେତନା ସମାରୋହ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ ଆନୁକୂଲ୍ୟରେ ମଙ୍ଗଳବାର ଉତ୍କଳ ମଣ୍ଡପରେ ଜଗନ୍ନାଥ ଚେତନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେଇ କହିଥିଲେ, ଜଗନ୍ନାଥ ସଂସ୍କୃତି ହେଉଛି ବିଶ୍ୱର ସର୍ବଶ୍ରେଷ୍ଠ ସଂସ୍କୃତି। ସାରା ବିଶ୍ୱରେ ଆଜି ଅନେକ ଜଗନ୍ନାଥ ମନ୍ଦିର ତୋଳାଯାଇ ଏହି ମହାନ୍ ସଂସ୍କୃତିକୁ ଆପଣାଉଛନ୍ତି। ଆମେ ସମସ୍ତେ ଏହି ସାଂସ୍କୃତିକ ମୂଲ୍ୟବୋଧର ପ୍ରଚାର ପ୍ରସାର କରିବା ସହିତ ଜଗନ୍ନାଥ ତତ୍ତ୍ୱକୁ ନିଜେ ନିଜ କ୍ଷେତ୍ରରେ ପ୍ରଚାର ପ୍ରସାର କରିବା ଉଚିତ୍। ସମ୍ମାନିତ ଅତିଥି ଭାବେ ମହନ୍ତ ମହାରାଜ ରାମକୃଷ୍ଣ ଦାସ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବାସୁଦେବ ଭଞ୍ଜ ଏହି ସମାରୋହର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଖୋର୍ଦ୍ଧା, ନୟାଗଡ଼, କଟକ, ଢେଙ୍କାନାଳ ଆଦି ଜିଲାର ବିଭିନ୍ନ ଅଞ୍ଚଳରୁ ୪ଶହ ସଂକୀର୍ତ୍ତନ ମଣ୍ଡଳୀ ଘଣ୍ଟ ଘଣ୍ଟା, ଖୋଳତାଳ, ମୃଦଙ୍ଗ, ତୂରୀ, ବଂଶୀ ଓ ଖଞ୍ଜଣି ଆଦି ବାଦ୍ୟ ସହିତ ଜଗନ୍ନାଥ ସଂକୀର୍ତ୍ତନରେ ଭୁବନେଶ୍ୱର ସହରକୁ ଜଗନ୍ନାଥମୟ କରିବା ସହିତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ପ୍ରାୟ ୪ହଜାର ଜଗନ୍ନାଥ ପ୍ରେମୀ ଏଥିରେ ଯୋଗଦେଇଥିଲେ।

# ମେୟର, କର୍ପୋରେଟରଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

## ହକି ବିଶ୍ୱକପ୍ ପ୍ରସ୍ତୁତି

**ସହର ପରିମଳ, ନାଗରିକ ସହଭାଗିତା ଉପରେ ଗୁରୁତ୍ୱ**

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଆସନ୍ତା ମାସରେ ଭୁବନେଶ୍ୱର ଏବଂ ରାଉରକେଲାରେ ଆୟୋଜିତ ହେବ ପୁରୁଷ ହକି ବିଶ୍ୱକପ୍ । ଏହାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯିବ ଏବଂ ବିଦେଶୀ ଖେଳାଳିମାନେ ଯେପରି ଉତ୍ତମ ଅନୁଭୂତି ନେଇ ଫେରିବେ ସେଥିପାଇଁ ବିଭିନ୍ନ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଉଭୟ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ସର୍ବଦଳୀୟ ବୈଠକ ଡାକିଥିବା ବେଳେ ମଙ୍ଗଳବାର ଅପରାହ୍ନରେ ନବୀନ ନିବାସଠାରେ ଭୁବନେଶ୍ୱରର ୩ ବିଧାୟକ, ମହାନଗର ନିଗମ ମେୟର ଓ କର୍ପୋରେଟରମାନଙ୍କୁ ଡାକି ଆଲୋଚନା କରିଛନ୍ତି। ହକି ବିଶ୍ୱକପ୍ ସିଟି ଫେଷ୍ଟିଭାଲକୁ କିପରି ସମ୍ପାଦନ କରାଯିବ ସେ ନେଇ କର୍ପୋରେଟରମାନଙ୍କର ଭୂମିକା ଉପରେ ଆଲୋଚନା କରାଯାଇଛି। ବିଶ୍ୱକପ୍ ପୂର୍ବରୁ ସିଟି ଫେଷ୍ଟିଭାଲ ଆୟୋଜନ କରାଯିବ। ସେଥିପାଇଁ ସହରରେ ରାହାଗିରି, ସିଟି ଏକ୍ଜିବିଶନ ଆୟୋଜନ କରାଯିବ। ପରିମଳ, ପରିବେଶ, ନାଗରିକ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ପ୍ରତ୍ୟେକ ୱାର୍ଡରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କିଭଳି କରାଯାଉଛି ସେ ନେଇ ଆଲୋଚନା କରାଯାଇଛି । କର୍ପୋରେଶନ ଗଠନ ହେବାର ୮ ମାସ ମଧ୍ୟରେ କି କି ସମସ୍ୟା ଦେଖାଦେଇଛି ସେ ନେଇ ମୁଖ୍ୟମନ୍ତ୍ରୀ କର୍ପୋରେଟରଙ୍କଠାରୁ ବୁଝିଛନ୍ତି। ସହରରେ ହକି ଉତ୍ସବ ପାଳନ ପାଇଁ କର୍ପୋରେଟରମାନଙ୍କର ସହଯୋଗ କାମନା କରାଯାଇଛି।

# ଇଡି ହାତରେ ଡିଜିଟାଲ ଫୋରେନ୍ସିକ୍ ରିପୋର୍ଟ

## ଅର୍ଚ୍ଚନାଙ୍କ ବେଆଇନ ଅର୍ଥ ମାମଲା

- ଅର୍ଚ୍ଚନା ଜେଲ ଫେରିଯିବା ପରେ ରିପୋର୍ଟ ମିଳିବାକୁ ନେଇ ପ୍ରଶ୍ନ
- ଖଣ୍ଡଗିରି ପୋଲିସ ବି ପାଇଲା
- ୨୨ରେ ଜଗବନ୍ଧୁଙ୍କ ରିମାଣ୍ଡ ସରିବ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)

ଦୁଇଟି ପର୍ଯ୍ୟାୟରେ ୧୩ ଦିନର ରିମାଣ୍ଡ ସରିବା ପରେ ସୋମବାରଠାରୁ ଝାରପଡ଼ା ଜେଲକୁ ଫେରିଯାଇଛନ୍ତି ରହସ୍ୟମୟୀ ବ୍ଲାକମେଲର ଅର୍ଚ୍ଚନା ନାଗ। ଏପରି ସ୍ଥିତିରେ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଅର୍ଚ୍ଚନାଙ୍କ ଡିଜିଟାଲ ଦସ୍ତାବିଜ୍‌ର ଫୋରେନ୍ସିକ୍ ରିପୋର୍ଟ ମିଳିଛି। ଷ୍ଟେଟ୍ ଫୋରେନ୍ସିକ୍ ଲ୍ୟାବ୍ ପକ୍ଷରୁ ଇଡିକୁ ଏହା ଦିଆଯାଇଛି। ଏହି ପ୍ରଥମ ପର୍ଯ୍ୟାୟର ରିପୋର୍ଟରେ ୧୨ଟି ସାମ୍ପଲ ରିପୋର୍ଟ ରହିଛି। ଏଥିମଧ୍ୟରେ ଅର୍ଚ୍ଚନାଙ୍କ ମୋବାଇଲ, ଲାପଟପ୍, ପେନ୍‌ଡ୍ରାଇଭ ଓ ଟ୍ୟାବ୍‌ର ତଥ୍ୟ ରହିଛି। ତେବେ ରିମାଣ୍ଡ ସମୟରେ ଅର୍ଚ୍ଚନା ଏହି ମାମଲା ସଂକ୍ରାନ୍ତରେ ମୁହଁ ଖୋଲୁ ନ ଥିବାରୁ ଇଡି ଡିଜିଟାଲ ଦସ୍ତାବିଜ୍ ମାଗିଥିଲା। ହେଲେ ଫରେନ୍‌ସିକ୍ ଲ୍ୟାବ୍ ପକ୍ଷରୁ ଏହା ଦେବାକୁ ବିଳମ୍ବ କରାଯାଇଥିଲା। ଏ ନେଇ ଇଡି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହେଲେ ଏବେ ଅର୍ଚ୍ଚନାଙ୍କ ରିମାଣ୍ଡ ସରିବା ପରେ ଏହି ରିପୋର୍ଟ ମିଳିଥିବାରୁ ଏହାକୁ ନେଇ ଚର୍ଚ୍ଚା ହେଉଛି। ଜାଣି ଜାଣି ଫୋରେନ୍‌ସିକ୍ ଲ୍ୟାବ୍ ପକ୍ଷରୁ ଏହି ରିପୋର୍ଟ ଦିଆଯାଉଥିବା କୁହାଯାଉଛି।

ସେହିପରି ଖଣ୍ଡଗିରି ଥାନା ପୋଲିସ ମଧ୍ୟ ଏହି ଡିଜିଟାଲ ଦସ୍ତାବିଜ୍ ରିପୋର୍ଟ ଆଣିଛି। ଏହି ରିପୋର୍ଟ ଆଧାରରେ ମାମଲାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି।



ତେବେ ଦୀର୍ଘଦିନର ଜେରା ଓ ଚଢ଼ାଉ ସତ୍ତ୍ୱେ ଏଯାଏ ବ୍ଲାକ୍‌ମେଲର ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର କାଣିଚାଏ ଗୁମର ଖୋଲିପାରି ନାହିଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ମାତ୍ର କିଛି ଲକ୍ଷ ଟଙ୍କାର ବେଆଇନ କାରବାର ଧରିଥିଲେ ମଧ୍ୟ ରାଜ୍ୟର ଏହି ବଡ଼ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ଘଟଣାରେ ପ୍ରଭାବଶାଳୀ ନେତା, ଅଫିସର, ପୋଲିସ ଓ ବ୍ୟବସାୟୀଙ୍କ ସମ୍ପୃକ୍ତିର ପ୍ରମାଣ ପାଇପାରି ନାହିଁ। ଅନ୍ୟପକ୍ଷରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ୯ ଦିନିଆ ରିମାଣ୍ଡରୁ ଆଉ ୨ଦିନ ବାକି ଅଛି। ସେ ଗତ ୧୪ ତାରିଖରୁ ରିମାଣ୍ଡରେ ଆସି ଜେରାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ୨୨ ତାରିଖରେ ତାଙ୍କର ରିମାଣ୍ଡ ସରିବାର ଥିବାରୁ ତାଙ୍କଠୁ ଆଉ କିଛି ତଥ୍ୟ ହାସଲ କରିବାକୁ ଇଡି ଆଶା ରଖିଛି। ତେବେ ଏହି ଡିଜିଟାଲ ଦସ୍ତାବିଜ୍‌ର ରିପୋର୍ଟ ମିଳିବା ପରେ ଇଡି ତା'ର ତଦନ୍ତକୁ ଅଧିକ କ୍ରିୟାଶୀଳ କରିବ ବୋଲି କୁହାଯାଉଛି। ଏପରିକି ଜେଲ ଭିତରେ ଇଡି ଏହି ଡିଜିଟାଲ ଦସ୍ତାବିଜ୍ ଆଧାରରେ ଅର୍ଚ୍ଚନାଙ୍କୁ ଜେରା କରିବାର ଯୋଜନା ରଖିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ୭ଦିନ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬ଦିନ ପାଇଁ ରିମାଣ୍ଡରେ ଆସି ଅର୍ଚ୍ଚନା ଚୁପ୍ ରହିଥିଲେ। ତେଣୁ ଆଉ ୨ ଦିନ ରିମାଣ୍ଡରେ ନେଇ କିଛି ପ୍ରମାଣ ପାଇବାକୁ ଇଡି ମଙ୍ଗଳବାର ଆବେଦନ କରିଥିଲା, କିନ୍ତୁ କୋର୍ଟ ଏହି ଆବେଦନକୁ ଖାରଜ କରିଦେଇଥିଲେ।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ମଧୁସ୍ମିତା



@ ଦୀପ୍ତି



@ ଜୟଶ୍ରୀ



@ ରଞ୍ଜିତ୍



@ ଜୟଶ୍ରୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ବଡ଼ଦିନ ପର୍ବ ପାଳନ ନିମନ୍ତେ ମଙ୍ଗଳବାର କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ ଚର୍ଚ୍ଚ ପରିସରକୁ ମହିଳାମାନେ ସଜାଉଛନ୍ତି। (ଫଟୋ- ରାଜକିଶୋର)



ଉତ୍କଳ ମଣ୍ଡପରେ ପୁରୀର ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଜଗନ୍ନାଥ ଚେତନା ସମାରୋହରେ ଯୋଗ ଦେବାକୁ ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ। (ଫଟୋ- ମନୋରଞ୍ଜନ)

# କାର୍ଯ୍ୟ ସମୀକ୍ଷା କଲେ ଏନ୍ଏମ୍ଏ ଅଧ୍ୟକ୍ଷ

**ପୁରୀ ଅଫିସ,୨୦।୧୨**

ଜାତୀୟ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏମ୍ଏ) ଅଧ୍ୟକ୍ଷ ଭାବେ କିଶୋର କେ ବାସା ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ମଙ୍ଗଳବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଏନ୍ଏମ୍ଏର ଟିମ୍ ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ମଙ୍ଗୁମଠ ପାର୍ଶ୍ୱ ନିର୍ମାଣ ଓ ୫୫ ମିଟରରେ ଥିବା ପ୍ରାଚୀର ନିର୍ମାଣସ୍ଥଳକୁ ଯାଇ କାର୍ଯ୍ୟ ଯାଞ୍ଚ କରିଛନ୍ତି। ଏହାପରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ଓ ଏମାରମଠ ପାର୍ଶ୍ୱ ଅଭ୍ୟର୍ଥନା କକ୍ଷ ନିର୍ମାଣସ୍ଥଳ ବୁଲି ଦେଖିଛନ୍ତି। ଏନ୍ଏମ୍ଏ ମ୍ୟାଣ୍ଡେଟ୍ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବିଚାରକୁ ନେବା ସହ ସମୀକ୍ଷା ରିପୋର୍ଟକୁ ଆଧାର କରି ଦିଲ୍ଲୀ ଅଥରିଟି ନିଷ୍ପତ୍ତି ନେବ ବୋଲି ଏନ୍ଏମ୍ଏ ଅଧ୍ୟକ୍ଷ ବାସା ପ୍ରତିକ୍ରିୟା ରଖିଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ୧୦୦ ମିଟର ଭିତରେ ଓ ବାହାରେ ଥିବା ୩୪ଟି ମଠର ପୁନରୁଦ୍ଧାର ଓ ପୁନଃ ନିର୍ମାଣ ପାଇଁ ମଠ ମହନ୍ତଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ମଙ୍ଗଳବାର ପୂର୍ବାହ୍ନରେ ଏନ୍ଏମ୍ଏ ଅଧ୍ୟକ୍ଷ ବାସା ପୁରୀରେ ପହଞ୍ଚିଥିବା ବେଳେ ଶ୍ରୀମନ୍ଦିର ନିକଟରେ ଜିଲାପାଳ ସମର୍ଥ ବର୍ମା ଏବଂ ପରିଚାଳନା କମିଟି ସଦସ୍ୟମାନେ ସ୍ୱାଗତ କରିଥିଲେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ସେ ଖୁସିବ୍ୟକ୍ତ କରିଥିଲେ। ପରେ ତାଙ୍କ ନେତୃତ୍ୱରେ ଏନ୍ଏମ୍ଏ ଟିମ୍ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଏନ୍ଏମ୍ଏ ଦେଇଥିବା ନିର୍ଦ୍ଦେଶର ଅନୁପାଳନ ହୋଇଛି କି ନାହିଁ, କିଭଳି ହୋଇଛି, କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ଟିମ୍। ଏନ୍ଏମ୍ଏ ଅଧ୍ୟକ୍ଷ ବାସା ନିଷିଦ୍ଧାଞ୍ଚଳରେ ନିର୍ମାଣ ହୋଇଥିବା ଶୌଚାଳୟ, କ୍ଲକରୁମ୍, ମିନିକ୍ଲକ୍ ରୁମ୍, ଶେଲ୍ଟର ପାଭିଲିଅନ୍ ଓ ଇଲେକ୍ଟ୍ରିକାଲ ରୁମ୍ ଆଦି ବୁଲି ଦେଖିଥିଲେ। ସେହିପରି ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ ୧୦୦ମିଟର ବାହାରେ ରିସେପସନ୍ ସେଣ୍ଟର ନିର୍ମାଣ ପାଇଁ ଏନ୍ଏମ୍ଏ ଏନ୍ଓସି ଦେଇଥିଲେ ହେଁ ତାହା କେଉଁ ସ୍ଥାନରେ ହେବ ସେନେଇ ପ୍ରଶାସନ ପକ୍ଷରୁ ଏନ୍ଏମ୍ଏ ଅଧ୍ୟକ୍ଷଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପାଇଁ ଏନ୍ଏମ୍ଏ ସାଢ଼େ ୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ ପାଇଁ ସାନି ଡିପିଆର ଦାଖଲ ପାଇଁ ଦେଇଥିବା ବେଳେ ୧୩ ମିଟରକୁ ବୃଦ୍ଧି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ରିଭ୍ୟୁ ପାଇଁ ଆବେଦନ କରିଥିଲେ। ଅନ୍ୟପଟେ ଶ୍ରୀମନ୍ଦିର ଦକ୍ଷିଣପୂର୍ବ କୋଣରେ ଏମାରମଠ ପାର୍ଶ୍ୱରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କକ୍ଷ ପାଇଁ ୧୦୦.୫ ମିଟର ବାହାରେ ନିର୍ମାଣ ଲାଗି ସାନି ଡିପିଆର ଆବେଦନ ପାଇଁ ଅନୁମତି ଦେଇଥିଲେ ଏନ୍ଏମ୍ଏ। ଉଭୟ ନିର୍ମାଣ ପାଇଁ ପୃଥକ୍ ସାନି ଡିପିଆର ଆବେଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଏହି ଟିମ୍ ସହ ଜିଲାପାଳ ଓ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରକଳ୍ପ ପରିଦର୍ଶନ ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ୨ଟି ବୈଠକ ହୋଇଥିଲା। ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପ୍ରଶାସନିକ ଅଧିକାରୀଙ୍କ ସହ ପରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ମଠର ମଠାଧୀଶଙ୍କ ସହ ଦ୍ୱିତୀୟ ବୈଠକ ହୋଇଥିଲା। ବୈଠକରେ ଏନ୍ଏମ୍ଏର ଅଧିକାରୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ଉଚ୍ଛେଦ ହୋଇଥିବା ମଠର ମହନ୍ତ, ଓବିସିସି ଓ ଟାଟା ଅଧିକାରୀମାନେ ଉପସ୍ଥିତ ଥିଲେ। କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ମଠର ନିର୍ମାଣ କାର୍ଯ୍ୟ ହେବ। ଶ୍ରୀଜଗନ୍ନାଥଙ୍କ ସହ ଯେପରି ପୂର୍ବରୁ ଶ୍ରୀମନ୍ଦିର ଜଡ଼ିତ ହୋଇରହିଥିଲା, ସେଭଳି ବଳବତ୍ତର ରହିବ। ମଠଗୁଡ଼ିକ ଯେଉଁ ସମ୍ପ୍ରଦାୟ ସହ ଜଡ଼ିତ, ତା'ର ଚିହ୍ନ ରହିବା ସହ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏ ନେଇ ଉତ୍ତରପାର୍ଶ୍ୱ ମଠର ମହନ୍ତ ନାରାୟଣ ରାମାନୁଜ ଦାସ କହିଥିଲେ, ଐତିହ୍ୟ କରିଡର ପାଇଁ ଉଚ୍ଛେଦ ହୋଇଥିବା ୨୦ଟି ମଠର ପୁନରୁଦ୍ଧାର ଏବଂ ନୂତନ ଭାବେ ନିର୍ମାଣ ହେବାକୁ ଥିବା ୧୪ଟି ମଠ ସମ୍ପର୍କରେ ଏନ୍ଏମ୍ଏ ଅଧ୍ୟକ୍ଷ ସହ ଆଲୋଚନା ହୋଇଛି। ୧୦୦ମିଟର ଭିତରେ ଯେଉଁ ମଠର ସ୍ଥଳୀ ରହିଛି, ତାହାର ସୌନ୍ଦର୍ଯ୍ୟକରଣ ହେବ। ପୂର୍ବ ନିଷ୍ପତ୍ତି ଅନୁଯାୟୀ କଳିଙ୍ଗ ସ୍ଥାପିତ୍ୟ ଶୈଳୀରେ ନିର୍ମାଣ କରାଯିବ, ତେବେ ସମସ୍ତଙ୍କ ସହଯୋଗ ଥିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ତେବେ କ୍ଷତିଗ୍ରସ୍ତ ହୋଇଥିବା ମଠଗୁଡ଼ିକ ୭ଦିନ ମଧ୍ୟରେ ସେମାନଙ୍କ ପ୍ରକଳ୍ପ ରିପୋର୍ଟ ଏନ୍ଏମ୍ଏ ପ୍ରଦାନ କରିବେ ବୋଲି ମହନ୍ତ ଦାସ କହିଛନ୍ତି। ସେହିପରି ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ଐତିହ୍ୟ କରିଡ଼ର କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ତେବେ ଏନ୍ଏମ୍ଏ ଅଧ୍ୟକ୍ଷ ପରିଦର୍ଶନ କରିବା ପରେ କାର୍ଯ୍ୟ ଆହୁରି ଅଗ୍ରଗତି ହେବ ବୋଲି ଆଶା ଥିବାବେଳେ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟରେ ସରିବ।


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଏନ୍ଏମ୍ଏ ଅଧ୍ୟକ୍ଷ କିଶୋର କେ ବାସା ଟିମ୍ ସହ ଅନୁଧ୍ୟାନ କରୁଛନ୍ତି ।

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**
- ପ୍ରଶାସନିକ କାର୍ଯ୍ୟାଳୟ ଉଚ୍ଚତା ବଢ଼ାଇବା ପାଇଁ ରିଭ୍ୟୁ
- ପ୍ରଭାବିତ ମଠର ପୁନରୁଦ୍ଧାର ପାଇଁ ମଠାଧୀଶଙ୍କ ସହ ବୈଠକ




୨୦।୧୨।୨୦୨୨

| ୩,୬୮,୯୨୩ ଟଙ୍କା | |
|---|---|
| ସୁନା | ୪.୩୦୦ ଗ୍ରାମ |
| ରୁପା | ୧୯.୫୦୦ ଗ୍ରାମ |

## ସଂକ୍ଷେପରେ

### ୫୫ କୋରେକ୍ସ ବୋତଲ ଜବତ, ଜଣେ ଗିରଫ

ପୁରୀ ଅଫିସ,୨୦।୧୨- ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲି ସ୍କୁଲ ଛକ ନିକଟର ଗଣେଶ ସାହୁ (୩୧)। ପୋଲିସ ଅଭିଯୁକ୍ତଙ୍କଠାରୁ ୫୫ଟି କୋରେକ୍ସ ବୋତଲ ସହ ୨ଟି ମୋବାଇଲ ଏବଂ ନଗଦ ୧୧୫୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ କେସ ନଂ. ୩୨୯/୨୨ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ ଜଣେ ବ୍ୟକ୍ତି ବାଲିସ୍କୁଲ ନିକଟରେ କୋରେକ୍ସ ବିକ୍ରି କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

### ଅଟୋରିକ୍ସା ଧକ୍କାରେ ବୃଦ୍ଧ ଗୁରୁତର

#### ଚାଳକ ଅଟକ, ଗାଡ଼ି ଜବତ

ନିମାପଡ଼ା,୨୦।୧୨(ଡି.ଏନ୍.ଏ.)- ନିମାପଡ଼ା ଝାମ୍ପୁଲାକୁଦ ଛକଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମାଛ ବୋଝେଇ ଅଟୋରିକ୍ସା ଧକ୍କାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ଶଙ୍ଖାରିଆ ଗ୍ରାମର ବ୍ରଜକିଶୋର ସେଠୀ(୮୦)। ଆହତ ବୃଦ୍ଧଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ନିମାପଡ଼ା ପୋଲିସ ଅଟୋକୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ରିପୋର୍ଟ ଲେଖାଯିବାବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ସୂଚନାଯୋଗ୍ୟ, ବୃଦ୍ଧ ଜଣକ ଉକ୍ତ ଛକରୁ ନିମାପଡ଼ା ବଜାର ଅଭିମୁଖେ ଚାଲିଚାଲି ଯାଉଥିଲେ। ସେହି ସମୟରେ କୋଣାର୍କ ଚନ୍ଦ୍ରଭାଗାରୁ ମାଛ ଲୋଡ୍ କରି ପିପିଲି ଅଭିମୁଖେ ଆସୁଥିବା ଏକ ଅଟୋରିକ୍ସା ବୃଦ୍ଧଙ୍କୁ ଧକ୍କା ଦେଇଥିଲା। ଖବରପାଇ ନିମାପଡ଼ା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲା।

## ୧୦ଦିନ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

### ଖବରଦାତାଙ୍କୁ ଆକ୍ରମଣ ଘଟଣା

**କୋଣାର୍କ,୨୦।୧୨(ଡି.ଏନ୍.ଏ.)**

ଗତ ୧୦ତାରିଖ ରବିବାର କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତା ଉପରେ ବସିଥିବା ବ୍ୟବସାୟୀଙ୍କଠାରୁ ଖବର ସଂଗ୍ରହ କରୁଥିବା କାର୍ଯ୍ୟରତ ଖବରଦାତା ଅବନୀ ଭୂଷଣ ବାରିକ ଓ ଜ୍ୟୋତିରାଜ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ ଦିନ ପରେ କୋଣାର୍କ ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରଞ୍ଜୁ ଲେଙ୍କା। ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। କିନ୍ତୁ ପୋଲିସ ୯ ଦିନ ସମସ୍ତ ଚେଷ୍ଟା କରି ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିବା ବେଳେ ସୋମବାର କୋଣାର୍କ ଅଞ୍ଚଳର ବିଜେଡିର ୩ଜଣ ନେତା ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜି ଆଣି ପୋଲିସ ଜିମା ଦେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ଗୁରୁବାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହେବା ଓ ଟାଳଟୁଳ ନୀତି ପାଇଁ ଥାନା ପରିସରରେ ପୋଲିସ ଓ ଖବରଦାତାଙ୍କୁ ନେଇ ଆୟୋଜିତ ସମନ୍ୱୟ ବୈଠକରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ୨ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୁଇଦିନ ପରେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିପାରି ନ ଥିଲା। ପୋଲିସ ବିଫଳ ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ପୋଲିସ ବିଜେଡିର କେତେକ ସ୍ଥାନୀୟ ନେତାଙ୍କ ସହାୟତା ନେଇଥିଲେ। ଫଳରେ ଅଞ୍ଚଳର ୩ଜଣ ନେତା ସୋମବାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆଣି ପୋଲିସ ଜିମା ଦେଇଥିଲେ।


ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବର ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଶ୍ରୀମନ୍ଦିରରେ ଦିବା ପହୁଡ଼ ନୀତି ସମ୍ପନ୍ନ

**ପୁରୀ ଅଫିସ,୨୦।୧୨**

ପୌଷ କୃଷ୍ଣ ଦ୍ୱାଦଶୀ ତିଥି ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦିବା ପହୁଡ଼ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଧନୁ ସଂକ୍ରାନ୍ତି ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ଏହି ପହିଲି ଭୋଗ ନୀତି ୧ ମାସ ଅର୍ଥାତ ମକର ସଂକ୍ରାନ୍ତି ଜାନୁୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି । ପରମ୍ପରା ଅନୁଯାୟୀ ଗୋପାଳ ବଲ୍ଲଭ ଅବସରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଛି। ତେବେ ଏହି ପହିଲି ଭୋଗ ସମୟରେ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କୃଷ୍ଣ ଦ୍ୱାଦଶୀ ଅବସରରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଧନୁ ସଂକ୍ରାନ୍ତିରେ ମହାପ୍ରଭୁଙ୍କ ଦିବା ପହୁଡ଼ ଅନୁଷ୍ଠିତ ହୋଇଥିଲା। ତେବେ ମଙ୍ଗଳବାର ନୀତି ନିର୍ଘଣ୍ଟ ଅନୁଯାୟୀ, ଭୋର ୩ଟା ୩୫ ମିନିଟ୍‌ରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହୋଇଥିଲା। ସକାଳ ୭ଟା ୩୫ମିନିଟ୍‌ରେ ପହିଲି ଭୋଗ ଶେଷ ହୋଇ ସକାଳ ୯ଟା ୪୦ମିନିଟ୍‌ରେ ଶେଷ ହୋଇଥିଲା। ସେହିପରି ଅପରାହ୍ନ ୧ଟା ୩୫ ମିନିଟ୍‌ରେ ମଧ୍ୟାହ୍ନ ଧୂପ ଶେଷ ହୋଇ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହୋଇଥିଲା ୨ଟା ୪୦ରେ । ପରେ ମଇଲମ ଓ ବେଶ ଶେଷ ହୋଇ ଅପରାହ୍ନ ୩ଟା ୪୦ରେ ଦିବା ପହୁଡ଼ ନୀତି ହୋଇଥିଲା। ସନ୍ଧ୍ୟା ୬ଟାରେ ଦ୍ୱାର ଫିଟାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଦିବା ପହୁଡ଼ ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦିବା ପହୁଡ ନୀତି ସରିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

## ଯକ୍ଷ୍ମା ରୋଗୀଙ୍କୁ ପୋଷଣ ସାମଗ୍ରୀ ବାଣ୍ଟିଲେ ଗୃହମନ୍ତ୍ରୀ

**ଅସ୍ତରଙ୍ଗ,୨୦।୧୨(ଅସ୍ତରଙ୍ଗ)**

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ 'ଟିବି ହାରେଗା ଦେଶ ଜିତେଗା' ମିଶନ ଆରମ୍ଭ ହୋଇଛି। ଏଥିରେ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ଉନ୍ନତ ମାନର ଚିକିତ୍ସା ସହିତ ଦେୟମୁକ୍ତ ଔଷଧରେ ରୋଗ ନିରାକରଣ ବ୍ୟବସ୍ଥା ରହିଛି। ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ କରାଯିବ ବୋଲି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ ପୁରୀ ଜିଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ରୋଗୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ, ଅସ୍ତରଙ୍ଗ ଅଞ୍ଚଳରେ ଯକ୍ଷ୍ମାରେ ପୀଡ଼ିତ ଥିବା ୨୦ ଜଣ ରୋଗୀ ସରକାରଙ୍କ ଔପଚାରିକ ଦ୍ୱାରା ସୁସ୍ଥ ହୋଇଥିବା ଜଣାପଡିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ 'ଟିବି ହାରେଗା ଦେଶ ଜିତେଗା' କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ୨୦ ଜଣ ଯକ୍ଷ୍ମାମୁକ୍ତ ରୋଗୀଙ୍କୁ ସାକ୍ଷାତ୍ କରି ପୋଷଣ ଜାତୀୟ ସାମଗ୍ରୀ ବାଣ୍ଟିଥିଲେ। ମନ୍ତ୍ରୀ ବେହେରା ସେମାନଙ୍କ ସ୍ୱାସ୍ଥ୍ୟଗତ ବିଷୟରେ ପଚାରି ବୁଝିଥିବାବେଳେ ଭୟଭୀତ ନ ହୋଇ ନିୟମିତ ଔଷଧ ସେବନ ପାଇଁ କହିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନ ପରିଚାଳନା କରିଥିବାବେଳେ ପୂର୍ବତନ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପଞ୍ଚାନନ ସ୍ୱାଇଁ ଓ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଉପକନିଷ୍ଠ ରଗ୍‌ବୀ ଦଳରେ ପୁରୀର ୨ ଯୁବତୀ


ଗୁଜରାଟରେ ହେବାକୁ ଥିବାରଗ୍‌ବୀ ପ୍ରତିଯୋଗିତାରେ ଭାଗ ନେଇଥିବା ପୁରୀର ୨ ଯୁବତୀ ।

**ପୁରୀ ଅଫିସ,୨୦।୧୨**

ଜାତୀୟ ଉପକନିଷ୍ଠ ରଗ୍‌ବୀ ମହିଳା ପ୍ରତିଯୋଗିତାରେ ଓଡ଼ିଶା ଦଳରେ ଜିଲାର ୨ ଯୁବତୀ ସ୍ଥାନ ପାଇଛନ୍ତି। ଜଣେ ପ୍ରତିଯୋଗିତାରେ ପ୍ରତିଯୋଗୀ ଭାବରେ ସ୍ଥାନ ପାଇଥିବା ବେଳେ ଅନ୍ୟଜଣେ ଓଡ଼ିଶା ଦଳର କୋଚ୍ ଭାବେ ସ୍ଥାନ ପାଇଛନ୍ତି। ପ୍ରତିଯୋଗିତାରେ ପ୍ରତିଯୋଗୀ ଭାବେ ପୁରୀର ସସ୍ମିତା ଦାସ ସ୍ଥାନ ପାଇଛନ୍ତି। ଆସନ୍ତା ୨୧ ଓ ୨୨ତାରିଖ ପର୍ଯ୍ୟନ୍ତ ଗୁଜରାଟରେ ଆୟୋଜିତ ହେବାକୁ ଯାଉଥିବା ରଗ୍‌ବୀ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ଓଡ଼ିଶା ରଗ୍‌ବୀ ଦଳରେ ପୁରୀର ସୁଦ୍ଧା ସିନ୍ଧୁ ସାହୁ ମହିଳା ଦଳରେ କୋଚ୍ ଭାବେ ମନୋନୀତ ହୋଇଛନ୍ତି। ଏହି ୨ଜଣ ମଙ୍ଗଳବାର ଗୁଜରାଟ ଯାତ୍ରା କରିଛନ୍ତି। ଏହି ୨ଜଣ ମହିଳା ଝାଡ଼େଶ୍ୱରୀ କ୍ଲବର ଖେଳ ପଡ଼ିଆରେ ଅଭ୍ୟାସ କରନ୍ତି। ଏହି ୨ଜଣ ଖେଳାଳିଙ୍କୁ ଝାଡ଼େଶ୍ୱରୀ କ୍ଲବର ସମ୍ପାଦକ ପାର୍ଥସାରଥି ମହାପାତ୍ର, ସଞ୍ଜୟ ତ୍ରିପାଠୀ ଓ ଜିତେନ୍ଦ୍ରନାଥ ଦାସ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ନିକଟରେ ଦୁଇଜଣଙ୍କ ଭବିଷ୍ୟତର ସଫଳତା ପାଇଁ ପ୍ରାର୍ଥନା କରିଛନ୍ତି।

## ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞଙ୍କ ଚାଷ ଜମି ପରିଦର୍ଶନ

**ବଳଙ୍ଗା,୨୦।୧୨(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥ ଅନ୍ତଃରାଷ୍ଟ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞମାନେ ଧନୁଆ ନଦୀ ଅବବାହିକା ବଳଙ୍ଗା ଅଞ୍ଚଳରେ ଉନ୍ନତ କିସମ ବିହନରେ ଶୀତଦିନିଆ ଚାଷ ପାଇଁ ମଙ୍ଗଳବାର ପ୍ରାରମ୍ଭିକ ପରିଦର୍ଶନ କରିଛନ୍ତି। ଗତ ସେପ୍ଟେମ୍ବରରେ ଉକ୍ତ ସଂସ୍ଥା ଦ୍ୱାରା ବଣ୍ଟନ କରାଯାଇଥିବା ସ୍ୱାଧାଭିମ୍ ଓ ଅଙ୍କିତ ଉନ୍ନତ କିସମ ଧାନ ବିହନର ମାତ୍ରାଧିକ ଆମଦାନୀ ମଧ୍ୟ ଅନୁଭବ କରିଥିଲେ। କୋଠକୁସାଙ୍ଗ, ବକ୍ସ, ନିନିଗା, ବାମନାଳ, ରାମରଙ୍ଗରେ ଉକ୍ତ ବିହନର ସଫଳତାକୁ ଆଧାର କରି ବୁଦ୍ଧିଜୀବୀଙ୍କୁ ରବିଋତୁରେ ପୁନଃ ସହାୟତା କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ରାଜ୍ୟ ସଂଯୋଜକ ମୁକୁନ୍ଦ ବରିଆର, ବିହନ ବିଶେଷଜ୍ଞ ମୋସରାଫ ହୁସେନ, ଧାନଚାଷ ବିଶେଷଜ୍ଞ ପ୍ରୀତି ଭାରତୀ, ହିସାବ ପ୍ରବନ୍ଧକ ସନ୍ତୋଷ ରାୟଙ୍କ ସମେତ କୃଷି ଗବେଷଣା ଓ ବିକାଶ ଅଧିକାରୀ ଗିରିଜା ପ୍ରସାଦ ସ୍ୱାଇଁ, ଦିଲୀପ ରାଉତ, ଶକ୍ତିପ୍ରସାଦ ନାୟକ ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ସ୍ଥାନୀୟ ଲକ୍ଷ୍ମୀନୃସିଂହ ବନ ସଶକ୍ତୀକରଣ ସଂଗଠନ ସମ୍ପାଦିକା ଗୌରୀପ୍ରିୟା ମହାପାତ୍ର, ସହ ସମ୍ପାଦିକା ଅକ୍ଷୟ ପାତ୍ର, ସଭ୍ୟ ଅକ୍ଷୟ ମହାପାତ୍ର, ବୁଦ୍ଧିଜୀବୀ ବିଜୟ ସିଂ ପରିଦର୍ଶକଙ୍କୁ ମାର୍ଗଦର୍ଶନ କରାଇଥିଲେ। ଆଗାମୀ କିଛି ବର୍ଷ ପାଇଁ ଉକ୍ତ ସଂସ୍ଥା ବନ୍ୟା ପ୍ରଭାବିତ ଅଞ୍ଚଳରେ ଧନୁଆ ଉପକୂଳବର୍ତ୍ତୀ ଅଞ୍ଚଳରେ କୃଷି ସହାୟତା ପ୍ରଦାନ କରିବାର ଯୋଜନା ପ୍ରସ୍ତୁତ ହେଉଛି।


ଭୁବନେଶ୍ୱରର ବିଶେଷଜ୍ଞମାନେ ବଳଙ୍ଗାର କ୍ଷେତ ପରିଦର୍ଶନ କରୁଛନ୍ତି ।

## ରଘୁରାଜପୁରରେ ଇନ୍ଦ୍ରଧନୁ ଉତ୍ସବ ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୨୦।୧୨(ଡି.ଏନ୍.ଏ.)**

ପୁରୀ ଜିଲାର ଐତିହ୍ୟ ଗ୍ରାମ ରଘୁରାଜପୁରରେ ୪ଦିନ ବ୍ୟାପୀ ନୃତ୍ୟ ସଙ୍ଗୀତ ଓ ଲୋକନୃତ୍ୟ ସମାରୋହ ଜାତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ୬ଷ୍ଠ ଇନ୍ଦ୍ରଧନୁ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମା' ଭୁଆସୁଣୀ ମଣ୍ଡପରେ ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ଏବଂ ସିଏମ୍‌ଡିବି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରସ୍ତରଶିଳ୍ପୀ ପଦ୍ମବିଭୂଷଣ ଗୁରୁ ସୁଦର୍ଶନ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶୀନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ନିରଞ୍ଜନ ପାତ୍ର, ମାଳତିପାଟପୁର ସରପଞ୍ଚ ମହେନ୍ଦ୍ର ମହାପାତ୍ର ଓ ସମିତି ସଭ୍ୟ ପ୍ରମୋଦ କୁମାର ମହାରଣା, ଅନୁଷ୍ଠାନ ସଭାପତି ଯୋଗେନ୍ଦ୍ର ନାଥ ସ୍ୱାଇଁ, ଉପସଭାପତି ପ୍ରହ୍ଲାଦ ସାମନ୍ତରାୟ, ସିଏମଡିବି ଟ୍ରଷ୍ଟ ସଭାପତି ରାଜେଶ କୁମାର ସାହୁ, ସମ୍ପାଦିକା ଚନ୍ଦ୍ରମଣି ଦେଇ, ଗ୍ରାମ ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି, ଲକ୍ଷ୍ମଣ ମହାରଣା ଓ ସୁରେନ୍ଦ୍ର ମହାରଣା ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଆଡ୍‌ଭୋକେଟ ଅଞ୍ଜନ ହୋତା ସଂଯୋଜନା କରିଥିବା ବେଳେ ବସନ୍ତ କୁମାର ମହାରଣା ପରିଚାଳନା କରିଥିଲେ। ଗୋଟିପୁଅ ନୃତ୍ୟଗୁରୁ ସ୍ମୃତି ସମ୍ମାନରେ ପଦ୍ମବିଭୂଷଣ ଗୁରୁ ସୁଦର୍ଶନ ସାହୁ, ମର୍ଦ୍ଦଳଗୁରୁ ବନମାଳୀ ମହାରଣା ସ୍ମୃତି ସମ୍ମାନରେ ଗୁରୁ ନିରଞ୍ଜନ ପାତ୍ର ଓ ଇନ୍ଦ୍ରଧନୁ-୨୦୨୨ ସମ୍ମାନରେ ଗୁରୁ ଗୋବିନ୍ଦଚନ୍ଦ୍ର ପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର କଳାକାରମାନେ ଘଣ୍ଟ, ମର୍ଦ୍ଦଳ ସହିତ ଗୋଟିପୁଅ ନୃତ୍ୟର ତାଳେତାଳେ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କ ପହଣ୍ଡି ବିଜେ ପରିବେଷଣ କରିଥିଲେ। ରାଉରକେଲାର କୋମଳ ଗାନ୍ଧାର ଗ୍ରୁପ ମିଳିତ ବଂଶୀବାଦନ କରିଥିଲେ। ସେହିପରି ଯାଜପୁର ବ୍ୟାସଶ୍ରୀ କଳାନିକେତନର ନୃତ୍ୟଶିଳ୍ପୀମାନେ ରାଗ ବସନ୍ତ ପଲ୍ଲବି, ଓଡ଼ିଆର ବାରମାସକୁ ନେଇ ବାରମାସୀ, ଶ୍ରୀମନ୍ଦିର ଓଡ଼ିଶୀନୃତ୍ୟ ସହ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ।



ରଘୁରାଜପୁରରେ ମଙ୍ଗଳବାର ଇନ୍ଦ୍ରଧନୁ ଉତ୍ସବ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

## ସଂକ୍ଷେପରେ

### କୋର୍ଟଙ୍କ ନିର୍ଦ୍ଦେଶ ପରେ ପୋଲିସ ଖାଲି କଲା ହଷ୍ଟେଲ

**ଘର ମାଲିକ-ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବିବାଦ**

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ):** ଶହୀଦନଗର ଥାନା ଭବାନି ମଲ୍ ନିକଟସ୍ଥ ହଷ୍ଟେଲକୁ ଭୁବନେଶ୍ୱର ସିଭିଲ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଖାଲି କରିବାକୁ ନେଇ ମଙ୍ଗଳବାର ଅସନ୍ତୋଷ ପ୍ରକାଶ ପାଇଥିଲା। ପୋଲିସ ଆସବାବପତ୍ରକୁ ବାହାର କରିଦେବା ପରେ ଛାତ୍ରୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ହଷ୍ଟେଲ କର୍ତ୍ତୃପକ୍ଷ ଭଡ଼ା ବାବଦକୁ ନେଇଥିବା ଟଙ୍କାକୁ ସମସ୍ତ ଛାତ୍ରୀଙ୍କୁ ଫେରସ୍ତ କରିବା ପରେ ୩୫ରୁ ଅଧିକ ଛାତ୍ରୀ ଘରକୁ ଫେରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଘର ମାଲିକ ସ୍ୱର୍ଗତ ଉମାକାନ୍ତ ଦାସଙ୍କଠାରୁ ଅନୁସୟା ସାହୁ ୨୦୦୮ରେ ଘରଭଡ଼ା ନେଇ ହଷ୍ଟେଲ ଚଳାଉଥିଲେ। ଉମାକାନ୍ତଙ୍କ ଦେହାନ୍ତ ପରେ ଘରଭଡ଼ା ଟଙ୍କା ନ ମିଳିବାରୁ ୨୦୧୮ରେ ପୁଅ ଅଖିଳେଶ କୋର୍ଟରେ ମାମଲା କରିଥିଲେ। ହଷ୍ଟେଲ ଖାଲି କରିବାକୁ କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଳମ୍ବ ହେବାରୁ ପୋଲିସକୁ ହଷ୍ଟେଲ ଖାଲି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଅନୁସୟା ଛାତ୍ରୀମାନଙ୍କ ପାଖରୁ ଆଗୁଆ ଟଙ୍କା ନେଇଯାଇଥିବାରୁ ସେମାନେ ହଷ୍ଟେଲ ଛାଡ଼ିବାକୁ ରାଜି ହେଉ ନ ଥିଲେ।

### ଚନ୍ଦକା ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ

**ବାରଙ୍ଗ,୨୦।୧୨(ଡି.ଏନ୍.ଏ.):** ଚନ୍ଦକା ଥାନାରେ ନବନିଯୁକ୍ତ ପୋଲିସ ନିରୀକ୍ଷକ ରାଧାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ମୋ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏହି ଥାନା ଅଧୀନରେ ଥିବା ୮ଟି ଗ୍ରାମପଞ୍ଚାୟତର ଲୋକପ୍ରତିନିଧି, ଗ୍ରାମ ମୁଖିଆ ଓ ଆଗଧାଡିର ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଜନପ୍ରତିନିଧିମାନେ ନବନିଯୁକ୍ତ ଥାନାଧିକାରୀ ରାଧାକାନ୍ତ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏଥିରେ ସାଧାରଣ ଜନତା ଓ ପୋଲିସ ମିଳିତ ସହଯୋଗରେ ସମସ୍ତ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବ ବୋଲି ମତପ୍ରକାଶ କରିଥିଲେ। ଦାରୁଠେଙ୍ଗ, ଚନ୍ଦକା, ଅନ୍ଧାରୁଆ, କଣ୍ଟାବାଡ଼, ମଳିପଡା, ଛତାବର, ମେଣ୍ଢାଶାଳ ଓ ପାଇକରାପୁର ଆଦି ପଞ୍ଚାୟତର ମୁରବିମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପରେ ଦୃଷ୍ଟିଆକର୍ଷଣ କରିଥିଲେ। ବିଶେଷକରି ନିଶା ନିବାରଣ, ଅଧିକ ବେଗରେ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ କରିବା, ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ଓ ବରିଷ୍ଠ ନାଗରିକମାନଙ୍କୁ ତତ୍କାଳୀନ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାଧାରଣ ଲୋକଙ୍କ ପାଇଁ ମୋ ପୋଲିସ କାର୍ଯ୍ୟ କରିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି।

### ୨୩ରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମହା ଆନ୍ଦୋଳନ

- ସମସ୍ତ ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ ଚେତାବନୀ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ଦୁଇ ଦଫା ଦାବି ନେଇ ନୂତନ ପେନ୍ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ୯ ଦିନ ଧରି ଆନ୍ଦୋଳନ ଚଳାଇଛନ୍ତି। ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଆସନ୍ତା ୨୨ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୨୩ରେ ଭୁବନେଶ୍ୱରରେ ମହାଆନ୍ଦୋଳନ କରାଯିବ। ଉକ୍ତ ଦିନ ସବୁ ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ୬ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରି ସହିତ ଯୋଗ କରିବା, କେନ୍ଦ୍ରୀୟ ହାରରେ ୬ଟି ବର୍ଦ୍ଧିତ ଦରମା ଦେବା ଏବଂ ୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତପ୍ରାପ୍ତ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ଦାବି ନେଇ ସଂଘ ପକ୍ଷରୁ ରାଜଧାନୀରେ ଆନ୍ଦୋଳନ ଜାରି ରହିଛି। ସରକାରଙ୍କ ପ୍ରତିନିଧି ସମସ୍ତ ଦାବି ପୂରଣ କରିବେ ବୋଲି ମୌଖିକ ଭାବେ ଆଶ୍ୱାସନା ଦେଉଥିବାବେଳେ ଲିଖିତ ପ୍ରତିଶ୍ରୁତି ଦେବାକୁ ଅମଙ୍ଗ ହେଉଛନ୍ତି। ଦାବି ପୂରଣ ନିମନ୍ତେ ସରକାର ଦୁର୍ବଳ ମାନସିକତା ଅବଲମ୍ବନ କରୁଛନ୍ତି ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ସରକାର ଶିକ୍ଷକଙ୍କ ଦାବିକୁ ହେଜ୍ଞାନ କରୁଛନ୍ତି। ତେଣୁ ଅସନ୍ତୋଷର ନିଆଁ ଦିନକୁ ଦିନ ବଢିଚାଲିଛି। ଏହାର ପରିଣାମ ଆସନ୍ତା ୨୩ ତାରିଖରେ ସରକାର ଦେଖିବେ ବୋଲି ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ହାନି ପହଞ୍ଚାଉଥିବା ସଂଘର ମହାସଚିବ ବିଶ୍ୱଜିତ୍ ବିଶ୍ୱାଳ ଏବଂ ଆବାହକ ନିରୋଦ ରଥ କହିଛନ୍ତି।

# ଖୋଲିଲାନି ଟେଣ୍ଡର, ମହିଳା ଗୋଷ୍ଠୀ ନିରାଶ

- ଏସ୍ଏଚ୍ଜିଙ୍କୁ ୱାର୍ଡ ଅଫିସ ପରିଚାଳନା ଦାୟିତ୍ୱ
- ଅସନ୍ତୋଷ ପ୍ରକାଶ କଲେ କର୍ପୋରେଟର

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ରେ କର୍ପୋରେଟର ଏବଂ ଅଧିକାରୀଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ବିଏମ୍ସିରେ କ'ଣ ନୂଆ ଯୋଜନା ହେଉଛି, କି ପଦକ୍ଷେପ ନିଆଯାଉଛି ସେ ବିଷୟରେ କର୍ପୋରେଟରମାନଙ୍କୁ ଅଗତ କରାଯାଉନାହିଁ। ଅଧିକାରୀମାନେ ମନଇଚ୍ଛା କାମ କରୁଛନ୍ତି। ଯାହାକୁ ନେଇ କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। କର୍ପୋରେଟରଙ୍କ ପାଖକୁ ଫାଇଲ୍ ନ ଆସି ବିଭିନ୍ନ ଯୋଜନା କରାଯାଉଥିବାରୁ ପୂର୍ବରୁ ମଧ୍ୟ କର୍ପୋରେଟରମାନେ ବିରୋଧ କରିଥିଲେ। ଏବେ ପୁଣି ସେଭଳି ସ୍ଥିତି ଉପୁଜିଛି। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ଗୁଡ଼ିକ ଏଣିକି ୱାର୍ଡ ଅଫିସ ଚଳାଇବେ। ଏଥିପାଇଁ ବିଏମ୍ସି ଯୋଗ୍ୟ ବିବେଚିତ ଗୋଷ୍ଠୀଙ୍କୁ ଚୟନ କରିବ। ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଗୋଷ୍ଠୀ ଚୟନ କରିବାକୁ ଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଟେଣ୍ଡର ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଏନେଇ କର୍ପୋରେଶନରେ କୌଣସି ବୈଠକ ହୋଇ ନ ଥିବାବେଳେ ଗତ ୨ଦିନ ତଳେ କର୍ପୋରେଟରମାନେ ଜାଣିଥିଲେ। ମଙ୍ଗଳବାର କର୍ପୋରେଟରମାନେ ଏନେଇ ମେୟରଙ୍କୁ ଅଭିଯୋଗ କରିଥିଲେ। କର୍ପୋରେଟରଙ୍କୁ ନ ଜଣାଇ ସେମାନଙ୍କ ୱାର୍ଡରେ ୱାର୍ଡ ଅଫିସର ଦାୟିତ୍ୱ କେମିତି କାହାକୁ ଦିଆଯିବ ବୋଲି ପ୍ରଶ୍ନ କରିଥିଲେ। ସେହିପରି ୱାର୍ଡ ଅଫିସର ପରିଚାଳନାଠାରୁ ଆରମ୍ଭ କରି ଚାବି ପର୍ଯ୍ୟନ୍ତ ସବୁକିଛି ଏସ୍ଏଚ୍ଜିଙ୍କ ଦାୟିତ୍ୱରେ ରହିଲେ କର୍ପୋରେଟରମାନଙ୍କର କିଛି କାର୍ଯ୍ୟ ରହିବ ନାହିଁ। ଅଭିଯୋଗ ପରେ ଏ ନେଇ ଆଲୋଚନା କରାଯିବ ବୋଲି ମେୟର ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଅପରପକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ଟେଣ୍ଡର ଖୋଲାଯିବା ନେଇ ଏସ୍ଏଚ୍ଜି ମହିଳା ଗୋଷ୍ଠୀଙ୍କୁ ସୂଚନା ଦିଆଯାଇଥିବାରୁ ସେମାନେ ନିର୍ଦ୍ଧାରିତ ସମୟରେ ବିଏମ୍ସି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମାତ୍ର କିଛି ଜରୁରୀ କାରଣ ପାଇଁ ଟେଣ୍ଡର ଖୋଲିବା କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା, ଯାହାକୁ ନେଇ ମହିଳାଗୋଷ୍ଠୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ନିର୍ଦ୍ଧାରିତ ସମୟରେ ସମସ୍ତ ୱାର୍ଡର ଏସ୍ଏଚ୍ଜି ଟେଣ୍ଡର ପକାଯାଇ ନ ଥିବା ମେୟର କହିଥିବା ଗ୍ରୁପ୍‌ର ଜଣେ ସଦସ୍ୟ କହିଛନ୍ତି। ସବୁକିଛି ଠିକ୍‌ଠାକ୍ ଥିଲା, ତେବେ ହଠାତ୍ କାର୍ଯ୍ୟକ୍ରମ ବାତିଲ କରାଯିବା ପଛରେ କିଛି ଅଲଗା କାରଣ ରହିଛି ବୋଲି ଗୋଷ୍ଠୀର ସଦସ୍ୟମାନେ କହିଛନ୍ତି।

ସୂଚନାଯୋଗ୍ୟ, ମହିଳାମାନେ ୱାର୍ଡ ଅଫିସ ପରିଚାଳନା କରିବେ ବୋଲି ନିଷ୍ପତ୍ତି ହୋଇଛି। ଏମାନେ କର୍ମଚାରୀଙ୍କ ଉପରେ ନଜର ରଖିବା ସହ କିଏ କ'ଣ କାମ କରୁଛନ୍ତି ସେ ନେଇ ବିବରଣୀ ପ୍ରସ୍ତୁତ କରିବେ। କାମରେ ଖିଲାପ କରୁଥିବା ଅଧିକାରୀଙ୍କ ବିଷୟରେ ବିଏମ୍ସିରେ ସୂଚନା ଦେବେ। ପ୍ରତି ୱାର୍ଡ ଅଫିସରେ ୫ଜଣ ସଦସ୍ୟ ରହିବା ସହ ସେମାନଙ୍କ ମଧ୍ୟରୁ ଜଣେ ୱାର୍ଡ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇବେ। ୱାର୍ଡର ଚାବି ସମ୍ପୃକ୍ତ ୱାର୍ଡ ସଂଯୋଜକଙ୍କ ପାଖରେ ରହିବ। ସେମାନେ ୱାର୍ଡ ଅଫିସରଙ୍କୁ ତାଙ୍କ କାର୍ଯ୍ୟରେ ସହଯୋଗ କରିବେ। ଏହି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ୧ ବର୍ଷ ପାଇଁ ବିଏମ୍ସି ଚୁକ୍ତି କରିବ।



'ଆଜାଦୀ କା ଅମୃତ ମହୋତ୍ସବ'ରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# 'ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ କ୍ରୀଡ଼ା'

**ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲର ପ୍ରତିଷ୍ଠା ଦିବସ ପାଳିତ**

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ଡ. ବିଜୟ କୁମାର ସାହୁଙ୍କ ସ୍ମୃତିରେ ପଞ୍ଚମ ପ୍ରତିଷ୍ଠାତା ଦିବସ ମଙ୍ଗଳବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। 'ଆଜାଦି କା ଅମୃତ ମହୋତ୍ସବ' ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମ ଆୟୋଜନ ସହ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲର ବାର୍ଷିକ ଆଥିଲେଟିକ୍ ମିଟ୍ ଆୟୋଜିତ ହୋଇଥିଲା। ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ପ୍ରଥମ ଦିନ ଆଥିଲେଟିକ୍ ମିଟ୍‌ରେ ମୁଖ୍ୟ ଅତିଥି ଭାବେ ସିଆଇଏସ୍ଏଫ୍‌ର ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ମାମୁନ୍ ଉର୍ ରସିଦ୍ ଯୋଗଦେଇ କହିଥିଲେ, ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ କ୍ରୀଡ଼ା ଏବଂ ଛାତ୍ର ଜୀବନର ସଫଳତାରେ କ୍ରୀଡ଼ା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ସନ୍ଧ୍ୟାର ସାଂସ୍କୃତିକ ଅଧିବେଶନରେ 'ଆଲାଦିନ୍' ବିଷୟବସ୍ତୁ ରହିଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା। 'ଆଜାଦି କା ଅମୃତ ମହୋତ୍ସବ'ରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଥିଲେ, ଛାତ୍ରୀଛାତ୍ରଙ୍କୁ ୩୬୦ ଡିଗ୍ରୀ ସାମଗ୍ରିକ ବିକାଶରେ ଅଗ୍ରସର କରାଇବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ସାମ୍ନାକୁ ଆଣି ସେମାନଙ୍କୁ ଦକ୍ଷ ଲିଡର ଭାବେ ଗଢ଼ି ଏକ ନୂତନ ଭାରତ ଗଠନ କରିବା ଆମର ମୂଳ ଉଦ୍ଦେଶ୍ୟ। ଆମର ଛାତ୍ରୀଛାତ୍ରମାନେ ଶିକ୍ଷା ହେଉ ବା କ୍ରୀଡ଼ା ସବୁକ୍ଷେତ୍ରରେ ସେମାନଙ୍କର ଉତ୍କର୍ଷତା ଜାରି ରଖିଛନ୍ତି। ଶେଷରେ ଛାତ୍ରୀଛାତ୍ରଙ୍କୁ ଏକାଡେମିକ୍ ପୁରସ୍କାର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ଉପସ୍ଥିତ ଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ସଂଘ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ଶିକ୍ଷକ ଭବନରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ବ୍ଲକ, ଜିଲ୍ଲା, ରାଜ୍ୟ ଓ ରାଜ୍ୟସ୍ତରୀୟ ନେତୃବୃନ୍ଦମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ପାଇଁ ସରକାରଙ୍କୁ ପୁନର୍ବିଚାର କରିବାକୁ ଅନୁରୋଧ କରାଯାଇଛି। ମହାବାତ୍ୟା ପରେ ରାଜ୍ୟର ଆର୍ଥିକ ବ୍ୟବସ୍ଥା ସ୍ୱଚ୍ଛଳ ନ ଥିବାରୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ତେବେ ନିକଟରେ ଏହି ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଉଚ୍ଛେଦ ଘୋଷଣା କରାଯାଇଥିଲା। ସେ ସମୟରେ କନିଷ୍ଠ ଶିକ୍ଷକ ଅତି ସ୍ୱଳ୍ପ ଦରମାରେ କାର୍ଯ୍ୟକରି ରାଜ୍ୟର ରାଜକୋଷକୁ ସମୃଦ୍ଧ କରିଥିବାବେଳେ ଏହି ଘୋଷଣାରୁ ବାଦ ପଡ଼ିବା ଦୁଃଖଦାୟକ ବୋଲି ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ଉପଦେଷ୍ଟା ଶ୍ରୀକାନ୍ତ ବାରିକ କହିଛନ୍ତି। ଦାବି ନେଇ ପୂର୍ବରୁ ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା ହୋଇଥିଲା। କନିଷ୍ଠ ଶିକ୍ଷକମାନେ ଡିଇଏଲଇଡି, ବିଇଡି ତଥା ଓଟିଇଟି ଚୟନମୂଳକ ପରୀକ୍ଷା ଦେଇ ନିଯୁକ୍ତି ପାଇଛନ୍ତି। ବର୍ତ୍ତମାନ ଚୁକ୍ତିଭିତ୍ତିକ ଭାବେ କାର୍ଯ୍ୟ କରୁଥିବା କନିଷ୍ଠ ଶିକ୍ଷକ ଯାହାକି ସରକାରଙ୍କ ଓଆରଭି ୧୯୭୫ ଆକ୍ଟ ଏବଂ ସ୍ଥାୟୀ ପଦବୀରେ ନିଯୁକ୍ତି ପାଇଛନ୍ତି। ସମସ୍ତ ତଥ୍ୟ ପ୍ରଦାନ ପରେ ଶାସନ ସଚିବ ୨୦୧୬ ବିଜ୍ଞପ୍ତି ଅନୁସାରେ ନିଯୁକ୍ତି ପାଇଥିବା ବର୍ତ୍ତମାନ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ଖୁବ୍ କମ ଦିନରେ ରେଗୁଲାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଏ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଥିବା ସଂଘର ସଭାପତି ଅକ୍ଷୟ କୁମାର ପାଢୀ ଓ ସମ୍ପାଦକ ନେତ୍ରାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ପ୍ରାଚୀ ସମ୍ମାନ




ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ପ୍ରାଚୀ ସମ୍ମାନ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ପ୍ରାଚୀ ସଙ୍ଗୀତ ସାଂସ୍କୃତିକ ପରିଷଦ ଦ୍ୱାରା ପ୍ରଥମ ପ୍ରାଚୀ ସଙ୍ଗୀତ ଉତ୍ସବ-୨୦୨୨ ମଙ୍ଗଳବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଓ ବାଦ୍ୟବାଣୀ ଗୁରୁକୁଳର ନିର୍ଦ୍ଦେଶକ ଧନେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। କଣ୍ଠଶିଳ୍ପୀ ପଣ୍ଡିତ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ 'ପ୍ରାଚୀ ସମ୍ମାନ ୨୦୨୨' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପରିଷଦ ଦ୍ୱାରା ସରସ୍ୱତୀ ବନ୍ଦନା ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ପଦ, ସାରସ୍ୱତ, ରାକେଶ, ଲିଟୁ, ଶ୍ରୀଧର, ଖ୍ରୀଷ୍ଟଫର୍, ବିଜୟ, ସଙ୍ଗୀତା, ଜୟଶ୍ରୀ, ଅମ୍ବିକା, ଅଭୀପ୍ସା, ଅନନ୍ୟା, ଚନ୍ଦ୍ରକାନ୍ତି, ଶ୍ରଦ୍ଧାଞ୍ଜଳି, ସୁଜାତା ଏବଂ ସୁଚିସ୍ମିତା ଏଥିରେ ଅଂଶଗ୍ରହଣ କରିଥିଲେ। ଗୁରୁ ଡ. ବିଜୟ କୁମାର ଜେନାଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ ପରିବେଷଣ ହୋଇଥିଲା। ପରେ ବାଦ୍ୟବାଣୀ ଗୁରୁକୁଳର ଛାତ୍ରମାନେ ମର୍ଦ୍ଦଳ ବାଦନ କରିଥିଲେ। ପରିଷଦର ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଗୁରୁ ଡ.ସଚ୍ଚିକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପକ୍ଷରୁ ଚୟନ ନେଇ ଅଭିଯୋଗ

**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ୨୦୨୧-୨୦୨୨ ବର୍ଷ ପାଇଁ ପ୍ରଦତ୍ତ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ କ୍ଷେତ୍ରରେ ଅବହେଳା ନେଇ ମଙ୍ଗଳବାର ବୁଦ୍ଧ ମନ୍ଦିରରେ ଆୟୋଜିତ ଏକ ସମ୍ମିଳନୀରେ ଦାବି କରାଯାଇଛି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିଷଦ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ କୁହାଯାଇଛି, ଏହି ବର୍ଷ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୁରସ୍କାର ପ୍ରଦାନରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ କ୍ଷେତ୍ରରେ ନିୟମ ବହିର୍ଭୁତ କାର୍ଯ୍ୟ କରାଯାଇ ଜଣେ ନିକୃଷ୍ଟ ସଙ୍ଗୀତ ବିଦ୍ୟାର୍ଥୀ ଏବଂ ଆଉ ଜଣେ ପ୍ରତିଷ୍ଠିତ କଳାକାରଙ୍କୁ ପ୍ରଦାନ କରାଯାଇଛି। ତେଣୁ ଏହାକୁ ବିରୋଧ କରିବା ସହ ପ୍ରାର୍ଥୀ ଚୟନରେ ବିଶେଷଜ୍ଞ ଚୟନ କମିଟି ସରକାର ନିର୍ଦ୍ଧାରିତ କରି ସମାଧାନ କରିବାକୁ ଦାବି ହେଉଛି। ସମ୍ମିଳନୀରେ ଦେବେନ୍ଦର ନାରାୟଣ ଶତପଥୀ, ଡ. ଚିତ୍ତରଞ୍ଜନ ପାଣି, ବିଜୟାନନ୍ଦ ନାୟକ, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ମିଶିଲେ ୭ ସ୍ୱାଧୀନ କର୍ପୋରେଟର



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସ୍ୱାଧୀନ କର୍ପୋରେଟରଙ୍କ ଯୋଗଦାନ।

**ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)**

ବିଏମ୍ସିର ୭ଜଣ ସ୍ୱାଧୀନ କର୍ପୋରେଟର ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି। ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ୯ ନଂ. ୱାର୍ଡର ସୁଷମା ସାହୁ, ୩୭ନଂ. ର କର୍ପୋରେଟର ବନ୍ଦିତା ପାଲ, ୨୪ ନଂ.ର ଦୀପକ କୁମାର ସାହୁ, ୪୬ ନଂ.ର ପୁଷ୍ପା ରାଉତ, ୬୦ ନଂ.ର ଚନ୍ଦ୍ରଶେଖର ମଲିଆ, ୧୩ ନଂ.ର ଇତିଶ୍ରୀ ଦାସ ଏବଂ ୫୮ ନଂ.ର ନମିତା ମହାପାତ୍ର ବିଜେଡିରେ ମିଶିଛନ୍ତି। ସମସ୍ତେ ମିଳିମିଶି ଭୁବନେଶ୍ୱରକୁ ଅଧିକ ସୁନ୍ଦର କରିବା ସହ ଏକ ମନ ଓ ଏକ ପ୍ରାଣ ହୋଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ମିଶ୍ରଣ ପର୍ବରେ ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ଥିଲେ। ବିଏମ୍ସି ନିର୍ବାଚନର ପ୍ରାୟ ୮ ମାସ ପରେ ଏହି ସ୍ୱାଧୀନ କର୍ପୋରେଟରମାନେ ବିଜେଡିରେ ସାମିଲ ହୋଇଛନ୍ତି। ପୂର୍ବରୁ ବିଏମ୍ସିରେ ବିଜେଡିର ୪୮ଜଣ କର୍ପୋରେଟର ଥିବାବେଳେ ଏବେ ଏମାନଙ୍କ ସଂଖ୍ୟା ୫୫କୁ ଛୁଇଁଛି। ସମ୍ପୃକ୍ତ ୭ଜଣ କର୍ପୋରେଟରଙ୍କ ମଧ୍ୟରୁ ଅଧିକାଂଶ ବିଜେଡିରୁ ଟିକେଟ ନ ପାଇବାରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ।



ଭୁବନେଶ୍ୱର ନେକ୍ସସ ଏସ୍‌ପ୍ଲାନେଡ୍ ମଲ୍ ପରିସରରେ ଏକ ୪୦ ଫୁଟ୍ ଉଚ୍ଚର ଖ୍ରୀଷ୍ଟମାସ୍ ଟ୍ରି ଉନ୍ମୋଚନ ଅବସରରେ ସେଣ୍ଟର ନିର୍ଦ୍ଦେଶକ ପାର୍ଥ ପ୍ରତିମ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# କାର୍ଯ୍ୟ ସମୀକ୍ଷା କଲେ ଏନ୍ଏମ୍ଏ ଅଧ୍ୟକ୍ଷ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

- ପ୍ରଶାସନିକ କାର୍ଯ୍ୟାଳୟ ଉଚ୍ଚତା ବଢ଼ାଇବା ପାଇଁ ଅନୁରୋଧ
- ପ୍ରଭାବିତ ମଠର ପୁନରୁଦ୍ଧାର ପାଇଁ ମଠାଧୀଶ ସହ ବୈଠକ

**ପୁରୀ ଅଫିସ,୨୦।୧୨**

ଜାତୀୟ ପ୍ରାଧୀକରଣ କର୍ତ୍ତୃପକ୍ଷ (ଏନ୍ଏମ୍ଏ) ଅଧ୍ୟକ୍ଷ ଭାବେ କିଶୋର କେ ବାସା ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ମଙ୍ଗଳବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଏନ୍ଏମ୍ଏର ଟିମ୍ ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ମଙ୍ଗୁମଠ ପାର୍ଶ୍ୱ ନିର୍ମାଣ ଓ ୫୫ ମିଟରରେ ଥିବା ପ୍ରାଚୀର ନିର୍ମାଣସ୍ଥଳକୁ ଯାଇ କାର୍ଯ୍ୟ ଯାଞ୍ଚ କରିଛନ୍ତି। ଏହାପରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ଓ ଏମାରମଠ ପାର୍ଶ୍ୱ ଅଭ୍ୟର୍ଥନା କକ୍ଷ ନିର୍ମାଣସ୍ଥଳ ବୁଲି ଦେଖିଛନ୍ତି। ଏନ୍ଏମ୍ଏ ମ୍ୟାଣ୍ଡେଟ୍ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବିଚାରକୁ ନେବା ସହ ସମୀକ୍ଷା ରିପୋର୍ଟକୁ ଆଧାର କରି ଦିଲ୍ଲୀ ଅଥୋରିଟି ନିଷ୍ପତ୍ତି ନେବ ବୋଲି ଏନ୍ଏମ୍ଏ ଅଧ୍ୟକ୍ଷ ବାସା ପ୍ରତିକ୍ରିୟା ରଖିଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ୧୦୦ ମିଟର ଭିତରେ ଓ ବାହାରେ ଥିବା ୩୪ଟି ମଠର ପୁନରୁଦ୍ଧାର ଓ ପୁନଃ ନିର୍ମାଣ ପାଇଁ ମଠ ମହନ୍ତଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ମଙ୍ଗଳବାର ପୂର୍ବାହ୍ନରେ ଏନ୍ଏମ୍ଏ ଅଧ୍ୟକ୍ଷ ବାସା ପୁରୀରେ ପହଞ୍ଚିଥିବା ବେଳେ ଶ୍ରୀମନ୍ଦିର ନିକଟରେ ଜିଲାପାଳ ସମର୍ଥ ବର୍ମା ଏବଂ ପରିଚାଳନା କମିଟି ସଦସ୍ୟମାନେ ସ୍ୱାଗତ କରିଥିଲେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ସେ ଖୁସିବ୍ୟକ୍ତ କରିଥିଲେ। ପରେ ତାଙ୍କ ନେତୃତ୍ୱରେ ଏନ୍ଏମ୍ଏ ଟିମ୍ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଏନ୍ଏମ୍ଏ ଦେଇଥିବା ନିର୍ଦ୍ଦେଶର ଅନୁପାଳନ ହୋଇଛି କି ନାହିଁ, କିଭଳି ହୋଇଛି, କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ଟିମ୍। ଏନ୍ଏମ୍ଏ ଅଧ୍ୟକ୍ଷ ବାସା ନିଷିଦ୍ଧାଞ୍ଚଳରେ ନିର୍ମାଣ ହୋଇଥିବା ଶୌଚାଳୟ, କ୍ଲକରୁମ୍, ମିନିକ୍ଲକ୍ ରୁମ୍, ଶେଲ୍ଟର ପାଭିଲିଅନ୍ ଓ ଇଲେକ୍ଟ୍ରିକାଲ ରୁମ୍ ଆଦି ବୁଲି ଦେଖିଥିଲେ। ସେହିପରି ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ ୧୦୦ମିଟର ବାହାରେ ରିସେପସନ୍ ସେଣ୍ଟର ନିର୍ମାଣ ପାଇଁ ଏନ୍ଏମ୍ଏ ଏନ୍ଓସି ଦେଇଥିଲେ ହେଁ ତାହା କେଉଁ ସ୍ଥାନରେ ହେବ ସେନେଇ ପ୍ରଶାସନ ପକ୍ଷରୁ ଏନ୍ଏମଏ ଅଧ୍ୟକ୍ଷଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପାଇଁ ଏନ୍ଏମ୍ଏ ସାଢ଼େ ୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ ପାଇଁ ସାନି ଡିପିଆର ଦାଖଲ ପାଇଁ ଦେଇଥିବା ବେଳେ ୧୩ ମିଟରକୁ ବୃଦ୍ଧି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ରିଭ୍ୟୁ ପାଇଁ ଆବେଦନ କରିଥିଲେ। ଅନ୍ୟପଟେ ଶ୍ରୀମନ୍ଦିର ଦକ୍ଷିଣପୂର୍ବ କୋଣରେ ଏମାରମଠ ପାର୍ଶ୍ୱରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କକ୍ଷ ପାଇଁ ୧୦୦.୫ ମିଟର ବାହାରେ ନିର୍ମାଣ ଲାଗି ସାନି ଡିପିଆର ଆବେଦନ ପାଇଁ ଅନୁମତି ଦେଇଥିଲେ ଏନ୍ଏମ୍ଏ। ଉଭୟ ନିର୍ମାଣ ପାଇଁ ପୃଥକ ସାନି ଡିପିଆର ଆବେଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବିବାଦରେ ଥିବା ମଙ୍ଗୁ ମଠ ପାର୍ଶ୍ୱରେ ଚାଲିଥିବା ନିର୍ମାଣ ଏବଂ ୫୫ମିଟର ପରେ ନିର୍ମିତ ହେଉଥିବା ପ୍ରାଚୀର ସ୍ଥାନରେ ମଧ୍ୟ ସ୍ଥିତି ଅନୁଧ୍ୟାନ କରିଛି ଏନ୍ଏମ୍ଏ ଟିମ୍। ପରିଦର୍ଶନ ସମୟରେ ଏହି ଟିମ୍ ସହ ଜିଲାପାଳ ଓ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକଳ୍ପ ପରିଦର୍ଶନ ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀଙ୍କ ସହ ବୈଠକ ହୋଇଥିଲା। ପରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ମଠର ମଠାଧୀସଙ୍କ ସହ ଦ୍ୱିତୀୟ ବୈଠକ ହୋଇଥିଲା। ବୈଠକରେ ଏନ୍ଏମ୍ଏର ଅଧିକାରୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ଉଚ୍ଛେଦ ହୋଇଥିବା ମଠର ମହନ୍ତ, ଓବିସିସି ଓ ଟାଟା ଅଧିକାରୀମାନେ ଉପସ୍ଥିତ ଥିଲେ।



ଏନ୍ଏମ୍ଏ ଅଧ୍ୟକ୍ଷ କିଶୋର କେ ବାସା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### କୂଅରୁ ମୃତଦେହ ଜବତ
#### ମହୋତ୍ସବ ଦେଖି ସମ୍ପର୍କୀୟଙ୍କ ଘରେ ଥିଲେ

ଖୋର୍ଦ୍ଧା ଅଫିସ,୨୦।୧୨: ଖୋର୍ଦ୍ଧା ମହୋତ୍ସବ ଦେଖିବାକୁ ସ୍ୱାମୀଙ୍କ ସହ ଆସିଥିଲେ। ହେଲେ ଫେରିବା ବେଳକୁ ସ୍ୱାମୀଙ୍କ ମୃତଦେହ ଧରି ସ୍ତ୍ରୀ ଘରକୁ ଫେରିଥିଲେ। ମୃତକ ହେଲେ ପୁରୀ ଚନ୍ଦନପୁର ବାରଗୋଡିଆ ଗ୍ରାମର ଭାସ୍କର ଭୋଇ। ଏଭଳି ଦୁଃଖଦ ଘଟଣା ଘଟିଛି ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ। ପୋଲିସ ସୂଚନା ମୁତାବକ, ଭାସ୍କର ସ୍ତ୍ରୀ ସଞ୍ଜୁକ୍ତାଙ୍କ ସହ ଖୋର୍ଦ୍ଧା ମହୋତ୍ସବକୁ ଆସିଥିଲେ। ରାତି ଅଧିକ ହେବାରୁ ଘରକୁ ଯାଇ ନ ପାରି ସହର ଉପକଣ୍ଠ ତୋଟାପଡାଠାରେ ରହୁଥିବା ବନ୍ଧୁଙ୍କ ଭଡ଼ାଘରେ ରହିଥିଲେ। କୌଣସି କାରଣରୁ ରାତିରେ ଭାସ୍କର ବାରିପଟକୁ ଯାଇଥିବାବେଳେ କୂଅରେ ଖସି ପଡିଥିଲେ। ସକାଳେ ସଞ୍ଜୁକ୍ତା ଏବଂ ଅନ୍ୟମାନେ ଖୋଜାଖୋଜି କରିବା ବେଳେ ଭାସ୍କର କୂଅରେ ଭାସୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### କବିତା ପାଠୋତ୍ସବ

ଖୋର୍ଦ୍ଧା ଅଫିସ,୨୦।୧୨: ଖୋର୍ଦ୍ଧା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ଖୋରଧା ସାହିତ୍ୟ ସଂସଦ ଓ ଆମରି ସତ୍ୟ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଏକ କବିତା ପାଠୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସମେତ ଜଟଣୀ, ବେଗୁନିଆ, ପୁରୀ ଅଞ୍ଚଳରୁ ଆସିଥିବା କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସାହିତ୍ୟ ସଂସଦର ସଭାପତି ପ୍ରାଧାପକ ଗୋପାଳକୃଷ୍ଣ ଦାସ ଓ ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସଂଯୋଜନାରେ ଆୟୋଜିତ ଏହି କବିତା ପାଠୋତ୍ସବରେ ଡ.ଦିଲୀପ କୁମାର ଶ୍ରୀଚନ୍ଦନ, କବି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବଂଶୀଧର ଦାସ, ନାରାୟଣ ଦାସ, ସନ୍ୟାସୀ ନାଏକ, ଶରତ କୁମାର ଚଉଁରୀ, ଆରତୀ ମଞ୍ଜରୀ ଦାଶ, ଡ.ଚପଳା ପଣ୍ଡା, ଗୋବିନ୍ଦ ଚନ୍ଦ୍ର ମହାରଣା, ଅଧାପିକା ସୌଦାମିନୀ ବେହେରା, ପଦ୍ମଲୋଚନ ସାହୁ, ବାସୁଦେବ ସାହୁ, ଜ୍ୟୋତିପ୍ରଭା ପଟ୍ଟନାୟକ, ବାସନ୍ତୀ ଦେଇ, ଆଦି ନାରାୟଣ ଖଣ୍ଡୁଆଳ, ରଶ୍ମିତା ନାଏକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

### ୭ ବସ୍ତା ଭାଙ୍ଗ ଜବତ, ୨ ମହିଳା ଗିରଫ

ଜଟଣୀ,୨୦।୧୨(ଡି.ଏନ୍.ଏ.): ଖୋର୍ଦ୍ଧାରୋଡ ରେଳମଣ୍ଡଳ ରେଳ ସୁରକ୍ଷାବଳ ୭ବସ୍ତା ଭାଙ୍ଗ ଜବତ କରିବା ସହ ଦୁଇ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ରାଜ୍ୟ ବେଗୁସରାଇ ଜିଲାର ଯାମିନୀ ଦେବୀ ଏବଂ ନିଲମ ପୋଦାର। ଜବତ ଭାଙ୍ଗ ୨ଶହ କେଜି ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ମହିଳାଦ୍ୱୟ ବିହାର ବାରୋଣିରୁ ପୁରୀ ପର୍ଯ୍ୟନ୍ତ ଜୟନଗର ପୁରୀ ଏକ୍ସପ୍ରେସ ଟ୍ରେନରେ ଆସୁଥିଲେ। ଖୋର୍ଦ୍ଧାରୋଡ (ଜଟଣୀ) ରେଳ ଷ୍ଟେଶନ ପ୍ରବେଶ ପୂର୍ବରୁ ରେଳ ୟାର୍ଡ଼ଠାରେ ଟ୍ରେନରୁ ୭ବସ୍ତା ଭାଙ୍ଗକୁ ଫୋପାଡ଼ି ଦେଇଥିଲେ। ରେଳ ସୁରକ୍ଷାବଳ ପାଟ୍ରୋଲିଂ ଦଳ ଦେଖି ବସ୍ତା ଜବତ କରିବା ସହିତ ଦୁଇ ମହିଳାଙ୍କୁ ଗିରଫ କରିଥିଲା। ପରେ ଖୋର୍ଦ୍ଧା ଅବକାରୀ ବିଭାଗର ଜିମା ଦେଇଥିଲେ। ଏନେଇ ଦୁଇଟି ମାମଲା ରୁଜୁ ହୋଇଛି।

# ଆଜିଠୁ ଚିଲିକାରେ ଡଲ୍‌ଫିନ୍ ଗଣନା

## ସାମିଲ ହେବେ ୧୪୦ ପ୍ରଶିକ୍ଷଣକାରୀ

ବାଲୁଗାଁ,୨୦।୧୨(ଡି.ଏନ୍.ଏ.)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ମିଳିତ ଆନୁକୂଲ୍ୟରେ ବୁଧବାରଠାରୁ ୩ ଦିନ ବ୍ୟାପୀ ସମଗ୍ର ଚିଲିକାରେ ଇରାୱାଡ଼ି ପ୍ରଜାତିର ଡଲଫିନ ଗଣନା କରାଯିବ। ଏଥିପାଇଁ ବିଭାଗୀୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ବାଲୁଗାଁ ଚିଲିକା କୂଳ ସ୍ଥିତ ବନ୍ୟପ୍ରାଣୀ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଗଣନାକାରୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଗୁରୁଦୀପ ରସ୍ତୋଗୀ, ପ୍ରଦୀପ୍ତ ରଞ୍ଜନ ମୁଦୁଲି, ବିନୋଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଡଲଫିନ୍ ଗଣନା ଦିଗରେ ତାଲିମ୍ ପ୍ରଦାନ କରିଥିଲେ। ୧୯୧୫ମସିହାରେ ଚିଲିକାରେ ପ୍ରଥମ କରି ଏହି ଇରାୱାଡ଼ି ପ୍ରଜାତିର ଡଲଫିନ୍‌କୁ ଚିହ୍ନଟ କରାଯାଇଥିଲା। ଉକ୍ତ ସମୟରୁ ଅଦ୍ୟାବଧି ଚିଲିକାରେ ଡଲଫିନ୍ ୧୬୦ରୁ ଊର୍ଦ୍ଧ୍ୱ ଦୃଷ୍ଟିଗୋଚର ହୋଇଥିବା ବିଗତ ବର୍ଷ ଗଣନାରୁ ଜଣାପଡ଼ିଛି। ଏହି ଗଣନା ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀ ଅର୍ଥାତ୍ ଚିଲିକାର ଯେଉଁ ଅଞ୍ଚଳରେ ଡଲ୍‌ଫିନ୍ ଦୃଷ୍ଟିଗୋଚର ହୋଇଥାନ୍ତି, ସେଠାରେ ଗଣନାକାରୀଙ୍କ ଡ଼ଙ୍ଗା ଏକ ସରଳରେଖା ଦେଇ ଗତି କରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡଲଫିନ୍ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଓ ଜିପିଏସ ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଗଣନା ପାଇଁ ସମଗ୍ର ଚିଲିକାକୁ ୪ଟି ସେକ୍ଟର ମଧ୍ୟ, ଉତ୍ତର, ଦକ୍ଷିଣ ଏବଂ ବାହ୍ୟ ଚିଲିକା ଅଞ୍ଚଳ ଭାବେ ବିଭକ୍ତ କରାଯାଇଛି। ଭୋର ୬ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଏହି ଗଣନା ଜାରି ରହିବ। ଡଲଫିନ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ମହିସା, ବଡ଼ଗୋଠ, ସିପକୁଦା ଚିଲିକାରେ ୮ଟି ଟିମ୍ ଏବଂ ବାଲୁଗାଁ ଠାରୁ କାଳିଜାଇ, କୃଷ୍ଣପ୍ରସାଦ, ପାରିକୁଦ, ନଳବଣ, ବାଲିନାସି, ଦେଇପୁରୁ, ବରୁଣପଡ଼ା, ରମ୍ଭା ଆଦି ଅଞ୍ଚଳରେ ୧୦ଟି ଟିମ୍ ଗଣନା କରିବେ। ମୋଟ ୧୪୦ଜଣ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ପ୍ରତ୍ୟେକ ଟିମ୍‌କୁ ଗୋଟିଏ ଲେଖାଏ ଡଙ୍ଗା ଏବଂ ଆବଶ୍ୟକ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି। ଗତ ବର୍ଷ ୧୬୨ଟି ଡଲଫିନ୍ ଚିହ୍ନଟ ହୋଇଥିଲେ। ତେବେ ଇତି ମଧ୍ୟରେ ବିଭିନ୍ନ କାରଣରୁ ବହୁ ଡଲଫିନ୍ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗତ କିଛି ବର୍ଷ ହେବ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ ଏହି ପ୍ରଜାତିର ଡଲଫିନ ସୁରକ୍ଷା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସଜାଗ ନ ହେଲେ ଆଗାମୀ କିଛି ବର୍ଷ ମଧ୍ୟରେ ଡଲଫିନ୍ ଚିଲିକାରୁ ବିଲୁପ୍ତ ହେବା ଏଡ଼ାଇ ଦିଆଯାଇନପାରେ।


ଡଲ୍‌ଫିନ୍ ଗଣନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି।

# ସଙ୍ଗଠନ ସୁଦୃଢ଼ କରିବା ପାଇଁ ଆହ୍ୱାନ


ପରିବର୍ଦ୍ଧିତ କାର୍ଯ୍ୟ ସମିତି ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀମାନେ।

ଗମ୍ଭାରୀମୁଣ୍ଡା,୨୦।୧୨(ଡି.ଏନ୍.ଏ.)

ବାଣପୁର ଭାଜପା ନଗର ମଣ୍ଡଳ ପକ୍ଷରୁ ମଙ୍ଗଳବାର ପରିବର୍ଦ୍ଧିତ କାର୍ଯ୍ୟ ସମିତି ବୈଠକ ସ୍ଥାନୀୟ ଉତ୍ତରାୟିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ ପାତ୍ର ଯୋଗଦେଇ ସଙ୍ଗଠନକୁ କିପରି ଆହୁରି ସୁଦୃଢ଼ କରାଯିବ ସେ ନେଇ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ହରିଚନ୍ଦନ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ମା’ ଭଗବତୀ ମନ୍ଦିର ଓ ବାଣପୁରର ଉନ୍ନତି ପାଇଁ ପ୍ରସ୍ତୁତ ବ୍ଲୁପ୍ରିଣ୍ଟକୁ ପ୍ରଶାସନ ଜନସଭା ମାଧ୍ୟମରେ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଯଦି ବିଚ୍ୟୁତି ହୁଏ, ଆଗାମୀ ଦିନରେ ଭାଜପା ଆନ୍ଦୋଳନର ପନ୍ଥା ଗ୍ରହଣ କରିବାକୁ ପଛାଇବା ନାହିଁ ବୋଲି କହିଥିଲେ। ସେହିପରି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ୫ଟି ମନ୍ତ୍ର ଦେଇଥିଲେ ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ର। ଏହି ସଭାରେ ଜିଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ଭାଜପା ନଗର ମଣ୍ଡଳ ସଭାପତି ଭଗବାନ ପ୍ରଧାନ, ପୁରୀ ଲୋକ ସଭା ଭାଜପା ପ୍ରଭାରୀ ଅମିୟ ଦାସ, ସଂଯୋଜକ ଶଙ୍କର ପରିଡ଼ା, ଚିଲିକା ବିଧାନସଭା ପ୍ରଭାରୀ ରତିକାନ୍ତ ପରିଡ଼ା, ଏନ୍‌ଏସିର ସମସ୍ତ ନିର୍ବାଚିତ ଭାଜପା କାଉନସିଲର, ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ବିପୁଳ ଭୋଟରେ ଜିତାଇବା ପାଇଁ ସଙ୍କଳ୍ପ ନେଇଥିଲେ।



ଖୋର୍ଦ୍ଧା: ହାବେଳି ପଡ଼ିଆରେ ଅନୁଷ୍ଠିତ ଖୋର୍ଦ୍ଧା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ।

# ୯ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

## ମହିଳାଙ୍କ ସମେତ ୪ ଗିରଫ

ଖୋର୍ଦ୍ଧା ଅଫିସ,୨୦।୧୨

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ପୋଲିସ, ଅବକାରୀ, ଏସ୍‌ଟିଏଫ୍ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାରେ ବ୍ରାଉନସୁଗାର ପହଞ୍ଚିବା ପରେ ଏଠାରୁ ବେପାରୀଙ୍କ ନିକଟକୁ ପଠାଯାଉଛି। ଏହି କାରବାରରେ ମହିଳା, ଯୁବପୀଢ଼ି ଓ ଛାତ୍ରଙ୍କ ସମ୍ପୃକ୍ତି ରହିଥିବା ନଜିର ରହିଛି। ସ୍ୱଳ୍ପ ସମୟରେ ଅଧିକ ରୋଜଗାର ଲାଳସାରେ ଏହି କାରବାରରେ ଲିପ୍ତ ରହୁଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ଅବକାରୀ ଟାଉନ ଥାନା ଅନ୍ତର୍ଗତ ବଧା ଶବରସାହିରେ ଅବକାରୀ ପୋଲିସ ଚଢ଼ାଉ କରି ୭୮ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳା ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୁକାନ୍ତି ମହାନ୍ତି(୩୫)। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୭ଲକ୍ଷ ୮୦ହଜାର ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନଡିପିଏସ ଆକ୍ଟ ୨୧(ବି)ରେ ଏକ ମାମଲା(ନଂ.୬୫/୨୨) ରୁଜୁ ହୋଇଛି। ଅବକାରୀ ଇନ୍‌ସ୍ପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ(ମୋବାଇଲ ୟୁନିଟ) ବି.ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଏକ୍କା ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

ସେହିପରି ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗୁରୁଜଙ୍ଗ ଅଞ୍ଚଳରେ ଚଢ଼ାଉ କରି ୧୧ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଜଙ୍ଗ ନନ୍ଦସାହିର ମନମୋହନ ସାହୁ(୩୨), ଦ୍ୱାରିକା ନଗରର ସୁମନ୍ତ ବାରିକ(୨୫) ଏବଂ ଗୁରୁଜଙ୍ଗ ମେଳଣପଡିଆର ରାଜେଶ ଦାସ (୨୯)। ଏନେଇ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା(ନଂ.୬୮୭/୨୨)ରୁଜୁ ହୋଇଛି। ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗୁରୁଜଙ୍ଗ ନନ୍ଦସାହିର ଜଣଙ୍କ ଘରେ ବ୍ରାଉନସୁଗର ଡିଲ୍ ହେଉଥିବା ଖବର ପାଇ ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲା। ପୋଲିସ ଦେଖି ଖସିଯିବାକୁ ଉଦ୍ୟମ ବେଳେ ମାଡ଼ି ବସିଥିଲା।

# ପାଣି ବୋହି ପରିବାର ଚଳାଉଛନ୍ତି ମନମୋହନ

- ଦୈନିକ ୮ଶହ ଲିଟର ଯୋଗାଉଛନ୍ତି
- ପେସା ଦେଇଛି ପରିଚୟ

ଖୋର୍ଦ୍ଧା ଅଫିସ,୨୦।୧୨

ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ଼ ହେବ। ଏଥିପାଇଁ ରାଜ୍ୟ ସରକାର ନିକଟରେ ଓଡ଼ିଶା କନକ୍ଲେଭ ଆୟୋଜନ କରିଥିଲେ। ତେବେ ରାଜ୍ୟରେ ଏମିତି ବି ପରିବାର ଅଛନ୍ତି ଯେଉଁମାନେ ଦିନରାତି ପରିଶ୍ରମ କରି ଦୁଇଓଳି ଖାଇବା ପାଇଁ ଯୋଗାଡ଼ କରୁଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ଏମାନଙ୍କ ପାଇଁ ସ୍ୱପ୍ନ। ଖଟିଲେ ଏମାନଙ୍କ ପରିବାର ଚଳେ। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ମନମୋହନ ସେନାପତି। ବୟସ ୪୫ ଟପିଲାଣି। ମା’ବାପା, ସ୍ତ୍ରୀ ଓ ଝିଅପୁଅଙ୍କୁ ନେଇ ତାଙ୍କ ପରିବାର। ନିଜ ଘର କଟକ ଜିଲା ବାଙ୍କୀ ତୁଳସୀପୁର ଅଞ୍ଚଳରେ ହୋଇଥିବା ବେଳେ ଗତ କିଛି ବର୍ଷ ହେବ ପରିବାର ସହ ଖୋର୍ଦ୍ଧାକୁ ଆସି ସ୍ଥାନୀୟ ତଳସାହିରେ ଭଡାରେ ରହୁଛନ୍ତି। ସେ ଦୈନିକ ୩୦ରୁ ୪୦ ଦୋକାନକୁ ପ୍ଲାଷ୍ଟିକ ଜାରରେ ପାଣି ଭର୍ତ୍ତି କରି ଲୁନାରେ ପହଞ୍ଚାଇ ରୋଜଗାର କରିଥାନ୍ତି। ବ୍ୟସ୍ତବହୁଳ ଜୀବନରେ ସେ କେବେ ଥକି ପଡିନାହାନ୍ତି କିମ୍ବା ପଛକୁ ଫେରି ଚାହିଁ ନାହାନ୍ତି ବୋଲି ମନମୋହନ କହିଛନ୍ତି। ସେ ଆହୁରି କହିଛନ୍ତି, ଆର୍ଥିକ ଅନଟନରୁ ଅଧିକ ପାଠପଢିପାରିଲି ନାହିଁ। ଯୁବାବସ୍ଥାରେ ପରିବାର ଚଳାଇବା ପାଇଁ ବାହାର ରାଜ୍ୟକୁ ଯାଇଥିଲି। ପରେ ବୃଦ୍ଧ ମା’ବାପାଙ୍କ ସେବା ଲାଗି ଘରକୁ ପଳାଇ ଆସିଲି। ପରିବାର ପୋଷଣ ପାଇଁ କାମ ଅନ୍ୱେଷଣରେ ଖୋର୍ଦ୍ଧାକୁ ଆସିଥିଲି। କାହା ପାଖରେ କାମ କରିବା ପରିବର୍ତ୍ତେ ଦୋକାନମାନଙ୍କୁ ପାଣି ଯୋଗାଇବା ଲାଗି ମନସ୍ଥ କରି ଆରମ୍ଭ କରିଥିଲି। ଏହାରି ମଧ୍ୟରେ ୧୦ବର୍ଷ ବିତିଗଲାଣି। ସେତେବେଳେ ପ୍ଲାଷ୍ଟିକ ଜାର ପିଛା ୫ଟଙ୍କା ନେଉଥିଲି। ଏବେ ୧୦ଟଙ୍କା ନେଉଛି। ଦୈନିକ ପ୍ରାୟ ୭ଶହରୁ ୮ଶହ ଲିଟର ପାଣି ଦୋକାନୀମାନଙ୍କୁ ଯୋଗାଉଥିବା କହିଛନ୍ତି। ସରକାରୀ ଯୋଜନା ପାଇବା ପାଇଁ ପ୍ରଶାସନିକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡିବାକୁ ପଡିବ। ସମୟ ନ ଥିବାରୁ ଯୋଜନା ପାଇବାରୁ ବଞ୍ଚିତ। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। କାମରେ ଛୋଟବଡ ନାହିଁ। ଦୋକାନରେ ପାଣି ପହଞ୍ଚାଇ ଦେଲେ ମାଲିକମାନେ ଖୁସି ହେଉଛନ୍ତି। ହସଖୁସିରେ ଦିନ କଟିଯାଉଛି। ଅବସର ସମୟରେ ପରିବାର ଏବଂ ଠାକୁରଙ୍କ ପୂଜାପାଠରେ ସମୟ ବିତିଯାଉଛି ବୋଲି ମନମୋହନ କହିଛନ୍ତି।


ମନମୋହନ ସେନାପତି

### ୨୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଜଟଣୀ,୨୦।୧୨(ଡି.ଏନ୍.ଏ.)

ଜଟଣୀ ପ୍ରେସ କ୍ଲବ ଏବଂ ଟ୍ରିନିଟି ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ବିଶିଆପଡାସ୍ଥିତ ପ୍ରିମିୟର ସ୍କୁଲ ଅଫ ନର୍ସିଂ ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ଉପଦେଷ୍ଟା ହେମନ୍ତ ସୁନ୍ଦରାୟ, ପ୍ରିମିୟର ନର୍ସିଂ ସ୍କୁଲର ଅଧ୍ୟକ୍ଷ ପ୍ରତାପ କିଶୋର ପାତ୍ର. ଡା.ରାକେଶ କଲେତ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ୨୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଡା.ରାକେଶ କଲେତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବ ସଭାପତି ଇସ୍ମାଇଲ ଅଲ୍ଲୀ, ହୃଦାନନ୍ଦ କୋଦମାସିଂହ, ରଙ୍ଗନାଥ ବେହେରା, ରବୀନ୍ଦ୍ର ମହାକୁଡ଼, ଶୁଭେନ୍ଦ୍ର ଶତପଥୀ, ଅମରେଶ ରାଉତରାୟ, ସଞ୍ଜୀବ କୁମାର, ଧୀରେନ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

#### ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସନ୍‌ସାଇନ୍ କ୍ଲବ ବିଜୟୀ

ବୋଲଗଡ଼,୨୦।୧୨(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ୍ ସ୍ଥାନୀୟ ଟାଙ୍ଗୀ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାରବାଟିର ବାବା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ଓ ହାଟବସ୍ତର ସନସାଇନ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବାବା ବାଲୁଙ୍କେଶ୍ୱର କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୨.୩ ଓଭର ରେ ସମସ୍ତ ଉଇକେଟ ବିନିମୟରେ ୪୫ରନ ସଂଗ୍ରହ କରିଥିଲା। ଜବାବରେ ସନସାଇନ କ୍ଲବ ୮.୧ ଓଭରରେ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ସ୍ଥାନୀୟ ଆଇଟିସିଟି କମ୍ପ୍ୟୁଟର ସେଣ୍ଟର ମୁଖ୍ୟ ବିଶ୍ୱରଞ୍ଜନ ପାତ୍ର, ସନାତନ ସାହୁ ଓ ରାକେଶ ଗୌଡ ଯୋଗଦେଇଥିଲେ। ଭଗବାନ ମଙ୍ଗରାଜ ଓ ପ୍ରଭାତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ।

# ଥ୍ରୀଶୁର ଫୁଟ୍‌ବଲ କ୍ଲବ ବିଜୟୀ

ଟାଙ୍ଗୀ (ଖୋର୍ଦ୍ଧା),୨୦।୧୨(ଡି.ଏନ୍.ଏ.)

କୁହୁଡି ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ କୋଲକାତା ସହିତ ଥ୍ରୀଶୁର ଫୁଟ୍‌ବଲ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧର ୩୨ ମିନିଟରେ ଥ୍ରୀଶୁର ଟିମର ମୁର୍ଶିଦ ଏକ ଗୋଲ୍ ଦେଇଥିଲେ। ୫୨ ମିନିଟରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଗୋଟିଏ ଗୋଲ ଦେବାରୁ ସ୍ଥିତି ସମାନ ହୋଇଥିଲା। ପରବର୍ତ୍ତୀ ସମୟରେ ଥ୍ରୀଶୁର ଟିମର ନୀତିନ ଏକ ଗୋଲ୍ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ୟୁନାଇଟେଡ୍ ସ୍ପୋର୍ଟର୍ସ କ୍ଲବ ଆଉ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ସୁବ୍ରତ ପୁରୋହିତ, ବିଜୟ ମଙ୍ଗରାଜ, ଶଶିକାନ୍ତ ଦାସିଆ, ଦିଲୀପ କୁମାର ରାଉତମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଅପର୍ତ୍ତି କୁମାର ବେହେରା। ଅତିଥିଭାବେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ ସୁମନ୍ତ ପଟ୍ଟନାୟକ, ଚାନ୍ଦପୁର ଅପସରା ଜୁଏଲାରିର ବିକ୍ରମ କେଶରୀ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ସଶସ୍ତ୍ର ସୀମା ବଳ ସିଲିଗୁଡି ସହିତ ମା’କାମାକ୍ଷା ଫୁଟବଲ କ୍ଲବ ବିହାର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ମନୋଜ ମାନସିଂହ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

# ଶିଶୁଙ୍କ ବିକାଶରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି

ଖୋର୍ଦ୍ଧା ଅଫିସ,୨୦।୧୨

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ) ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଶିଶୁ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଶିଶୁ ଶ୍ରମିକ, ଶିଶୁ ଭିକ୍ଷା ବୃତ୍ତି ରୋକିବା ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଖୋର୍ଦ୍ଧା ଜିଲାକୁ ସମ୍ପୂର୍ଣ୍ଣ ଭାବେ ବାଲ୍ୟ ବିବାହ ମୁକ୍ତ ଲାଗି ଜିଲାପାଳ ଆହ୍ୱାନ ଦେଇଥିଲେ। ଏଥିପ୍ରତି ଯତ୍ନବାନ ହେବା ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଗତ ୪ତାରିଖରେ ଜିଲାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡା.ରଘୁନାଥ ନାୟକ, ଡିଏସ୍‌ପି ଓମ୍‌ପ୍ରକାଶ ପାତ୍ର, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ସମାଜ ମଙ୍ଗଳ ଅଧାକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ, ନେହେରୁ ଯୁବ କେନ୍ଦ୍ରର ବିଶ୍ୱଜିତ୍ ରାଉତରାୟ, ଡିଏଲସି ପ୍ରଣବ ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୋତ୍ସ୍ନାମୟୀ ଆଚାର୍ଯ୍ୟ, ଦୀପକ ରଞ୍ଜନ ପଣ୍ଡା, ସ୍ୱାତି ତନୟା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଏଲପିଓ ସୌମେନ୍ଦ୍ର ନାୟକ, ରଞ୍ଜନ ଗୋଛାୟତ, ଅନୁପ ବେହେରା, ରୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର, ଅର୍ଚ୍ଚନା ରାୟ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟମାନେ।

### ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୦।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମଙ୍ଗଳବାର ବାଲ୍ୟ ବିବାହ ରୋକିବା ନେଇ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମହିଳା ଶିଶୁ ବିକାଶ ଅଧିକାରୀ ମନୋରମା ଦେବୀ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହ ପ୍ରଥାକୁ ସମାଜର ସବୁସ୍ତରରେ ବିରୋଧ କରିବା ସହ ଶିଶୁଙ୍କ ସୁରକ୍ଷା ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ନିମନ୍ତେ ଅଙ୍ଗନୱାଡ଼ି କର୍ମୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ ବୋଲି ସିଡିପିଓ କହିଥିଲେ। ପ୍ରତ୍ୟେକ ଅଙ୍ଗନୱାଡ଼ି କର୍ମୀ ନିଜ ନିଜ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମକୁ ବ୍ୟାପକ ପ୍ରସାର ଏବଂ ପ୍ରଚାର କରିବା ପାଇଁ ଶପଥ ପାଠ କରିଥିଲେ। ଚିଲିକା ନୂଆପଡ଼ା ଫାଣ୍ଡି ଅଧିକାରୀ ବଟ କିଶୋର ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜସ୍ୱ ସହାୟକ ପ୍ରଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**୫ ମୋବାଇଲ ଜବତ, ୨ ଗିରଫ**

କଟକ ଅଫିସ: ମୋବାଇଲ ଚୋରି ଅଭିଯୋଗରେ ବାଦାମବାଡ଼ି ପୋଲିସ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଲିଆର ତାପସ ବିଶ୍ୱାଳ ଓ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁସପାଲିର ରାଜେନ୍ଦ୍ର ଜେନା। ସେମାନଙ୍କଠାରୁ ୫ଟି ମୋବାଇଲ ଓ ୨୧୦୦ ଟଙ୍କା ଜବତ କରାଯାଇଛି। ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମଣ୍ଡାସାହିର ବିକାଶ ବସ୍ତିଆ ବରଗଡ଼ ଯିବା ନିମନ୍ତେ ସୋମବାର ରାତି ୯ଟାରେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ହେଲେ କିଛି ସମୟ ପରେ ତାଙ୍କ ମୋବାଇଲ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୮୪/୨୨) ରୁଜୁ କରିଛି।

## ସଂକ୍ଷେପରେ

### ଆଜିଠୁ ମଣ୍ଡିରୁ ଧାନ କିଣାଯିବ

**କଟକ ଅଫିସ,୨୦।୧୨:** କଟକ ଜିଲାର ମୋଟ ୧୮୩ ମଣ୍ଡିରୁ ବୁଧବାରଠାରୁ ଧାନ କିଣା ଆରମ୍ଭ ହେବ। ୮ଟି ପୁରୁଣା ମିଲର ଓ ଦୁଇଟି ନୂଆ ମିଲର ମାଧ୍ୟମରେ ଧାନ କିଣାଯିବ। ବର୍ତ୍ତମାନ ସୁଦ୍ଧା ମିଲର୍‌ମାନଙ୍କଠାରୁ ୪୦ କୋଟି ଟଙ୍କାର ସିକ୍ୟୁରିଟି ସଂଗ୍ରହ ହୋଇଛି। ବୁଧବାର ଆଠଗଡ଼ ଓ ବାଙ୍କୀ ସବ୍‌ଡିଭିଜନରେ ଧାନ କିଣା ହେବ। ଜାନୁୟାରୀ ୨ ତାରିଖରୁ ଅନ୍ୟ ସଦର ସବ୍‌ଡିଭିଜନରେ ଧାନ କିଣାଯିବ। ପ୍ରଥମ ପର୍ଯ୍ୟାୟରେ କଟକ ଜିଲାରେ ୧୩ ଲକ୍ଷ ୬୫ ହଜାର କୁଇଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ୧୩ ଲକ୍ଷ ୩୨ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଧାନ କିଣାଯିବା ପାଇଁ ମଣ୍ଡିକୁ ସଜାଗ ରଖାଯିବା ସହ ସମସ୍ତ ସରଞ୍ଜାମ ପଠାଯାଇଛି ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ଡ. ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି।

### ଧାର୍ଯ୍ୟ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

■ଅଗ୍ରଗତି କାର୍ଯ୍ୟ ତଦାରଖ କଲେ ସିଡିଏ ଅଧ୍ୟକ୍ଷ

■ଜାନୁୟାରୀ ୨୩ରେ ଉଦ୍‌ଘାଟନ ପାଇଁ ଉଦ୍ୟମ

**କଟକ ଅଫିସ, ୨୦।୧୨:** କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ମଙ୍ଗଳବାର ମଧ୍ୟାହ୍ନରେ ଖାନ୍‌ନଗରସ୍ଥିତ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ତଦାରଖ କରିଥିଲେ। ଏହି ସମୟରେ ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍ସନ୍ କର୍ପୋରେଶନ(ଓବିସିସି)ର ମୁଖ୍ୟଯନ୍ତ୍ରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସାମଲଙ୍କୁ ଅବଗତ କରାଇଥିଲେ। ପ୍ରାୟ ୯୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲାବେଳେ ବାକି କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ସାମଲ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ କାର୍ଯ୍ୟସ୍ଥଳରେ ଥିବା ଇଲେକ୍ଟ୍ରିକ ହାଇଭୋଲ୍‌ଟେଜ୍ ଲାଇନ୍ ସ୍ଥାନାନ୍ତର ହୋଇଥିଲାବେଳେ ତୁରନ୍ତ ଲ୍ୟାଣ୍ଡ୍ ସ୍କେପ୍ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ଏବେ ପାର୍କିଂସ୍ଥଳ କାର୍ଯ୍ୟ ଆପାତତଃ ଶେଷ ହୋଇଥିଲାବେଳେ ଫେଭର ଟାଇଲ ବିଛାଯିବା ପାଇଁ ବାଲି ଫିଲିଙ୍ଗ୍ ଆରମ୍ଭ ହୋଇଛି। ବିଶେଷକରି ବସ୍‌ଷ୍ଟାଣ୍ଡ ସମ୍ମୁଖ ଭାଗର ନକ୍ସା ପ୍ରସ୍ତୁତ କାମ କୋଲକତାର ଏକ ସଂସ୍ଥାକୁ ଦିଆଯାଇଛି। ଆଗାମୀ ଦିନରେ ଏହି କାର୍ଯ୍ୟ ସମାପନ କରାଯିବ। ୨୦୨୩ ଜାନୁୟାରୀ ୨୩ ତାରିଖରେ ଏହି ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ଅଧ୍ୟକ୍ଷ ସାମଲ କହିଛନ୍ତି। ଏହି ତଦାରଖ ସମୟରେ ଓବିସିସିର ବରିଷ୍ଠ ମୁଖ୍ୟ ପରିଚାଳକ ଦୁଃଖବନ୍ଧୁ ବେହେରା, ପରିଚାଳକ ଇଂ. ପ୍ରକାଶ ବେହେରା, ପ୍ରକଳ୍ପ ପରିଚାଳକ ଇଂ. ତାପସ କୁମାର ଦାସ, ପ୍ରକଳ୍ପ ଯନ୍ତ୍ରୀ ଆଶିଷ କୁମାର ଦାସ, ଇଂ. ସତ୍ୟଜିତ୍ ଦାସ ଓ ଇଂ. ନିଳକନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ୩୫ ହଜାର ଦର୍ଶକଙ୍କ ପାଇଁ ଷ୍ଟାଡିୟମରେ ବ୍ୟବସ୍ଥା

**ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମୀକ୍ଷା ବୈଠକ**

■ଭାରିଯାନ ପ୍ରବେଶ ଉପରେ କଟକଣା


ବୈଠକରେ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ଆର୍‌ଡିସି ଅନିଲ ସାମଲ, ମେୟର ସୁବାସ ସିଂ ଓ ଡିସିପି ପିନାକ ମିଶ୍ର।

**କଟକ ଅଫିସ,୨୦।୧୨**

ଆସନ୍ତା ଜାନୁୟାରୀ ୧୧ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବଲିଉଡ୍‌ର ଏକାଧିକ ସେଲିବ୍ରିଟି, ପ୍ରାୟ ୩୦୦୦ ଭିଭିଆଇପି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ୩୫ ହଜାର ଦର୍ଶକ ବସିବା ପାଇଁ ଷ୍ଟାଡିୟମରେ ବ୍ୟବସ୍ଥା କରାଯିବ। ରାଜ୍ୟ କ୍ରୀଡା ସଚିବ ଆର୍. ଭିନୀଲ୍ କ୍ରିଷ୍ଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମ୍ୟାଚ୍ ଆୟୋଜନଠାରୁ ଆରମ୍ଭ କରି ଦର୍ଶକ ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସଚିବ କ୍ରିଷ୍ଣାଙ୍କ ସୂଚନା ଅନୁଯାୟୀ, ଉଦ୍‌ଘାଟନୀ ଉତ୍ସବ ମହାସମାରୋହରେ ଆୟୋଜନ କରାଯିବ। ଟ୍ରାଫିକ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣଠାରୁ ଆରମ୍ଭ କରି ଅନ୍ୟ ଦିଗ ଉପରେ ଆଲୋଚନା କରାଯାଇଥିଲା। ସେହିପରି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ କହିଥିଲେ, ଏଥିପାଇଁ ଓସିଏ ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ ରହିବ। ଏଠାରେ ପୂର୍ବରୁ ଏଭଳି ବଡ଼ ଇଭେଣ୍ଟର ଆୟୋଜନ ହୋଇଛି। ଆଗାମୀ ଉଦ୍‌ଘାଟନୀ ଉତ୍ସବରେ ଯେପରି କୌଣସି ସମସ୍ୟା ନ ହେବ ସେଦିଗରେ ଦୃଷ୍ଟି ଦିଆଯିବ। ଏହା ପ୍ରାଥମିକ ପର୍ଯ୍ୟାୟର ବୈଠକ। ଆସନ୍ତା ୭ଦିନ ପରେ ପୁଣି ଥରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ବୈଠକ ହେବ ବୋଲି ସେ କହିଛନ୍ତି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ସହରର ରିଂବନ୍ଧର ସୌନ୍ଦର୍ଯ୍ୟକରଣ କରାଯାଉଛି। ଜାନୁୟାରୀ ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ସହର ଭିତରକୁ ଭାରିଯାନ ପ୍ରବେଶ ଉପରେ କଟକଣା ଲଗାଯିବ ବୋଲି ସେ କହିଥିଲେ। ଏହି ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ, ଚନ୍ଦ୍ରସାରଥି ବେହେରା, ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଡିସିପି ପିନାକ ମିଶ୍ର, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ମେୟର ସୁବାସ ସିଂ, ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କଟକ ଆସିବ ହକି ବିଶ୍ୱକପ୍ ଟ୍ରଫି

ହକି ବିଶ୍ୱକପ୍ ଟ୍ରଫିକୁ କଟକ ଅଣାଯିବାର କାର୍ଯ୍ୟକ୍ରମ ରହିଛି। ଜଗତ୍‌ସିଂହପୁର ଜିଲାରୁ ଉକ୍ତ ଟ୍ରଫିକୁ ଶୋଭାଯାତ୍ରାରେ ଅଣାଯିବ। କନ୍ଦରପୁର ବଜାର ନିକଟରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବ। ସେଠାରୁ ଟ୍ରଫିକୁ କଟକ ସହର ପରିକ୍ରମା କରାଯାଇ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌କୁ ନିଆଯିବ। ପରେ ଅପରାହ୍ନ ୩ଟାରୁ ବାରବାଟୀ ଷ୍ଟାଡିୟମ୍‌ର ଉଦ୍‌ଘାଟନୀ ଉତ୍ସବରେ ଟ୍ରଫି ପ୍ରଦର୍ଶିତ କରାଯିବ।

### ଅନ୍‌ଲାଇନରେ ବିକ୍ରି ହେବ ଟିକେଟ

ଉଦ୍‌ଘାଟନୀ ଉତ୍ସବ ପାଇଁ ଦର୍ଶକଙ୍କ ନିମନ୍ତେ କେବଳ ଅନ୍‌ଲାଇନ୍ ଟିକେଟ ବ୍ୟବସ୍ଥା କରାଯିବ। ହେଲେ କେବେଠାରୁ ଟିକେଟ୍ ବିକ୍ରି ହେବ ସେ ସମ୍ପର୍କରେ ସ୍ପଷ୍ଟ ହୋଇନାହିଁ। ସହରର ୧୦ଟି ସ୍ଥାନରେ ଉଦ୍‌ଘାଟନୀ ଉତ୍ସବର ଲାଇଭ ଟେଲିକାଷ୍ଟ ହେବ। ଏନେଇ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କହିଛନ୍ତି, ୯୯% ଟିକେଟ ଅନ୍‌ଲାଇନ୍‌ରେ ବିକ୍ରି ହେବ। କ୍ରୀଡା ବିଭାଗ ନିଷ୍ପତ୍ତି ନେଇ ଆମକୁ ଜଣାଇଲେ ଆଗାମୀ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଆକର୍ଷଣ ସାଜିବେ ବଲିଉଡ୍ ହିରୋ ରଣବୀର ସିଂ ଓ ଦିଶା ପଟାନି। ତେବେ ସେମାନେ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଖୁବ୍‌ଶୀଘ୍ର ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଏହାସହ ଅନେକ ବଲିଉଡ୍ କଳାକାର ମଧ୍ୟ କାର୍ଯ୍ୟକ୍ରମ ପରିବେଷଣ କରିବେ। ବିଭିନ୍ନ ଦେଶର ଖେଳାଳି, ଭିଆଇପି ଓ ଭିଭିଆଇପି ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

## କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି

**ସର୍ବଭାରତୀୟ ପୋଲିସ ଭଲିବଲ କ୍ଲଷ୍ଟର ପ୍ରତିଯୋଗିତା**

**କଟକ ଅଫିସ,୨୦।୧୨**

ଚଳିତବର୍ଷ ସର୍ବଭାରତୀୟ ପୋଲିସ ଭଲିବଲ କ୍ଲଷ୍ଟର ପ୍ରତିଯୋଗିତା ଯୋଗ ବିଭାଗରେ ପଦକ ଜିତିଥିବା ଓଡ଼ିଶା ପୋଲିସ ଯୋଗ ଟିମ୍‌ର ପ୍ରତିଯୋଗୀଙ୍କୁ ଡିଜିପି ସୁନୀଲ ବଂଶଲ ଅଭିନନ୍ଦନ ଜଣାଇଛନ୍ତି। ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ପ୍ରତିଯୋଗୀମାନେ ମଙ୍ଗଳବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପିଙ୍କୁ ସାକ୍ଷାତ କରିଥିଲେ। ଡିଜିପି କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଜାବର ଜଳନ୍ଧରଠାରେ ଡିସେମ୍ବର ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ୭୧ତମ ସର୍ବଭାରତୀୟ ପୋଲିସ ଭଲିବଲ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାର କଳାତ୍ମକ (ସିଙ୍ଗଲ) ପ୍ରତିଯୋଗିତାରେ ଏଏସ୍‌ଆଇ ଚନ୍ଦ୍ରକାନ୍ତ ବାରିକ, କଳାତ୍ମକ (ଗ୍ରୁପ)ରେ ଏଏସ୍‌ଆଇ ଚନ୍ଦ୍ରକାନ୍ତ ବାରିକ, ହୃଷୀକେଶ ନାୟକ, ଅମିୟ କୁମାର ପଟ୍ଟନାୟକ, ହାବିଲଦାର ରାମଚନ୍ଦ୍ର ମହାନ୍ତ, ସିପାହି ଦୀପ୍ତିରଞ୍ଜନ ମହାନ୍ତ ପ୍ରମୁଖ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି କଳାତ୍ମକ (ଯୋଡ଼ି)ରେ ଏଏସ୍‌ଆଇ ଚନ୍ଦ୍ରକାନ୍ତ ବାରିକ, ହାବିଲଦାର ରାମଚନ୍ଦ୍ର ମହାନ୍ତ ରୌପ୍ୟ ପଦକ ଜିତିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଆର. କେ. ଶର୍ମା, ସୁରେଶ ଚନ୍ଦ୍ର ଜେନା, ମ୍ୟାନେଜର ସ୍ୱଦେଶ କୁମାର ମହାନ୍ତି, ସ୍ପୋର୍ଟସ ବିଭାଗର ସେକ୍ସନ ଅଫିସର ମହମ୍ମଦ ସହିଦ ଜବାର ଉପସ୍ଥିତ ଥିଲେ।

# ପାଚେରି ଭଙ୍ଗାକୁ ବିରୋଧ, ଧାରଣା ଦେଲେ ଛାତ୍ରୀ


ପାଚେରି ଭଙ୍ଗାକୁ ବିରୋଧ କରି ଛାତ୍ରୀମାନେ କଲେଜ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି।

**କଟକ ଅଫିସ,୨୦।୧୨**

ନିଜ ସୁରକ୍ଷା ପାଇଁ କଟକ ଦରଘାପାଟଣା କୁସୁମଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସୋମବାର କଲେଜ ପଛପଟ ପାଚେରି ନିର୍ମାଣ କରିଥିଲେ। ହେଲେ ୨୪ ଘଣ୍ଟା ନ ପୂରୁଣୁ ଉକ୍ତ ପାଚେରି ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। କଲେଜ ଅଧ୍ୟକ୍ଷାଙ୍କୁ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଏଡିଏମ୍ ଶିବୋ ଟପୋ ପାଚେରି ଭାଙ୍ଗିବା ନେଇ ଚିଠି କରିବା ପରେ କଲେଜରେ ପୁଣି ଉତ୍ତେଜନା ଦେଖାଦେଇଛି। ପାଚେରି ଭଙ୍ଗାକୁ ବିରୋଧକରି ଛାତ୍ରୀମାନେ ମଙ୍ଗଳବାର କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। କଲେଜ ମୁଖ୍ୟ ଫାଟକରେ ତାଲା ପକାଇବା ସହ କାହାରିକୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଇ ନଥିଲେ।

କୁସୁମଦେବୀ ସତ୍‌ସଙ୍ଗ ମହିଳା ମହାବିଦ୍ୟାଳୟ ଖେଳପଡ଼ିଆ ପାଚେରିକୁ ନେଇ ପୂର୍ବରୁ ସ୍ଥାନୀୟ ବାସିନ୍ଦା ଓ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। କର୍ତ୍ତୃପକ୍ଷ ଛାତ୍ରୀଙ୍କ ସୁରକ୍ଷା ପାଇଁ ପାଚେରି ନିର୍ମାଣ କରିବାକୁ ଚାହୁଁଥିବାବେଳେ ଅଞ୍ଚଳବାସୀ ଏହାକୁ ବିରୋଧ କରୁଥିଲେ। ଆସନ୍ତା ୨୬ ତାରିଖରେ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ରହିଥିବାରୁ ଛାତ୍ରୀମାନେ ଖେଳପଡ଼ିଆରେ ଅଭ୍ୟାସ କରୁଥିଲେ। ଏହି ସମୟରେ କେତେଜଣ ଯୁବକ ସେମାନଙ୍କୁ କମେଣ୍ଟ ମାରିଥିଲେ। ଏହାକୁ ନେଇ ଛାତ୍ରୀମାନେ ଏକତ୍ରିତ ହୋଇ ପାଚେରି ନିର୍ମାଣ କରାଯାଉ ବୋଲି ଅଧ୍ୟକ୍ଷାଙ୍କ ନିକଟରେ ଦାବି କରିଥିଲେ। ତେବେ ଏନେଇ କଲେଜ ପକ୍ଷରୁ ସୋମବାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ପରେ ଛାତ୍ରୀମାନେ ନିର୍ମାଣ କାମରେ ସାମିଲ ହୋଇଥିଲେ। ଫଳରେ ସ୍ଥାନୀୟ ମହିଳା ଓ ଛାତ୍ରୀମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏସବୁ ଘଟଣା ବିଷୟରେ ଏଡିଏମ୍ ଟପୋଙ୍କୁ ଅବଗତ କରାଯାଇଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ମଧ୍ୟ ଏଡିଏମ୍‌ଙ୍କ ନିକଟରେ ଅଭିଯୋଗ କରାଯିବା ସହିତ ପାଚେରୀ ରହିଲେ ଲୋକମାନେ ହଇରାଣ ହେବେ ବୋଲି କୁହାଯାଇଥିଲା। ତୁରନ୍ତ ପାଚେରି ଭାଙ୍ଗିବାକୁ ନିବେଦନ କରାଯାଇଥିଲା। ଫଳରେ ଏଡିଏମ୍ ପାଚେରି ଭାଙ୍ଗିଦେବାକୁ କଲେଜ ଅଧ୍ୟକ୍ଷାଙ୍କୁ ନିର୍ଦ୍ଦେଶ ଦେବାପରେ ଛାତ୍ରୀମାନେ ଧାରଣା ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ବାର୍ଷିକ କ୍ରୀଡ଼ା ଶେଷ ହେବା ପରେ ପାଚେରି ଭଙ୍ଗାଯିବ ବୋଲି କହିଥିଲେ। ଏହାସହ ୩ ମାସ ଭିତରେ ପାଚେରି ପୁଣି ନିର୍ମାଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀମାନେ ଧାରଣାରୁ ହଟିଥିଲେ।

## 'ମୋ ବସ୍'ରୁ ଲୁଟ୍ ଘଟଣା, ୪ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୧୨**

ମୋ ବସ୍‌ରୁ ଲୁଟ୍ କରିବା ଅଭିଯୋଗରେ ମର୍କତନଗର ପୋଲିସ ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ସୟେଦପୁରର ସେକ୍ ରାଜା ଓରଫ ସେକ୍ ରିଆଜୁଦ୍ଦିନ, ସେକ୍ କମରନ, ପଶ୍ଚିମବଙ୍ଗ ଉସ୍ତି ଥାନା ଅନ୍ତର୍ଗତ ଅଜିତ ନଗରର ସଦାମ ମୀର ଓ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କର ଚରଣ ସାହୁ। ସେମାନଙ୍କଠାରୁ ୩ଟି ମୋବାଇଲ ଓ ୨୨,୯୦୦ ଟଙ୍କା ଜବତ କରାଯାଇଛି। ବାରଙ୍ଗ ଥାନା ଅନ୍ତର୍ଗତ ବେଲଗାଛିଆର ସନାତନ ବେହେରା(୫୫) ଗତ ନଭେମ୍ବର ୪ ତାରିଖରେ ୪୫ ହଜାର ଟଙ୍କା ନେଇ ସ୍ତ୍ରୀ ଓ ଶାଳୀଙ୍କ ସହ ୧୮ ନମ୍ବର ମୋ ବସ୍‌ରେ ଚଢ଼ି କଟକ ଆସିଥିଲେ। ସେହି ସମୟରେ ୪ ଜଣ ବ୍ୟକ୍ତି ତାଙ୍କ ପକେଟରୁ ଟଙ୍କା ଲୁଟ୍ କରି ବେଲିଭ୍ୟୁ ଛକ ନିକଟରେ ବସ୍‌ରୁ ଓହ୍ଲାଇ ଯାଇଥିଲେ। ଏନେଇ ସନାତନ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୨୧୧/୨୨) ରୁଜୁ କରିଥିଲା। ବସ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବା ସହ ସାକ୍ଷୀଙ୍କୁ ପଚରାଉଚୁରା କରିଥିଲା। ସାକ୍ଷୀମାନଙ୍କ ବୟାନ, ପାରିପାର୍ଶ୍ୱିକ ସ୍ଥିତି ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗରେ ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା।

# ଆବାସ ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍

**ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ନାଁରେ ଅଭିଯୋଗ**

**ଖୁଣ୍ଟୁଣୀ, ୨୦।୧୨(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଅଧୀନ କୁମାରପୁର ପଞ୍ଚାୟତରେ ଆବାସ ଯୋଜନାରେ ୧୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆ ନ ଯାଇ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଟଙ୍କାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ ଆତ୍ମସାତ କରିଥିବା ନେଇ ମଙ୍ଗଳବାର କୁମାରପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଠଗଡ଼ର ଯୁବ ସଙ୍ଗଠକ ଅଭୟ ବାରିକ ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ହସ୍ତଗତ ହୋଇଥିବା ଏ ସମ୍ପର୍କିତ ରିପୋର୍ଟକୁ ସେ ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରିଛନ୍ତି। ଉକ୍ତ ତଥ୍ୟ ଅନୁସାରେ, କୁମାରପୁର ପଞ୍ଚାୟତର ପ୍ରେମାନନ୍ଦ ବେହେରାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ଘର ଯୋଗାଇ ଦିଆଯାଇ ନାହିଁ। ହେଲେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ତାଙ୍କ ନାମରେ ୩ଟି ପର୍ଯ୍ୟାୟରେ ୯୦ ହଜାର ଟଙ୍କା ଆତ୍ମସାତ କରାଯାଇଛି। କିନ୍ତୁ ସରକାରୀ ୱେବ୍‌ସାଇଟ୍ ତଥ୍ୟରେ ପ୍ରେମାନନ୍ଦ ୧ ଲକ୍ଷ ୨୦ ହଜାର ଟଙ୍କା ନେଇଥିବା ଦର୍ଶାଯାଇଛି। ସେହିପରି ଉକ୍ତ ପଞ୍ଚାୟତ ହରିଜନ ସାହିର ଝୁନା ମଲ୍ଲିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି, ୪ଟି ପର୍ଯ୍ୟାୟରେ ତାଙ୍କ ନାମରେ ୧ ଲକ୍ଷ ୨୦ ହଜାର ଟଙ୍କା ଉଠାଯାଇଛି। ହେଲେ ତାଙ୍କୁ ଘର କି ଟଙ୍କା ଦିଆଯାଇନାହିଁ। ଗତ ୧୫ ତାରିଖରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ କେହି ୨୦ ହଜାର ଟଙ୍କା ଜମା କରିଛନ୍ତି। ହେଲେ ଏ ଟଙ୍କା ସମ୍ପର୍କରେ ସେ ଜାଣିନାହାନ୍ତି। ସେହିପରି ମଞ୍ଜୁ ମଲ୍ଲିକଙ୍କ ନାଁରେ ୧ ଲକ୍ଷ ୨୦ ହଜାର, ରାଜ ଖଟୁଆଙ୍କ ନାଁରେ ୧ ଲକ୍ଷ ୨୦ ହଜାର ଭଳି ୧୫୦ରୁ ଊର୍ଦ୍ଧ୍ୱ ହିତାଧିକାରଙ୍କ ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରାଯାଇଥିବା ଆର୍‌ଟିଆଇ ରିପୋର୍ଟରୁ ଜଣାପଡିଛି। ଯଦି ଏହାର ଠିକ୍ ଭାବେ ତଦନ୍ତ କରା ନ ଯାଏ ତେବେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅଭୟ ଚେତାବନୀ ଦେଇଛନ୍ତି। ଏଥିସହ ଆଠଗଡ଼ ବ୍ଲକ ଅଞ୍ଚଳରେ ବିଭିନ୍ନ ଯୋଜନାରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ ପାଇଁ ପ୍ରସ୍ତୁତ ହେଉଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ ସୁନୀଲ ସୂତାରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ରଞ୍ଜନ ଆଚାର୍ଯ୍ୟଙ୍କୁ ପଚାରିବାରୁ ଉକ୍ତ ଅଭିଯୋଗ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି କହିଥିଲେ।

# ସାମ୍ବାଦିକତାରେ ବନବିହାରୀଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ


ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ।

**କଟକ ଅଫିସ, ୨୦।୧୨**

ଭାଷା, ସାହିତ୍ୟ, ସଂସ୍କୃତିର ବାର୍ତ୍ତାବହ ହେଉଛନ୍ତି ସାମ୍ବାଦିକ। ସାମ୍ବାଦିକତା କ୍ଷେତ୍ରରେ ବନବିହାରୀ ମହାନ୍ତିଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ବରିଷ୍ଠ ସାମ୍ବାଦିକ ପ୍ରଫେସର ବନବିହାରୀ ମହାନ୍ତିଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ଓ ସମ୍ମାନ ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ ଏହା କହିଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ବନବିହାରୀ ମହାନ୍ତି ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଆଲୋକ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ ଯୋଗଦେଇଥିଲେ। ଏହି ଅବସରରେ ସାମ୍ବାଦିକ ରାଜେଶ ଜେନାଙ୍କୁ ବନବିହାରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସାମାଜିକ କର୍ମୀ ହିମାଂଶୁ ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ମୋ ପରିବାରର ସିଟି ସଂଯୋଜକ ଡ. ରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ ଓ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଲକି ପ୍ରଜ୍ଞା ପ୍ରତିଷ୍ଠିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଟିକସ ଆଦାୟ କରିବେ ଏସ୍‌ଏଚ୍‌ଜି ମହିଳା

**କଟକ ଅଫିସ,୨୦।୧୨**

**ସିଏମ୍‌ସି କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଶିବିର**

■୩ ମାସରେ ୧୦୦ କୋଟି ଆଦାୟ ଲକ୍ଷ୍ୟ

ଏଣିକି ଟିକସ ଆଦାୟରେ ନିୟୋଜିତ ହେବେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳା। କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନ ୧ରୁ ୫୯ ନମ୍ବର ୱାର୍ଡ ମଧ୍ୟରେ ଥିବା ଘର, ଛୋଟ ଦୋକାନ, ସିନେମା ହଲ୍, ଫାବ୍ରିକେସନ ସଂସ୍ଥା, ଆବାସିକ ମହାବିଦ୍ୟାଳୟ, ଟ୍ରାନ୍ସପୋର୍ଟ କମ୍ପାନୀ, ଛୋଟ ରେଷ୍ଟୁରାଣ୍ଟ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ପ୍ରିଣ୍ଟିଂ ପ୍ରେସ୍, ହୋଟେଲ, ଲଜିଂ, ପାନ୍ଥନିବାସ, ଗେଷ୍ଟ ହାଉସ, କଲ୍ୟାଣ ମଣ୍ଡପ, ପାଥୋଲାବ, ନିଦାନ କେନ୍ଦ୍ର ସମେତ ବଡ଼ ଦୋକାନରୁ ଏସ୍‌ଏଚ୍‌ଜି ମହିଳାମାନେ ଟ୍ରେଡ୍ ଲାଇସେନ୍ସ ଓ ୟୁଜର୍ସ ଫି ଆଦାୟ କରିବେ। ମିଶନଶକ୍ତି ଗୋଷ୍ଠୀ କିଭଳି ଭାବେ ଟିକସ ଆଦାୟ କରିବେ ସେ ସମ୍ପର୍କରେ ମଙ୍ଗଳବାର ସିଏମ୍‌ସି କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଡେପୁଟି କମିସନର ଅମିୟ ପଣ୍ଡାଙ୍କ ସମେତ ପ୍ରଶିକ୍ଷଣ ଅଧିକାରୀ ଓ ୬୦ ଜଣ ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ। ୨୦୧୯ରୁ ସିଏମ୍‌ସିର ରାଜସ୍ୱ କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଆର୍ଥିକ ଅଭାବ ଦେଖାଦେଇଛି। ବହୁ କୋଟି ଟଙ୍କା ବକେୟା ପଡିଛି। ତେଣୁ ବକେୟା ଟିକସ ଓ ନୂତନ ଗୃହ ଟିକସ ଆଦାୟ କରିବାକୁ ଏସ୍‌ଏଚ୍‌ଜିସଦସ୍ୟାଙ୍କୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୩ ମାସରେ ୧୦୦ କୋଟି ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଛି। ସହରରେ ଥିବା ଦେଢ଼ଲକ୍ଷ ଘର ଓ ବ୍ୟବସାୟ ପ୍ରତିଷ୍ଠାନରୁ ଟିକସ ଆଦାୟ କରାଯିବ। ପ୍ରତି ୱାର୍ଡରେ ଗୋଟିଏ ଲେଖାଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରାଯାଇଛି। କିଭଳି ଭାବେ ଘରକୁ ଘର ବୁଲି ଟିକସ ଆଦାୟ କରିବେ ସେ ସଂକ୍ରାନ୍ତରେ ଶିବିରରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଟିକସକୁ ଡିଜିଟାଲ ପଦ୍ଧତିରେ ଆଦାୟ କରାଯିବ। ସିଏମ୍‌ସି ଟିକସ ଆଦାୟକାରୀ (ଟ୍ୟାକ୍ସ କଲେକ୍ଟର)ମାନେ ଏସ୍‌ଏଚ୍‌ଜି ମହିଳାଙ୍କୁ ସହାୟତା କରିବେ। ଟିକସ ଫାଙ୍କୁଥିବା ମାଲିକଙ୍କୁ ସିଏମ୍‌ସି ପକ୍ଷରୁ ନୋଟିସ୍ ଦିଆଯିବ। ଏହି ନୋଟିସ୍ ଆଧାରରେ ଏସଏଚ୍‌ଜି ମହିଳା ପହଞ୍ଚି ନିର୍ଦ୍ଧାରିତ ସମୟ ମଧ୍ୟରେ ବକେୟା ଆଦାୟ କରିବେ। ସେହିଭଳି ଦୀର୍ଘବର୍ଷ ହେବ ଘରଗୁଡ଼ିକ ରିଆସେସମେଣ୍ଟ କରାଯାଇନାହିଁ। ଏସ୍‌ଏଚ୍‌ଜି ମହିଳା ଦାୟିତ୍ୱ ନେବା ପରେ ରିଆସେସ୍ମେଣ୍ଟ ଗୃହ ଚିହ୍ନଟ ସହିତ ନୂଆ ଘରଗୁଡ଼ିକ ତାଲିକା ପ୍ରସ୍ତୁତ ହେବ ବୋଲି ଜଣାପଡିଛି।

### ଶିବିର ସ୍ଥଗିତ ନେଇ କର୍ପୋରେଟରଙ୍କୁ ଚିଠି

ଏହି ପ୍ରଶିକ୍ଷଣ ଶିବିର ହେବ ନାହିଁ ବୋଲି ସୋମବାର କର୍ପୋରେଟରମାନଙ୍କୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚିଠି କରାଯାଇଥିଲା। ହେଲେ ମଙ୍ଗଳବାର ବିଧିବଦ୍ଧ ଭାବେ ଶିବିର ଅନୁଷ୍ଠିତ ହେଲା। ତେବେ କର୍ପୋରେଟର ଓ କମିଶନରଙ୍କ ବିବାଦ ଥମି ନ ଥିବାବେଳେ ପୁଣି ଆଉ ଏକ ବିବାଦ ମୁଣ୍ଡ ଟେକିଛି। ଶିବିର ସ୍ଥଗିତ ନେଇ କର୍ପୋରେଟରମାନଙ୍କୁ ନୋଟିସ୍ କରାଯାଇଥିବାବେଳେ ସିଏମସି କର୍ତ୍ତୃପକ୍ଷ ଶିବିର ଆୟୋଜନ କରିଛନ୍ତି। ଏଭଳି କାର୍ଯ୍ୟକୁ କର୍ପୋରେଟରମାନେ ବିରୋଧ କରିଛନ୍ତି। ଏ ନେଇ ଭାଜପା କର୍ପୋରେଟର ଗଗନ ଓଝା କହିଛନ୍ତି, ଶିବିର ସ୍ଥଗିତ ସମ୍ପର୍କରେ ଆମକୁ ଚିଠି କରାଗଲା। ହେଲେ ଶିବିର ଅନୁଷ୍ଠିତ ହେଲା। ଆମକୁ କ'ଣ ପାଇଁ ଅନ୍ଧାରରେ ରଖାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। କର୍ତ୍ତୃପକ୍ଷ ମନମୁଖୀ କାର୍ଯ୍ୟ ଚଳାଇଛନ୍ତି। ପୂର୍ବରୁ କର୍ପୋରେଟରମାନଙ୍କ ବିନା କିଛି କରାଯାଉ ନ ଥିଲା। କିନ୍ତୁ ଏବେ ବିନା କର୍ପୋରେଟରରେ ସବୁ କିଛି ହେଇପାରୁଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଏସ୍‌ସିଏସ୍ କଲେଜରେ ବୃତ୍ତିଗତ ସ୍ନାତକୋତ୍ତର ବାଣିଜ୍ୟ ଖୋଲିଲା

ପୁରୀ ଅଫିସ,୨୦।୧୨- ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ (ଏସ୍‌ସିଏସ୍)ରେ ନୂଆ ପାଠ୍ୟକ୍ରମ ଖୋଲିଛି। ବହୁ ପ୍ରତୀକ୍ଷା ପରେ ମହାବିଦ୍ୟାଳୟର ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନ) ବିଭାଗ ଅଧୀନରେ ବୃତ୍ତିଗତ ସ୍ନାତକୋତ୍ତର ବାଣିଜ୍ୟ (ଫାଇନାନ୍ସ ଏବଂ କଣ୍ଟ୍ରୋଲ) ପାଠ୍ୟକ୍ରମ ଆରମ୍ଭ ହୋଇଛି। ଯେଉଁମାନେ ଏହି ପାଠ୍ୟକ୍ରମରେ ଆଡମିଶନ୍ କରିବାକୁ ଚାହୁଁଛନ୍ତି, ସେମାନେ ମହାବିଦ୍ୟାଳୟର ବ୍ୟବସାୟ ପ୍ରଶାସନିକ ବିଭାଗକୁ ଯାଇ ଅଫ୍‌ଲାଇନରେ ଦରଖାସ୍ତ ଆବେଦନ କରିପାରିବେ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ସ୍ନାତକରେ ସର୍ବନିମ୍ନ ୪୦ପ୍ରତିଶତ ମାର୍କ ରହିଥିବା ଆବଶ୍ୟକ। ଏଥିସହ କୃତୀ ଛାତ୍ରୀଛାତ୍ର ଓ ସଂରକ୍ଷଣ ବର୍ଗଙ୍କ ପାଇଁ ସ୍କଲାରଶିପ୍ ସୁବିଧା ରହିଛି। କୋର୍ସ ସରିବା ପରେ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସ ନିଯୁକ୍ତିର ସୁବିଧା ଯୋଗାଇ ଦିଆଯିବ ବୋଲି ଏମ୍‌ବିଏର ବିଭାଗୀୟ ମୁଖ୍ୟ ସତ୍ୟ ପ୍ରକାଶ ମିଶ୍ର କହିଛନ୍ତି। ଏହି ପାଠ୍ୟକ୍ରମ ପାଇଁ ଦରଖାସ୍ତ ଆବେଦନ ଗତ ୧୬ତାରିଖରୁ ଆରମ୍ଭ ହୋଇଥିବାବେଳେ ୨୪ତାରିଖ ଯାଏ ଚାଲୁରହିବ। ଦରଖାସ୍ତ ଆବେଦନ ଫି’ ୧୦୦ଟଙ୍କା ରଖାଯାଇଛି। ଏ ସମ୍ପର୍କରେ ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର କହିଛନ୍ତି, ଏହି ପାଠ୍ୟକ୍ରମରେ ୬୦ଟି ସିଟ୍ ରହିଛି। ୪ଟି ସେମିଷ୍ଟର ପରୀକ୍ଷା ହେବ। ଏହି ପାଠ୍ୟକ୍ରମ ବାବଦକୁ ବାର୍ଷିକ ୩୦ହଜାର ଟଙ୍କା ଛାତ୍ରୀଛାତ୍ରଙ୍କୁ ଦେବାକୁ ପଡ଼ିବ। ଏପରିକି ଇନ୍‌ଷ୍ଟଲମେଣ୍ଟ ସୁବିଧା ମଧ୍ୟ ରହିଛି। ଯେକୌଣସି ବିଷୟରେ ସ୍ନାତକ କରିଥିବା କିମ୍ବା ଅଧିକ ପାଠ ପଢ଼ିଥିବା ବିଦ୍ୟାର୍ଥୀ ଏହି ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ।

### କଳାକାର ଦିଲୀପଙ୍କ ସ୍ମୃତିସଭା

ପିପିଲି,୨୦।୧୨(ସ୍ୱ.ପ୍ର)- ପିପିଲି ଦାଣ୍ଡମୁକୁନ୍ଦପୁର ମହାସିଂପାଟଣା କୁଟିଆ ସାହିର ବରିଷ୍ଠ କଳାକାର ଦିଲୀପ କୁମାର ଦାଶଙ୍କ ଦଶାହ ଉପଲକ୍ଷେ ଏକ ସ୍ମୃତିସଭା ତାଙ୍କ ବାସଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ ମହାବୀର ଗୋଟିପୁଅ ନୃତ୍ୟ ପରିଷଦର ସମ୍ପାଦକ ସତ୍ୟ ରଞ୍ଜନ ତ୍ରିପାଠୀ ସଭାରେ ସଭାପତିତ୍ୱ କରିଥିଲେ। ସଭାରେ ସମବାୟ ସମିତିର ପୂର୍ବତନ ସଭାପତି ବିଶ୍ୱରଞ୍ଜନ ମିଶ୍ର, ପଣ୍ଡିତ ସୁରେଶ ମିଶ୍ର, ନାରାୟଣ ମିଶ୍ର, ମଞ୍ଚ ନିର୍ଦ୍ଦେଶକ ସୁରେନ୍ଦ୍ର ପୁଷ୍ପାଳକ, ଛତୁଚାଷୀ ସନ୍ତୋଷ ମିଶ୍ର, କଳାକାର ପ୍ରତାପ ଚନ୍ଦ୍ର ସ୍ୱାଇଁ, ପ୍ରଦ୍ୟୁମ୍ନ ପୁଷ୍ପାଳକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରା, ମଞ୍ଚ ନାଟକରେ ଅଭିନୟ କରିବା ସହ ଟିଭି ପରଦାର ‘ବଡ଼ ଘର ବଡ଼ ଗୁମର କଥା’, ‘ଅକୁହା କଥା’, ‘ଆଜ୍ଞା ମାଇଣ୍ଡ କଲେ କି’ ଆଦି ସିରିଏଲ୍‌ରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ପ୍ରିୟଭାଜନ ହୋଇଥିଲେ। ଅତିଥିମାନେ ସ୍ୱର୍ଗତ ଦାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସଭାରେ ସ୍ୱର୍ଗତ ଦାଶଙ୍କ ବଡ଼ପୁଅ ବିଷ୍ଣୁ ପ୍ରସାଦ ଦାଶ ଓ ସାନପୁଅ କୃଷ୍ଣପ୍ରସାଦ ଦାଶ ଉପସ୍ଥିତ ରହିଥିବା ବେଳେ ସମସ୍ତ କଳାକାର ସହଯୋଗ କରିଥିଲେ।

# ସାମ୍ବାଦିକ ହିଁ ସମାଜର ଜାଗ୍ରତ ପ୍ରହରୀ



କୋଣାର୍କ ଯାତ୍ରୀନିବାସରେ ଆୟୋଜିତ ଓଡ଼ିଶା ମିଡିଆ ଆୱାର୍ଡ ୨୦୨୨ ସମାରୋହ ଉଦ୍‌ଯାପନ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

- ଓଡ଼ିଶା ମିଡିଆ ଆୱାର୍ଡ ୨୦୨୨ ସମାରୋହ ଉଦ୍‌ଯାପିତ
- ୧୫ ବର୍ଗରେ ୧୮ଜଣ ସମ୍ମାନିତ

କୋଣାର୍କ,୨୦।୧୨(ଡି.ଏନ୍.ଏ.)

ନମସ୍କାର କମ୍ୟୁନିଟି ମିଡିଆ ନେଟ୍‌ୱର୍କ ଏବଂ ୟଙ୍ଗ୍ ଇଣ୍ଡିଆ ପକ୍ଷରୁ କୋଣାର୍କ ଯାତ୍ରୀନିବାସରେ ଚାଲିଥିବା ଓଡ଼ିଶା ମିଡିଆ ଆୱାର୍ଡ ୨୦୨୨ ସମାରୋହ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଲୋକଙ୍କ ସମସ୍ୟାକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ଖବର ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଲୋଚନକୁ ଆଣିବା ସହ ସେଗୁଡ଼ିକୁ ସମାଧାନ ପାଇଁ ପ୍ରୟାସ କରିଥିବା ସାମ୍ବାଦିକ ଏବଂ ଗଣମାଧ୍ୟମ ସଦସ୍ୟଙ୍କୁ ସମ୍ମାନିତ ଏବଂ ଉତ୍ସାହିତ କରିବା ତଥା ସାମ୍ବାଦିକତାର ବିଭିନ୍ନ ଦିଗ ଓ ପ୍ରଚଳିତ ଧାରା ଉପରେ ଆଲୋଚନା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଆୟୋଜକ ସଂସ୍ଥା ନମସ୍କାର କମ୍ୟୁନିଟି ମିଡିଆ ନେଟ୍‌ୱର୍କର ମୁଖ୍ୟ ଏନ୍.ଏ. ଶାହା ଅନ୍‌ସାରୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବି ଦାସ, ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକ, ସାମ୍ବାଦିକ ସମ୍ପଦ ମହାପାତ୍ର, ସନ୍ଦୀପ ସାହୁ, ଭାରତୀୟ ଗୋଷ୍ଠୀ ବେତାର ମହାସଂଘର ଉପସଭାପତି ଡ. ଶିଶିର ଦାସ, ଆକ୍ସନ ଏଡ୍ ନିର୍ଦ୍ଦେଶକ ସନ୍ଦୀପ ଚାଚ୍ରା, ୟୁନିସେଫ୍‌ର ମିଡିଆ ପରାମର୍ଶଦାତା ଶାରଦା ଲାହାଙ୍ଗିର, ଓଡ଼ିଶା ଗୋଷ୍ଠୀ ବେତାର ମହାସଂଘର ସଭାପତି ଏସ୍.ଏ. ସଫିକ ପ୍ରମୁଖ ଯୋଗଦେଇ କର୍ମନିଷ୍ଠ ସାମ୍ବାଦିକ ହିଁ ସାମାଜର ଜାଗ୍ରତ ପ୍ରହରୀ ବୋଲି କହିଥିଲେ। ଚଳିତବର୍ଷର ଓଡ଼ିଶା ମିଡିଆ ଆୱାର୍ଡ ୨୦୨୨ରେ ବିରୂପାକ୍ଷ ତ୍ରିପାଠୀଙ୍କୁ ଏଡିଟର ଅଫ୍ ଦ ଇୟର ପୁରସ୍କାର ଦିଆଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ଏବଂ ରବି ଦାସଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଆଜୀବନ ଯୋଗଦାନ ପାଇଁ ସମ୍ମାନିତ କରାଯାଇଥିଲା। ଏଥିସହିତ ସ୍ତମ୍ଭକାର ଅଶୋକ ସାହୁ, ସମ୍ବାଦ ପାଠିକା ସୁପ୍ରିୟା ଦାସ, କାର୍ଟୁନିଷ୍ଟ ଦେବାଶିଷ ସିଂ, ସତରୂପା ସାମନ୍ତରାୟ, ଆଲୋକ ପତି, ଲକ୍ଷ୍ମୀ ନାରାୟଣ କାନୁନଗୋ, ବିନୟ ଭୂଷଣ ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ରଞ୍ଜନ ରଥ, ବିଦେଶିନୀ ପଟେଲ, ଶ୍ରେଷ୍ଠ ମିଡିଆ ଅନୁଷ୍ଠାନ ପାଇଁ ଜାଭିୟର ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ଗୋଷ୍ଠୀ ବେତାର କାର୍ଯ୍ୟକ୍ରମ ପାଇଁ ରେଡିଓ ସୁରଭିର ‘ଶିକ୍ଷା ସୁରଭି’, ଫଟୋ ସାମ୍ବାଦିକ ଅରବିନ୍ଦ ମହାପାତ୍ର, ବେଷ୍ଟ ୟୁଜ ଅଫ୍ ନିଉ ମିଡିଆ ପାଇଁ ‘ସ୍ୱାସ୍ଥ୍ୟ ପ୍ଲସ’, ଖବରକାଗଜ ସଂଗ୍ରହ ପାଇଁ ପେପରମ୍ୟାନ ଶଶାଙ୍କ ଶେଖର ଦାସଙ୍କ ସମେତ ୧୫ ବର୍ଗରେ ବିଭିନ୍ନ କ୍ଷେତ୍ର ପାଇଁ ୧୮ଜଣଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ମିଡିଆ ଆୱାର୍ଡରେ ୟୁନେସ୍କୋ, ୟୁନିସେଫ, ବିଶ୍ୱ ବେତାର ପ୍ରସାରକ ମହାସଂଘ, ଆକ୍ସନ ଏଡ୍ ପରି ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥାର ପ୍ରତିନିଧିଙ୍କ ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାମ୍ବାଦିକ, ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ଓ ସାମାଜିକ କର୍ମୀ ଯୋଗଦେଇଛନ୍ତି। ଏଥିରେ କୁମୁଦ ଶତପଥୀ, ମହମ୍ମଦ ନିୟାଜ, ରୋଜାଲିନ ପ୍ରଧାନ, ଶାହାଜାଦୀ କାଜଲ, ଅନୁପ ସାହୁ, ଅନ୍ଦାଜ ଆରନ, ଟିଙ୍କିନା ରାଉତ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ରାଉତ ଓ ଯାଜ୍ଞସେନୀ ସଂଯୋଜନା କରିଥିଲେ। ଶେଷରେ ବିଘ୍ନେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।

# ହ୍ୱିଲ୍‌ଚେୟାରରେ ଦିବ୍ୟାଙ୍ଗଙ୍କୁ ନେଇ ଛାଡ଼ିଲେ

### ସହାୟତା କରି ପ୍ରଶଂସା ସାଉଁଟିଲେ ୪ର୍ଥ ଶ୍ରେଣୀ କର୍ମଚାରୀ



ଗୋପ,୨୦।୧୨(ଡି.ଏନ୍.ଏ.)

ଦୁର୍ଘଟଣାରେ ଆହତ ହୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ଜଣେଡ୍ ଦିବ୍ୟାଙ୍ଗଙ୍କୁ ଡାକ୍ତରଖାନାର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ହ୍ୱିଲ୍ ଚେୟାରରେ ଛାଡ଼ିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ଗୋପ ବ୍ଲକ ଅନ୍ତର୍ଗତ ତରକୋର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଦିବ୍ୟାଙ୍ଗ ମିଳନ ସ୍ୱାଇଁ ସୋମବାର ସନ୍ଧ୍ୟାରେ ଏକ ବାଇକ୍‌ରେ ଘରକୁ ଯାଉଥିଲେ। ଗୋପ-କୋଣାର୍କ ରାସ୍ତାର ବନାଖଣ୍ଡି ଛକ ନିକଟରେ ସେ ଖସି ପଡ଼ିଥିଲେ। ମିଳନଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମିଳନଙ୍କୁ ମଙ୍ଗଳବାର ସକାଳେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଔଷଧପତ୍ର ଦେଇ ଛାଡିଥିଲେ। କିନ୍ତୁ ସେ ୯୦% ଦିବ୍ୟାଙ୍ଗ ହୋଇଥିବାରୁ ଯିବାକୁ ସକ୍ଷମ ହୋଇପାରି ନ ଥିଲେ। ଏହି ସମୟରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ପ୍ରତାପ ମଣିଷପଣିଆ ଦେଖାଇ ଡାକ୍ତରଖାନାରେ ରୋଗୀଙ୍କ ଲାଗି ରହିଥିବା ହ୍ୱିଲ୍ ଚେୟାରରେ ବସାଇ ଗୋପ ବଜାରରେ ନେଇ ଛାଡ଼ିଥିଲେ। ପ୍ରତାପଙ୍କ ଏପରି ମଣିଷପଣିଆରେ ସମସ୍ତେ ସାଧୁବାଦ ଜଣାଇ ତାଙ୍କ ସହ ଫଟୋ ଉଠାଇଥିଲେ। ଏବେ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବାର ଲାଗିଛି। ଏପରି ଏକ ଘଟଣା ସମ୍ପର୍କରେ ପ୍ରତାପ ସାହୁଙ୍କୁ ପଚାରିବାରେ, ସେ ଗରିବ ଘରର ମଣିଷ। ପେଟ ପୋଷିବା ପାଇଁ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ଡାକ୍ତରଖାନାରେ କାମ କରୁଛନ୍ତି। ସେବା ମନୋବୃତ୍ତି ରହିଲେ ସବୁକିଛି ସମସ୍ତେ କରିପାରିବେ ବୋଲି କହିଥିଲେ।

# ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି ସମ୍ପର୍କିତ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଘାଟିତ

ପୁରୀ ଅଫିସ,୨୦।୧୨

ଶିକ୍ଷା ମନ୍ତ୍ରଣାଳୟର ବୈଜ୍ଞାନିକ ତଥା ତକନିକି ଶବ୍ଦାବଳୀ ଆୟୋଗ ଦ୍ୱାରା ପ୍ରୟୋଜିତ ତଥା ଆଇଏମ୍‌ଟି ଫାର୍ମାସୀ କଲେଜର ସହଭାଗିତାରେ ଭେଷଜ ବିଜ୍ଞାନ ଶିକ୍ଷା ପାଇଁ ଇଂଲିଶ୍‌ରୁ ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି ପାଇଁ ଏକ ତ୍ରିଦିବସୀୟ ରାଷ୍ଟ୍ରୀୟ ସଂଗୋଷ୍ଠୀ ମଙ୍ଗଳବାର ଆଇଏମ୍ ଟି କଲେଜ ସଭାଗୃହ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଶୋକ ମହାପାତ୍ର, ବୈଜ୍ଞାନିକ ତଥା ତକନିକି ଆୟୋଗର ଅଧ୍ୟକ୍ଷ ଡ. ଗିରିଶ୍‌ନାଥ ଝା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଶବ୍ଦାବଳୀ ପ୍ରସ୍ତୁତି ହେବାର ଆବଶ୍ୟକ ଏବଂ ଓଡ଼ିଆ ଭାଷାରେ ବୈଷୟିକ ଶିକ୍ଷାର ଦୂରଗାମୀ ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ ମଞ୍ଚାସୀନ ହୋଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଗର ବରିଷ୍ଠ ବୈଜ୍ଞାନିକ ଅଧିକାରୀ ଡ. ଭୀମସେନ ବେହେରା ଶବ୍ଦକୋଷ ପ୍ରସ୍ତୁତିର ପ୍ରକ୍ରିୟା ବିଷୟରେ ଆଲୋକପାତ କରିଥିଲେ। ସଂଗ୍ରାମ କିଶୋର ଭୋଳ ମଞ୍ଚ ପରିଚାଳନା କରିଥିଲେ। ଏହି ତ୍ରିଦିବସୀୟ ସଂଗୋଷ୍ଠୀରେ ଓଡ଼ିଶାର ବିଭିନ୍ନ ଫାର୍ମାସୀ ମହାବିଦ୍ୟାଳୟରୁ ପ୍ରାୟ ୧୦୦ ବରିଷ୍ଠ ଅଧ୍ୟାପିକାଅଧ୍ୟାପକ ଯୋଗଦେଇଛନ୍ତି। ଭାଷା ଓ ସାହିତ୍ୟ କ୍ଷେତ୍ରର ବରିଷ୍ଠ ବିଦ୍ୱାନମାନେ ସଂଗୋଷ୍ଠୀରେ ଯୋଗଦେଇ ବକ୍ତବ୍ୟ ଓ ପ୍ରବନ୍ଧମାନ ଉପସ୍ଥାନ କରିଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି ।

# କବି କୁମାର ମହାନ୍ତିଙ୍କ ସ୍ମୃତିସଭା

ପୁରୀ ଅଫିସ,୨୦।୧୨

ଅନାମ ଟ୍ରଷ୍ଟ ପକ୍ଷରୁ ଅନାମ କାବ୍ୟ ଆନ୍ଦୋଳନର ସ୍ରଷ୍ଟା କବି କୁମାର ମହାନ୍ତିଙ୍କ ୨୭ତମ ପୁଣ୍ୟତିଥିରେ ଏକ ସ୍ମୃତି ସଭା ସ୍ମୃତିରେ ସ୍ୱପ୍ନରେ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବେ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅଧ୍ୟାପକ କ୍ଷୀରୋଦ ରାୟ ମହାପାତ୍ର ଯୋଗଦେଇ କବି କୁମାର ମହାନ୍ତିଙ୍କ ଜୀବନୀ ଓ ଅନାମ କାବ୍ୟ ଆନ୍ଦୋଳନ ବିଷୟରେ ଆଲୋଚନା କରିଥିଲେ। ସଭା ଚର୍ଚ୍ଚାରେ ଡ. କୈଳାସ ଟିକାୟତ ରାୟ, ଡ. ପ୍ରଦୀପ କୁମାର ବାରିକ୍, ଡ. ଜୀବିତେଶ ରଥ, ଦିଲୀପ ସ୍ୱାଇଁ, କୈଳାସ ରାୟ, ନାରାୟଣ ପ୍ରସାଦ ସିଂ, ରମେଶ ଚନ୍ଦ୍ର ପାତାଳସିଂ ପ୍ରଭୃତି ସାମିଲ ହୋଇ ଆଲୋଚନା କରିଥିଲେ। ପରେ କବିମାନଙ୍କ ଦ୍ୱାରା କବି କୁମାର ମହାନ୍ତିଙ୍କ କବିତା ପାଠ କରାଯାଇଥିଲା। କବି ଶ୍ୟାମ ପ୍ରକାଶ ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଟ୍ରଷ୍ଟର ଆବାହକ ମନୁ ଦାଶ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗାଳ୍ପିକ ପରେଶ୍ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅବସରରେ ପୁସ୍ତକ ଅନାମ ଲୋକାର୍ପିତ ହୋଇଥିଲା। ଏହି ମନୋଜ୍ଞ ଶ୍ରଦ୍ଧା ସଭାରେ କବି କୁମାର ମହାନ୍ତିଙ୍କ ଧର୍ମପତ୍ନୀ ପୁଷ୍ପା ମହାନ୍ତି, କବି ଚିନ୍ମୟ ବିବେକ, ପବିତ୍ର ମୋହନ ଦାଶ, ଡ.ଚିତ୍ତରଞ୍ଜନ ମିଶ୍ର, ମାନମୟୀ ରଥ, କବି ଆଲୋକ ପ୍ରଧାନ, କ୍ରିଷ୍ଣା ମହାପାତ୍ର, ବୀରେନ୍ଦ୍ର ମହାନ୍ତି, ସୁଚିତ୍ରା ରଥ, ହେମାଙ୍ଗିନୀ ମହାନ୍ତି, ବିପିନ ବିହାରୀ ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କାମଦେବ ମହାରଣା ଧନ୍ୟବାଦ ଦେଇଥିଲେ।

# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଯୋଗୁ ବାରମ୍ବାର ଦୁର୍ଘଟଣା


ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍‌ଖୁଣ୍ଟ ।

କଣାସ,୨୦।୧୨(ସ୍ୱ.ପ୍ର.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ପ୍ରଗତି ପାଇଁ ରାସ୍ତାଗୁଡ଼ିକୁ ଅଧିକ ପ୍ରଶସ୍ତୀକରଣ କରାଯାଉଥିବାବେଳେ ପୁରୀ ଜିଲା କଣାସ ବ୍ଲକରେ ରାସ୍ତା ପ୍ରଶସ୍ତୀକରଣ ଚାଲିଛି। ଗ୍ରାମ୍ୟ ଉନ୍ନୟନ ଓ ଜଳସେଚନ ବିଭାଗ ପକ୍ଷରୁ ହେଉଥିବା ଏହି କାର୍ଯ୍ୟ ସମୟରେ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଉଠାଯାଉ ନ ଥିବାରୁ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ଜାଗୁଳାଇପଦରଠାରୁ ସାହସପୁର ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟ ଦେହରେ ସୋମବାର ବିଳମ୍ବିତ ରାତିରେ ଏକ ଚାରିଚକିଆ ଟ୍ରକ ଧକ୍କା ହେବାରୁ ବିଦ୍ୟୁତ୍ ଖୁଣ୍ଟଟି ବଙ୍କା ହୋଇଯାଇଛି। ଉକ୍ତ ସ୍ଥାନରେ ପୂର୍ବରୁ ୨/୩ ଥର ଦୁର୍ଘଟଣା ମଧ୍ୟ ଘଟିଛି। ଜାଗୁଳାଇପଦରଠାରୁ ସାହସପୁର, କଉଡିଖଣି ପର୍ଯ୍ୟନ୍ତ, ଗୋପୀନାଥପୁରଠାରୁ ଅଡାଳ ପର୍ଯ୍ୟନ୍ତ, ଜଙ୍କିଆଠାରୁ ଗଡ଼ିଶାଗୋଡା ଏବଂ କଉଡ଼ିଆପୁର ରାସ୍ତାଗୁଡ଼ିକ ପ୍ରଶସ୍ତୀକରଣ କରାଯାଉଛି। ଏହି ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଥିବାରୁ ଏହି ରାସ୍ତାର ଖୁଣ୍ଟଗୁଡ଼ିକ ରାସ୍ତା ପାର୍ଶ୍ୱକୁ ସ୍ଥାନାନ୍ତରିତ ହେବା ପାଇଁ କଣାସ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ପ୍ଲାନ ତିଆରି କରି ଦିଆଯାଇଥିବା ଜଣାପଡ଼ିଛି। ବିଦ୍ୟୁତ୍ ଖୁଣ୍ଟ ସମ୍ପର୍କରେ କଣାସ ବିଦ୍ୟୁତ୍ ସହକାରୀ ଯନ୍ତ୍ରୀ ସଞ୍ଜୟ ଜେନାଙ୍କୁ ପଚାରିବାରୁ, ଏଥିପାଇଁ ଆବଶ୍ୟକ ଅର୍ଥ ରାସ୍ତା ନିର୍ମାଣ କରୁଥିବା ସଂସ୍ଥା ଅର୍ଥ ପ୍ରଦାନ କଲେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ସ୍ଥାନାନ୍ତର ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ଲେଖାଯାଇଛି। ହେଲେ ସେମାନେ ଏଥିପ୍ରତି କୌଣସି ଧ୍ୟାନ ଦେଉ ନ ଥିବା କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକ ପ୍ରଧାନଙ୍କୁ ପଚାରିବାରୁ, ବିଦ୍ୟୁତ୍ ବିଭାଗକୁ ଖୁଣ୍ଟ ଉଠାଇବା ପାଇଁ ଟଙ୍କା ଦେବାକୁ ହେଲେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଚିଠି ଦେବାକୁ ହେବ। କିନ୍ତୁ ସେମାନେ କୌଣସି ପତ୍ର ଦେଇନାହାନ୍ତି।

# ଗୁରୁ ଜୟକୃଷ୍ଣଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

କୋଣାର୍କ,୨୦।୧୨(ଡି.ଏନ୍.ଏ.)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଏକାଡେମୀ ପୁରସ୍କାର ୨୦୨୧ ଓ ୨୦୨୨ ବର୍ଷ ଲାଗି ନୃତ୍ୟ, ସଙ୍ଗୀତ ଓ ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଜୀବନବ୍ୟାପୀ ସାଧନା କରିଥିବା ବିଶିଷ୍ଟ କଳାକାରମାନଙ୍କୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସୋମବାର ସମ୍ମାନିତ କରାଯାଇଥିଲା। ଏକାଡେମୀ ତରଫରୁ ଆୟୋଜିତ ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ, ଏକାଡେମୀ ସଭାପତି, ଉପସଭାପତି ଓ ସଚିବ ଉପସ୍ଥିତ ରହି କଳାକାରମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ଲୋକନୃତ୍ୟ ବିଭାଗରେ ଜୀବନବ୍ୟାପୀ ସାଧନା ନିମନ୍ତେ ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ କୋଣାର୍କ ଅର୍କ ବିହାରସ୍ଥିତ କୋଣାର୍କ ନାଟ୍ୟ ମଣ୍ଡପର ବରିଷ୍ଠ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକଙ୍କୁ ଏକାଡେମୀ ପୁରସ୍କାର ୨୦୨୨ ପ୍ରଦାନ କରାଯାଇଛି। ଦୀର୍ଘ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗୋଟିପୁଅ ନୃତ୍ୟ ଓ ସଙ୍ଗୀତର ପ୍ରଚାର କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ନାଟ୍ୟ ମଣ୍ଡପରେ ଅନେକ ଶିଷ୍ୟଙ୍କୁ ଶିକ୍ଷା ଦେଇ ଆସୁଥିବା ଗୁରୁ ନାୟକ କୋଣାର୍କ କୁଣେଇ ନିକଟସ୍ଥ ବାହାରଣା ଗ୍ରାମର ମୂଳ ବାସିନ୍ଦା। ସେ ପ୍ରତିଷ୍ଠିତ କବିମାନଙ୍କର ଓଡ଼ିଶୀ ସଙ୍ଗୀତକୁ ମନେ ମନେ ମୁଖସ୍ଥ କରି ତାକୁ ପାରମ୍ପରିକ ଢାଞ୍ଚାରେ ଗୋଟିପୁଅ ନାଚରେ ଗାୟନ କରିବାରେ ବିଶେଷ ପାରଦର୍ଶିତା ଲାଭ କରିଛନ୍ତି ଓ ୧୯୮୫ ମସିହାଠାରୁ ନାଟ୍ୟ ମଣ୍ଡପରେ ପ୍ରତିଷ୍ଠିତ ଗୁରୁ ଭାବରେ କାର୍ଯ୍ୟରତ। ରାଜ୍ୟ ସରକାରଙ୍କ ତରଫରୁ ଏକାଡେମୀ ପୁରସ୍କାର ଭଳି ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ଏହି ଖବର ପ୍ରଚାରିତ ହେବା ପରେ କୋଣାର୍କରେ ଖୁସିରେ ଲହରି ଖେଳିଯାଇଛି। କୋଣାର୍କର ବିଭିନ୍ନ ସାମାଜିକ - ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି। କୋଣାର୍କ ନାଟ୍ୟ ମଣ୍ଡପ କାର୍ଯ୍ୟନିର୍ବାହୀ ସଭାପତି ଡ.ରମଣୀ ରଞ୍ଜନ ଜେନା ଓ ଯୁଗ୍ମ ସମ୍ପାଦକ ଗୁରୁପଦ ବଳିଆରସିଂହ ଗୁରୁ ଜୟକୃଷ୍ଣଙ୍କ ସହିତ ଏହି ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିଲେ। ନାଟ୍ୟ ମଣ୍ଡପ ସଭାପତି ଖଗେଶ୍ୱର ଖଣ୍ଡାୟତରାୟ, ଉପସଭାପତି ପ୍ରସନ୍ନ ବେଉରିଆ ଓ ସମ୍ପାଦକ ଶିବାଶିଷ ପ୍ରଧାନ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀକୁ ଧନ୍ୟବାଦ ଜଣାଇଛନ୍ତି।

### ବ୍ଲକସ୍ତରୀୟ ଦ୍ୱିତୀୟ ଦିବସ କ୍ରୀଡ଼ା ପ୍ରତିଯୋଗିତା

ଡେଲାଙ୍ଗ,୨୦।୧୨(ଡି.ଏନ୍.ଏ.)

ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାର ମଙ୍ଗଳବାର ଦ୍ୱିତୀୟ ଦିବସ ସିଂହବ୍ରହ୍ମପୁର ଉତ୍କଳ ଗୌରବ ବିଦ୍ୟାନିକେତନ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାଶ, ପୂର୍ବତନ ସରପଞ୍ଚ ଭାଗୀରଥି ପ୍ରଧାନ, ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, କ୍ରୀଡ଼ା ଶିକ୍ଷକ ସୁବାସ ବେହେରା, ସୀତାକାନ୍ତ ରାଉତରାୟ, ରାଜଲକ୍ଷ୍ମୀ ରାଉତରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହ କରିଥିଲେ। କ୍ରିକେଟରେ ୧୨ଜଣ ବାଳକ, ଭଲିରେ ୭ଜଣ, ଫୁଟବଲରେ ୨୪ଜଣ ବାଳିକା ଓ ବାଳକ, ଆଥଲେଟିକ୍ କ୍ରୀଡା ପ୍ରତିଯୋଗିତାରେ ୨୫ଜଣଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଛି। କ୍ରୀଡା ଶିକ୍ଷକ ନଟବର ସେଠୀ ଓ ସୂର୍ଯ୍ୟନାରାୟଣ ଜେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବୁଧବାର ମୁନିଦାସ୍ଥିତ କବି ପ୍ରସନ୍ନ ପାଟଶାଣି ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପିତ କାର୍ଯ୍ୟକ୍ରମ ରହିଛି।



ୟୁଥ୍ ହଷ୍ଟେଲରେ ଅନାମ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କବି କୁମାର ମହାନ୍ତିଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ ଅନାମ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

# ଜିଲା କ୍ରୀଡ଼ା ସଂସଦର ନିର୍ବାଚନ ଦାବି

### କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ପୁରୀ ଅଫିସ,୨୦।୧୨

ପୁରୀ ଜିଲା କ୍ରୀଡ଼ା ସଂସଦ ନିର୍ବାଚନ ଏବଂ ନିର୍ବାଚନରେ ନୂତନ ସଦସ୍ୟମାନଙ୍କୁ ପରିଚାଳନାରେ ସୁଯୋଗ ଦେବା ପାଇଁ ଦାବି କରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୁରୀ ଶାଖା ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ବିଗତ ୧୦ରୁ ୧୨ ବର୍ଷ ହେବ ପୁରୀ ଜିଲା କ୍ରୀଡ଼ା ସଂସଦ ଠିକ୍ ରୂପେ କାର୍ଯ୍ୟକାରୀ କରୁନାହିଁ। ଜଣେ ସମ୍ପାଦକ ସଂସଦକୁ ଚଳାଉଥିବା ବେଳେ କୌଣସି ନିର୍ବାଚିତ ପ୍ରତିନିଧି ନାହାନ୍ତି। ଅଧିକାଂଶ ସଭ୍ୟ ବୟସ୍କ ତଥା ସଂସଦରେ ଜଡିତ ନ ଥିବାବେଳେ ନୂଆ ସଭ୍ୟମାନଙ୍କୁ ସଂସଦରେ ଯୋଗଦେବା ପାଇଁ ପ୍ରୋତ୍ସାହିତ କରାଯାଉନାହିଁ। ତେବେ ବିଭିନ୍ନ ଗଣମାଧ୍ୟମ ସୂଚନାନୁସାରେ ଯଥାଶୀଘ୍ର ପୁରୀରେ ନିର୍ମାଣ ହୋଇଥିବା ନୂତନ ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। ତେବେ ୩୨ବର୍ଷ ପୂର୍ବେ କଂଗ୍ରେସ ସରକାର ସମୟରେ ଏକ ଷ୍ଟାଡିୟମର ଖେଳ ପଡ଼ିଆକୁ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ବ୍ରଜମୋହନ ମହାନ୍ତି ଅନୁମୋଦନ କରିଥିଲେ। ତେବେ ୩୨ ବର୍ଷ ପରେ ଷ୍ଟାଡିୟମ କାର୍ଯ୍ୟକ୍ଷମ ହେବାକୁ ଯାଉଥିବାରୁ ତାହାକୁ ସ୍ୱାଗତ କରାଯାଉଛି। ପୁରୀ ଜିଲା କ୍ରୀଡ଼ା ସଂସଦର ବରିଷ୍ଠ ଅଧିକାରୀଙ୍କ ଅଗୋଚରରେ ସଂସଦ ଜିଲାସ୍ତରୀୟ କ୍ରୀଡ଼ା ଆୟୋଜିତ କରୁଛି। ଏହା ସହ ଜାଗା ଓ କ୍ଲବ ପକ୍ଷରୁ ପଞ୍ଜୀକୃତ ହୋଇଥିବା ସଭ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ସଂସଦରେ ପଞ୍ଜିକୃତ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଜିଲାପାଳ ଜିଲା କ୍ରୀଡା ସଂସଦର ସଭାପତି ହୋଇଥିବାରୁ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ନିର୍ବାଚନ ତାରିଖ ଘୋଷଣା କରିବା ସହ ଯଥାସମ୍ଭବ ଜାତୀୟ ଖେଳରେ ଅଂଶଗ୍ରହଣକାରୀ ଓ ବିଭିନ୍ନ କ୍ଲବ ଓ ଜାଗାର ସଦସ୍ୟମାନଙ୍କୁ ସଂସଦରେ ସଦସ୍ୟ ଭାବେ ରଖାଯାଉ। ଫଳରେ ଜିଲାରେ କ୍ରୀଡ଼ାର କାର୍ଯ୍ୟକଳାପ ବୃଦ୍ଧି ପାଇପାରିବ। ଏହି ଦାବିପତ୍ର ଦେବା ସମୟରେ ପିସିସି ସ୍ପୋର୍ଟସ ପର୍ସନ ତଥା ଓଡ଼ିଶା ଆମେଚର ଜୁଡୋ ସଂଘ ଓ ପିଡିଏଏ ଭଲିବଲର ସମ୍ପାଦକ ବିନାୟକ ଦାସମହାପାତ୍ର, ପୁରୀ କ୍ରୀଡ଼ା ସଂସଦର ବରିଷ୍ଠ ସଭ୍ୟ ତଥା ସାଧାରଣ ସମ୍ପାଦକ ଡିଡିସିଇ ନିରଞ୍ଜନ ରଥ, ବାର୍ ଆସୋସିଏଶନର ପୂର୍ବତନ ସମ୍ପାଦକ ତଥା ଏଆଇସିସିର ସଭ୍ୟ ଜୟ ନାରାୟଣ ପଟ୍ଟନାୟକ ଏବଂ ସିଏଫ୍‌ଏଫ୍‌ର ପୁରୀ ସମ୍ପାଦକ ଅନାଥ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପହିଲି ପୁଲକ ଲୋକାର୍ପିତ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ): କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ମଙ୍ଗଳବାର ଗୋଦାବରୀଶ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷରେ କବି ମଞ୍ଜୁଲତା ସିଂହଙ୍କ କବିତା ପୁସ୍ତକ ପହିଲି ପୁଲକ ଲୋକାର୍ପିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି, ସମାଜରେ ଅବହେଳିତ ଶ୍ରେଣୀର ଲୋକଙ୍କ ମୁହଁରେ ହସ ଫୁଟାଇବାରେ ଏହି ପୁସ୍ତକ ସହାୟକ ହେବ। ମୁଖ୍ୟ ଅତିଥି ଭାବେ ଅନୁବାଦିକା ଡ. ଶକୁନ୍ତଳା ବଳିୟାରସିଂ, ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିଲେ। ଲେଖିକା ଅମ୍ବିକା ସ୍ୱାଇଁ କାର୍ଯ୍ୟକ୍ରମ ଅଧକ୍ଷତା କରିଥିଲେ। ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ଅମ୍ବରୀଶ ଶତପଥୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମଶା ପାଇଁ ବଡ଼ଗଡ଼ ଗ୍ରାମବାସୀ ଅତିଷ୍ଠ

ପୁରୁଣା ଭୁବନେଶ୍ୱର,୨୦।୧୨(ଡି.ଏନ୍.ଏ.): ବଡ଼ଗଡ଼ ଗ୍ରାମ ବିଏମ୍‌ସିର ୱାର୍ଡ ନଂ. ୪୪ର ଅଧିବାସୀ ମଶା ପାଇଁ ଅତିଷ୍ଠ ହୋଇପଡ଼ିଛନ୍ତି। ଏଠାରେ ମଶାଙ୍କ ସାନ୍ଦ୍ରତା ୨୦୦ ଟପିଲାଣି। ଏହି ଅଞ୍ଚଳର ଲୋକେ ଡେଙ୍ଗୁ, ମ୍ୟାଲେରିଆ ରୋଗରେ ପୀଡ଼ିତ ହେଉଛନ୍ତି। ଏନେଇ ସୋମବାର ଗ୍ରାମବାସୀଙ୍କ ପକ୍ଷରୁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ପ୍ରଦାନ କରାଯାଇଛି। ମଶାଙ୍କ ଠାରୁ ବର୍ତ୍ତିବା ପାଇଁ ବିଏମସି. ପ୍ରତିଷେଧକ ବ୍ୟବସ୍ଥା ଲାଗୁ କରୁ, ଅଞ୍ଚଳରେ ଥିବା ପୋଖରୀ, ନାଳ ନର୍ଦ୍ଦମାରୁ ଆବର୍ଜନା ମୁକ୍ତ, ଅଞ୍ଚଳରେ ପୀଡ଼ିତ ଥିବା ମ୍ୟାଲେରିଆ, ଫାଇଲେରିଆ ଓ ଡେଙ୍ଗୁ ରୋଗୀଙ୍କ ରକ୍ତ ପରୀକ୍ଷା, ଇଏ କଲୋନୀ ଓ ବଡ଼ଗଡ଼ ଶ୍ମଶାନ ମଧ୍ୟରେ ଡମ୍ପିୟାର୍ଡ ଅଞ୍ଚଳ ବିଶୋଧନ କରାଯିବା ସହିତ ପ୍ରତ୍ୟେକ ଦିନ ମଶା ଧୂଆଁ, ମଶା ତେଲ ଓ ବ୍ଲିଚିଂ ପାଉଡ଼ର ପକାଯାଉ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦାବିଗୁଡ଼ିକ ପୂରଣ କରାନଗଲେ ଗ୍ରାମବାସୀ ବିଏମସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସ୍ଥାନୀୟ ବାସିନ୍ଦା ସଂଗ୍ରାମ ମାର୍ଥା କହିଛନ୍ତି।

### ନନ୍ଦକିଶୋର ନଗରରେ ଡେଙ୍ଗୁ ନମୁନା ସଂଗ୍ରହ

ପୁରୁଣା ଭୁବନେଶ୍ୱର,୨୦।୧୨(ଡି.ଏନ୍.ଏ.): ଗ୍ୟାରେଜ ଛକସ୍ଥିତ ନନ୍ଦ କିଶୋର ନଗରରେ ୩ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏନେଇ ମଙ୍ଗଳବାର ବିଏମ୍‌ସିର ସ୍ୱତନ୍ତ୍ର ଡାକ୍ତର ଟିମ୍ ମଙ୍ଗଳବାର ଉକ୍ତ ନଗରରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛନ୍ତି। ଅନ୍ୟପଟେ ୨୦୧୧ରୁ ପରିତ୍ୟକ୍ତ ହୋଇପଡ଼ିଥିବା ଐତିହ୍ୟ କଣ୍ଡରା ପୋଖରୀର ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଥାଉ କି, ପ୍ରାୟ ୫ଏକର ଜମି ପରିମିତ କଣ୍ଡରା ପୋଖରୀ ବର୍ଷ ବର୍ଷ ଧରି ଆବର୍ଜନାମୟ ହୋଇପଡ଼ିରହିଛି। ଫଳରେ ଏଥିରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବା ନେଇ ଏକାମ୍ର ଜନଜାଗରଣ ମଞ୍ଚ ବାରମ୍ବାର ଅଭିଯୋଗ କରିଆସୁଥିଲା।

### ପୋଲିସ କମିଶନରେଟ ରେଡକ୍ରସ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)- ଭାରତୀୟ ରେଡକ୍ରସ୍ ସୋସାଇଟି, ପୋଲିସ କମିଶନରେଟ ଆଞ୍ଚଳିକ ଶାଖା ପକ୍ଷରୁ ଚନ୍ଦକା ନିକଟସ୍ଥ କୁଜିମହଲ ଗ୍ରାମରେ ମଙ୍ଗଳବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭୫ ଜଣ ବ୍ୟକ୍ତିଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ତଥା ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ପୋଲିସ, ଡାକ୍ତର ଏବଂ ହାଇଟେକ୍‌ର ଦାନ୍ତ ଡାକ୍ତରମାନେ ଉପସ୍ଥିତ ଥିଲେ। ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ରେଡକ୍ରସ୍ ପକ୍ଷରୁ ସେମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ପୋଲିସ କମିଶନରେଟ ରେଡକ୍ରସ୍‌ର ଯୁଗ୍ମ-ସମ୍ପାଦକ ଏସିପି ଲଳିତେନ୍ଦୁ ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଦିଲ୍ଲୀପ ଦାଶଶର୍ମା ଶିବିର ପରିଚାଳନା କରିଥିବାବେଳେ ବରିଷ୍ଠ ସଦସ୍ୟ ଡ. ଦ୍ୱାରିକାନାଥ ମହାନ୍ତି, ସ୍ଥାନୀୟ ଏସିପି ଓ ଥାନା ଅଧିକାରୀ ସହାୟତା କରିଥିଲେ।

### ମାଟିରେ ମିଶିଲା ୧୫୦ ବେଆଇନ ନିର୍ମାଣ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଫୁଟ୍‌ପାଥ, ଡ୍ରେନ, ରାସ୍ତାପାର୍ଶ୍ୱ ଓ ଗଳିକନ୍ଦିରୁ ଛୋଟବଡ ଦୋକାନଗୁଡିକୁ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ସହରର ବିଭିନ୍ନ ଅଞ୍ଚଳରୁ ୧୫୦ଟି ବେଆଇନ ନିର୍ମାଣ ଭଙ୍ଗାଯାଇଛି। ସ୍କ୍ୱାଡ୍ ନଂ ୫, ୬, ୭ ଓ ୮ ପଟିଆ ଛକରୁ କିଟ୍ ରୋଡ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି। ଏଥିରେ ୭୫ଟି ଦୋକାନ ସମେତ ୨୦୦ ଫୁଟ୍ ପାଚେରି କୁ ଭଙ୍ଗାଯାଇଛି। ସେହିପରି ସ୍କ୍ୱାଡ୍ ନଂ ୧, ୨, ୩ ଏବଂ ୪ ପକ୍ଷରୁ ୨୦୦ ଫୁଟ୍ ପାଚେରି ଭଙ୍ଗାଯାଇଛି । ସ୍କ୍ୱାଡ ନଂ ୧୩, ୧୪, ୧୫ ଓ ୧୬ ଫାୟାର ଷ୍ଟେଶନ ଛକରୁ ପଟାସ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରିଥିଲା। ଏଥିରେ ୩୧ଟି ଦୋକାନ ମାଟିରେ ମିଶିଛି। ସେହିଭଳି ନିକୋ ପାର୍କ ଛକରୁ ବାୟା ବାବା ମଠ ପର୍ଯ୍ୟନ୍ତ ସ୍କ୍ୱାଡ ନଂ. ୯, ୧୦, ୧୧ ଏବଂ ୧୨ ଉଚ୍ଛେଦ କରିଥିଲା । ଯେଉଁଥିରେ ୨୬ଟି ଦୋକାନ ଭଙ୍ଗାଯାଇଛି ଶେଷରେ ସ୍କ୍ୱାଡ ୧୭ ବାଣୀବିହାର ଛକରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ହୋଇଥିବା ଜବରଦଖଲ ହଟାଇଥିଲା। ଏଥିରେ ୯ଟି ଦୋକାନ ହଟାଯାଇଛି।

# ଅନ୍ଧାରରେ ବାଡ଼ି ବୁଲାଉଛି ବିଏମ୍‌ସି



- ପୋଖରୀ, କେନାଲରେ ଔଷଧ ସ୍ପ୍ରେ
- ମଶା ପାଇଁ ଏବେ ବି ଅତିଷ୍ଠ ସହରବାସୀ
- ବିନାନୁମତିରେ ଡ୍ରୋନ ଉଡ଼ାଇବାରୁ ଏଆଇଏ ନୋଟିସ୍

ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ)

ମଶା ପାଇଁ ବିଭିନ୍ନ ଆଡୁ ସମାଲୋଚନାର ଶିକାର ହେବା ପରେ ତରବରିଆ ଭାବେ ପଦକ୍ଷେପ ନେଇଛି ବିଏମ୍‌ସି। ଲୋକଦେଖାଣିଆ ଭାବେ ଡ୍ରୋନ୍ ଉଡ଼ାଉଥିବାବେଳେ ସହରବାସୀ ଏବେ ବି ମଶା ଦାଉରେ କଲବଲ ହେଉଛନ୍ତି। ଶନିବାରଠାରୁ ଡ୍ରୋନ୍ ଯୋଗେ ମଶାଙ୍କ ଉତ୍ପତ୍ତିସ୍ଥଳ ଚିହ୍ନଟ ହେବା ପରେ ରବିବାର ନୀଳାଦ୍ରି ବିହାର ଅଞ୍ଚଳରେ କେମିକାଲ ସ୍ପ୍ରେ ହୋଇଥିଲା। ମାତ୍ର ସମ୍ପୃକ୍ତ ଅଞ୍ଚଳରେ ଏବେ ବି ମଶାଙ୍କ ଉତ୍ପାତ କମିନାହିଁ। ଅପରପକ୍ଷେ ଔଷଧ ସ୍ପ୍ରେ କରାଯିବା ପରେ ସେଠାରେ କେତେ ମଶା ମଲେ ସେ ନେଇ କୌଣସି ସୂଚନା ବିଏମ୍‌ସି ପାଖରେ ନାହିଁ। କେବଳ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ଦିନକୁ ଦୁଇଟି ୱାର୍ଡରେ ଡ୍ରୋନ୍ ବୁଲୁଛି। ଶନିବାର ଠାରୁ ମୋଟ୍ ୩ଟି ୱାର୍ଡରେ ଡ୍ରୋନ ବୁଲି ଫଟୋ ଉଠାଇବା ସହ ଔଷଧ ସ୍ପ୍ରେ ହୋଇଛି। ଯେଉଁ ଅଞ୍ଚଳକୁ ଲୋକେ ଯାଇପାରିବେ ନାହିଁ ବା ଦୁର୍ଗମ ଅଞ୍ଚଳ ସେଠାରେ ଡ୍ରୋନ୍ ଦ୍ୱାରା ମଶାଙ୍କୁ ଦମନ କରାଯିବ ବୋଲି ବିଏମ୍‌ସି କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ମାତ୍ର ବାସ୍ତବରେ ଏହାକୁ ଖୋଲା ସ୍ଥାନ, ନାଳ, ପୋଖରୀ ଏବଂ ବିଭିନ୍ନ ବସ୍ତି ଉପରେ ବୁଲାଯାଉଛି। ଯେଉଁଠାକୁ ବିଏମ୍‌ସି କର୍ମଚାରୀ ଯାଇ ମଶାତେଲ ଓ ଔଷଧ ସିଞ୍ଚନ କରିପାରିବେ। ସେହିପରି ମାସ ମାସ ଧରି ନାଳ ନର୍ଦ୍ଦମା, ପୋଖରୀ ଏବଂ ଅନ୍ୟ ଜଳଉତ୍ସଗୁଡିକ ସଫା ହୋଇନାହିଁ। ଫଳରେ ମଶାବଂଶ ବୃଦ୍ଧି ହେଉଛି। ଆଗରୁ ନିନ୍ଦାବିଷ୍ଟ ସାଜିଥିବା ବିଏମ୍‌ସିର ଅପାରଗତା ପାଇଁ ଏବେ ରାଜଧାନୀବାସୀ ହଇରାଣ ହେଉଛନ୍ତି। ଅପରପକ୍ଷେ ଡ୍ରୋନ୍ ମଶାଙ୍କୁ ଦମନ କରିବ ବୋଲି ବିଏମ୍‌ସି ବାହାସ୍ଫୋଟ ମାରୁଥିବାବେଳେ ପ୍ରକୃତରେ ଏହା କେତେଦୂର ସଫଳ ହେବ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ସହରରେ ଏବେ ସାନ୍ଦ୍ରତା ୧ଶହ ଟପିଥିବାବେଳେ ବିଏମ୍‌ସିର ପରୀକ୍ଷାମୂଳକ କାର୍ଯ୍ୟ ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଇବା ଭଳି ହୋଇଛି। ଏ ସମ୍ପର୍କରେ ବିଏମ୍‌ସି ସିଟି ହେଲ୍‌ଥ ଅଫିସର ଦୀପକ ବିଶୋଇ କହିଛନ୍ତି, ଏବେ ଦିନକୁ ୨ଟି ୱାର୍ଡରେ ଡ୍ରୋନ୍ ବୁଲୁଛି। ପ୍ରତିଦିନ ୯ଟି ଟିମ୍ ୯ଟି ୱାର୍ଡରେ ଫଗିଂ କରୁଛନ୍ତି। ଏହାବାଦ୍ ୬୭ ୱାର୍ଡ ପାଇଁ ବିଏମ୍‌ସିର ୧୭୦ ଜଣ କର୍ମଚାରୀ ଗଣ ସଫେଇ, ଆଣ୍ଟି ଲାର୍ଭା କାର୍ଯ୍ୟକ୍ରମ କରୁଛନ୍ତି। ପ୍ରତିଦିନ ୬ଟି ୱାର୍ଡରେ କାର୍ଯ୍ୟକ୍ରମ କରାଯାଉଛି। ମଙ୍ଗଳବାର ୱାର୍ଡ ନଂ ୮ର ହାଟ ଓ ଅନ୍ୟାନ୍ୟ ଅଞ୍ଚଳ ଏବଂ ୪୩ ନଂ ୱାର୍ଡରେ ଲକ୍ଷ୍ମୀସାଗର ବଡ଼ ପୋଖରୀ, ଦୟା ୱେଷ୍ଟ କେନାଲ, ଡ୍ରେନ୍‌ଗୁଡ଼ିକରେ ଔଷଧ ସ୍ପ୍ରେ ହୋଇଥିଲା। ଅପରପକ୍ଷେ ବିଏମ୍‌ସିର ଡ୍ରୋନ୍ ଉଡାକୁ ନେଇ ବିବାଦ ଦେଖାଦେଇଛି। ବିନା ଅନୁମତିରେ ରାଜଧାନୀ ଆକାଶମାର୍ଗରେ ଡ୍ରୋନ ଉଡାଯାଉଥିବାରୁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଆଇଏ) ବିଏମ୍‌ସିକୁ ନୋଟିସ୍ ଜାରି କରିଛି। ଡ୍ରୋନ ଉଡ଼ିବା ପାଇଁ ଡିଜିସିଏ ଓ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁମତି ନିହାତି ଦରକାର। କିନ୍ତୁ ବିଏମ୍‌ସି ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଏନେଇ କୌଣସି ତଥ୍ୟ ପ୍ରଦାନ କରିନାହିଁ। ଏପରି ଡ୍ରୋନ ଉଡ଼ାଇବା ବିମାନ ପାଇଁ ବିପଜ୍ଜନକ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏନେଇ ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି, ସମ୍ପୃକ୍ତ ଏଜେନ୍ସି ଏନେଇ ଅନୁମତି ଆଣିବା କଥା, ଯାହାକି ସେ କରିନାହିଁ। ସହର ମଧ୍ୟରେ ପ୍ରାୟ ଅଧିକାଂଶ ଅଞ୍ଚଳ ରେଡ୍ ଜୋନ୍ ମଧ୍ୟରେ ଆସିବ। ନୋଟିସ୍ ପାଇବା ପରେ ବିଏମ୍‌ସି ପକ୍ଷରୁ ସମ୍ପୃକ୍ତ ଏଜେନ୍ସି ସହ ଆଲୋଚନା କରାଯାଉଛି। ଡ୍ରୋନ୍ ଉଡିବା କିଛି ନୂଆ କଥା ନୁହେଁ। ଜାଗା ମିଶନ୍ ଅନ୍ତର୍ଗତ ସର୍ଭେ ପାଇଁ ମଧ୍ୟ ଡ୍ରୋନ୍‌ର ବ୍ୟବହାର କରାଯାଉଛି। ତେବେ ଯଦି କିଛି ନିୟମ ଥାଏ ବିଏମ୍‌ସି ସେ ସବୁ ସମସ୍ତ ନିୟମ ପାଳନ କରିବା ସହ ଗାଇଡ୍‌ଲାଇନ୍ ଅନୁଯାୟୀ କାମ କରିବ।

# ଜାତୀୟ ପ୍ରଦର୍ଶନୀରେ ୨ ଓଡ଼ିଆ ଶିଳ୍ପୀ



ପ୍ରଦର୍ଶନୀରେ ଅନ୍ୟ ଶିଳ୍ପୀମାନଙ୍କ ସହ ପଞ୍ଚାନନ ସାମଲ ଓ ଚନ୍ଦନ କୁମାର ସାମଲ।

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ତିରୁଭାନନ୍ତପୁରମ୍‌ଠାରେ କେରଳ ଲଳିତ କଳା ଏକାଡେମୀ ଆର୍ଟ ଗ୍ୟାଲେରୀରେ ଆୟୋଜିତ ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଓଡ଼ିଶାରୁ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଓ ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ ଅଂଶଗ୍ରହଣ କରିଛନ୍ତି। ଜାତୀୟ ସ୍ତରରେ ଅଗ୍ରଣୀ କଳା ଅନୁଷ୍ଠାନ ଅନୋଖୀ ଓ କଳାମିତ୍ର ଫାଉଣ୍ଡେଶନର ମିଳିତ ସହଯୋଗରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଛି। ପ୍ରଦର୍ଶନୀରେ ଅତିଥି ଭାବେ କେରଳ ଲଳିତ କଳା ଏକାଡେମୀର ପ୍ରାକ୍ତନ ସଦସ୍ୟ ଶିଳ୍ପୀ କର୍ଦ୍ଦମଣ୍ଡପମ୍ ବିଜୟ କୁମାର, ଆର୍. କିରଣ ବାବୁ, ଥିରୁ ରବିନ୍ଦ୍ରନ, ସଂସ୍କାର ଭାରତୀର ଦକ୍ଷିଣ ପୂର୍ବ ପ୍ରମୁଖ ହରି ବର୍ମା ପ୍ରମୁଖ ଯୋଗଦେଇଥିଲେ। ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୨୫ ଜଣ ଶିଳ୍ପୀ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଚିତ୍ରଶିଳ୍ପୀ ସାମଲଙ୍କ ୪ଟି ଚିତ୍ର ପ୍ରଦର୍ଶିତ ହୋଇଥିଲା। ଶିଳ୍ପୀ ମାନସିକତା ଓ ସାମ୍ପ୍ରତିକ ସମାଜ ଉପରେ ପର୍ଯ୍ୟବେଶିତ କମ୍ପୋଜିସନ ୬, ୭, ୮ ଓ ୯ ଚିତ୍ରଗୁଡ଼ିକୁ ଦର୍ଶକ ଉଚ୍ଚ ପ୍ରଶଂସା କରିଥିଲେ। ଏକ୍ରିଲିକ ରଙ୍ଗରେ କ୍ୟାନଭାସ ଉପରେ ଅଙ୍କିତ ଏହି ଛବିଗୁଡିକରେ ଭାରତୀୟ ସଂସ୍କୃତି ଓ ବୃଷଭର ଉପସ୍ଥାପନାକୁ ଶିଳ୍ପୀ ନିଜସ୍ୱ ଶୈଳୀରେ ଅଙ୍କନ କରିଥିଲେ । ସେହିପରି ଶିଳ୍ପୀ ସାମଲଙ୍କ ଗ୍ରାନାଇଟ ପଥରର ହ୍ୟୁମାନ ଥିଙ୍କିଙ୍ଗ ଶୀର୍ଷକ ୨ ଟି ଭାସ୍କର୍ଯ୍ୟ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ୪ର୍ଥ ଷ୍ଟାର୍ ମାନ୍ୟତା

ବାରଙ୍ଗ,୨୦।୧୨(ଡି.ଏନ୍.ଏ.)

ବିଦ୍ୟାଧରପୁରସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ୪ର୍ଥ ଷ୍ଟାର ମିଳିଛି। ନବଭାବ ପ୍ରବର୍ତ୍ତନ, ସୃଜନଶୀଳତା ଓ ଦୃତ ବିକାଶ ସଂସ୍କୃତି କ୍ଷେତ୍ର ପାଇଁ ୪ର୍ଥ ଷ୍ଟାର ଶ୍ରେଣୀ ମାନ୍ୟତା ମିଳିଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରାରମ୍ଭରୁ ନବଭାବ ପ୍ରବର୍ତ୍ତନ, ସୃଜନଶୀଳତା ଓ ଦ୍ରୁତ ବିକାଶ ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟ କରିଆସିଛି। ୨୦୨୧-୨୦୨୨ ବର୍ଷରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ସୃଜନଶୀଳତା ପରିଷଦ ସଂସ୍ଥା ତରଫରୁ ଉପରୋକ୍ତ ବିଷୟରେ ସର୍ବନିମ୍ନ ୧୪୬ ପ୍ରଦର୍ଶନ ଆବଶ୍ୟକସ୍ଥଳେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମୋଟ ପ୍ରଦର୍ଶିତ ୩୩୪ଟି ମଧ୍ୟରୁ ୩୨୫ଟି ଅନୁମୋଦନ ଲାଭ କରିଛି। ଫଳସ୍ୱରୂପ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ୪ର୍ଥ ଷ୍ଟାର ମିଳିଛି। ଏହାକୁ ନେଇ ଭାଇସ୍ ଚାନ୍ସଲେର ବି.ଆର୍. ଶର୍ମା ପ୍ରଶଂସା କରି କହିଛନ୍ତି, ଆମର ଦଳଗତ ଉଦ୍ୟମର ଫଳ ଓ ଛାତ୍ରୀଛାତ୍ରମାନେ ନିଯୁକ୍ତି ସୁଯୋଗ ସୃଷ୍ଟିକାରି ହେବାଲାଗି ଉତ୍ସାହିତ କରିଛି। ଏଭଳି ଉଦ୍ୟମ ପୂଜ୍ୟ ଗୁରୁଜୀଙ୍କ ଭବିଷ୍ୟତ ଯୁବପିଢି ପାଇଁ ନିଯୁକ୍ତି ସୁଯୋଗର ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇପାରିବ ବୋଲି କହିଛନ୍ତି।




ଖଣ୍ଡଗିରି ପୁରୁଣା ବସଷ୍ଟାଣ୍ଡରେ ସାମାଜିକ ଯୁବ ସଙ୍ଗଠନର ପଞ୍ଚମ ବାର୍ଷିକ ଉତ୍ସବରେ ଦୁଇଜଣ କର୍କଟ ପୀଡ଼ିତଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ୨ କର୍କଟ ପୀଡ଼ିତ ଶିଶୁଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ସାମାଜିକ ଯୁବ ସଙ୍ଗଠନର ବାର୍ଷିକ ଉତ୍ସବ**

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ସାମାଜିକ ଯୁବ ସଙ୍ଗଠନର ପଞ୍ଚମ ବାର୍ଷିକ ଉତ୍ସବ ଖଣ୍ଡଗିରି ପୁରୁଣା ବସଷ୍ଟାଣ୍ଡରେ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ସମାଜ ମଙ୍ଗଳ ହୁଣ୍ଡିର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଦୁଇଜଣ କର୍କଟ ପୀଡ଼ିତଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଭୁବନେଶ୍ୱର ସାଲିଆସାହି ବସ୍ତିର ୪ବର୍ଷୀୟ ବାଳକ ରୋହନ ପ୍ରଧାନ (ଚକ୍ଷୁ କର୍କଟ ରୋଗୀ)ଙ୍କୁ ୨୩,୭୫୬ ଟଙ୍କା ଓ ପୁରୀ କଣାସ ଅଞ୍ଚଳର ସତ୍ୟନାରାୟଣ ସ୍ୱାଇଁ (ରକ୍ତ କର୍କଟ)ଙ୍କୁ ୨୪,୦୯୭ ଟଙ୍କା ସମାଜ ମଙ୍ଗଳ ହୁଣ୍ଡିରୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଶତାଧିକ ଅସହାୟ ଗରିବଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ସାମାଜିକ କର୍ମୀ ସସ୍ମିତା ଦାସ, ବାପି ମହାନ୍ତି, ଯୁବନେତା ଅମରେଶ ଜେନା, କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ସ୍ତମ୍ଭକାର ବନ୍ଦନା ହରିଚନ୍ଦନ, ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା, ଅଭିନେତା ମିଟୁ ମିଥୁନ, ସ୍ମୃତି ରଞ୍ଜନ ମହାନ୍ତି, ପ୍ରଫେସର ଜ୍ଞାନେନ୍ଦ୍ର ପଲାଇ ପ୍ରମୁଖ ଯୋଗଦେଇଥିଲେ। ସମାଜ ମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ବାପୁ ଓଝା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସଙ୍ଗଠନର ସଭାପତି ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ।

# ଧରାପଡ଼ିଲେ ୭ ଜଣିଆ ଗ୍ୟାଙ୍ଗ୍



**ମୋ ବସ୍ ଯାତ୍ରୀଙ୍କଠାରୁ ଲୁଟ୍**
- ୫୭ ହଜାର ଟଙ୍କା, ୯ ମୋବାଇଲ ଜବତ
- ସମ୍ପୃକ୍ତ ଯାତ୍ରୀଙ୍କୁ ଜବତ ଟଙ୍କା ଫେରାଇଲା ପୋଲିସ

ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ)

ଭୁବନେଶ୍ୱର ଓ କଟକ ରାସ୍ତାରେ ମୋ ବସ୍‌ରେ ଚଢ଼ି ଲୁଟ୍ କରୁଥିବା ଏକ ୭ଜଣିଆ ଗ୍ୟାଙ୍ଗକୁ ମଙ୍ଗଳବାର କମିଶନରେଟ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ଖୁରସିଆ ଗ୍ରାମର ନିକୁଞ୍ଜ ସାମନ୍ତରାୟ (୫୫), ମଙ୍ଗଳାବାଗ ଥାନା ଅଧୀନ ଛୋଟ ମସ୍‌ଜିଦ ନିକଟ କେଶରପୁର ଗ୍ରାମର ଶେଖ୍ ମୁନା (୩୩), ଗହ୍ଣାଡିହ ଗ୍ରାମର ସେକ୍ ସୁଲତାନ (୬୦), ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁରର ହଲିମ ଖାନ ଓରଫ ରାଜେଶ (୪୨), ଢେଙ୍କାନାଳ ଜିଲା ଭାପୁର ଥାନା ଝୁମ୍ପୁଡ଼ା ଗ୍ରାମର ପ୍ରଫୁଲ୍ଲ ବାରିକ (୪୦), ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ଦୁର୍ଯ୍ୟୋଧନ ମହାପାତ୍ର ଓରଫ ଭୀମ (୩୩)। ଏମାନଙ୍କ ନିକଟରୁ ୫୭ ହଜାର ଟଙ୍କା, ୯ ମୋବାଇଲ ଫୋନ ଜବତ କରାଯାଇଛି। ସମସ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ନୟାପଲ୍ଲୀ ଓ ଶହୀଦନଗର ଥାନାରେ ୨ଟି ଲେଖାଏ, କ୍ୟାପିଟାଲ ଓ ଖଣ୍ଡଗିରି ଥାନାରେ ଗୋଟିଏ ଲେଖାଏ ଏଭଳି ମୋଟ ୬ଟି ମାମଲାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଲୁଟ୍‌ର ଶିକାର ବ୍ୟକ୍ତିଙ୍କୁ ପୋଲିସ ଜବତ ଟଙ୍କା ଫେରାଇଛି।

ସୂଚନା ଅନୁଯାୟୀ, ଗ୍ୟାଙ୍ଗର ସଦସ୍ୟମାନେ କଟକରେ ରୁହନ୍ତି। ସେମାନେ କଟକ ଓ ଭୁବନେଶ୍ୱରରେ ମୋ ବସ୍‌ରେ ଦଳ ଦଳ ହୋଇ ଚଢ଼ି ଭିଡ଼ ସୃଷ୍ଟି କରନ୍ତି। ସୁଯୋଗ ଦେଖି ଟଙ୍କା ଓ ମନିପର୍ସ ଆଦି ଲୁଟି ନେଇ ଫେରାର ହୋଇଯାଆନ୍ତି। ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଭିଏସ୍‌ଏସ୍ ନଗରର ବିରଞ୍ଚି ନାରାୟଣ ସେଠୀ ଗତ ୧୨ତାରିଖରେ ବନ୍ଧକ ଥିବା ସୁନା ମୁକୁଳାଇବାକୁ ୪୨ ହଜାର ଟଙ୍କା ଧରି ମୋ ବସ୍‌ରେ ବରମୁଣ୍ଡା ଯାଉଥିଲେ। ଜୟଦେବ ବିହାର ନିକଟରେ ଅଭିଯୁକ୍ତମାନେ ତାଙ୍କ ଟଙ୍କା ଚୋରି କରି ନେଇଯାଇଥିଲେ। ଏ ନେଇ ବିରଞ୍ଚି ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୭୫୬/୨୦୨୨) ରୁଜୁ କରି ତଦନ୍ତ କରିଥିଲା। ସ୍ପେଶାଲ ସ୍କ୍ୱାଡ୍ ଓ ପୋଲିସ ମିଳିତ ଭାବେ ଏହି ତଦନ୍ତ କରୁଥିଲେ।

# କୋଇଲା ବୋଝେଇ ଗାଡ଼ି ଓଲଟିଲା



ବାରଙ୍ଗ,୨୦।୧୨(ଡି.ଏନ୍.ଏ.)

ବାରଙ୍ଗ ଥାନା ଅନ୍ତର୍ଗତ ପାଟପୁରଗାଁ ମୁଣ୍ଡରେ ସୋମବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ଓଆର୍‌୧୯ଏଫ୍ ୩୬୯୭ ନଂ. ବିଶିଷ୍ଟ କୋଇଲା ବୋଝେଇ ମିନିଟ୍ରକଟି ଓଲଟି ପଡ଼ି କ୍ୟାବିନ ଓ ବଡ଼ି ଅଲଗା ହୋଇଯାଇଛି। ଦୁର୍ଘଟଣାରେ ଗାଡ଼ିଚାଳକ ଗୁରୁତର ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ବାରଙ୍ଗ ଥାନା ପୋଲିସ ମଙ୍ଗଳବାର ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଓଲଟିଥିବା ଗାଡ଼ି ସେଠାରେ ନ ଥିବାର ଦେଖିବାକୁ ପାଇଥିଲେ। ସୂଚନା ଅନୁଯାୟୀ, ଆଠଗଡ଼ରୁ ଗୋଡ଼ିସାହି ଫାଣ୍ଡିଦେଇ ଉକ୍ତ ମିନିଟ୍ରକଟି କୋଇଲା ନେଇ ସୋମବାର ରାତିରେ ବାରଙ୍ଗ ଇଟାଭାଟିକୁ ଆସୁଥିଲା। ହେଲେ ପାଟପୁର ଗାଁ ନିକଟରେ ହଠାତ୍ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ବିଦ୍ୟୁତ୍‌ଖୁଣ୍ଟରେ ମାଡ଼ ହୋଇଯାଇଥିଲା। ଫଳରେ ଗାଡ଼ିଟି ଓଲଟିପଡ଼ି ବଡି ଓ କ୍ୟାବିନ ଦୁଇଟାଯାକ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ଗାଡ଼ି ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ଅନ୍ୟପଟେ ଗାଡିଟି ଓଲଟି ପଡିବା ପରେ କୋଇଲା ସବୁ ତଳେ ପଡିଯାଇଥିବାବେଳେ ପରେ ଗାଡ଼ିମାଲିକ ରାତାରାତି ଓଲଟିଥିବା ଗାଡିକୁ ଉଠାଇବା ସହ କୋଇଲା ସବୁ ଅନ୍ୟ ଏକ ଗାଡ଼ିରେ ଉଠାଇ ନେଇଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଗ୍ରାମର କେତେଜଣ ଲୋକ ଆସି ତଳେ ପଡିଥିବା ଅଳ୍ପ କିଛି କୋଇଲାକୁ ଗୋଟାଇଥିଲେ। ତେବେ ଏହି କୋଇଲା ସବୁ ଚୋରାରେ ଆସୁଥିବାର ଚର୍ଚ୍ଚା ହେଉଛି।

# ଡକାୟତି ଯୋଜନା ପଣ୍ଡ: ୩ ଗିରଫ





**୨ କଟୁରି, ଖଣ୍ଡା ଜବତ**
- ଖସି ପଳାଇଲେ ୩ ଦୁର୍ବୃତ୍ତ

ଭୁବନେଶ୍ୱର, ୨୦।୧୨ (ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ବଡ଼ଧରଣର ଡକାୟତି ଯୋଜନା ବେଳେ କମିଶନରେଟ ପୋଲିସ ଚଢ଼ାଉ କରି ଏହାକୁ ପଣ୍ଡ କରିଛି। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୩ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା ସଦର ଥାନା ଅଧୀନ ନଖରା ଅଞ୍ଚଳର ସଜନ ସମାନ୍ତ୍ରୟ (୨୯), ସ୍ଥାନୀୟ ଅଞ୍ଚଳରେ ରହୁଥିବା ସୌମ୍ୟ ରଞ୍ଜନ ରାଉତ (୨୫) ଓ ଜୀବନଜ୍ୟୋତି ମହାନ୍ତି (୨୫)। ସେମାନଙ୍କ ନିକଟରୁ ୨ଟି ବାଇକ, ଗୋଟିଏ ଲୁହାଛଡ଼, ୨ଟି କଟୁରି, ଗୋଟିଏ ଖଣ୍ଡା ଏବଂ ୨ଟି ଲଙ୍କାଗୁଣ୍ଡ ପ୍ୟାକେଟ ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ. ୪୮୬/୨୨)ରୁଜ ସହ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ସିମେଇଗଡ଼ିଆ ସୋମନାଥ ୟୁଥ୍ କ୍ଲବ ପଛ ପାଖରେ ଥିବା ଏକ ଶୂନଶାନ ସ୍ଥାନରେ ଅଭିଯୁକ୍ତମାନେ ସୋମବାର ସନ୍ଧ୍ୟାରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ତୁରନ୍ତ ଉକ୍ତ ସ୍ଥାନରେ ଚଢ଼ାଉ କରି ୩ ଜଣଙ୍କୁ କାବୁ କରିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ପୋଲିସ ଫେରାରଙ୍କୁ ଖୋଜାଖୋଜି କରି ଗିରଫ କରିବାକୁ ଚେଷ୍ଟା ଜାରି ରଖିଛି।

# ୨୪ରୁ ସୈନିକ ସ୍କୁଲ ହୀରକ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଆସନ୍ତା ୨୪ ଓ ୨୫ ତାରିଖରେ ସୈନିକ ସ୍କୁଲ ହୀରକ ଜୟନ୍ତୀ ଓ ଛାତ୍ର ପରିଷଦର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ପ୍ରଥମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ବିଜୁ ପଟ୍ଟନାୟକଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ କରିବେ। ସେହିପରି ଦ୍ୱିତୀୟ ଦିନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ବିଦ୍ୟାଳୟର ୧୭ ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ। କାର୍ଯ୍ୟକ୍ରମରେ ୩୫୦୦ ପୁରାତନ ଛାତ୍ରଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ, ପୂର୍ବତନ ଅଧକ୍ଷ, ନିବନ୍ଧକ ଯୋଗଦେବେ। ଉଦଘାଟନୀ ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୋଟିପୁଅ, ସିଂହାରୀ, ପୁରୁଲିଆ ଛଉନୃତ୍ୟ ଆଦି ପରିବେଷଣ କରାଯିବ। ଉଦଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ଅନ୍ୟତମ ଆକର୍ଷଣ ରହିବେ। ଏହି ଅବସରରେ ୨୦୨୦ରେ ଶହୀଦ ହୋଇଥିବା ମରଣୋତ୍ତର ଶୌର୍ଯ୍ୟଚକ୍ର ଉପାଧିପ୍ରାପ୍ତ ଆଶୁତୋଷ କୁମାରଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯିବ।

# ଆଜିଠୁ ଚିଲିକାରେ ଡଲ୍‌ଫିନ୍ ଗଣନା

ବାଲୁଗାଁ,୨୦।୧୨(ଡି.ଏନ୍.ଏ.)



ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ମିଳିତ ଆନୁକୂଲ୍ୟରେ ବୁଧବାରଠାରୁ ୩ ଦିନ ବ୍ୟାପୀ ସମଗ୍ର ଚିଲିକାରେ ଇରାୱାଡ଼ି ପ୍ରଜାତିର ଡଲଫିନ ଗଣନା କରାଯିବ। ଏଥିପାଇଁ ବିଭାଗୀୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ବାଲୁଗାଁ ଚିଲିକା କୂଳ ସ୍ଥିତ ବନ୍ୟପ୍ରାଣୀ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଗଣନାକାରୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବନ୍ୟପ୍ରାଣୀ ବିଭାଗୀୟ ଏସିଏଫ୍ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସିଡିଏର ସିନିୟର ସାଇଣ୍ଟିଷ୍ଟ ଗୁରୁଦୀପ ରସ୍ତୋଗୀ, ପ୍ରଦୀପ୍ତ ରଞ୍ଜନ ମୁଦୁଲି, ବିନୋଦ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଡଲଫିନ୍ ଗଣନା ଦିଗରେ ତାଲିମ୍ ପ୍ରଦାନ କରିଥିଲେ। ୧୯୧୫ମସିହାରେ ଚିଲିକାରେ ପ୍ରଥମ କରି ଏହି ଇରାୱାଡ଼ି ପ୍ରଜାତିର ଡଲଫିନ୍‌କୁ ଚିହ୍ନଟ କରାଯାଇଥିଲା। ଉକ୍ତ ସମୟରୁ ଅଦ୍ୟାବଧି ଚିଲିକାରେ ଡଲଫିନ୍ ୧୬୦ରୁ ଊର୍ଦ୍ଧ୍ୱ ଦୃଷ୍ଟିଗୋଚର ହୋଇଥିବା ବିଗତ ବର୍ଷ ଗଣନାରୁ ଜଣାପଡ଼ିଛି। ଏହି ଗଣନା ଲାଇନ ଟ୍ରାଞ୍ଜାକ୍ଟ ପ୍ରଣାଳୀ ଅର୍ଥାତ୍ ଚିଲିକାର ଯେଉଁ ଅଞ୍ଚଳରେ ଡଲ୍‌ଫିନ୍ ଦୃଷ୍ଟିଗୋଚର ହୋଇଥାନ୍ତି, ସେଠାରେ ଗଣନାକାରୀଙ୍କ ଡ଼ଙ୍ଗା ଏକ ସରଳରେଖା ଦେଇ ଗତି କରିବ। ଏହି ସମୟରେ ଉଭୟ ପାର୍ଶ୍ୱରେ ଯେତିକି ସଂଖ୍ୟକ ଡଲଫିନ୍ ଦୃଷ୍ଟିଗୋଚର ହେବେ ତାହାକୁ ବାଇନାକୁଲାର ଓ ଜିପିଏସ ମାଧ୍ୟମରେ ସଂଖ୍ୟା ନିର୍ଦ୍ଧାରଣ କରାଯାଇଥାଏ। ଗଣନା ପାଇଁ ସମଗ୍ର ଚିଲିକାକୁ ୪ଟି ସେକ୍ଟର ମଧ୍ୟ, ଉତ୍ତର, ଦକ୍ଷିଣ ଏବଂ ବାହ୍ୟ ଚିଲିକା ଅଞ୍ଚଳ ଭାବେ ବିଭକ୍ତ କରାଯାଇଛି। ଭୋର ୬ଟାରୁ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଏହି ଗଣନା ଜାରି ରହିବ। ଡଲଫିନ ଅଭୟାରଣ୍ୟ କୁହାଯାଉଥିବା ସାତପଡ଼ା ଅଞ୍ଚଳ ତଥା ଜହ୍ନିକୁଦା, ଗୁରୁବାଇ, ମହିସା, ବଡ଼ଗୋଠ, ସିପକୁଦା ଚିଲିକାରେ ୮ଟି ଟିମ୍ ଏବଂ ବାଲୁଗାଁ ଠାରୁ କାଳିଜାଇ, କୃଷ୍ଣପ୍ରସାଦ, ପାରିକୁଦ, ନଳବଣ, ବାଲିନାସି, ଦେଇପୁରୁ, ବରୁଣପଡ଼ା, ରମ୍ଭା ଆଦି ଅଞ୍ଚଳରେ ୧୦ଟି ଟିମ୍ ଗଣନା କରିବେ। ମୋଟ ୧୪୦ଜଣ ଏହି ଗଣନା କାର୍ଯ୍ୟରେ ସାମିଲ ହେବେ। ପ୍ରତ୍ୟେକ ଟିମ୍‌କୁ ଗୋଟିଏ ଲେଖାଏ ଡଙ୍ଗା ଏବଂ ଆବଶ୍ୟକୀୟ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି। ଗତ ବର୍ଷ ୧୬୨ଟି ଡଲଫିନ୍ ଚିହ୍ନଟ ହୋଇଥିଲେ। ତେବେ ଇତି ମଧ୍ୟରେ ବିଭିନ୍ନ କାରଣରୁ ବହୁ ଡଲଫିନ୍ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଗତ କିଛି ବର୍ଷ ହେବ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ ଏହି ପ୍ରଜାତିର ଡଲଫିନ ସୁରକ୍ଷା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସଜାଗ ନ ହେଲେ ଆଗାମୀ କିଛି ବର୍ଷ ମଧ୍ୟରେ ଡଲଫିନ୍ ଚିଲିକାରୁ ବିଲୁପ୍ତ ହେବା ଏଡ଼ାଇ ଦିଆଯାଇନପାରେ।

## ଟ୍ୟାଙ୍କର ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.)- ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତାର ମଧୁବନ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ଯୁବକ ଗୁରୁତର ହୋଇଛନ୍ତି। ଜଣେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ରଞ୍ଜିତ ଦାସ(୨୮) ବୋଲି ଜଣାପଡ଼ିଥିବାବେଳେ ଅନ୍ୟ ଜଣେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ମଧୁବନ ଛକ ନିକଟରେ ଉଭୟ ଯୁବକ କେନ୍ଦ୍ରାପଡ଼ା ଅଞ୍ଚଳରୁ ଘରକୁ ଫେରୁଥିଲେ। ଏହି ସମୟରେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର ବାଇକକୁ ଧକ୍କାଦେଇ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ଉଭୟ ଯୁବକଙ୍କୁ ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଅଧକ୍ଷାଙ୍କ ମୃତ୍ୟୁ

କଟକ ସଦର,୨୦।୧୨(ଡି.ଏନ୍.ଏ.): ୪୨ ମୌଜା ଥାନା ଅନ୍ତର୍ଗତ ଦେଉଳି ବଜାର ନିକଟରେ ମଙ୍ଗଳବାର ଦୁର୍ଘଟଣାରେ ଗୋବିନ୍ଦପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଶ୍ରଦ୍ଧାଞ୍ଜଳି ନାୟକ(୫୦)ଙ୍କ ମୃତ୍ୟୁ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଶ୍ରଦ୍ଧାଞ୍ଜଳି ନିଜ ପୁଅଙ୍କ ସ୍କୁଟି ପଛରେ ବସି କଟକ ଅଭିମୁଖେ ଯାଉଥିଲେ। ହଠାତ୍ କେହି ଜଣେ ସ୍କୁଟି ଆଗକୁ ଚାଲି ଆସିଥିଲେ। ଚାଳକ ବ୍ରେକ୍ ମାରିବାରୁ ପଛରେ ବସିଥିବା ଶ୍ରଦ୍ଧାଞ୍ଜଳି ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ନିଜ ଗାଡ଼ିରେ ତାଙ୍କୁ ବେଣ୍ଟକାର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୨) ରୁଜୁ ହୋଇଛି।

### ସ୍ୱାସ୍ଥ୍ୟସେବା ଶିବିର

ମଙ୍ଗୁଳି-ଜଗତପୁର,୨୦।୧୨(ଡି.ଏନ.ଏ.): ଚୌଦ୍ୱାର ପୌରପାଳିକା ଅଧୀନ ୧୧ନଂ. ୱାର୍ଡସ୍ଥିତ ବିରଜା ମନ୍ଦିର ପରିସରରେ ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିନୋଦିନୀ ରାଉତରାୟଙ୍କ ଉଦ୍ୟମରେ ଆୟୋଜିତ ଶିବିରରେ ଡା. ରବୀନ୍ଦ୍ର କୁମାର ମହାପାତ୍ର ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଅବ୍ଦୁଲ ରସିଦ, ଭାସ୍କର ଚନ୍ଦ୍ର ରାଉତରାୟ, ଅଶ୍ୱିନୀ ଜେନା, ଭୀମସେନ ବିଶ୍ୱାଳ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଦୁର୍ଘଟଣାରେ ୨ କନିଷ୍ଠଯନ୍ତ୍ରୀ ଆହତ

କଣ୍ଟାପଡା, ୨୦।୧୨(ଡି.ଏନ୍.ଏ.)- ବାଲିଅନ୍ତା ଥାନା ଅନ୍ତର୍ଗତ ସିଙ୍ଗଡାସାହି ନିକଟରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣାରେ କଣ୍ଟାପଡା ବ୍ଲକର ୨ଜଣ ମହିଳା କନିଷ୍ଠଯନ୍ତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ସୁମନସୁଧା ରାୟ ଓ ପ୍ରିୟଦର୍ଶିନୀ କୁଣ୍ଡୁ। ଚିକିତ୍ସା ପାଇଁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ କାମ ସାରି ଏକ ସ୍କୁଟିରେ ଭୁବନେଶ୍ୱର ଯାଉଥିଲେ। ସିଙ୍ଗଡାସାହି ନିକଟରେ ଗୋପ ମୁଖ୍ୟ କେନାଲ ରାସ୍ତା ଉପରକୁ ଉଠୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ପିଟି ହୋଇଯାଇଥିଲେ।

### ୭୦ ବର୍ଷ ପରେ ବୃନ୍ଦାବନବିହାରୀଙ୍କ ଖାତାକୁ ଫେରିଲା ସମ୍ପତ୍ତି

କଟକ ଅଫିସ, ୨୦।୧୨: ମାହାଙ୍ଗା ଥାନା ଅନ୍ତର୍ଗତ ହରିପୁର ମୌଜାରେ ଥିବା ଠାକୁର ବୃନ୍ଦାବନବିହାରୀଙ୍କ ଖାତାକୁ ୭୦ ବର୍ଷ ପରେ ସମ୍ପତ୍ତି ଫେରିଛି। ସୋମନାଥ ଶତପଥୀଙ୍କ ଦ୍ୱାରା ଚକବନ୍ଦୀ ନିର୍ଦ୍ଦେଶକଙ୍କ ନିକଟରେ ଦାୟର ମାମଲାର ବିଚାର ଶେଷ ହୋଇଛି। ଶେଷରେ ଖାତା ନଂ. ୩୦୯, ୧୪୫, ୭୫ ଓ ୩୧୪/୧୩କୁ ଅନ୍ୟ ସ୍ୱତ୍ତ୍ୱରୁ ଖାରଜ କରାଯାଇ ଠାକୁରଙ୍କ ମାର୍ଫତଦାର ଦେବୋତ୍ତର କମିଶନରଙ୍କ ନାମରେ ରେକର୍ଡଭୁକ୍ତ କରାଯାଇଛି। ଆଇନଜୀବୀ ରଶ୍ମିରଞ୍ଜନ ଶତପଥୀ ମାମଲା ପରିଚାଳନା କରୁଥିଲେ।

### ଟାଙ୍ଗୀ ବିଜେଡିର ବନ୍ଧୁ ମିଳନ

ମଙ୍ଗୁଳି-ଜଗତପୁର,୨୦।୧୨(ଡି.ଏନ୍.ଏ.): ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ ଅଞ୍ଚଳ ବିଜେଡି କର୍ମୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଯାଇଛି। ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ପ୍ରମୋଦ ଉଦ୍ୟାନ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୧୩ ପଞ୍ଚାୟତର ବିଜେଡି ସଭାପତି, ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଓ ଶତାଧିକ କର୍ମୀ ସାମିଲ ଥିଲେ। ନିର୍ବାଚନ ଜିତିବା ଦିଗରେ ୱାର୍ଡସ୍ତରୀୟ କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଏଥିପ୍ରତି ସଚେତନ ରହିବାକୁ ବିଧାୟକ ବେହେରା ପରାମର୍ଶ ଦେଇଥିଲେ । ୧୨ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜନ୍ମଜୟ ଖିଲାର, ସୁବୋଧ ସାମଲ, ରାଜେଶ ରଞ୍ଜନ ଷଡଙ୍ଗୀ, ଶିକ୍ଷାବିତ ଧୀରେନ୍ଦ୍ର ଜେଠି, ଭଟିମୁଣ୍ଡା ସରପଞ୍ଚ ତାପସ୍ୱୀ ସାହୁ, ସରପଞ୍ଚ ଚଣ୍ଡୀ ପ୍ରକାଶ ମହାନ୍ତି ଓ ସମିତି ସଭ୍ୟା ସୁନନ୍ଦା ସାମଲ,ଶୁଭସ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ଏକତା ବୃଦ୍ଧିକୁ ଗୁରୁତ୍ୱ ଦେଇଥିଲେ।

# ଅସ୍ଥାୟୀ ଭାବେ ସ୍ଥାନାନ୍ତର ହେବେ ସେବାୟତ

- ଚଣ୍ଡୀମନ୍ଦିର ନବୀକରଣ କାର୍ଯ୍ୟ ଦେଖିଲେ ସିଡିଏ ଅଧକ୍ଷ, ଜିଲାପାଳ
- ଖୁବ୍‌ଶୀଘ୍ର ଆରମ୍ଭ ହେବ ଷ୍ଟ୍ରଙ୍ଗ୍‌ରୁମ୍ ନିର୍ମାଣ କାର୍ଯ୍ୟ

କଟକ ଅଫିସ,୨୦।୧୨


ସିଡିଏ ଅଧକ୍ଷ ଓ ଜିଲାପାଳ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବୁଝୁଛନ୍ତି।

କଟକ ଚଣ୍ଡୀମନ୍ଦିରର ନବୀକରଣ କାର୍ଯ୍ୟ ଜାରି ରହିଛି। ଆସନ୍ତା ୧୦ ଦିନ ମଧ୍ୟରେ ମନ୍ଦିର ପରିସରରେ ଥିବା ସେବାୟତଙ୍କୁ ସାମୟିକ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଏତଦ୍‌ବ୍ୟତୀତ ମନ୍ଦିର ପରିସରରେ ଅସ୍ଥାୟୀ ଭାବେ ଷ୍ଟ୍ରଙ୍ଗ୍‌ରୁମ ନିର୍ମାଣ କରାଯାଇ ସମ୍ମୁଖ ବ୍ଲକ୍‌କୁ ଭଙ୍ଗାଯିବ ବୋଲି ପ୍ରୋଗ୍ରାମ୍ ଇମ୍ପ୍ଲିମେଣ୍ଟେସନ କମିଟି ତଥା ସିଡିଏ ଅଧକ୍ଷ ଅନିଲ କୁମାର ସାମଲ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଅଧକ୍ଷ ସାମଲ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀ ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ତଦାରଖ ସମୟରେ ଉପରୋକ୍ତ ବିଷୟ କହିଛନ୍ତି। ଇତିମଧ୍ୟରେ ସେଠାରେ ଥିବା ପୁରୁଣା ଢାଞ୍ଚାର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇ ଜିନିଷପତ୍ର ସ୍ଥାନାନ୍ତର କରାଯାଇଛି। ବୁଧବାରଠାରୁ ମନ୍ଦିର ଷ୍ଟ୍ରଙ୍ଗ୍‌ରୁମ୍‌ର ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହେବ। ସେଠାରେ ରହୁଥିବା ସେବାୟତଙ୍କୁ ମଧ୍ୟ ନିକଟରେ ଥିବା ଏକ ଘରେ ସାମୟିକ ଭାବେ ରହିବା ବ୍ୟବସ୍ଥା କରାଯିବ। ଏସବୁ କାର୍ଯ୍ୟ ଦ୍ରୁତ ବେଗରେ କରାଯିବ ବୋଲି ସାମଲ କହିଛନ୍ତି। ଏହି ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ), ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୪ରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଚଣ୍ଡୀ ମନ୍ଦିର ବିକାଶ ପ୍ରକଳ୍ପ କାର୍ଯ୍ୟକୁ ଏକ ସପ୍ତାହ ମଧ୍ୟରେ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ୨୦୨୩ ନଭେମ୍ବର ସୁଦ୍ଧା ପ୍ରକଳ୍ପର ସମସ୍ତ କାର୍ଯ୍ୟ ସରିବ ବୋଲି ସୂଚନା ଦିଆଯାଇଛି।

# ସେବା ସମବାୟ ସମିତି ସଭ୍ୟାସଭ୍ୟଙ୍କ ଧାରଣା


ଏନ୍‌ଆରସିଏସ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ସମିତି ସଭ୍ୟାସଭ୍ୟ।

ବାଙ୍କୀ,୨୦।୧୨(ସ୍ୱ.ପ୍ର.)

ବାଙ୍କୀ ବ୍ଲକ ଅନ୍ତର୍ଗତ ଆନନ୍ଦପୁର ସେବା ସମବାୟ ସମିତିର ସମସ୍ତ ସଭ୍ୟାସଭ୍ୟ ମଙ୍ଗଳବାର ବାଙ୍କୀ ଏଆର୍‌ସିଏସ୍ କାର୍ଯ୍ୟାଳୟଠାରେ ଧାରଣା ଦେଇଛନ୍ତି। ପୂର୍ବରୁ ସମିତିରେ ହୋଇଥିବା ହରିଲୁଟ୍ ସମ୍ପର୍କରେ ତଦନ୍ତ ପାଇଁ ଅଭିଯୋଗ ହୋଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ତଦନ୍ତ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଯେପରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ କେତେ ଲୋକଙ୍କ ଟଙ୍କା ନେଇଛନ୍ତି, ତାହାର ସମ୍ପୂର୍ଣ୍ଣ ବିବରଣୀ ଦିଆଯାଉ। ଯେଉଁ ଅଫିସର ଏହି ଦୁର୍ନୀତିରେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଆର୍‌ସିଏସ୍ ଅଫିସ ସମ୍ମୁଖରେ ସଭ୍ୟ ଧାରଣାରେ ବସିଥିଲେ। ଏଥିରେ ଜଳଧର ମଲ୍ଲିକ, ନୀଳମଣି ନାୟକ, ଜୟନ୍ତ ବେହେରା, ସୁଶାନ୍ତ ବେହେରା, କୁନି ରାଉତ, ପ୍ରାଣକୃଷ୍ଣ ଦାସ, ତ୍ରିଲୋଚନ ବେଉରା ପ୍ରମୁଖ ଶତାଧିକ ସଭ୍ୟାସଭ୍ୟ ଧାରଣା ଦେଇଥିଲେ। ଏସ୍‌ଆର୍‌ସିଏସ୍ ସରୋଜକାନ୍ତ ଜେନା ଆନ୍ଦୋଳନକାରୀଙ୍କଠୁ ଦାବିପତ୍ର ଗ୍ରହଣ ସହ ଏହାର ତଦନ୍ତ କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଡ୍ରେନ୍‌ରେ ଫିଙ୍ଗାଯାଉଛି ମଧ୍ୟାହ୍ନଭୋଜନ

କଟକ ସଦର,୨୦।୧୨(ଡି.ଏନ୍.ଏ.)


ଡ୍ରେନ୍‌ରେ ଫିଙ୍ଗାଯାଇଥିବା ଖାଦ୍ୟ।

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତର ଏକ ପ୍ରାଥମିକ ବିଦ୍ୟାଳୟ ନିକଟ ଡ୍ରେନ୍‌ରେ ପ୍ରତିଦିନ ମଧ୍ୟାହ୍ନ ଭୋଜନ ଫିଙ୍ଗା ଯାଉଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ଜୋର୍ ଧରିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ରେ ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅଧୀନରେ ଥିବା ୬ଟି ଓ ରଘୁନାଥପୁର ବ୍ଲକ ଅଧୀନରେ ଥିବା ଦୁଇଟି ପଞ୍ଚାୟତର ଶିକ୍ଷା ବ୍ୟବସ୍ଥା କଟକ ସଦର ବ୍ଲକ ଅଧୀନକୁ ଆସିଥିଲା। କରୋନା ମହାମାରୀ ଯୋଗୁ ବନ୍ଦ ଥିବା ସ୍କୁଲ ୨୦୨୨ ଫେବୃୟାରୀରେ ଖୋଲିଥିଲା। ପୂର୍ବରୁ ଏଠାରେ ଖାଦ୍ୟ ରନ୍ଧା ଯାଉଥିଲା। ମାତ୍ର କଟକ ଜିଲା ଅଧୀନକୁ ଆସିବା ପରେ ଏକ ଘରୋଇ ସଂସ୍ଥା ରନ୍ଧା ଖାଦ୍ୟ ଯୋଗାଇ ଆସୁଛି। କିନ୍ତୁ ସ୍କୁଲରେ ଯେତିକି ସଂଖ୍ୟକ ପିଲା ପଢୁଛନ୍ତି, ତା'ଠାରୁ ଅଧିକ ସଂଖ୍ୟାରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋଙ୍କୁ ପଚାରିବାରୁ ଏହା ଉପରେ ଅନୁସନ୍ଧାନ କରାଯିବ ବୋଲି କହିଥିଲେ।

# ଶିଶୁ ମନ୍ଦିରରେ ଖେଳକୁଦ ସମାରୋହ

ଫୁଲନଖରା,୨୦।୧୨:(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ରାୟପୁର ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୧୫ତମ ବାର୍ଷିକ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିଆଳି ସ୍ୱୟଂଶାସିତ ମହାବିଦ୍ୟାଳୟର ଜୁଲୋଜି ବିଭାଗର ମୁଖ୍ୟ ଅଧ୍ୟାପକ ସତ୍ୟ ନାରାୟଣ ସାହୁ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଖେଳ ପ୍ରତି ଉତ୍ସାହ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର କଟକ ଜିଲା ସଭାପତି ମାନସ ରଞ୍ଜନ ପଣ୍ଡା, ରାମଚରିତ ମାନସ ତଥା ଜଗନ୍ନାଥ ସଂସ୍କୃତି ପ୍ରବଚକ ରବି ନାରାୟଣ ପଣ୍ଡା, ରାଜକୁମାର ସାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମଦିନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ବିନାଶ ମହାନ୍ତି, ନିହାର ରଞ୍ଜନ ରାଉତରାୟ, ଜୀବନ କୁମାର ମହାନ୍ତିଙ୍କ ସମେତ ପରିଚାଳନା ସମିତିର ସଦସ୍ୟମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ଶାରୀରିକ ପ୍ରମୁଖ ମୀନତି ପାତ୍ର, ଝୁନା ସାହୁ, ନୟନା ହରିଚନ୍ଦନ, ପ୍ରଭାବତୀ ବାରିକ, ଶର୍ମିଷ୍ଠା ମହାନ୍ତି, କଲୋଲୀନି ମହାନ୍ତି ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

# ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ସରକାରଙ୍କ ଉଦ୍ଦେଶ୍ୟ

## ମଣ୍ଡଳସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ମାଣିଆବନ୍ଧ,୨୦।୧୨(ଡି.ଏନ୍.ଏ.)

ବଡ଼ମ୍ବା ଶିକ୍ଷାମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଲେଙ୍କା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ପଞ୍ଚାୟତ ସମିତି ଅଧକ୍ଷ ରଘୁପତି ମହାନ୍ତି, ବିଶିଷ୍ଟ ଅତିଥି ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା, ମୁଖ୍ୟବକ୍ତା ୩୦ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ସମ୍ମାନିତ ଅତିଥି ୩୧ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ନୟନା ସାହୁ, ଅନ୍ୟତମ ସମ୍ମାନିତ ଅତିଥି ବଡ଼ମ୍ବା ଗୋଷ୍ଠୀ ସହଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ, ସହଶିକ୍ଷା ଅଧିକାରୀ ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର କଟକରେ ଆସନ୍ତା ଜାନୁୟାରୀରେ ହକି ବିଶ୍ୱକପ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସମସ୍ତ ବ୍ଲକରେ ଖେଳ ପ୍ରତି ସମସ୍ତଙ୍କର ଆଗ୍ରହ ସୃଷ୍ଟି ପାଇଁ ଉନ୍ନତ ଖେଳାଳି ଚୟନ ପୂର୍ବକ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ପ୍ରଦାନ କରି ପ୍ରତିଭାଙ୍କ ପ୍ରତିଭା ବିକାଶ କରିବା ସରକାରଙ୍କ ଏକ ଅଭିନ୍ନ ପ୍ରୟାସ। ଅତିଥିମାନେ ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ଅଭିନ୍ନ ପ୍ରୟାସକୁ ପ୍ରଶଂସା କରିବା ସହିତ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ପ୍ରୋତ୍ସାହନ ପାଇଁ ଏହା ଉତ୍ତମ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ପ୍ରମୋଦ ନନ୍ଦ ଏହାର ସଂଯୋଜନା କରିଥିଲେ। ମୋହନ ସୁବୁଦ୍ଧି ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରବୀଣ କିଶୋର ଦେବ ଧନ୍ୟବାଦ ଦେଇଥିଲେ।


କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ତଦନ୍ତ ପରେ ରେକର୍ଡ ସଂଶୋଧନ ପ୍ରତିଶ୍ରୁତି ଦେଲେ ଜିଲାପାଳ

## ଶ୍ମଶାନ ଜମିକୁ କଲେଜ ନାମରେ ରେକର୍ଡଭୁକ୍ତ କରିବା ଘଟଣା

ନିଶ୍ଚିନ୍ତକୋଇଲି, ୨୦।୧୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତ ବାଣୀନଗରସ୍ଥିତ ନାକଝରି ଶ୍ମଶାନ ଜମିରେ ପୁରୁଷାନୁକ୍ରମେ ନତକାଇ ଦଳିତ ସାହିର ଲୋକେ ଶବଦାହ କରିଆସୁଥିଲେ। ମାତ୍ର ପ୍ରଶାସନ ତରଫରୁ ଜମିକୁ ସ୍ଥାନୀୟ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟ ନାମରେ ରେକର୍ଡଭୁକ୍ତ କରି ଦିଆଯାଇଛି। ଏପରି କି କଲେଜ କର୍ତ୍ତୃପକ୍ଷ ଏକ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଉକ୍ତ ଜମିରେ ଏକ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ଅନୁମତି ପ୍ରଦାନ କରିଥିଲେ। ଫଳରେ ଠିକା ସଂସ୍ଥା ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି ଏହି ଜମିରେ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଉଦ୍ୟମ ଜାରି ରଖିଥିଲା। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ ଶ୍ମଶାନ ଜମିକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ଆର୍‌ଡିସି ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ଉକ୍ତ ସ୍ଥାନ ଗସ୍ତ କରିଥିଲେ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟକୁ ଅନୁଧ୍ୟାନ କରି ରେକର୍ଡ ସଂଶୋଧନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଛାତ୍ରୀମାନେ କଲେଜର ଖେଳ ପଡ଼ିଆ ପାଇଁ ଜମି ଯୋଗାଇ ଦେବାକୁ ଦାବି କରିଥିଲେ। ଜିଲାପାଳ କଲେଜର ଖେଳ ପଡ଼ିଆ ନିମନ୍ତେ ଜମି ଯୋଗାଇ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ତହସିଲଦାର ଦିଲ୍ଲୀପ କୁମାର ନାୟକ, ଅତିରିକ୍ତ ତହସିଲଦାର କ୍ରୀଷ୍ଟା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ତରଫରୁ ପ୍ରାକ୍ତନ ସରପଞ୍ଚ ଷ୍ଟାଲିନ ରାଉତ, ଦଳିତ ନେତା ବଟକୃଷ୍ଣ ବେହେରା, ସତ୍ୟ ସାରଥି ବେହେରା, ପାର୍ଥ ସାରଥି ବେହେରା, ଶୁକଦେବ ବେହେରା, ଶୁକଦେବ ରାଉତ, ପ୍ରହଲ୍ଲାଦ ରାଉତ, ବିରଞ୍ଚି ରାଉତ, ପ୍ରଫୁଲ୍ଲ ବେହେରା, ଅଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଏନ୍‌ସିସିର ଅନ୍ତର୍ଜାତୀୟ ମାନବ ଏକତା ଦିବସ

ବାଙ୍କୀ,୨୦।୧୨(ସ୍ୱ.ପ୍ର.): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ମହିଳା ଏନ୍‌ସିସି ସଂସ୍ଥା ଆନୁକୂଲ୍ୟରେ ମଙ୍ଗଳବାର ଅନ୍ତର୍ଜାତୀୟ ମାନବ ଏକତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ଯୋଗଦେଇଥିଲେ। ଉକ୍ତ ଦିବସ ଜାତି ସଂଘ ଦ୍ୱାରା ୨୦୦୨ରୁ ପାଳନ କରାଯାଇ ବିଶ୍ୱରୁ ଅସମାନତା ଦୂର କରିବାକୁ କାର୍ଯ୍ୟ କରିଆସୁଛି ବୋଲି ମୁଖ୍ୟ ଅତିଥି କହିଥିଲେ। ଏହି ପରିପ୍ରେକ୍ଷୀରେ ମହିଳା ଏନ୍‌ସିସି କ୍ୟାଡେଟ୍‌ମାନେ ବିଶ୍ୱର ବିଭିନ୍ନ ସ୍ଲୋଗାନ ଦେଇ ପୋଷ୍ଟର ଧରି ପଦଯାତ୍ରା କରିଥିଲେ। କାର୍ଯ୍ୟକ୍ରମକୁ ମହିଳା ଏନ୍‌ସିସି ଅଧିକାରିଣୀ କ୍ୟାପ୍‌ଟେନ ଡ. ସନ୍ଧ୍ୟାରାଣୀ ମହାନ୍ତି ପରିଚାଳନା କରିଥିଲେ।

# ବଙ୍କକୁଦ ପ୍ରିମିୟର ଲିଗ୍, ସାଇ ସୁପର କିଙ୍ଗ୍ ଚାମ୍ପିୟନ

ଫୁଲନଖରା, ୨୦।୧୨(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ବଙ୍କକୁଦ ଖେଳ ପଡିଆରେ ୧୮ ଦିନ ଧରି ଚାଲିଥିବା କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬ଟି ଟିମ୍ ଭାଗ ନେଇଥିଲା। ଫାଇନାଲ ମ୍ୟାଚ୍ ସାଇ ସୁପର କିଙ୍ଗ୍ ଓ ଡ୍ରିମ୍ କିଲର ମଧ୍ୟରେ ହୋଇଥିଲା। ଡ୍ରିମ୍ କିଲର ଖେଳାଳିମାନେ ୧୦ ଓଭର୍‌ରେ ୧୦୨ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ସାଇ ସୁପର କିଙ୍ଗ୍ ୯ ଓଭର୍ ୪ଟି ବଲରେ ୧୦୪ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଶଶିଭୂଷଣ ମିଶ୍ର ମ୍ୟାନ୍ ଅଫ ଦି ମ୍ୟାଚ୍, ରକି ଅରବିନ୍ଦ ବେଷ୍ଟ ବ୍ୟାଟ୍ସମ୍ୟାନ୍ ଓ ଆଶିଷ କୁମାର ବେଉରା ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡର କର୍ପୋରେଟର ମମତା ମହାନ୍ତି, ପ୍ରମୋଦ କୁମାର ମହାପାତ୍ର, ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି, ଟ୍ୱିନ୍‌ସିଟି ପ୍ରେସ୍ କ୍ଲବ୍ ଅଧକ୍ଷ ପ୍ରଣବ କୁମାର ବିଶ୍ୱାଳ, ସଭାପତି ଅମିତ୍ ପରିଜା, କାର୍ଯ୍ୟକାରୀ ସଭାପତି ଚିନ୍ମୟ ମହାରଣା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସାମାଜିକ କର୍ମୀ ଟୁନା ଜେନା କ୍ରୀଡା ପରିଚାଳନା କରିଥିଲେ।

# ଗୋସେବା ମାନବ ସମାଜର ପ୍ରମୁଖ ସେବା

ବାଙ୍କୀ,୨୦।୧୨(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡିଠାରେ ଅବସ୍ଥିତ ଗୋବର୍ଦ୍ଧନ ଗୋଶାଳା ପୀଠରେ ଗୋ ମାତା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ବାଲିଘାଇ ଆଶ୍ରମ, ପ୍ରଜ୍ଞାନ ମିଶନ ଓ ଗୋସେବା ସଂଗଠକ ତଥା ଓ ଗୋ ଗ୍ରାମଗୁଡ଼ିକରେ ସ୍ୱାମୀ କ୍ରିଷ୍ଣାନନ୍ଦ ଗିରି ଯୋଗଦେଇ ଗୋ ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି କୌଶିକ ନାୟକ ଯୋଗଦେଇ ଗୋ ପାଳନ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଗୋବର୍ଦ୍ଧନ ଗୋଶାଳା ସଭାପତି ଅଜୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଧର ନାୟକ, ସୁବାସ ଚନ୍ଦ୍ର ପଣ୍ଡା, ସୁରେଶ ଦାସ, ପ୍ରଭାତ ରଣା, ଲକ୍ଷ୍ମୀପ୍ରିୟା ରାଉତ, କବିତା ସାହୁ, ଶୈଳାବାଳା ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସିଦ୍ଧେଶ୍ୱର ପାଇକରାୟ ଧନ୍ୟବାଦ ଦେଇଥିଲେ।

# ଅସହାୟଙ୍କୁ ସେବା ଯୋଗାଇଦେବାକୁ ନିଷ୍ପତ୍ତି


ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପ୍ରଦ୍ୟୁମ୍ନ ଲେଙ୍କା ଓ ଅସିତ ପତି ଉଦ୍‌ଘାଟନ କରୁଛନ୍ତି।

## ରେଭେନ୍ସା-୯୦ର ବନ୍ଧୁ ମିଳନ

କଟକ ଅଫିସ,୨୦।୧୨: ରେଭେନ୍ସା ୧୯୯୦ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବରିଷ୍ଠ ନିର୍ଦ୍ଦେଶକ, ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଓ ଅସୀତ ପତି ଉଦ୍‌ଘାଟନ କରିଥିଲେ । ସହପାଠୀ ଡା.ବିଚିତ୍ରାନନ୍ଦ ପତି ବେଦପାଠ କରିଥିଲେ । ମିନତି ମହାନ୍ତି ଓ ରବୀନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ସହପାଠୀଙ୍କ ସହଯୋଗରେ ୨୦୧୮ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟର ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇଥିଲା । ବିଶେଷ କରି ଭାଇଚାରା ପ୍ରତିଷ୍ଠା, ସମସ୍ତଙ୍କୁ ଏକଜୁଟ୍ କରିବାର ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଦାରିଦ୍ର୍ୟ ନାରାୟଣ ସେବା, ବସ୍ତିବାସିନ୍ଦାଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ସହିତ ଅସହାୟ ରୋଗୀମାନଙ୍କୁ ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ୬୫ଜଣ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି କଲେଜ ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ।

# ସୁସ୍ଥସବଳ ରହିବାକୁ କ୍ରୀଡ଼ା ନିତାନ୍ତ ଆବଶ୍ୟକ

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ସାଲେପୁର,୨୦।୧୨(ଡି.ଏନ୍.ଏ.)


କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଶିଶୁଆ ବ୍ୟାରେଜରେ ସାଲେପୁର ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସୁସ୍ଥସବଳ ରହିବାକୁ କ୍ରୀଡ଼ା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହାଦ୍ୱାରା ଶୃଙ୍ଖଳାଜ୍ଞାନ ବୃଦ୍ଧି ହୁଏ ବୋଲି ସେ ପ୍ରକାଶ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ରାମଚନ୍ଦ୍ର ଭୋଇ, ମୁଖ୍ୟବକ୍ତାଭାବେ ସାଲେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ରଜନୀକାନ୍ତ ଦାଶ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ବିଳାସିନୀ ବାହିନୀପତି ଅଶୋକ କୁମାର ପତି, ନିରଞ୍ଜନ ଦାସ, ପ୍ରଧାନ ଶିକ୍ଷୟିତ୍ରୀ କୁନ୍ତଳା ଖଟୁଆ ଓ ସରୋଜିନୀ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ମଣ୍ଡଳସ୍ତରୀୟ କ୍ରୀଡ଼ା ଉତ୍ସବର ସମ୍ପାଦକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଶିକ୍ଷକ ମାନସ ରଞ୍ଜନ ପତି, ରତ୍ନାକର ସାହୁ, ଶଶାଙ୍କ ଶେଖର ମହାନ୍ତି, ପରମେଶ୍ୱର ବିଶ୍ୱାଳ, ମହାଦେବ ପ୍ରସାଦ ଚନ୍ଦ, ସାନନ୍ଦ ଚନ୍ଦ୍ର ଭୋଇ, ସସ୍ମିତା ମହାନ୍ତି, ମୀନାକ୍ଷୀ ମହାନ୍ତି ଓ ବିଜୟ କୁମାର ରାଉତରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ଅନ୍ତର୍ଯାମୀ ଭୋଳ, ଭରତ ବାରିକ, ନିବାରଣ ସ୍ୱାଇଁ ଓ ମାନସ ପଣ୍ଡାଙ୍କ ସମେତ ସାଲେପୁର ବ୍ଲକର ସିଆରସିସିମାନେ ଉପସ୍ଥିତ ଥିଲେ। ପ୍ରଥମେ ୫ ଜୋନ୍‌ରେ ଖୋକୋ, ଫୁଟ୍‌ବଲ୍, ଭଲି ବଲ୍, କ୍ରିକେଟ୍, କବାଡ଼ି ଓ ଆଥ୍‌ଲେଟିକ୍ ଆଦି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୩୭୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨ଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ଜିଲାସ୍ତର ପାଇଁ ଖେଳାଳି ଚୟନ କରାଯାଇଥିଲା।

**ଉଲ୍ଲାସ ଚନ୍ଦ୍ର ବିଦ୍ୟାଧରଙ୍କ ଶ୍ରାଦ୍ଧବାର୍ଷିକୀ**

ଜଟଣୀ,(ଡି.ଏନ୍.ଏ.): ମଦନପୁର ଉଚ୍ଚ ବିଦ୍ୟାଳୟ ଓ ସନାତନ ହରିଚନ୍ଦନ ମହାବିଦ୍ୟାଳୟର ପ୍ରତିଷ୍ଠାତା ଉଲ୍ଲାସ ଚନ୍ଦ୍ର ବିଦ୍ୟାଧରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲାସ ନିଜର ନିଷ୍ଠା, ସାଧୁତା, ସ୍ୱଚ୍ଛତା, ଆନୁଷ୍ଠାନିକ କାର୍ଯ୍ୟରେ ସମର୍ପଣ ଭାବ ଯୋଗୁ ମଦନପୁର ଅଞ୍ଚଳରେ ଦୁଇଟି ଶିକ୍ଷାନୁଷ୍ଠାନକୁ ସଫଳତାର ସହିତ ପ୍ରତିଷ୍ଠା କରାଇ ପାରିଛନ୍ତି ବୋଲି ସର୍ବଶ୍ରୀ ମୁରଲୀଧର ଜେନା, କାର୍ତ୍ତିକ ଜେନା, ବିନୋଦ ଛୁଆଲସିଂହ, ସୁଧାଂଶୁ ଜେନା, ସଞ୍ଜୁଲତା ବେହେରା, ବିବୁଧେନ୍ଦ୍ର ବିଦ୍ୟାଧର ଓ ପ୍ରଭାତ ସାହୁ ଯୋଗଦେଇ କହିଥିଲେ। ତାଙ୍କର ସ୍ମୃତିରକ୍ଷା ଓ ଜୀବନାଦର୍ଶକୁ ପ୍ରତିଷ୍ଠା କରିବା ପାଇଁ ପୁରାତନ ଛାତ୍ରମାନେ ନିୟମିତ ବ୍ୟବଧାନରେ ସଭା କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା।

# କାର୍ଯ୍ୟ ସମୀକ୍ଷା କଲେ ଏନ୍ଏମ୍ଏ ଅଧ୍ୟକ୍ଷ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ**

- ପ୍ରଶାସନିକ କାର୍ଯ୍ୟାଳୟ ଉଚ୍ଚତା ବଢ଼ାଇବା ପାଇଁ ରିଭ୍ୟୁ
- ପ୍ରଭାବିତ ମଠର ପୁନରୁଦ୍ଧାର ପାଇଁ ମଠାଧୀଶଙ୍କ ସହ ବୈଠକ

ପୁରୀ ଅଫିସ,୨୦।୧୨

ଜାତୀୟ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍ଏମ୍ଏ) ଅଧ୍ୟକ୍ଷ ଭାବେ କିଶୋର କେ ବାସା ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ମଙ୍ଗଳବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଏନ୍ଏମ୍ଏର ଟିମ୍ ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ମଙ୍ଗୁମଠ ପାର୍ଶ୍ୱ ନିର୍ମାଣ ଓ ୫୫ ମିଟରରେ ଥିବା ପ୍ରାଚୀର ନିର୍ମାଣସ୍ଥଳକୁ ଯାଇ କାର୍ଯ୍ୟ ଯାଞ୍ଚ କରିଛନ୍ତି। ଏହାପରେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ଓ ଏମାରମଠ ପାର୍ଶ୍ୱ ଅଭ୍ୟର୍ଥନା କକ୍ଷ ନିର୍ମାଣସ୍ଥଳ ବୁଲି ଦେଖିଛନ୍ତି। ଏନ୍ଏମ୍ଏ ମ୍ୟାଣ୍ଡେଟ୍ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବିଚାରକୁ ନେବା ସହ ସମୀକ୍ଷା ରିପୋର୍ଟକୁ ଆଧାର କରି ଦିଲ୍ଲୀ ଅଥରିଟି ନିଷ୍ପତ୍ତି ନେବ ବୋଲି ଏନ୍ଏମ୍ଏ ଅଧ୍ୟକ୍ଷ ବାସା ପ୍ରତିକ୍ରିୟା ରଖିଛନ୍ତି। ଅପରପକ୍ଷେ ଶ୍ରୀମନ୍ଦିର ୧୦୦ ମିଟର ଭିତରେ ଓ ବାହାରେ ଥିବା ୩୪ଟି ମଠର ପୁନରୁଦ୍ଧାର ଓ ପୁନଃ ନିର୍ମାଣ ପାଇଁ ମଠ ମହନ୍ତଙ୍କ ସହ ମଧ୍ୟ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ମଙ୍ଗଳବାର ପୂର୍ବାହ୍ଣରେ ଏନ୍ଏମ୍ଏ ଅଧ୍ୟକ୍ଷ ବାସା ପୁରୀରେ ପହଞ୍ଚିଥିବା ବେଳେ ଶ୍ରୀମନ୍ଦିର ନିକଟରେ ଜିଲାପାଳ ସମର୍ଥ ବର୍ମା ଏବଂ ପରିଚାଳନା କମିଟି ସଦସ୍ୟମାନେ ସ୍ୱାଗତ କରିଥିଲେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ସେ ଖୁସିବ୍ୟକ୍ତ କରିଥିଲେ। ପରେ ତାଙ୍କ ନେତୃତ୍ୱରେ ଏନ୍ଏମ୍ଏ ଟିମ୍ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ଏନ୍ଏମ୍ଏ ଦେଇଥିବା ନିର୍ଦ୍ଦେଶର ଅନୁପାଳନ ହୋଇଛି କି ନାହିଁ, କିଭଳି ହୋଇଛି, କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ଟିମ୍। ଏନ୍ଏମ୍ଏ ଅଧ୍ୟକ୍ଷ ବାସା ନିଷିଦ୍ଧାଞ୍ଚଳରେ ନିର୍ମାଣ ହୋଇଥିବା ଶୌଚାଳୟ, କ୍ଲକରୁମ୍, ମିନିକ୍ଲକ୍ ରୁମ୍, ଶେଲ୍ଟର ପାଭିଲିଅନ୍ ଓ ଇଲେକ୍ଟ୍ରିକାଲ ରୁମ୍ ଆଦି ବୁଲି ଦେଖିଥିଲେ। ସେହିପରି ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁସାରେ ୧୦୦ମିଟର ବାହାରେ ରିସେପସନ୍ ସେଣ୍ଟର ନିର୍ମାଣ ପାଇଁ ଏନ୍ଏମ୍ଏ ଏନ୍ଓସି ଦେଇଥିଲେ ହେଁ ତାହା କେଉଁ ସ୍ଥାନରେ ହେବ ସେନେଇ ପ୍ରଶାସନ ପକ୍ଷରୁ ଏନ୍ଏମ୍ଏ ଅଧ୍ୟକ୍ଷଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପାଇଁ ଏନ୍ଏମ୍ଏ ସାଢ଼େ ୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ ପାଇଁ ସାନି ଡିପିଆର ଦାଖଲ ପାଇଁ ଦେଇଥିବା ବେଳେ ୧୩ ମିଟରକୁ ବୃଦ୍ଧି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ରିଭ୍ୟୁ ପାଇଁ ଆବେଦନ କରିଥିଲେ। ଅନ୍ୟପଟେ ଶ୍ରୀମନ୍ଦିର ଦକ୍ଷିଣପୂର୍ବ କୋଣରେ ଏମାରମଠ ପାର୍ଶ୍ୱରେ ଶ୍ରୀଜଗନ୍ନାଥ ଅଭ୍ୟର୍ଥନା କକ୍ଷ ପାଇଁ ୧୦୦.୫ ମିଟର ବାହାରେ ନିର୍ମାଣ ଲାଗି ସାନି ଡିପିଆର ଆବେଦନ ପାଇଁ ଅନୁମତି ଦେଇଥିଲେ ଏନ୍ଏମ୍ଏ। ଉଭୟ ନିର୍ମାଣ ପାଇଁ ପୃଥକ୍ ସାନି ଡିପିଆର ଆବେଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଏହି ଟିମ୍ ସହ ଜିଲାପାଳ ଓ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରକଳ୍ପ ପରିଦର୍ଶନ ପରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ୨ଟି ବୈଠକ ହୋଇଥିଲା। ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପ୍ରଶାସନିକ ଅଧିକାରୀଙ୍କ ସହ ପରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ମଠର ମଠାଧୀଶଙ୍କ ସହ ଦ୍ୱିତୀୟ ବୈଠକ ହୋଇଥିଲା। ବୈଠକରେ ଏନ୍ଏମ୍ଏର ଅଧିକାରୀଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ଉଚ୍ଛେଦ ହୋଇଥିବା ମଠର ମହନ୍ତ, ଓବିସିସି ଓ ଟାଟା ଅଧିକାରୀମାନେ ଉପସ୍ଥିତ ଥିଲେ। କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ମଠର ନିର୍ମାଣ କାର୍ଯ୍ୟ ହେବ। ଶ୍ରୀଜଗନ୍ନାଥଙ୍କ ସହ ଯେପରି ପୂର୍ବରୁ ଶ୍ରୀମନ୍ଦିର ଜଡ଼ିତ ହୋଇରହିଥିଲା, ସେଭଳି ବଳବତ୍ତର ରହିବ। ମଠଗୁଡ଼ିକ ଯେଉଁ ସମ୍ପ୍ରଦାୟ ସହ ଜଡ଼ିତ, ତା'ର ଚିହ୍ନ ରହିବା ସହ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏ ନେଇ ଉତ୍ତରପାର୍ଶ୍ୱ ମଠର ମହନ୍ତ ନାରାୟଣ ରାମାନୁଜ ଦାସ କହିଥିଲେ, ଐତିହ୍ୟ କରିଡର ପାଇଁ ଉଚ୍ଛେଦ ହୋଇଥିବା ୨୦ଟି ମଠର ପୁନରୁଦ୍ଧାର ଏବଂ ନୂତନ ଭାବେ ନିର୍ମାଣ ହେବାକୁ ଥିବା ୧୪ଟି ମଠ ସମ୍ପର୍କରେ ଏନ୍ଏମ୍ଏ ଅଧ୍ୟକ୍ଷ ସହ ଆଲୋଚନା ହୋଇଛି। ୧୦୦ମିଟର ଭିତରେ ଯେଉଁ ମଠର ସ୍ଥଳୀ ରହିଛି, ତାହାର ସୌନ୍ଦର୍ଯ୍ୟକରଣ ହେବ। ପୂର୍ବ ନିଷ୍ପତ୍ତି ଅନୁଯାୟୀ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯିବ, ତେବେ ସମସ୍ତଙ୍କ ସହଯୋଗ ଥିବାରୁ ଖୁବ୍ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ତେବେ କ୍ଷତିଗ୍ରସ୍ତ ହୋଇଥିବା ମଠଗୁଡ଼ିକ ୭ଦିନ ମଧ୍ୟରେ ସେମାନଙ୍କ ପ୍ରକଳ୍ପ ରିପୋର୍ଟ ଏନ୍ଏମ୍ଏ ପ୍ରଦାନ କରିବେ ବୋଲି ମହନ୍ତ ଦାସ କହିଛନ୍ତି। ସେହିପରି ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ଐତିହ୍ୟ କରିଡ଼ର କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ତେବେ ଏନ୍ଏମ୍ଏ ଅଧ୍ୟକ୍ଷ ପରିଦର୍ଶନ କରିବା ପରେ କାର୍ଯ୍ୟ ଆହୁରି ଅଗ୍ରଗତି ହେବ ବୋଲି ଆଶା ଥିବାବେଳେ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟରେ ସରିବ।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଏନ୍ଏମ୍ଏ ଅଧ୍ୟକ୍ଷ କିଶୋର କେ ବାସା ଟିମ୍ ସହ ଅନୁଧ୍ୟାନ କରୁଛନ୍ତି ।

## ସଂକ୍ଷେପରେ

### ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର

ଗମ୍ଭାରୀମୁଣ୍ଡା,୨୦।୧୨(ଡି.ଏନ୍.ଏ.): ବାଣପୁର ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ୭୫ଜଣ ପୁରୁଷ ଓ ମହିଳାଙ୍କୁ ନେଇ ଅନୁଷ୍ଠିତ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ବିପର୍ଯ୍ୟୟ କମିଟିର ସଭାପତି ତଥା ନରେନ୍ଦ୍ରପୁର ସରପଞ୍ଚ ସବିତା ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲାପରିଷଦ ଉପସଭାପତି ଗୋପୀନାଥ ମହାରଣା, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂ, ସମିତିସଭ୍ୟ କନ୍ଦର୍ପ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷିତଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ବାତ୍ୟା, ବନ୍ୟା ଓ ଅଗ୍ନି ଦାଉରୁ କିପରି ଧନଜୀବନ ରକ୍ଷା କରାଯାଇପାରିବ ପ୍ରଶିକ୍ଷିତ ଯୁବତୀଯୁବକ କୌଶଳ ଦେଖାଇଥିଲେ। ବିପର୍ଯ୍ୟୟ କମିଟିର ସମ୍ପାଦକ ପବିତ୍ର କୁମାର ବରାଳ, ରାଜ କିଶୋର ଖଟେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୬୦ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,(ଡି.ଏନ୍.ଏ.): ବେଗୁନିଆ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଅଧକ୍ଷ ଡ.ଦିଲୀପ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିଥିଭାବେ ଉପ ଅଧକ୍ଷ ଡ.ମନମୋହନ ମିଶ୍ର, ଖୋର୍ଦ୍ଧା ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଅଧିକାରୀ ଡା.ବିଷ୍ଣୁପ୍ରିୟା ସାହୁ ଉପସ୍ଥିତ ଥିଲେ। ନିଜ ଇଚ୍ଛାରେ ରକ୍ତ ଦାନ କରି ପୂଣ୍ୟ ଅର୍ଜନ କର ବୋଲି ଅତିଥିମାନେ କହିଥିଲେ। ଶିବିରରେ ମୋଟ୍ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମହାବିଦ୍ୟାଳୟ ଏନ୍ଏସଏସ୍ ଅଧିକାରୀ ବିଜୟ ଲକ୍ଷ୍ମୀ ସୁବୁଦ୍ଧି ଓ ଯୁବ ରେଡକ୍ରସ୍ କାଉନସିଲର ବିଧୁ ଭୂଷଣ ରାଉତ ଶିବିର ପରିଚାଳନା କରିଥିଲେ। ଛାତ୍ରୀ ଛାତ୍ର ଏବଂ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

### ଯକ୍ଷ୍ମା ପୀଡ଼ିତଙ୍କୁ ସହାୟତା

କୃଷ୍ଣପ୍ରସାଦ,୨୦।୧୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଚିକିତ୍ସିତ ହେଉଥିବା ୧୭ ଜଣ ଯକ୍ଷ୍ମା ପିଡ଼ୀତଙ୍କୁ ଜୟ କିଶାନ ୟୁଥ୍ କ୍ଲବ ଜଙ୍ଗିଆଗଡ଼ କଣାସ ପକ୍ଷରୁ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନର ସାମାଜିକ ସହଯୋଗ ମାଧ୍ୟମରେ ଚାଉଳ ୩ କେଜି, ଡାଇ ଦେଢ଼ କେଜି, ଭେଜିଟେବୁଲ ତେଲ ୫୦୦ ଗ୍ରାମ, ଚିନାବାଦାମ ୧ କେଜି, ଅମୁଲ ୨୦୦ ଗ୍ରାମ ବଣ୍ଟନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ସନ୍ତୋଷ କୁମାର ବେହେରାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ନିହାର ରଞ୍ଜନ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ପାତ୍ର , ପିଏଚଇଓ ବାସନ୍ତୀ ପ୍ରଧାନ, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସୁନିଲ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଂଯୋଜକ ଅନିରୁଦ୍ଧ ଜଗଦେବ ପରିଚାଳନା କରିଥିଲେ। ଅଜୟ ସୁନ୍ଦରାୟ, ସୁବାଷ ଚନ୍ଦ୍ର ଦେବତା, ବିଜୟ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

## ୧୦ଦିନ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

କୋଣାର୍କ,୨୦।୧୨(ଡି.ଏନ୍.ଏ.)

ଗତ ୧୦ତାରିଖ ରବିବାର କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖ ମୁଖ୍ୟରାସ୍ତା ଉପରେ ବସିଥିବା ବ୍ୟବସାୟୀଙ୍କଠାରୁ ଖବର ସଂଗ୍ରହ କରୁଥିବା କାର୍ଯ୍ୟରତ ଖବରଦାତା ଅବନୀ ଭୂଷଣ ବାରିକ ଓ ଜ୍ୟୋତିରାଜ ମହାନ୍ତିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ୧୦ ଦିନ ପରେ କୋଣାର୍କ ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରଞ୍ଜୁ ଲେଙ୍କା। ମୁଖ୍ୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। କିନ୍ତୁ ପୋଲିସ ୯ ଦିନ ସମସ୍ତ ଚେଷ୍ଟା କରି ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିବା ବେଳେ ସୋମବାର କୋଣାର୍କ ଅଞ୍ଚଳର ବିଜେଡିର ୩ଜଣ ନେତା ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜି ଆଣି ପୋଲିସ ଜିମା ଦେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ଗୁରୁବାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହେବା ଓ ଟାଳଟୁଳ ନୀତି ପାଇଁ ଥାନା ପରିସରରେ ପୋଲିସ ଓ ଖବରଦାତାଙ୍କୁ ନେଇ ଆୟୋଜିତ ସମନ୍ୱୟ ବୈଠକରେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ୨ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୁଇଦିନ ପରେ ମଧ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିପାରି ନ ଥିଲା। ପୋଲିସ ବିଫଳ ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ପୋଲିସ ବିଜେଡିର କେତେକ ସ୍ଥାନୀୟ ନେତାଙ୍କ ସହାୟତା ନେଇଥିଲେ। ଫଳରେ ଅଞ୍ଚଳର ୩ଜଣ ନେତା ସୋମବାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆଣି ପୋଲିସ ଜିମା ଦେଇଥିଲେ।



ପୁରୀ ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବର ମଙ୍ଗଳବାର ଉଦ୍ଯାପନୀ ଦିବସରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଶ୍ରୀମନ୍ଦିରରେ ଦିବା ପହୁଡ଼ ନୀତି ସମ୍ପନ୍ନ

ପୁରୀ ଅଫିସ,୨୦।୧୨

ପୌଷ କୃଷ୍ଣ ଦ୍ୱାଦଶୀ ତିଥି ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦିବା ପହୁଡ଼ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଧନୁ ସଂକ୍ରାନ୍ତି ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ପହିଲିଭୋଗ ନୀତି। ଏହିପହିଲିଭୋଗ ନୀତି ୧ ମାସ ଅର୍ଥାତ ମକର ସଂକ୍ରାନ୍ତି ଜାନୁୟାରୀ ୧୩ ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି । ପରମ୍ପରା ଅନୁଯାୟୀ ଗୋପଳ ବଲ୍ଲଭ ଅବସରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଛି। ତେବେ ଏହି ପହିଲି ଭୋଗ ସମୟରେ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କୃଷ୍ଣ ଦ୍ୱାଦଶୀ ଅବସରରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଧନୁ ସଂକ୍ରାନ୍ତିରେ ମହାପ୍ରଭୁଙ୍କ ଦିବା ପହୁଡ଼ ଅନୁଷ୍ଠିତ ହୋଇଥିଲା। ତେବେ ମଙ୍ଗଳବାର ନୀତି ନିର୍ଘଣ୍ଟ ଅନୁଯାୟୀ, ଭୋର ୩ଟା ୩୫ ମିନିଟ୍‌ରେ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହୋଇଥିଲା। ସକାଳ ୭ଟା ୩୫ମିନିଟ୍‌ରେ ପହିଲି ଭୋଗ ଶେଷ ହୋଇ ସକାଳ ୯ଟା ୪୦ମିନିଟ୍‌ରେ ଶେଷ ହୋଇଥିଲା। ସେହିପରି ଅପରାହ୍ନ ୧ଟା ୩୫ ମିନିଟ୍‌ରେ ମଧ୍ୟାହ୍ନ ଧୂପ ଶେଷ ହୋଇ ଦ୍ୱିତୀୟ ଭୋଗ ମଣ୍ଡପ ଶେଷ ହୋଇଥିଲା ୨ଟା ୪୦ରେ । ପରେ ମଇଲମ ଓ ବେଶ ଶେଷ ହୋଇ ଅପରାହ୍ନ ୩ଟା ୪୦ରେ ଦିବା ପହୁଡ଼ ନୀତି ହୋଇଥିଲା। ସନ୍ଧ୍ୟା ୬ଟାରେ ଦ୍ୱାର ଫିଟାଯାଇ ସନ୍ଧ୍ୟା ଆଳତି କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଦିବା ପହୁଡ଼ ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦିବା ପହୁଡ଼ ନୀତି ସରିବା ପରେ ପୁନର୍ବାର ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

## ଯକ୍ଷ୍ମା ରୋଗୀଙ୍କୁ ପୋଷଣ ସାମଗ୍ରୀ ବାଣ୍ଟିଲେ ଗୃହମନ୍ତ୍ରୀ

ଅସ୍ତରଙ୍ଗ,୨୦।୧୨(ଅସ୍ତରଙ୍ଗ)

କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ 'ଟିବି ହାରେଗା ଦେଶ ଜିତେଗା' ମିଶନ ଆରମ୍ଭ ହୋଇଛି। ଏଥିରେ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରାଯାଇ ଉନ୍ନତ ମାନର ଚିକିତ୍ସା ସହିତ ଦେୟମୁକ୍ତ ଔଷଧରେ ରୋଗ ନିରାକରଣ ବ୍ୟବସ୍ଥା ରହିଛି। ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ କରାଯିବ ବୋଲି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ ପୁରୀ ଜିଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ରୋଗୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଟିବିମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୂଚନା ମୁତାବକ, ଅସ୍ତରଙ୍ଗ ଅଞ୍ଚଳରେ ଯକ୍ଷ୍ମାରେ ପୀଡ଼ିତ ଥିବା ୨୦ ଜଣ ରୋଗୀ ସରକାରଙ୍କ ଔପଚାରିକ ଦ୍ୱାରା ସୁସ୍ଥ ହୋଇଥିବା ଜଣାପଡିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ 'ଟିବି ହାରେଗା ଦେଶ ଜିତେଗା' କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇ ୨୦ ଜଣ ଯକ୍ଷ୍ମାମୁକ୍ତ ରୋଗୀଙ୍କୁ ସାକ୍ଷାତ୍ କରି ପୋଷଣ ଜାତୀୟ ସାମଗ୍ରୀ ବାଣ୍ଟିଥିଲେ। ମନ୍ତ୍ରୀ ବେହେରା ସେମାନଙ୍କ ସ୍ୱାସ୍ଥ୍ୟଗତ ବିଷୟରେ ପଚାରି ବୁଝିଥିବାବେଳେ ଭୟଭୀତ ନ ହୋଇ ନିୟମିତ ଔଷଧ ସେବନ ପାଇଁ କହିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଞ୍ଜୟ ପ୍ରଧାନ ପରିଚାଳନା କରିଥିବାବେଳେ ପୂର୍ବତନ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପଞ୍ଚାନନ ସ୍ୱାଇଁ ଓ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଉପକନିଷ୍ଠ ରଗ୍‌ବୀ ଦଳରେ ପୁରୀର ୨ ଯୁବତୀ



ଗୁଜରାଟରେ ହେବାକୁ ଥିବାରଗ୍‌ବୀ ପ୍ରତିଯୋଗିତାରେ ଭାଗ ନେଇଥିବା ପୁରୀର ୨ ଯୁବତୀ ।

ପୁରୀ ଅଫିସ,୨୦।୧୨

ଜାତୀୟ ଉପକନିଷ୍ଠ ରଗ୍‌ବୀ ମହିଳା ପ୍ରତିଯୋଗିତାରେ ଓଡ଼ିଶା ଦଳରେ ଜିଲାର ୨ ଯୁବତୀ ସ୍ଥାନ ପାଇଛନ୍ତି। ଜଣେ ପ୍ରତିଯୋଗିତାରେ ପ୍ରତିଯୋଗୀ ଭାବରେ ସ୍ଥାନ ପାଇଥିବା ବେଳେ ଅନ୍ୟଜଣେ ଓଡ଼ିଶା ଦଳର କୋଚ୍ ଭାବେ ସ୍ଥାନ ପାଇଛନ୍ତି। ପ୍ରତିଯୋଗିତାରେ ପ୍ରତିଯୋଗୀ ଭାବେ ପୁରୀର ସସ୍ମିତା ଦାସ ସ୍ଥାନ ପାଇଛନ୍ତି। ଆସନ୍ତା ୨୧ ଓ ୨୨ତାରିଖ ପର୍ଯ୍ୟନ୍ତ ଗୁଜରାଟରେ ଆୟୋଜିତ ହେବାକୁ ଯାଉଥିବା ରଗ୍‌ବୀ ଫୁଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସେହିପରି ଓଡ଼ିଶା ରଗ୍‌ବୀ ଦଳରେ ପୁରୀର ସୁଦ୍ଧା ସିନ୍ଧୁ ସାହୁ ମହିଳା ଦଳରେ କୋଚ୍ ଭାବେ ମନୋନୀତ ହୋଇଛନ୍ତି। ଏହି ୨ଜଣ ମଙ୍ଗଳବାର ଗୁଜରାଟ ଯାତ୍ରା କରିଛନ୍ତି। ଏହି ୨ଜଣ ମହିଳା ଝାଡ଼େଶ୍ୱରୀ କ୍ଲବର ଖେଳ ପଡ଼ିଆରେ ଅଭ୍ୟାସ କରନ୍ତି। ଏହି ୨ଜଣ ଖେଳାଳିଙ୍କୁ ଝାଡ଼େଶ୍ୱରୀ କ୍ଲବର ସମ୍ପାଦକ ପାର୍ଥସାରଥି ମହାପାତ୍ର, ସଞ୍ଜୟ ତ୍ରିପାଠୀ ଓ ଜିତେନ୍ଦ୍ରନାଥ ଦାସ ଶୁଭେଚ୍ଛା ଜଣାଇବା ସହ ମହାପ୍ରଭୁଙ୍କ ନିକଟରେ ଦୁଇଜଣଙ୍କ ଭବିଷ୍ୟତର ସଫଳତା ପାଇଁ ପ୍ରାର୍ଥନା କରିଛନ୍ତି।

## ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞଙ୍କ ଚାଷ ଜମି ପରିଦର୍ଶନ

ବଳଙ୍ଗା,୨୦।୧୨(ଡି.ଏନ୍.ଏ.)

ଭୁବନେଶ୍ୱରସ୍ଥ ଅନ୍ତଃରାଷ୍ଟ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞମାନେ ଧନୁଆ ନଦୀ ଅବବାହିକା ବଳଙ୍ଗା ଅଞ୍ଚଳରେ ଉନ୍ନତ କିସମ ବିହନରେ ଶୀତଦିନିଆ ଚାଷ ପାଇଁ ମଙ୍ଗଳବାର ପ୍ରାରମ୍ଭିକ ପରିଦର୍ଶନ କରିଛନ୍ତି। ଗତ ସେପ୍ଟେମ୍ବରରେ ଉକ୍ତ ସଂସ୍ଥା ଦ୍ୱାରା ବଣ୍ଟନ କରାଯାଇଥିବା ସ୍ୱାଧାଭିମ୍ ଓ ଅଙ୍କିତ ଉନ୍ନତ କିସମ ଧାନ ବିହନର ମାତ୍ରାଧିକ ଆମଦାନୀ ମଧ୍ୟ ଅନୁଭବ କରିଥିଲେ। କୋଠକୁସାଙ୍ଗ, ବକୁ, ନିନିଗା, ବାମନାଳ, ରାମରଙ୍ଗରେ ଉକ୍ତ ବିହନର ସଫଳତାକୁ ଆଧାର କରି ବୁଦ୍ଧିଜୀବୀଙ୍କୁ ରବିଋତୁରେ ପୁନଃ ସହାୟତା କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ରାଜ୍ୟ ସଂଯୋଜକ ମୁକୁନ୍ଦ ବରିଆର, ବିହନ ବିଶେଷଜ୍ଞ ମୋସରାଫ ହୁସେନ, ଧାନଚାଷ ବିଶେଷଜ୍ଞ ପ୍ରୀତି ଭାରତୀ, ହିସାବ ପ୍ରବନ୍ଧକ ସନ୍ତୋଷ ରାୟଙ୍କ ସମେତ କୃଷି ଗବେଷଣା ଓ ବିକାଶ ଅଧିକାରୀ ଗିରିଜା ପ୍ରସାଦ ସ୍ୱାଇଁ, ଦିଲୀପ ରାଉତ, ଶକ୍ତିପ୍ରସାଦ ନାୟକ ଓ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ସ୍ଥାନୀୟ ଲକ୍ଷ୍ମୀନୃସିଂହ ବନ ସଶକ୍ତୀକରଣ ସଂଗଠନ ସମ୍ପାଦିକା ଗୌରୀପ୍ରିୟା ମହାପାତ୍ର, ସହ ସମ୍ପାଦିକା ଅକ୍ଷୟ ପାତ୍ର, ସଭ୍ୟ ଅକ୍ଷୟ ମହାପାତ୍ର, ବୁଦ୍ଧିଜୀବୀ ବିଜୟ ସିଂ ପରିଦର୍ଶକଙ୍କୁ ମାର୍ଗଦର୍ଶନ କରାଇଥିଲେ। ଆଗାମୀ କିଛି ବର୍ଷ ପାଇଁ ଉକ୍ତ ସଂସ୍ଥା ବନ୍ୟା ପ୍ରଭାବିତ ଅଞ୍ଚଳରେ ଧନୁଆ ଉପକୂଳବର୍ତ୍ତୀ ଅଞ୍ଚଳରେ କୃଷି ସହାୟତା ପ୍ରଦାନ କରିବାର ଯୋଜନା ପ୍ରସ୍ତୁତ ହେଉଛି।



ଭୁବନେଶ୍ୱରର ବିଶେଷଜ୍ଞମାନେ ବଳଙ୍ଗାର କ୍ଷେତ ପରିଦର୍ଶନ କରୁଛନ୍ତି ।

## ରଘୁରାଜପୁରରେ ଇନ୍ଦ୍ରଧନୁ ଉତ୍ସବ ଉଦ୍‌ଘାଟିତ

ସାକ୍ଷୀଗୋପାଳ,୨୦।୧୨(ଡି.ଏନ୍.ଏ.)

ପୁରୀ ଜିଲାର ଐତିହ୍ୟ ଗ୍ରାମ ରଘୁରାଜପୁରରେ ୪ଦିନ ବ୍ୟାପୀ ନୃତ୍ୟ ସଙ୍ଗୀତ ଓ ଲୋକନୃତ୍ୟ ସମାରୋହ ଜାତୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ୬ଷ୍ଠ ଇନ୍ଦ୍ରଧନୁ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମା' ଭୁଆସୁଣୀ ମଣ୍ଡପରେ ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ଏବଂ ସିଏମ୍‌ଡିବି ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରସ୍ତରଶିଳ୍ପୀ ପଦ୍ମବିଭୂଷଣ ଗୁରୁ ସୁଦର୍ଶନ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶୀନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ନିରଞ୍ଜନ ପାତ୍ର, ମାଲତିପାଟପୁର ସରପଞ୍ଚ ମହେନ୍ଦ୍ର ମହାପାତ୍ର ଓ ସମିତି ସଭ୍ୟ ପ୍ରମୋଦ କୁମାର ମହାରଣା, ଅନୁଷ୍ଠାନ ସଭାପତି ଯୋଗେନ୍ଦ୍ର ନାଥ ସ୍ୱାଇଁ, ଉପସଭାପତି ପ୍ରହଲ୍ଲାଦ ସାମନ୍ତରାୟ, ସିଏମଡିବି ଟ୍ରଷ୍ଟ ସଭାପତି ରାଜେଶ କୁମାର ସାହୁ, ସମ୍ପାଦିକା ଚନ୍ଦ୍ରମଣି ଦେଇ, ଗ୍ରାମ ସଭାପତି ଲକ୍ଷ୍ମୀଧର ସୁବୁଦ୍ଧି, ଲକ୍ଷ୍ମଣ ମହାରଣା ଓ ସୁରେନ୍ଦ୍ର ମହାରଣା ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଆଡ୍‌ଭୋକେଟ ଅଞ୍ଜନ ହୋତା ସଂଯୋଜନା କରିଥିବା ବେଳେ ବସନ୍ତ କୁମାର ମହାରଣା ପରିଚାଳନା କରିଥିଲେ। ଗୋଟିପୁଅ ନୃତ୍ୟଗୁରୁ ସ୍ମୃତି ସମ୍ମାନରେ ପଦ୍ମବିଭୂଷଣ ଗୁରୁ ସୁଦର୍ଶନ ସାହୁ, ମର୍ଦ୍ଦଳଗୁରୁ ବନମାଳୀ ମହାରଣା ସ୍ମୃତି ସମ୍ମାନରେ ଗୁରୁ ନିରଞ୍ଜନ ପାତ୍ର ଓ ଇନ୍ଦ୍ରଧନୁ-୨୦୨୨ ସମ୍ମାନରେ ଗୁରୁ ଗୋବିନ୍ଦଚନ୍ଦ୍ର ପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର କଳାକାରମାନେ ଘଣ୍ଟ, ମର୍ଦ୍ଦଳ ସହିତ ଗୋଟିପୁଅ ନୃତ୍ୟର ତାଳେତାଳେ ଶ୍ରୀଜଗନ୍ନାଥଙ୍କ ବିଗ୍ରହଙ୍କ ପହଣ୍ଡି ବିଜେ ପରିବେଷଣ କରିଥିଲେ। ରାଉରକେଲାର କୋମଳ ଗାନ୍ଧାର ଗ୍ରୁପ ମିଳିତ ବଂଶୀବାଦନ କରିଥିଲେ। ସେହିପରି ଯାଜପୁର ବ୍ୟାସଶ୍ରୀ କଳାନିକେତନର ନୃତ୍ୟଶିଳ୍ପୀମାନେ ରାଗ ବସନ୍ତ ପଲ୍ଲବି, ଓଡ଼ିଆର ବାରମାସକୁ ନେଇ ବାରମାସୀ, ଶ୍ରୀମନ୍ଦିର ଓଡ଼ିଶୀନୃତ୍ୟ ସହ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ।




ରଘୁରାଜପୁରରେ ମଙ୍ଗଳବାର ଇନ୍ଦ୍ରଧନୁ ଉତ୍ସବ ଉଦ୍‌ଘାଟନ ଅବସରରେ ଯୋଗ ଦେଇଥିବା ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

## ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ

ପୁରୀ ଅଫିସ,୨୦।୧୨: ପୁରୀ ସମୁଦ୍ରରେ ମଙ୍ଗଳବାର ଗାଧେଇବା ବେଳେ ବୁଡ଼ିଯାଇ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଛତିଶଗଡ଼ ବିଳାସପୁର ଅଞ୍ଚଳର ପ୍ରାଞ୍ଜଳ ଶ୍ରୀବସ (୧୮)। ସୂଚନା ମୁତାବକ, ପ୍ରାଞ୍ଜଳ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ସେ ମଙ୍ଗଳବାର ମଧ୍ୟାହ୍ନରେ ଚକ୍ରତୀର୍ଥ ଅଞ୍ଚଳ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ହଠାତ୍ ଏକ ବଡ଼ ଲହଡ଼ି ମାଡ଼ରେ ସମୁଦ୍ର ମଧ୍ୟକୁ ଭାସି ଯାଇ ସେ ବୁଡ଼ି ଯାଇଥିଲେ। ପାଟି ଶୁଣି ସେଠାରେ ନିୟୋଜିତ ଥିବା ଲାଇଫ୍ ଗାର୍ଡ ତାଙ୍କୁ ଉଦ୍ଧାର କରି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଏ ନେଇ ସମୁଦ୍ର ଥାନା ପୋଲିସକୁ ଖବର ଦିଆଯାଇଥିଲା।

# ଗାଡ଼ି ଲୋନ୍ ପରିଶୋଧ ପାଇଁ ଅପହରଣ

ନୟାଗଡ଼ ଅଫିସ/ ଓଡ଼ଗାଁ, ୨୦।୧୨(ସ୍ୱ.ପ୍ର.)


ପୋଲିସ ସିନ୍ ରିକ୍ରିଏଟ୍ କରାଉଛି।

## ଅମ୍ରିତ ଅପହରଣ ଘଟଣା

- ୩ ଗିରଫ, ସିନ୍ ରିକ୍ରିଏଶନ କଲା ପୋଲିସ
- ଗାଁରେ ଲୁଚାଇ ରଖି ଟଙ୍କା ମାଗିବାର ଥିଲା ଯୋଜନା
- ମୁଖା ପିନ୍ଧି ହିନ୍ଦୀରେ କରୁଥିଲେ କଥାବାର୍ତ୍ତା
- ୪ ଦିନର ଘଟଣାକୁ ବୁଲି ଦେଖୁଥିଲେ ଅପହରଣକାରୀ
- ମାଗିପାରିଲେନି ଟଙ୍କା, ଛାଡ଼ିବା ପାଇଁ ନେଲେ ନିଷ୍ପତ୍ତି
- ଗୋଦାମରୁ ଜ୍ୟାକେଟ୍, କୂଅରୁ ବସ୍ତାନି ଜବତ

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ କୁରାଳ ସୁବୁଦ୍ଧି ସାହିର ୭ମଶ୍ରେଣୀର ଛାତ୍ର ଅମ୍ରିତ ପାତ୍ର ଅପହରଣ ଘଟଣାର କିଛି ଗୁମର ଖୋଲିଛି। କୁରାଳ ଗାଁର ସୁନୀଲ କୁମାର ପାଣିଗ୍ରାହୀ(୧୮)ଙ୍କ ସମେତ ୨ ଭାଇ ସ୍ୱପ୍ନ ପ୍ରସାଦ ପଣ୍ଡା (୧୮) ଓ ଭକ୍ତ ଦର୍ଶନ ପଣ୍ଡା(୨୦)ଙ୍କୁ ପୋଲିସ ଗିରଫ କରି ସେମାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ସିନ୍ ରିକ୍ରିଏଶନ କରିଛି। ଦୁଇ ପଣ୍ଡା ଭାଇ ପାଲଟଣା ବୋଲେରୋ ପିକ୍ଅପ୍ ଭ୍ୟାନର ଋଣ ଟଙ୍କା ପରିଶୋଧ କରିବାକୁ ଅପହରଣ ନାଟକ ରଚିଥିଲେ। ସେମାନେ ଅମ୍ରିତଙ୍କୁ ଅପହରଣ କରିଥିଲେ। ଅପହରଣ ସମ୍ପର୍କରେ ସୁରାକ ନ ଛାଡିବା ପାଇଁ ମୁଖାପିନ୍ଧି ହିନ୍ଦୀରେ ଅମ୍ରିତ ସହ କଥାବାର୍ତ୍ତା କରୁଥିଲେ। ଅପହରଣ ଠିକ୍‌ରେ ହୋଇଥିଲା। ଅମ୍ରିତଙ୍କ ବାପାଙ୍କୁ ଟଙ୍କା ମାଗିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଥିଲା। ହେଲେ ଅପହରଣ ଘଟଣାକୁ ବିଭିନ୍ନ ଗଣମାଧ୍ୟମ ଜୋରଦାର ପ୍ରକାଶ କରିବାରୁ ପୋଲିସର ତଦନ୍ତ ତ୍ୱରାନ୍ୱିତ ହୋଇଥିଲା। ଅପହରଣକାରୀମାନେ ଏହା ଦେଖି ଭୟଭୀତ ହୋଇ ପଡିଥିଲେ। ଅନ୍ୟପକ୍ଷେ ଅପହରଣ ପରେ ଟଙ୍କା ମିଳିବନି ଜାଣି ଅମ୍ରିତଙ୍କୁ ନ ମାରି ବନ୍ଦ ଘରର କବାଟ ଖୋଲି ଦେଇଥିଲେ। ଅମ୍ରିତ ଘରକୁ ଫେରିଯାଉ ବୋଲି ସେମାନେ ନିଷ୍ପତ୍ତି ନେଇଥିଲେ। ଅମ୍ରିତଙ୍କୁ କିପରି ଅପହରଣ କରାଗଲା, କେଉଁଠି ରଖିଲେ, ପ୍ରମାଣ କିପରି ନଷ୍ଟ କରିଛନ୍ତି ୨ ଅଭିଯୁକ୍ତ ସିନ୍ ରିକ୍ରିଏଶନରେ ମଙ୍ଗଳବାର ଡେମୋ ଦେଖାଇଛନ୍ତି। ଅଭିଯୁକ୍ତଙ୍କଠାରୁ ସୂଚନା ପାଇ ପୋଲିସ ପଣ୍ଡା ୨ଭାଇଙ୍କ ଘର ବାରିପଟ କୂଅରୁ ଅମ୍ରିତଙ୍କ ବସ୍ତାନି ଓ ଚଣ୍ଡିଛକରେ ଥିବା ଟୁକୁ ପଣ୍ଡାଙ୍କ ବନ୍ଦ ଗୋଦାମରୁ ଜ୍ୟାକେଟ୍ ଜବତ କରିଛି। ପୁଣି ଟୁକୁ ପଣ୍ଡାଙ୍କ ବନ୍ଦ ଘରୁ ପୋଲିସ ୨ଟି ଗାମୁଛା ଯେଉଁଥିରେ ଅମ୍ରିତ ଶୋଇଥିଲେ ତାହା ଅନୁରୂପ ଭାବେ ଜବତ କରିଛି। ସୂଚନା ଅନୁଯାୟୀ, ଗତ ୧୫ ତାରିଖ ସନ୍ଧ୍ୟାରେ ଅମ୍ରିତ ଟ୍ୟୁଶନରୁ ଫେରୁଥିବା ସମୟରେ ତାଙ୍କୁ ଅପହରଣ କରାଯାଇଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ତାଙ୍କ ପତ୍ତା ମିଳି ନ ଥିଲା। ରାତି ପ୍ରାୟ ୧୨ଟା ସମୟରେ ଘର ପାଖ ବାଉଁଶବୁଦା ମୂଳରୁ ଅମ୍ରିତଙ୍କ ସାଇକେଲ ଉଦ୍ଧାର କରାଯାଇଥିଲା। ଅପହରଣକାରୀ ବୋଲେରୋରେ ତାଙ୍କୁ ଅପହରଣ କରି ଚଣ୍ଡିଛକସ୍ଥିତ ନିଜ ହେପାଜତରେ ଥିବା କାକା ଟୁକୁ ପଣ୍ଡାଙ୍କ ବନ୍ଦ ହୋଇ ପଡିଥିବା ଗୋଦାମ ଘରେ ରଖିଥିଲେ। ପରବର୍ତ୍ତୀ ସମୟରେ କାକାଙ୍କ ବନ୍ଦ ଘରେ ତାଙ୍କୁ ରଖିଥିଲେ। ଅପହରଣ ରାତିରେ କିଛି ଖାଇବାକୁ ଦେଇ ନ ଥିଲେ। ଗୋଦାମ ଘରେ ଅମ୍ରିତଙ୍କ ଜ୍ୟାକେଟ୍‌କୁ ଭୁଲରେ ଛାଡି ଆସିଥିଲେ। ଅନ୍ୟପକ୍ଷେ ବସ୍ତାନିକୁ ନେଇ ପଣ୍ଡା ୨ ଭାଇ ନିଜ ଘର ବାରି ପଟ କୂଅରେ ପକାଇ ଦେଇଥିଲେ। ସେହିଭଳି ଅମ୍ରିତ ଯେଉଁ ଘରେ ବନ୍ଦୀ ଜୀବନଯାପନ କରୁଥିଲେ ସେହି ପଣ୍ଡିତ ସାହି ଅଞ୍ଚଳ ଅନ୍ଧାର ରହୁଥିଲା। ପୁଣି ସେହି ଘର ସମ୍ମୁଖରେ ଅନ୍ୟ ସାହିର ବାରିପଟ ଥିବାରୁ ଘର ନ ଥିଲା। ଅନ୍ଧାର, ଲୋକ ଗହଳି ନ ଥିବା ଓ ଘର ମାଲିକ ରହୁ ନ ଥିବାରୁ କାହାର ସନ୍ଦେହ ନ ହେବା ପାଇଁ ଉକ୍ତ ଘରକୁ ଅପହରଣକାରୀ ବାଛିଥିଲେ। ପୁଣି ଯେଉଁ ବୋଲେରୋ ପିକ୍ଅପ୍‌କୁ ଅପହରଣ ପାଇଁ ବ୍ୟବହୃତ କରାଯାଇଥିଲା ଟଙ୍କା ପରିଶୋଧ କରିପାରି ନ ଥିବାରୁ ଦୁଇ ଭାଇ ଘରୋଇ ଫାଇନାନ୍ସ କମ୍ପାନୀରେ ଏହି ଘଟଣା ପରଦିନ ଫେରାଇ ଦେଇଥିଲେ। ପୂର୍ବରୁ ଅପହରଣ ସ୍ଥାନର ଅନତି ଦୂରରେ ଅପହରଣକାରୀ ବୋଲେରୋ ରଖି ଛାତ୍ରଙ୍କ ଗତିବିଧି ଉପରେ ନଜର ରଖୁଥିଲେ। ହେଲେ ବୋଲେରୋଟି ପଣ୍ଡା ପରିବାରର ବୋଲି ଅନେକ ଜାଣି ନ ଥିଲେ। ଅପହରଣ ଦିନ ଅମ୍ରିତ ସଙ୍ଗେ ତାଙ୍କ ପରିବାର କେହି ନ ଥିବାରୁ ଏକାକୀ ସୁଯୋଗ ଦେଖି ମୁହଁରେ ହାତ ଦେଇ ଅପହରଣ କରି ନେଇଥିଲେ। ସେହିପରି ଅମ୍ରିତଙ୍କ ସନ୍ଦେହ ନ ହେବା ପାଇଁ ମୁଖା ପିନ୍ଧି ତାଙ୍କୁ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ। ଅମ୍ରିତଙ୍କ ବାପା ପୂର୍ଣ୍ଣଚନ୍ଦ୍ର ପାତ୍ର ଜମି ବିକ୍ରି କରି ୫୦ରୁ ୬୦ ଲକ୍ଷ ଟଙ୍କା ରଖିଥିବା ଅପହରଣକାରୀ ଜାଣିଥିଲେ। ବୋଲେରୋ ଯୋଗେ ପୂର୍ଣ୍ଣଚନ୍ଦ୍ରଙ୍କ ତେଜରାତି ଦୋକାନ ସାମଗ୍ରୀକୁ ବିଭିନ୍ନ ସମୟରେ ପଣ୍ଡା ପରିବାର ଆଣୁଥିଲେ। ପୁଣି ପୂର୍ଣ୍ଣଚନ୍ଦ୍ରଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିଲା। ଓଡ଼ଗାଁର ଘରୋଇ କଲେଜରେ ଯୁକ୍ତ ୩ ପାଠ ପଢୁଥିବା ସୁନୀଲ କୁମାର ପାଣିଗ୍ରାହୀ ପଣ୍ଡା ଦୁଇ ଭାଇଙ୍କୁ ସବୁ ପ୍ରକାର ସହାୟତା ଦେବା ସହ ଅପହରଣର ବାଟ ଦେଖାଇଥିଲେ। ସୁନୀଲ କୁଆଡେ ଅପହରଣର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଏସ୍‌ପି ଅଲେଖ ଚନ୍ଦ୍ର ପହି ଓ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ସୂଚନା ଅନୁସାରେ ଆମେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା ସହ ସିନ ରିକ୍ରିଏଶନ କରିଛୁ। କୋର୍ଟରେ ଛାତ୍ରଙ୍କ ୧୬୪ ଧାରା ଅନୁସାରେ ବୟାନ ରେକର୍ଡ କରାଯାଇଛି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବା ସହ ଖବରଦାତା ସମ୍ମିଳନୀରେ ଏହାର ବିସ୍ତୃତ ବିବରଣୀ ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଆମାଜନ୍ ପ୍ଲାଷ୍ଟିକ୍‌ରେ ପୃଥିବୀକୁ ୮୦୦ ଥର ଗୁଡ଼ାଇ ହେବ

ୱାଶିଂଟନ୍, ୨୦।୧୨: ଇ-କମର୍ସ କମ୍ପାନୀ ଆମାଜନ୍‌ର ପ୍ଲାଷ୍ଟିକ୍ ବର୍ଜ୍ୟ ସମୁଦ୍ରକୁ ପ୍ରଦୂଷିତ କରୁଛି। ଆମେରିକୀୟ ଅଣଲାଭଦାୟୀ ସଂସ୍ଥା 'ଓସିନା' ପକ୍ଷରୁ କରାଯାଇଥିବା ଅଧ୍ୟୟନ ରିପୋର୍ଟରେ ଏହାକୁ ଉଲ୍ଲେଖ କରାଯାଇଛି। ୨୦୨୦ ତୁଳନାରେ ୨୦୨୧ରେ ଏହି ଇ-କମର୍ସ କମ୍ପାନୀ ୧୮% ଅଧିକ ପ୍ଲାଷ୍ଟିକ୍ ଅର୍ଥାତ୍ ୭୦୯ ନିୟୁତ ପାଉଣ୍ଡ ପ୍ୟାକେଜିଂ ପ୍ଲାଷ୍ଟିକ୍ ସମୁଦ୍ରକୁ ଛାଡ଼ିଛି। ୨୦୨୦ରେ ଏହି ସଂସ୍ଥା ୫୯୯ ନିୟୁତ ପାଉଣ୍ଡ ପରିମାଣର ପ୍ୟାକେଜିଂ ପ୍ଲାଷ୍ଟିକ୍ ଏୟାର୍ ପିଲୋ ଆକାରରେ ସାରା ବିଶ୍ୱରେ ଛାଡ଼ିଥିବା ଓସିନା ପକ୍ଷରୁ କୁହାଯାଇଛି। ତେବେ ଏହି ଜମା ହୋଇଥିବା ପ୍ଲାଷ୍ଟିକ୍ ପୃଥିବୀ ଚାରିପାଖକୁ ୮୦୦ ଥର ଗୁଡ଼ାଇ ପାରିବ। ସ୍ୱେରେଜ୍, ଓ ଅନ୍ୟ ଜଳାଶୟ ମାଧ୍ୟମରେ ଏହି ବର୍ଜ୍ୟ ସମୁଦ୍ର ଜଳରେ ମିଶୁଛି। ଫଳରେ ଏହି ଗଭୀର ଜଳାଶୟରେ ବାସ କରୁଥିବା କଇଁଛ, ମାଛ ଏବଂ ଅନ୍ୟ ଜନ୍ତୁ ଏହାକୁ ଖାଇ ଅସୁସ୍ଥ ହେବା ସହ ସେମାନଙ୍କ ଜୀବନ ପ୍ରଭାବିତ ହେବାରେ ଲାଗିଥିବା ପ୍ରକାଶିତ ରିପୋର୍ଟରେ କୁହାଯାଇଛି।



ଚଳିତ ବର୍ଷ ମେ'ରେ ଅନୁଷ୍ଠିତ ବାର୍ଷିକ ସାଧାରଣ ସଭାରେ ଆମାଜନର ୪୯% ଅଂଶୀଦାର ପ୍ଲାଷ୍ଟିକ୍ ପ୍ୟାକେଜିଂ ବର୍ଜ୍ୟକୁ ବ୍ୟାପିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ନେଇ ରାଜି ହୋଇଛନ୍ତି। ଡିସେମ୍ବର ସୁଦ୍ଧା ଆମାଜନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଫା ନେଇ କୌଣସି କାର୍ଯ୍ୟ କରି ନ ଥିବା ଓସିନା କହିଛି।

# 'ସର୍‌ଗି ଫୁଲ୍' ଉଦ୍‌ଘାଟିତ

ଭୁବନେଶ୍ୱର, ୨୦।୧୨(ବ୍ୟୁରୋ)


ମନ୍ତ୍ରୀ ଜଗନ୍ନାଥ ସାରକା 'ସର୍‌ଗି ଫୁଲ୍'କୁ ଉଦ୍‌ଘାଟନ କରୁଛନ୍ତି।

- ଭାଗନେଇଛନ୍ତି ୧,୦୬୯ ଛାତ୍ରୀଛାତ୍ର
- ବିଜ୍ଞାନମେଳାରେ ଖୋଲିଛି ୪୦ ଷ୍ଟଲ୍
- ପ୍ରତିଭା ପ୍ରଦର୍ଶନ ସହ ଜ୍ଞାନ ଆହରଣର ସୁଯୋଗ

କିଶୋର ପ୍ରତିଭାର ମହାକୁମ୍ଭ 'ସର୍‌ଗି ଫୁଲ୍'-୨୦୨୨ର ଦ୍ୱାଦଶ ସଂସ୍କରଣ ମଙ୍ଗଳବାର ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜିତ ହେଉଛି। ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା 'ସର୍‌ଗି ଫୁଲ୍'-୨୦୨୨କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ, ବିଭାଗୀୟ ଶାସନ ସଚିବ ରୂପା ରୋଶନ ସାହୁ ଉପସ୍ଥିତ ଥିଲେ। ଏହି ଉତ୍ସବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶରେ ସହାୟକ ହେବ। ଭବିଷ୍ୟତରେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଏ ଦିଗରେ ଶିକ୍ଷକ ଓ ଅଭିଭାବକଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ତଥା ଏଟିଏଲ୍‌ସିର ସଦସ୍ୟ ସଚିବ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ବିଶ୍ୱରଞ୍ଜନ ସାସମଲ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଜ୍ଞାନମେଳା ମଧ୍ୟ ଉଦ୍‌ଘାଟିତ ହୋଇଛି। ବିଜ୍ଞାନମେଳାରେ ୪୦ଟି ଷ୍ଟଲରେ ୮୦ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। 'ସର୍‌ଗି ଫୁଲ୍' ମହୋତ୍ସବରେ ସମସ୍ତ ଜିଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଏବଂ ଶିକ୍ଷାପୁଞ୍ଜି ସମୂହରେ ପଞ୍ଚମରୁ ଦଶମ ଶ୍ରେଣୀରେ ପଢୁଥିବା ୧,୦୬୯ ଛାତ୍ରୀଛାତ୍ର ଏବଂ ୧୪୯ ଶିକ୍ଷକ ଯୋଗଦେଇଛନ୍ତି। ରାଜ୍ୟସ୍ତରୀୟ ଉତ୍ସବରେ ଭାଗନେବା ପାଇଁ ଗତ ନଭେମ୍ବରରେ ଜିଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ବିଜେତାଙ୍କୁ ଚୟନ କରାଯାଇଥିଲା। ଉତ୍ସବରେ ପ୍ରତ୍ୟେକ ଦିନ ୨୫ଟି ଷ୍ଟଲରେ ପିଲାମାନେ ବିଭିନ୍ନ କର୍ମଶାଳାରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ନୂତନ ଜ୍ଞାନ ଆହରଣ କରିବାର ସୁଯୋଗ ପାଉଛନ୍ତି। ସେହିଭଳି ୧୪ଟି ବିଭାଗରେ ପ୍ରତିଯୋଗିତାମାନ କରାଯାଇ ପିଲାଙ୍କ ଜ୍ଞାନର ବିକାଶ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ବିଜେପୁରରେ ସୀମା ଟପିଲା ବିଜେଡି କଳି

ବରଗଡ଼ ଅଫିସ୍,୨୦।୧୨


ବିଜେପୁରରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି।

- ମନ୍ତ୍ରୀ ରୀତା ସାହୁଙ୍କ ପୁଅ ବିରୋଧରେ ଏନ୍‌ଏସି ଅଧ୍ୟକ୍ଷାଙ୍କ ଏତଲା
- ପାଲଟା ଅଭିଯୋଗ ଆଣି ଏତଲା ଦେଲେ ଏନ୍‌ଏସି ଉପାଧ୍ୟକ୍ଷ
- ଘଟଣାକୁ ନେଇ ଏନ୍‌ଏସି ଅଫିସ୍ ପିଅନ ବି ଏତଲା ଦେଲେ
- ଚାପା ଉତ୍ତେଜନା ଜାରି, ବ୍ୟାପକ ପୋଲିସ ମୁତୟନ

ବିଜେପୁରରେ ବିଜେଡି କନ୍ଦଳ ତୁଟିବାର ନାଁ ନେଉନାହିଁ। ଗତ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍ ଏବଂ ପୌରଭୋଟ୍‌ରୁ ବିଜେଡିର ଗୋଷ୍ଠୀ ବିବାଦ ପଦାକୁ ଆସିଛି। ମନ୍ତ୍ରୀ ରୀତା ସାହୁ ଏବଂ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଗୋଷ୍ଠୀ ଭାବେ ବିଜେଡି ଏଠାରେ ୨ଫାଳ ହୋଇଥିବା କାହାକୁ ଅଛପା ନାହିଁ। ପଞ୍ଚାୟତ, ପୌର ଭୋଟ୍ ପରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଏହି ବିବାଦକୁ ଆହୁରି ସ୍ପଷ୍ଟ କରିଥିଲା। ଉଭୟ ଗୋଷ୍ଠୀ ପୃଥକ୍‌ଭାବେ ପଦଯାତ୍ରା କରିଥିବା ଦେଖିବାକୁ ମିଳିଥିବାବେଳେ ଗୋଟିଏ ଗୋଷ୍ଠୀ ପଦଯାତ୍ରାବେଳେ ରୀତାଙ୍କ ବିରୋଧରେ ନାରାବାଜି କରିବା ଅଞ୍ଚଳବାସୀଙ୍କୁ ଚକିତ କରିଥିଲା।

ଏବେ ଏହି ବିବାଦ ସୀମା ଟପିଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥିତ ଆହାର କେନ୍ଦ୍ର ପାର୍ଶ୍ୱରେ ରୋଷେଇ ଘର ତିଆରିକୁ ନେଇ ଉଭୟ ଗୋଷ୍ଠୀ ପୁଣି ମୁହାଁମୁହିଁ ହୋଇଛନ୍ତି। ଏହାକୁ ନେଇ ବାକ୍‌ବିତଣ୍ଡା ହେବା ସହିତ ଦୁଇ ଗୋଷ୍ଠୀ ହାତାହାତି ହେବା ପର୍ଯ୍ୟନ୍ତ କଥା ଯାଇଛି। ଏହି ଘଟଣାକୁ ନେଇ ମଙ୍ଗଳବାର ମନ୍ତ୍ରୀ ରୀତା ସାହୁଙ୍କ ପୁଅ ସୌରଭଙ୍କ ବିରୋଧରେ ବିଜେପୁର ଏନ୍‌ଏସି ଅଧ୍ୟକ୍ଷା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସମର୍ଥକ କୁହାଯାଉଥିବା ସୀତା ବାରିକ ବିଜେପୁର ଥାନାରେ ଏତଲା ଦେଇଛନ୍ତି। ସେ ଏତଲାରେ ଉଲ୍ଲେଖ କରିଛନ୍ତି, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ସେ ଏବଂ ଅନ୍ୟ ୫ଜଣ କାଉନସିଲର ଆହାର କେନ୍ଦ୍ର ପାଖରେ ରୋଷେଇ ଘର ତିଆରି କରିବା ପାଇଁ ଜାଗା ଚିହ୍ନଟ ସକାଶେ ଯାଇଥିଲେ। ସେହି ସମୟରେ ମନ୍ତ୍ରୀ ରୀତା ସାହୁଙ୍କ ପୁଅ ସୌରଭଙ୍କ ସମେତ ଏନ୍‌ଏସି ଉପାଧ୍ୟକ୍ଷ ଉମାକାନ୍ତ ବେସନ, ମନୋଜ ଭୁଏ, ରାଜୀବ ଅଦାବର ଏବଂ ଅନ୍ୟ ୪୦ଜଣ ସେଠାରେ ପହଞ୍ଚିଥିଲେ। ସେମାନେ ଗାଳିଗୁଲଜ କରିବା ସହିତ ଅସଦାଚରଣ ପ୍ରଦର୍ଶନ କରିଥିବା ଏନ୍‌ଏସି ଅଧ୍ୟକ୍ଷା ବାରିକ ଅଭିଯୋଗ କରିଛନ୍ତି।

ଅପରଗୋଷ୍ଠୀର ଏନ୍‌ଏସି ଉପାଧ୍ୟକ୍ଷ ଉମାକାନ୍ତ ବେସନ ପାଲଟା ଅଭିଯୋଗ ଆଣି ବିଜେପୁର ଥାନାରେ ଏତଲା ଦେଇଛନ୍ତି। ସେ ଏତଲାରେ ଉଲ୍ଲେଖ କରିଛନ୍ତି, ଏନ୍‌ଏସି ଅଧ୍ୟକ୍ଷା ଏବଂ କନିଷ୍ଠ ଯନ୍ତ୍ରୀ ରୋଷେଇ ଘର ଲେଆଉଟ୍ ଦେବାକୁ ଯାଇଥିବା ଖବର ପାଇ ସେ ଏବଂ ଅନ୍ୟ କାଉନସିଲରମାନେ ସେଠାରେ ପହଞ୍ଚିଥିଲେ। କାମ ଫାଇନାଲ ହୋଇନାହିଁ ଏବଂ କିଭଳି ଲେଆଉଟ୍ ପ୍ରସ୍ତୁତ ହେଉଛି ବୋଲି ଏନ୍‌ଏସି ଅଧ୍ୟକ୍ଷା ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେଠାରେ ଉପସ୍ଥିତ ରମେଶ ସାହୁ, ଲିଙ୍ଗ ଗୁରୁ ଏବଂ ଅନ୍ୟମାନେ ତାଙ୍କ ଜାତିକୁ ଆକ୍ଷେପ କରିବା ସହିତ ମାରିଦେବାକୁ ଧମକ ଦେଇଥିଲେ ବୋଲି ବେସନ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ଘଟଣାରେ ଏନ୍‌ଏସିର ପିଅନ ରବିଶଙ୍କର ନାଗ ମଧ୍ୟ ଅନ୍ୟ ଏକ ଏତଲା ଦେଇଛନ୍ତି। ସନ୍ଧ୍ୟା ୫ଟାରେ ଅଫିସରେ ତାଲା ପକାଇ ଘରକୁ ଫେରୁଥିବାବେଳେ କିଛି ଲୋକ ତାଙ୍କ ପାଖକୁ ଆସି ଏନ୍‌ଏସି ଉପାଧ୍ୟକ୍ଷଙ୍କ ପାଖକୁ ଯିବୁନାହିଁ ଏବଂ ତାଙ୍କ ପାଖକୁ ଗଲେ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଉକ୍ତ ଘଟଣାକୁ ନେଇ ବିଜେପୁର ଅଶାନ୍ତ ହୋଇ ପଡ଼ିଥିବାବେଳେ ଚାପା ଉତ୍ତେଜନା ଲାଗି ରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ସେହିପରି ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ବିଜେପୁରରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଭୋଇଙ୍କୁ ପଚାରିବାରୁ ତାଙ୍କ ମୋବାଇଲ ନମ୍ବର ୭୦୦୮୭୧୪୭୦୮ରେ ଯୋଗାଯୋଗ କରାଯାଇଥିଲା। ସେ ଫୋନ୍ ରିସିଭ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ।

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**ROURKELA (R&B) DIVISION, UDITNAGAR , ROURKELA**
No.B-1000: E-Mail Id - eepwdrkl@gmail.com
Government of Orissa "e" Procurement Notice
Bid Identification No.: 58 / 2022-23 Dated:14.12. 2022
1. Number of works: 02 (Two) number of Works
2. Estimated cost: Rs.23.68 Lakhs to 49.99 Lakhs
3. Period of completion: 3 (Three) calendar months
4. Date & Time of availability of bid document in the portal: Dt.19.12.2022 at 11.00 A.M.
5. Last date/ Time for receipt of bids in the portal: Dt 26. 12.2022 up to 05.00 P.M.
6. Date of opening of Bid: Dt.27.12.2022 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela , UditNagar.
Further details can be seen from the e-procurement portal http//tendersorissa.gov.in.
Sd./- Superintending Engineer
R&B Division, Rourkela
OIPR-34068/11/0036/2223

**DISTRICT CULTURE OFFICE, SAMBALPUR**
(E-mail: dcosambalpur@gmail.com)
Notice No. 225 Dated: 19.12.2022
**TENDER CALL NOTICE FOR SUPPLY OF FOOD IN LOK MOHASTAV 2023, SAMBALPUR**
No. RR-49: Sealed tenders are invited from the reputed firm/organization/sole proprietor/agency for supply of food Lok Mohastav 2023, Sambalpur.
The tender paper along with details specifications and eligibility criteria of the above works can be downloaded from website **www.sambalpur.nic.in**. The bidders are required to submit the proposal complete in all respect which should reach on or before 29.12.2022 by 05.00 P.M. (by Speed Post/Regd. Post/Courier/Dropped in Tender Box placed at Culture Office, SBP) at the Office of the District Culture Officer, Sanskruti Bhawan, Collectorate, Sambalpur - 768001 in a sealed envelope super scribed as 'Tender for supply of food for Lok Mohastav - 2023".
The tender document should be enclosed with non-refundable tender document fee of Rs.590/- (Rupees five hundred ninety only) as Demand Draft in favour of "District Council of Culture, Lok Mohastav" payable at Sambalpur. The tender will be opened on Dt.30.12.2022 at 11.00 A.M. in the office Chamber of District Culture Officer, Sambalpur. All the bidders are requested to remain present personally during tender opening or send their authorised representative.
The undersigned reserves the right to accept or reject any or all the tender without assigning any reason thereof.
By order of Collector, Sambalpur
Sd./- District Culture Officer, Sambalpur
OIPR-15013/11/0003/2223

**OFFICE OF THE NOTIFIED AREA COUNCIL, NUAPADA**
AT/PO-NUAPADA, DIST.-NUAPADA, PIN-766105
E-mail: nuapadanac1@gmail.com
Tender Notice No.-2793 Date:16.12.2022
**No.C-2009:** Sealed tenders are invited from the intending authorized Suppliers/ Companies/Dealers having GST registration for supply of Branded Ladies Bicycle of BSA/ AVON/HERO following specification of NAC, Nuapada up to 5.00 PM of 23.12.2022 on payment of cost of tender paper as mentioned below which is non-refundable. The sealed tenders should reach the office of the NAC, Nuapda on or before Dt. 23 .12.2022 up to 3.00 PM through Regd./ Speed Post only. The tender will be opened at 4.30 PM on Dt. 24.12.2022 in presence of the bidder/ their authorized representatives in the officer chamber of the Executive Officer, NAC, Nuapada. The undersigned reserves the right to accept/ reject/negotiate any or all the tenders without assigning any reason thereof. Furthers details including terms and conditions can be obtained by downloading from the website of Nuapada District www.nuapada.nic.in.

| Sl. No. | Specification of Item | Quantity | Cost of Tender Paper |
|---|---|---|---|
| 1. | Supply & Installation of Branded ladies bicycle with Standard specification along with Carrier, Chain Cover and basket. Prototype Decal LOGO (High Quality stickers meant for vehicle size 8*8 inches made of water proof durable material shall be placed in the middle of the Basket for distinct visibility) | 33 | Rs.2000/- |

Sd./- Executive Officer,
N.A.C., Nuapada
OIPR-13158/11/0004/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୩୬୬ ତା:୧୨।୧୨।୨୨
**ବିଜ୍ଞାପନ**
No. CAD-4199: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ପୂର୍ଣ୍ଣଚନ୍ଦ୍ର ଜଗଦେବ ପି. ୰ଭ୍ରମରବର ଜଗଦେବ ସା: ବେଙ୍ଗିଟାଙ୍ଗି, ପୋ.: ଗୁଡୁମ୍ ଥା.: ଖୋର୍ଦ୍ଧା, ଜି.: ଖୋର୍ଦ୍ଧା | ଏଲ୍.ଆଇ.ଜି.-୧/୬ କାମ୍ପୋଜିଟ୍ ହାଉସିଂ ପ୍ରକଳ୍ପ, ଚନ୍ଦ୍ରଶେଖରପୁର, ପ୍ରଥମ ପର୍ଯ୍ୟାୟ ଭୁବନେଶ୍ୱର, ଜି.: ଖୋର୍ଦ୍ଧା | ୧. ଶାନ୍ତିଲତା ଜଗଦେବ (ସ୍ତ୍ରୀ) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0464/2223

**GOVERNMENT OF ODISHA**
**DEPARTMENT OF WATER RESOURCES**
**O/O THE SUPERINTENDING ENGINEER, ANGUL IRRIGATION DIVISION, ANGUL**
e-Mail Id - eeangulirrigation@gmail.com
**'e'-Procurement Notice No. SE-AID-6/2022-23**
**No.A-899:** The Superintending Engineer, Angul Irrigation Division, Angul on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 5 (Five) Nos. Civil work |
| 2 | Estimated Cost put to tender | : | Approximately Rs. 9.95 Lakh to Rs. 21.31 Lakh |
| 3 | Tender Paper Cost | : | Rs.4,000/-/ Rs.6,000/- (Non Refundable) |
| 4 | Class of Contractor | : | 'D' & 'C' / 'C' & 'B' equivalent Grade / Class |
| 5 | Period of Completion | : | 60 days |
| 6 | Availability of Bid Documents and receipt of bid through online | : | From 10.00 A.M of 22.12.2022 to 5.00 P.M of 31.12.2022 in the website (www.tendersodisha.gov.in) |
| 7 | Date, Time & place for opening of online tenders | : | 02.01.2023 at 11.00 A.M and onwards in the O/o the SE, Angul Irrigation Division, Angul. |
| 8 | Date, Time & Place for finalization of tender through transparent lottery system (if required) | : | 05.01.2023 at 11.00 A.M in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- eeangulirrigation@gmail.com |

Further details can be seen from the e-procurement portal of Government of Odisha at www.tendersodisha.gov.in.
Superintending Engineer
Angul Irrigation Division, Angul
OIPR-32049/11/0006/2223

**ଓଡ଼ିଶା ସରକାର**
**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ**
**ସର୍ବସାଧାରଣ ବିଜ୍ଞପ୍ତି**
No. gg-24: ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଜାରି କରାଯାଇଥିବା ଭିନ୍ନକ୍ଷମ ପରିଚୟପତ୍ର ସମ୍ପର୍କୀୟ ପୂର୍ବ ବିଜ୍ଞପ୍ତି ସଂଖ୍ୟା ୯୨୫୦ ତା୨୪।୧୦।୨୦୧୯ର ଅଧିକ୍ରମଣ ପୂର୍ବକ ଏତଦ୍ୱାରା ବିଜ୍ଞାପିତ କରାଯାଉଛି ଯେ କେବଳ ଭାରତ ସରକାରଙ୍କ ୱେବ୍ ପୋର୍ଟାଲ (https://www.swavlambancard.gov.in) ମାଧ୍ୟମରେ ସମ୍ପୃକ୍ତ ପ୍ରମାଣୀକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଏକକ ଭିନ୍ନକ୍ଷମ ପରିଚୟ ପ୍ରମାଣପତ୍ର (UDID Card) ସମସ୍ତ ପ୍ରାସଙ୍ଗିକ ଉଦ୍ଦେଶ୍ୟରେ ଗ୍ରହଣୀୟ ହେବ।
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ସପକ୍ଷରେ ପୂର୍ବରୁ ଭିନ୍ନକ୍ଷମ ପରିଚୟପତ୍ର ପ୍ରଦାନ କରାଯାଇଛି, ସେମାନେ ସେସବୁ ପରିଚୟପତ୍ର ପ୍ରତ୍ୟର୍ପଣ ପୂର୍ବକ ଏକକ ଭିନ୍ନକ୍ଷମ ପରିଚୟ ପ୍ରମାଣପତ୍ର (UDID Card) ପାଇବା ପାଇଁ ଭାରତ ସରକାରଙ୍କ ଉକ୍ତ ପୋର୍ଟାଲରେ ତା୧୫।୦୩।୨୦୨୩ରିଖ ସୁଦ୍ଧା ଆବେଦନ କରିବା ପାଇଁ ଅନୁରୋଧ।
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ ଜାରି କରାଯାଇଥିବା ଭିନ୍ନକ୍ଷମ ପରିଚୟପତ୍ର ତା୧୫।୦୩।୨୦୨୩ରିଖ ପରେ କୌଣସି ଉଦ୍ଦେଶ୍ୟରେ ଗ୍ରହଣୀୟ ହେବ ନାହିଁ।
ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– କମିଶନର ତଥା ଶାସନ ସଚିବ
OIPR-46001/11/0036/2223

**ଜଜ୍‌ଙ୍କୁ ଦୁର୍ବ୍ୟବହାର: ୨ କର୍ମଚାରୀ ନିଲମ୍ବିତ**

ଚେନ୍ନାଇର ଭଦାପଲାଇ ଅଣ୍ଡଭାର ମନ୍ଦିରରେ ମାଡ୍ରାସ ହାଇକୋର୍ଟ ବିଚାରପତି ଏସ୍.ଏମ୍. ସୁବ୍ରମନିୟମଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ସ୍ଥାନୀୟ ପ୍ରଶାସନ ୨ ମନ୍ଦିର କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ତଦନ୍ତ ମଧ ଆରମ୍ଭ ହୋଇଛି। ମନ୍ଦିରରେ ପ୍ରବେଶ ଲାଗି କଟାଯାଉଥିବା ଟିକେଟ ନେଇ ଏକାଧିକ ଅଭିଯୋଗ ଆସିବା ପରେ ବିଚାରପତି ସାଧାରଣ ଶ୍ରଦ୍ଧାଳୁ ବେଶରେ ପରିବାର ସହ ଠାକୁର ଦର୍ଶନ କରିଥିଲେ। ସେ ସମୟରେ କେତେଜଣ ମନ୍ଦିର କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ସେ କହିଥିଲେ।

## ସଂକ୍ଷେପରେ

### ଫାଟିଲା ଗ୍ୟାସ୍ ସିଲିଣ୍ଡର : ୧୨ ମୃତ

**କରାଚି, ୨୦।୧୨:** ପାକିସ୍ତାନ ବେଲୁଚିସ୍ତାନ ପ୍ରଦେଶର ଲେସବେଲା ଜିଲାର ଏକ ଗ୍ୟାସ୍ ସିଲିଣ୍ଡର ଦୋକାନରେ ଅଗ୍ନିକାଣ୍ଡ ଘଟି ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୨୫ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିବା ଖବର ପ୍ରକାଶ ପାଇଛି। ଦୋକାନରେ ଗ୍ୟାସ୍ ସିଲିଣ୍ଡର ଫାଟିବା ଯୋଗୁ ଅଗ୍ନି ଚାରିଆଡ଼େ ଖେଳେଇ ହୋଇ ପାଖରେ ଥିବା ଅନ୍ୟ ଦୋକାନରେ ମଧ ଲାଗିଯାଇଥିଲା। ନିହତଙ୍କ ମଧରୁ ୨ ଜଣଙ୍କ ମୃତ୍ୟୁ ଘଟଣାସ୍ଥଳରେ ହୋଇଥିବାବେଳେ ହସ୍ପିଟାଲରେ ୧୦ ଜଣ ଆଖି ବୁଜିଥିଲେ।

### ତାଜମହଲକୁ ୨ କୋଟିର ପାଣି ଟିକସ ନୋଟିସ



**ଆଗ୍ରା,୨୦।୧୨:** ବିଶ୍ୱପ୍ରସିଦ୍ଧ କୀର୍ତ୍ତିରାଜି ତାଜମହଲକୁ ପାଖାପାଖି ୨ କୋଟି ଟଙ୍କାର ପାଣି ବିଲ୍ ସହ ୧.୫ ଲକ୍ଷ ଟଙ୍କା ଖଜଣା ଏବଂ ୫ କୋଟି ଟଙ୍କା ସେବା କର ପୈଠ କରିବା ଲାଗି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ)କୁ ନୋଟିସ୍ ଆସିଛି। ଜାତୀୟ କୀର୍ତ୍ତିରାଜିଗୁଡ଼ିକୁ ଏହିସବୁ ଟ୍ୟାକ୍ସରୁ ବାଦ୍ ଦିଆଯାଇଥିବା ଏଏସ୍ଆଇ କହିଛି। ତେବେ ଆଗ୍ରା ମ୍ୟୁନିସିପାଲ କମିଶନର ନିଖିଲ ଟିକାରାମ ଫୁଣ୍ଡେଙ୍କ କହିବା ଅନୁଯାୟୀ ଅନେକ ବିଲ୍ଡିଂକୁ ନୋଟିସ୍ ଜାରି ହୋଇଛି। ଯେଉଁମାନେ ଟିକସ ଛାଡ଼ ପାଇବାକୁ ଯୋଗ୍ୟ ସେମାନଙ୍କୁ ବାଦ୍ ଦିଆଯିବ। ଏଏସ୍ଆଇକୁ ପୌର ନିଗମ ପଠାଇଥିବା ନୋଟିସରେ ତାଜମହଲ ପାଣି ବିଲ୍ ବାବଦକୁ ୧.୯୪ କୋଟି ଟଙ୍କା, ତାଜମହଲ ସମ୍ପତ୍ତି ପାଇଁ ୧.୪୭ ଲକ୍ଷ ଏବଂ ସେଠାରେ ଥିବା ଅନ୍ୟ ଏକ କୀର୍ତ୍ତିରାଜି ଇତ୍‌ମାଦ୍-ଉଦ୍-ଦୌଲା ଗମ୍ବୁଜ ପାଇଁ ୧.୪୦ ଲକ୍ଷ ଟଙ୍କା ସମ୍ପତ୍ତି ଟିକସ ପୈଠ କରିବାକୁ କୁହାଯାଇଛି। ଏହା ବ୍ୟତୀତ ଆଗ୍ରା ଦୁର୍ଗ ପାଇଁ ୫ କୋଟି ଟଙ୍କା ସେବା ଟିକସ ପୈଠ କରିବାକୁ ସେଠାର କ୍ୟାଣ୍ଟନମେଣ୍ଟ ବୋର୍ଡ ଏଏସ୍ଆଇକୁ ନୋଟିସ ପଠାଇଛି।

### ପାକ୍‌ରେ ଶକ୍ତି ସଙ୍କଟ: ରାତି ୮ଟାରୁ ବଜାର ବନ୍ଦ

**ଇସ୍‌ଲାମାବାଦ୍, ୨୦।୧୨:** ଭୟାବହ ବନ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ପାକିସ୍ତାନ ଅଣ୍ଟା ସଳଖୁଥିବାବେଳେ ଦେଶରେ ଶକ୍ତି ସଙ୍କଟ ମୁଣ୍ଡ ଟେକିଛି। ଏ ନେଇ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ମଧ ଜୋର୍‌ସୋର ଆରମ୍ଭ କରାଯାଇଛି। ପ୍ରକାଶିତ ଖବର ଅନୁସାରେ ଶକ୍ତି ସଂରକ୍ଷଣ ପାଇଁ ଶେହବାଜ ସରକାର ତରଫରୁ ବହୁମୁଖୀ ପଦକ୍ଷେପ ନିଆଯାଇଛି। ରାତି ୮ଟା ସୁଦ୍ଧା ସମସ୍ତ ବଜାର ବନ୍ଦ କରାଯିବା ସହ ବାହାଘର ହଲ୍ ଗୁଡ଼ିକ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସକାଶେ ପାକ୍‌ରେ ଶକ୍ତି ସଙ୍କଟ ଦେଖାଦେଇଥିବା କୁହାଯାଉଛି। ସେହିପରି ପ୍ରଧାନମନ୍ତ୍ରୀ ଶେହବାଜଙ୍କ ତତ୍ତ୍ୱାବଧାନରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖାଓ୍ବାଜା ଆଶିଫ୍ ମଙ୍ଗଳବାର ଜାତୀୟ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସାରା ଦେଶରେ ଖୁବ୍‌ଶୀଘ୍ର ଏହି କଟକଣା ଲାଗୁ କରାଯିବାକୁ ଥିବାବେଳେ ଅନ୍ତିମ ନିଷ୍ପତ୍ତି ଗୁରୁବାର ନିଆଯିବ। ୨୦% ସରକାରୀ କର୍ମଚାରୀ ଓ୍ବାର୍କଫ୍ରମ୍‌ହୋମ୍ କରିବେ। ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ପାଖାପାଖି ୫୬ ବିଲିୟନ୍ ଡଲାର ରାଜସ୍ୱ ସଂଞ୍ଚୟ କରାଯାଇ ପାରିବ।

## ସୁପର କାର୍‌ରେ ଆସିଲା କିଡ୍‌ନୀ



**ରୋମ୍, ୨୦।୧୨**

ଇଟାଲୀ ପୋଲିସ ମଙ୍ଗଳବାର ଦୁଇଜଣ କିଡ୍‌ନୀ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ଘଣ୍ଟା ପ୍ରତି ୩୦୦ କି.ମି ଦୂର ପର୍ଯ୍ୟନ୍ତ ଅତିକ୍ରମ କରୁଥିବା ସୁପର୍ କାର୍ ଲମ୍ବୋରଗିନିର ସହାୟତାରେ ଇଟାଲୀୟ ପୋଲିସ କିଡ୍‌ନୀ ନେଇ ୪୦୦ କି.ମି. ଦୂର ହସ୍ପିଟାଲରେ ପହଞ୍ଚିଛି। ସ୍ୱତନ୍ତ୍ର ବକ୍ସରେ ବନ୍ଦ ଥିବା କିଡ୍‌ନୀକୁ ପାଦୁଆ ହସ୍ପିଟାଲରୁ ଆଣି ମୋଡର୍ନା ଓ ରୋମ୍‌ର ଏକ ହସ୍ପିଟାଲରେ ପହଞ୍ଚିଥିଲେ। ଇଟାଲୀୟ ପୋଲିସର ଏପ୍ରକାର ସହଯୋଗିତା ପାଇଁ ଦୁଇ ଗୁରୁତର ରୋଗୀଙ୍କ ଜୀବନ ରକ୍ଷା କରାଯାଇଛି।



ଇରାନ୍‌ରେ ମହସା ଅମିନିଙ୍କ ମୃତ୍ୟୁ ପରେ ମୁଣ୍ଡ ଟେକିଥିବା ଆନ୍ଦୋଳନବେଳେ ଗିରଫ ବିକ୍ଷୋଭକାରୀଙ୍କ ମୁକ୍ତି ଦାବି ଏବଂ ଦିଆଯାଉଥିବା ଫାଶୀ ଦଣ୍ଡ ବିରୋଧରେ ମେକ୍ସିକୋସ୍ଥିତ ଇରାନୀୟ ଦୂତାବାସ ଆଗରେ ଜଣେ ମହିଳା ନିଜ ମୁହଁରେ ନାଲି ରଙ୍ଗ ବୋଳି ପ୍ରତିବାଦ କରୁଛନ୍ତି।

# ମୃତଦେହ ପାଇଁ ଜାଗା ନାହିଁ

**ବେଜିଂ,୨୦।୧୨**

ଚାଇନା ଜିରୋ-କୋଭିଡ୍ ନୀତି କୋହଳ କରିବା ପରେ ଏବେ ସେଠାରେ ମହାମାରୀ ସଂକ୍ରମଣ ଭୟଙ୍କର ରୂପ ଧାରଣ କରିଛି। ଚାଇନାର ହସ୍ପିଟାଲଗୁଡ଼ିକରେ କୋଭିଡ୍ ରୋଗୀ ଭର୍ତ୍ତି ହୋଇଥିବା ସଂକ୍ରାମକ ରୋଗ ବିଶେଷଜ୍ଞ ଏରିକ୍ ଫେଇଗଲ୍-ଡିଙ୍ଗ୍ କହିଛନ୍ତି। ରାଜଧାନୀ ବେଜିଂର କ୍ରିମେଟୋରିୟମଗୁଡ଼ିକରେ ଶବ ରଖିବାକୁ ଜାଗା ନାହିଁ। ଶବ ସତ୍କାର ପାଇଁ ଅଧିକ କର୍ମଚାରୀ ନିୟୋଜିତ ହେବା ସହ ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ବାହାରେ ପୋଲିସ ଓ ସୁରକ୍ଷା କର୍ମୀ ଜଗି ରହିଛନ୍ତି। ତେଣୁ କୋଭିଡ୍ ମୃତ୍ୟୁ ସମ୍ପର୍କରେ ସରକାରୀ ଭାବେ ଯେଉଁ ତଥ୍ୟ ଦିଆଯାଉଛି, ତାହାଠାରୁ ପ୍ରକୃତ ମୃତ୍ୟୁସଂଖ୍ୟା ବହୁ ଗୁଣ ଅଧିକ ବୋଲି କୁହାଯାଉଛି। କାରଣ ବିଭିନ୍ନ କ୍ରିମେଟୋରିୟମରେ ଗଦା ଗଦା ଶବ ଥିବା ଏବଂ ହସ୍ପିଟାଲଗୁଡ଼ିକରେ କୋଭିଡ୍ ରୋଗୀ ଭର୍ତ୍ତି ହୋଇଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। କୋଭିଡ୍ ମୃତକଙ୍କ ସଂସ୍କାର ପାଇଁ ଉଦ୍ଦିଷ୍ଟ ଅଧିକାଂଶ କ୍ରିମେଟୋରିୟମ୍‌କୁ ଦୈନିକ ୨୦୦ରୁ ଅଧିକ ମୃତଦେହ ଆସୁଥିବା ଜଣେ କର୍ମଚାରୀ କହିଛନ୍ତି।

ମହାମାରୀ ବିଶେଷଜ୍ଞ ଏରିକ୍‌ଙ୍କ ମତରେ ଆଗାମୀ ୯୦ ଦିନ ମଧ୍ୟରେ ଚାଇନାର ୬୦ ପ୍ରତିଶତରୁ ଅଧିକ ଏବଂ ବିଶ୍ୱ ଜନସଂଖ୍ୟାର ୧୦ ପ୍ରତିଶତ କୋଭିଡ୍‌ରେ ସଂକ୍ରମିତ ହେବେ। ଏଥିସହିତ ଅନେକ ନିୟୁତ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ସେ ଆକଳନ କରିଛନ୍ତି। ଚାଇନାରେ ଜିରୋ କୋଭିଡ୍ ନୀତିକୁ ବିରୋଧ କରି ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ବିରୋଧରେ ଆନ୍ଦୋଳନ ଜୋର୍‌ଦାର ହେବା ପରେ ସରକାର ନିୟମ କୋହଳ କରିଥିଲେ। ଏବେ ଚାଇନା କମ୍ୟୁନିଷ୍ଟ ପାର୍ଟି ସରକାରଙ୍କ ଉଦ୍ଦେଶ୍ୟ ହେଲା ଯିଏ ସଂକ୍ରମିତ ହେବାକୁ ଚାହୁଁଛନ୍ତି ହୁଅନ୍ତୁ ଓ ଯିଏ ମରିବାକୁ ଚାହୁଁଛନ୍ତି ମରନ୍ତୁ। ଶୀଘ୍ର ସଂକ୍ରମଣ ହେଲେ ଶୀଘ୍ର ଏହା ଶୀର୍ଷ ଛୁଇଁବ ଏବଂ ଉତ୍ପାଦନ ପୁନର୍ବାର ଆରମ୍ଭ ମଧ ଶୀଘ୍ର ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି।

### ଚାଇନାରେ କୋଭିଡ୍‌ର ଭୟଙ୍କର ଚିତ୍ର



- ତଥ୍ୟ ଲୁଚାଉଛି ବେଜିଂ
- ୩ ମାସରେ ୬୦% ସଂକ୍ରମିତ ହେବେ: ବିଶେଷଜ୍ଞ

ବେଜିଂରୁ ମିଳିଥିବା ଏକ ରିପୋର୍ଟ ଅନୁଯାୟୀ, ନୂଆ କରୋନା ଭୂତାଣୁ ଭାରିଆଣ୍ଟ ଯୋଗୁ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଛି। କୋଭିଡ୍ ମୃତ୍ୟୁସଂଖ୍ୟା ବଢ଼ିଥିବା ଶବାଗାର ସହ ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି। ତେବେ ସୋମବାର ବେଜିଂରେ କୋଭିଡ୍ ମୃତ୍ୟୁସଂଖ୍ୟା ୨ ଥିଲା ବୋଲି ସରକାରୀ ଭାବେ କୁହାଯାଇଛି। ଚାଇନା ନ୍ୟାଶନାଲ ହେଲ୍‌ଥ କମିଶନଙ୍କ ରିପୋର୍ଟ ଅନୁଯାୟୀ ୨୦୨୦ ଜାନୁୟାରୀରେ ମହାମାରୀ ଆରମ୍ଭ ହେବା ଦିନଠାରୁ ସେଠାରେ ଅଦ୍ୟାବଧି ୫,୨୩୭ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୩,୮୦,୪୫୩ ଜଣ ସଂକ୍ରମିତ ହୋଇଛନ୍ତି। ଆମେରିକା ଏବଂ ଭାରତ ସମେତ ଅନ୍ୟ ଦେଶ ତୁଳନାରେ ଏହି ସଂଖ୍ୟା ବହୁତ କମ୍ ହୋଇଥିବାବେଳେ ଏହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଓ୍ବାର୍ଲ୍ଡ ଇନ୍ ଡାଟା ରିପୋର୍ଟ ଅନୁଯାୟୀ ଚାଇନାରେ ମହାମାରୀ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ୧୯ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ଗତ ନଭେମ୍ବରରେ ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇଥିଲା ଏବଂ ୨୪ ଘଣ୍ଟା ମଧ୍ୟରେ ୪୦ ହଜାରରୁ ଉର୍ଦ୍ଧ୍ୱ ସଂକ୍ରମିତ ହୋଇଥିଲେ। ଡିସେମ୍ବର ୧୯ ବେଳକୁ ଦୈନିକ ସଂକ୍ରମଣ ୨,୮୧୯କୁ ହ୍ରାସ ପାଇଥିବା କୁହାଯାଉଛି। ଚାଇନା ଅତି କଠୋର କଣ୍ଟେନମେଣ୍ଟ ନୀତି ଆପଣାଇ ସଂକ୍ରମଣ ହ୍ରାସ କରିବାରେ ସଫଳ ହୋଇଥିଲା। କଠୋର ନୀତି ପ୍ରତ୍ୟାହାର ହେବାର ଦିନ କେଇଟା ମଧ୍ୟରେ ସଂକ୍ରମଣର ନୂଆ ଲହର ଆସିଛି। ସଂକ୍ରମଣ ରୋକିବା ପାଇଁ ଚାଇନା ୩୫୦ କୋଟି ଡୋଜ୍ ସିନୋଭାକ୍ ଏବଂ ସିନୋଫାର୍ମ ଟିକା ଦେଇଥିବାବେଳେ ଏହା ଠିକ୍ ଭାବେ କାମ କରୁ ନ ଥିବା କୁହାଯାଉଛି। ୮୦ରୁ ଉର୍ଦ୍ଧ୍ୱ ବୟସ୍କଙ୍କ କ୍ଷେତ୍ରରେ ଟିକାକରଣ ହାର ବହୁତ କମ୍ ରହିଛି। ସେହିପରି କେତେ ବୁଷ୍ଟର ଡୋଜ୍ ଦିଆଯାଇଛି, ତାହାର ସ୍ପଷ୍ଟ ହିସାବ ମିଳୁନାହିଁ। ବୁଷ୍ଟର ଡୋଜ୍ ଏବଂ ସ୍ୱାଭାବିକ ଇମ୍ୟୁନିଟି ଅଭାବ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଥିବା କୁହାଯାଉଛି।

### ଜାପାନକୁ ଆକ୍ରମଣ ଧମକ ଦେଲା ଉତ୍ତର କୋରିଆ

**ସିଓଲ,୨୦।୧୨**

ଜାପାନ ବିରୋଧରେ ଦୃଢ଼ ତଥା ନିର୍ଣ୍ଣାୟକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଉତ୍ତର କୋରିଆ ମଙ୍ଗଳବାର ଧମକ ଦେଇଛି। ଟୋକିଓ ଗ୍ରହଣ କରିଥିବା ଜାତୀୟ ସୁରକ୍ଷା ନୀତିକୁ ଉତ୍ତର କୋରିଆ ନିନ୍ଦା କରିଛି। ୪ ଦିନ ପୂର୍ବରୁ ଜାପାନ ଏହାର ସୁରକ୍ଷା ରଣନୀତି ଘୋଷଣା କରିଥିଲା, ଯେଉଁଥିରେ ଶତ୍ରୁପକ୍ଷର ଟାର୍ଗେଟଗୁଡ଼ିକୁ ପ୍ରତିଆକ୍ରମଣ ସାମର୍ଥ୍ୟ ସହ ଚାଇନା ଓ ଉତ୍ତର କୋରିଆକୁ ସାମନା କରିବା ଲାଗି ପ୍ରତିରକ୍ଷା ବ୍ୟୟ ଦୁଇଗୁଣ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ପ୍ରତିଆକ୍ରମଣ ସାମର୍ଥ୍ୟ ବଢ଼ାଇବା ଜାପାନର ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଅନ୍ୟ ଅଞ୍ଚଳ ଉପରେ ଆକ୍ରମଣ ପାଇଁ ଉଦ୍ଦିଷ୍ଟ ବୋଲି ଉତ୍ତର କୋରିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ସରକାରୀ ଆକାଉଣ୍ଟ ପାଇଁ ଗ୍ରେ ବଟନ୍

**ଓ୍ବାଶିଂଟନ୍, ୨୦।୧୨**

ମାଇକ୍ରୋବ୍ଲଗିଂ ଆପ୍ ଟୁଇଟରରେ ଏଣିକି ଆକାଉଣ୍ଟ ମଧରେ ପ୍ରଭେଦ ଜାଣିବା ହେବ ଆହୁରି ସହଜ। ପୂର୍ବରୁ ଅଧିକ ଫଲୋୟର୍ସ ଥିବା ଆକାଉଣ୍ଟକୁ ଟୁଇଟର ବ୍ଲୁ ଟିକ୍ ବଟନ୍ ଲଗାଉ ଥିଲା। ଏଣିକି ବିଜ୍‌ନେସ୍ ଓ ସରକାରୀ ଆକାଉଣ୍ଟ ଚିହ୍ନିବା ସହଜ ହେବ। ଟୁଇଟରରେ ଥିବା ବିଜ୍‌ନେସ୍ ଟୁଇଟର ଆକାଉଣ୍ଟରେ ନୀଳ ବଟନ୍ ପୂର୍ବପ୍ରକାରେ ରହିବାକୁ ଥିବାବେଳେ ସରକାରୀ କାର୍ଯ୍ୟାଳୟର ଆକାଉଣ୍ଟରେ ଗ୍ରେ ରଙ୍ଗର ବଟନ୍ ରହିବ। ଏହାଦ୍ୱାରା ୟୁଜର୍ସ ସହଜରେ ଆକାଉଣ୍ଟ ମଧରେ ପାର୍ଥକ୍ୟ ଜାଣିପାରିବେ।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର,୨୦।୧୨**

ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ମଙ୍ଗଳବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଲଶ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ପୋଲିସ ବିଭାଗ ଅତିରିକ୍ତ ସାଧାରଣ ନିର୍ଦ୍ଦେଶକ ବିଜୟ କୁମାରଙ୍କ ସୂଚନାନୁସାରେ, ମୃତ ଆତଙ୍କବାଦୀ ପ୍ରଦେଶର ସାଧାରଣ ଲୋକଙ୍କୁ ହତ୍ୟା କରିଥିବାବେଳେ କଶ୍ମୀର ପଣ୍ଡିତଙ୍କ ହତ୍ୟା ଘଟଣାରେ ଏମାନଙ୍କ ସମ୍ପୃକ୍ତିଥିଲା।

## ଖାର୍ଗେଙ୍କ ସହ ଏକାଠି ଖାଇଲେ ମୋଦି


ପାର୍ଲାମେଣ୍ଟ ପରିସରରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧାହ୍ନଭୋଜନ କରୁଛନ୍ତି।

**ନୂଆଦିଲ୍ଲୀ,୨୦।୧୨**

କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ କୁକୁର ଏବଂ ମୂଷା ମନ୍ତବ୍ୟକୁ ନେଇ ମଙ୍ଗଳବାର ରାଜ୍ୟ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଖାର୍ଗେ ରାଜ୍ୟ ସଭା ଅଧକ୍ଷ ଜଗଦୀପ୍ ଧନ୍‌କର ଓ

**ମିଲେଟ୍ ଲଞ୍ଚ**

ଅନ୍ୟ ଏମ୍‌ପିମାନଙ୍କ ସହ ଏକାଠି ଭୋଜନ କରିଥିଲେ। ସେମାନଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପରଷା ଯାଇଥିଲା। ୨୦୨୩କୁ ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ପାଳନ କରିବାକୁ ଆମେ ପ୍ରସ୍ତୁତ ହେଉଥିବାବେଳେ ପାର୍ଲାମେଣ୍ଟରେ ମାଣ୍ଡିଆ ପ୍ରସ୍ତୁତି ସାମଗ୍ରୀରେ ସୁନ୍ଦର ମଧାହ୍ନଭୋଜନରେ ସବୁ ଦଳର ସଦସ୍ୟ ଯୋଗଦେଇଥିବାରୁ ମୋଦି ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ମାଣ୍ଡିଆ ଏବଂ କ୍ରୀଡ଼ା ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥିବାରୁ ଏହାର ପ୍ରସାର ଦିଗରେ କାର୍ଯ୍ୟ କରିବାକୁ ଭାଜପା ଏମ୍‌ପିମାନେ ଉଦ୍ୟମ କରନ୍ତୁ ବୋଲି ମୋଦି ଭାଜପା ସଂସଦୀୟ ଦଳ ବୈଠକରେ କହିଥିଲେ।

## ଖାର୍ଗେଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ରାଜ୍ୟ ସଭାରେ ହଟ୍ଟଗୋଳ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

ରାଜସ୍ଥାନର ଅଲଓ୍ବାରରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୋମବାର ରାଜ୍ୟ ସଭାରେ ଶାସକ ଏବଂ ବିରୋଧୀ ସଦସ୍ୟମାନଙ୍କ ମଧରେ ପ୍ରବଳ ହଟ୍ଟଗୋଳ ହୋଇଛି। ସୋମବାର ଅଲଓ୍ବରରେ ଏକ ରାଲିରେ ଖାର୍ଗେ କହିଥିଲେ, କଂଗ୍ରେସ ଦେଶ ପାଇଁ ସ୍ୱାଧୀନତା ଆଣିଛି। ଏହାର ଅନେକ ନେତା ଦେଶ ପାଇଁ ପ୍ରାଣବଳି ଦେଇଛନ୍ତି, କିନ୍ତୁ ଭାଜପାର ଗୋଟିଏ କୁକୁର ମଧ ମରିନାହିଁ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାକୁ ଭାଜପା 'ଭାରତ ତୋଡ଼ୋ ଯାତ୍ରା' କହି ପରିହାସ କରୁଥିବାରୁ ତାହାର ଜବାବରେ ଖାର୍ଗେ ଏଭଳି କହିଥିଲେ। ସୀମାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧରେ ସଂଘର୍ଷକୁ ନେଇ ପାର୍ଲାମେଣ୍ଟରେ ଆଲୋଚନା କରିବାକୁ ସରକାର ଦେଉ ନାହାନ୍ତି। ଭାଜପା ସରକାର ବାହାରେ ସିଂହ ଭଳି କହୁଥିବାବେଳେ ଗୃହ ଭିତରେ ମୂଷା ଭଳି ବୋଲି କଂଗ୍ରେସ ଅଧକ୍ଷ କହିଥିଲେ।

ତାଙ୍କର ବିବାଦୀୟ ମନ୍ତବ୍ୟ ଲାଗି ବିରୋଧୀ ଦଳ କ୍ଷମା ମାଗୁ ବୋଲି ଭାଜପା ଏମ୍‌ପିମାନେ ଗୃହରେ ଦାବି କରିବାରୁ ହଟ୍ଟଗୋଳ ହୋଇଥିଲା। ଖାର୍ଗେ ଯେଉଁଭଳି ଭାଷା ବ୍ୟବହାର କରିଛନ୍ତି ଓ ମିଥ୍ୟାର ପ୍ରସାର କରିବାକୁ ଉଦ୍ୟମ କରିଛନ୍ତି, ତାହାକୁ ଆମେ ନିନ୍ଦା କରୁଛୁ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କହିବା ସହ ଅଲଓ୍ବାରରେ ବ୍ୟବହୃତ ଭାଷା ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ମନ୍ତବ୍ୟ ପାର୍ଲାମେଣ୍ଟ ବାହାରେ ଦିଆଯାଇଥିବାରୁ ଏହା ଉପରେ ଗୃହରେ ଆଲୋଚନା ହେବା ଉଚିତ ନୁହେଁ ବୋଲି କହି ଖାର୍ଗେ କ୍ଷମା ମାଗିବାକୁ ମନା କରିଦେଇଥିଲେ। ଶୃଙ୍ଖଳା ରକ୍ଷା ଲାଗି ରାଜ୍ୟ ସଭା ଅଧକ୍ଷ ଜଗଦୀପ୍ ଧନ୍‌କର ଗୃହର ନେତାମାନଙ୍କୁ ନିବେଦନ କରିଥିଲେ। ଗୃହରେ ଯାହା ହେଉଛି, ତାହା ଖରାପ ଉଦାହରଣ ସୃଷ୍ଟି କରୁଛି ଏବଂ ଗୃହର ବଦ୍‌ନାମ ହେଉଛି। ଦେଶର ୧୩୫ କୋଟି ଲୋକ ହସୁଛନ୍ତି ବୋଲି ଧନ୍‌କର କହିଥିଲେ।

## ବାକ୍‌ଯୁଦ୍ଧ ନ କରି ଆଲୋଚନା କରନ୍ତୁ ଭାରତ-ପାକ୍

**ଓ୍ବାଶିଂଟନ,୨୦।୧୨(ପି.ଟି.)**

ଭାରତ ଓ ପାକିସ୍ତାନ ବାକ୍‌ଯୁଦ୍ଧରେ ଲିପ୍ତ ନ ରହି ଦେଶବାସୀଙ୍କ ଭଲ ପାଇଁ ଗଠନମୂଳକ ଆଲୋଚନା କରନ୍ତୁ ବୋଲି ଆମେରିକା ପରାମର୍ଶ ଦେଇଛି। କଶ୍ମୀର ପ୍ରସଙ୍ଗ ଏବଂ ପାକିସ୍ତାନରୁ ସୀମାପାର ଆତଙ୍କବାଦକୁ ନେଇ ଭାରତ ଓ ପାକିସ୍ତାନ ମଧରେ ସମ୍ପର୍କ ଅଧିକ ଖରାପ ହୋଇଛି। ନ୍ୟୁୟର୍କରେ ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ବିଲାଓ୍ବଲ ଭୁଟ୍ଟୋ ଜର୍ଦ୍ଦାରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେବା ପରେ ଏହାକୁ ନେଇ ଦୁଇଦେଶର ନେତାମାନଙ୍କ ମଧରେ ଆକ୍ଷେପ ପ୍ରତିଆକ୍ଷେପ ହୋଇଛି। ଏନେଇ ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ଉଭୟ ରାଷ୍ଟ୍ର ଆମ ପାଇଁ ଅପରିହାର୍ଯ୍ୟ। ସେମାନଙ୍କ ମଧରେ ବାକ୍‌ଯୁଦ୍ଧ ହେବା ଆମେରିକା ଚାହେଁ ନାହିଁ। ଭାରତ ପାକ୍ ଗଠନମୂଳକ ଆଲୋଚନା କରିବା ଆବଶ୍ୟକ। ଏକାଠି ଆଲୋଚନା ମାଧମରେ ଅନେକ କିଛି କରାଯାଇପାରିବ। ଜଣେ ସହଯୋଗୀ ଭାବେ ଆମେରିକା ଏକ୍ଷେତ୍ରରେ ଉଭୟ ଦେଶକୁ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ପ୍ରାଇସ୍ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ଏବଂ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଭାରତ-ପାକ୍ ମଧରେ ତିକ୍ତତା ବଢ଼ିଛି। ଗତ ସପ୍ତାହରେ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ପାକିସ୍ତାନକୁ ଆତଙ୍କବାଦର କେନ୍ଦ୍ର କହିବା ପରେ ଏହାର ଜବାବରେ ବିଲାଓ୍ବଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବ୍ୟକ୍ତିଗତ ଭାବେ ନିନ୍ଦା କରିଥିଲେ। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

**ବିଲାଓ୍ବଲଙ୍କ ମନ୍ତବ୍ୟକୁ ନେଇ ଆମେରିକାର ପରାମର୍ଶ**


ନେଡ୍ ପ୍ରାଇସ୍

## ମିଛ ଅପହରଣ ପରେ ସତ ବାହାଘର

**ହାଇଦ୍ରାବାଦ୍,୨୦।୧୨**

ତେଲଙ୍ଗାନାର ରାଜନ୍ନା ଜିଲାର ଏକ ଗ୍ରାମରେ ନାଟକୀୟ ଢଙ୍ଗରେ ଜଣେ ଝିଅ ନିଜ ପ୍ରେମିକଙ୍କୁ ବାହା ହୋଇଛନ୍ତି। ଅପହରଣ ହେବାର ୧୨ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଘଟଣାର ସତ ପଦାରେ ପଡ଼ିଛି। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୫ଟାବେଳେ ଝିଅଜଣକ ମନ୍ଦିରରୁ ବାପାଙ୍କ ସହ ଫେରୁଥିଲେ। ଏତିକିବେଳେ ୪ ଜଣ ମୁଖାପିନ୍ଧା ଯୁବକ କାର୍‌ରେ ଆସି ବାପାଙ୍କୁ ଠେଲାପେଲା କରି ଝିଅଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ୧୮ ବର୍ଷୀୟା ଯୁବତୀଙ୍କ ବାପା ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଅଭିଯୋଗ କଲେ।



ଘଟଣାର ତଦନ୍ତ ଲାଗି ପୋଲିସ ୬ଟି ଟିମ୍ ଗଠନ କରି ଝିଅଙ୍କୁ ଖୋଜିବାରେ ଲାଗିଗଲା। ମଙ୍ଗଳବାର ସନ୍ଧ୍ୟାରେ ଏକ ଭିଡିଓ ଜାରି କରି ସମ୍ପୃକ୍ତା ଝିଅ ନିଜ ମିଛ ଅପହରଣର ଗୁମର ଫିଟାଇଥିଲେ।

ଅପହରଣ କରିଥିବା ଯୁବକଙ୍କ ମଧ୍ୟରୁ ଜଣେ ଥିଲେ ସମ୍ପୃକ୍ତା ଝିଅଙ୍କ ପ୍ରେମିକ। ପୁଅ ଛୋଟ ଜାତିର ହୋଇଥିବା ଯୋଗୁ ଝିଅଙ୍କ ବାପା ଏ ସମ୍ପର୍କକୁ ସ୍ୱୀକୃତି ଦେଉ ନ ଥିଲେ। ଏହାପରେ ଦୁହେଁ ମିଶି ଏକ ଅପହରଣ ନାଟକର ଯୋଜନା କଲେ। ଘଟଣାର ୧୦ ମାସ ପୂର୍ବରୁ ଦୁହେଁ ବାହା ହୋଇଯାଇଥିବାବେଳେ ଯୌନ ନିର୍ଯ୍ୟାତନା ଏବଂ ଶିଶୁ ବିବାହ ମାମଲାରୁ ବର୍ତ୍ତିବା ପାଇଁ ସେମାନେ ବାହାଘରକୁ ଗୋପନୀୟ ରଖିଥିବା ଭିଡିଓରେ ଝିଅଜଣକ କହିଛନ୍ତି। ଅପହରଣ ପରେ ଦୁହେଁ ଏକ ମନ୍ଦିରରେ ବୈଦିକ ରୀତିନୀତିରେ ବାହାହୋଇଛନ୍ତି।

**ଭିଡିଓ ଖୋଲିଲା ଗୁମର**

## ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ

**ଗଞ୍ଜାମ, ୨୦।୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ଏଚ ବୁରୁଡି ଓଭରବ୍ରିଜ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ରମ୍ଭା ଥାନା ଅନ୍ତର୍ଗତ ସୁବଳୟା ଗ୍ରାମର ଆର୍ତ୍ତତ୍ରାଣ ବେହେରା ଓ ତାଙ୍କ ସ୍ତ୍ରୀ ଶଶି ବେହେରା। ରମ୍ଭାରେ ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗଦେଇ ଦମ୍ପତି ବାଇକ ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଉଭୟ ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ରମ୍ଭା ପୋଲିସ ସେମାନଙ୍କୁ ଉଦ୍ଧାର କରି ଛତ୍ରପୁର ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଶଶିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆର୍ତ୍ତତ୍ରାଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି।

# ୧୬୦ ଜନଜାତି ପ୍ରସ୍ତାବକୁ ଏସ୍‌ଟି ତାଲିକାଭୁକ୍ତ କରିବାକୁ ଦାବିପତ୍ର

### କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ସଂସଦୀୟ ଟିମ୍



**ଭୁବନେଶ୍ୱର,୨୦।୧୨(ବ୍ୟୁରୋ)**

ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ୧୬୦ ପ୍ରସ୍ତାବ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ପଡ଼ିରହିଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ଏହି ପ୍ରସଙ୍ଗ ଉତ୍ଥାପନ କରିଥିବାବେଳେ ଜୋନାଲ ବୈଠକରେ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ ତାଲିକାଭୁକ୍ତ କରିବାକୁ ବିଜେଡି ଏମ୍‌ପିମାନଙ୍କର ଏକ ଟିମ୍ ମଙ୍ଗଳବାର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ୧୬ ଭାରତୀୟ କମ୍ପାନୀରୁ ଔଷଧ ଆମଦାନୀ ବନ୍ଦ କଲା ନେପାଳ

**କାଠମାଣ୍ଡୁ,୨୦।୧୨(ଆଇଏଏନ୍‌ଏସ୍)**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଧାର୍ଯ୍ୟ କରିଥିବା ମାନ ପୂରଣ କରିବାରେ ବିଫଳ ହୋଇଥିବା ଭାରତର ୧୬ଟି ଫାର୍ମାସ୍ୟୁଟିକାଲ କମ୍ପାନୀରୁ ଔଷଧ ଆମଦାନୀ ବନ୍ଦ କରିବାକୁ ନେପାଳ ସରକାର ନିଷ୍ପତ୍ତି ନେଇଛନ୍ତି। ଔଷଧ ରପ୍ତାନି ପାଇଁ ଉକ୍ତ କମ୍ପାନୀଗୁଡ଼ିକ ନେପାଳ ସରକାରଙ୍କ ନିକଟରେ ଆବେଦନ କରିଥିଲେ। ସେଠାକାର ଅଧିକାରୀମାନେ କମ୍ପାନୀ କାରଖାନା ପରିଦର୍ଶନ କରିବା ପରେ ଡବ୍ଲ୍ୟୁଏଚ୍‌ଓର ଉତ୍ପାଦନ ମାନ କାର୍ଯ୍ୟକାରୀ ହେଉ ନ ଥିବା ଜାଣିବାକୁ ପାଇଥିଲେ ବୋଲି ନେପାଳ ଔଷଧ ବିଭାଗ ମୁଖପାତ୍ର ସନ୍ତୋଷ କେ.ସି. କହିଛନ୍ତି।

ଐତିହାସିକଙ୍କ ଦାବି

# ବିଶ୍ୱରେ ସର୍ବାଧିକ ସମୟ କାରାଗାର ଭୋଗିଥିଲେ ଉଦନ୍ତ

### ୪୭ବର୍ଷ ବନ୍ଦୀ ହୋଇ ଜୀବନ ହାରିଥିଲେ

**ସମ୍ବଲପୁର,୨୦।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠ। ଏଠିକାର ଅନେକ ବୀରପୁତ୍ରଙ୍କ ଗାଥା ଇତିହାସ ପୃଷ୍ଠାରେ ଲିପିବଦ୍ଧ ରହିଛି। ହେଲେ ଆଉ କେତେଜଣ ବୀରପୁତ୍ର ତଥା ସଂଗ୍ରାମୀଙ୍କ ବିଷୟରେ ଠିକ୍ ଭାବେ ପ୍ରଚାର ପ୍ରସାର ହୋଇପାରି ନାହିଁ। ସେହିଭଳି ଜଣେ ମହାନ୍ ସଂଗ୍ରାମୀ ହେଉଛନ୍ତି ବୀର ସୁରେନ୍ଦ୍ର ସାଏଙ୍କ ସାନ ଭାଇ ଉଦନ୍ତ ସାଏ। ଉଦନ୍ତ ବିଶ୍ୱରେ ସର୍ବାଧିକ ସମୟ କାରାଗାର ଭୋଗିଛନ୍ତି। ନୂଆଦିଲ୍ଲୀ ଓ ବିଭିନ୍ନ ରାଜ୍ୟରେ ଥିବା ଅଭିଲେଖାଗାରର ତଥ୍ୟ ପ୍ରମାଣ ସଂଗ୍ରହ କରିବା ପରେ ଏହା ଜଣାପଡ଼ିଛି ବୋଲି ମଙ୍ଗଳବାର ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଐତିହାସିକ ଦୀପକ ପଣ୍ଡା ଓ ଡ. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର କହିଥିଲେ। ଦୀପକ କହିଥିଲେ, ରାଜନୈତିକ ବ୍ୟକ୍ତି ଭାବେ ସର୍ବାଧିକ ସମୟ କାରାଦଣ୍ଡ ଭୋଗିଥିବା ଜନନେତା ହେଉଛନ୍ତି ଦକ୍ଷିଣ ଆଫ୍ରିକାର ନେଲ୍‌ସନ ମଣ୍ଡେଲା। ସେ ୨୭ବର୍ଷ କାଳ କାରାଗାରରେ ବନ୍ଦୀ ହୋଇ ରହିଥିଲେ। ସେହିପରି ସଶସ୍ତ୍ର ସଂଗ୍ରାମର ନାୟକ ବୀର ସୁରେନ୍ଦ୍ର ସାଏ ତାଙ୍କ ଜୀବନର ୩୭ବର୍ଷ ବନ୍ଦୀ ଜୀବନ ବିତାଇ କାରାଗାରରେ ପ୍ରାଣତ୍ୟାଗ କରିଥିଲେ। ହେଲେ ଉଦନ୍ତ ସାଏ ଅଧିକ ୧୦ ବର୍ଷ ଅର୍ଥାତ୍ ୪୭ ବର୍ଷ ବନ୍ଦୀ ଜୀବନ ବିତାଇ ଶେଷରେ ଜେଲରେ ପ୍ରାଣତ୍ୟାଗ କରିଥିଲେ। ତେଣୁ ଉଦନ୍ତ ହିଁ ବିଶ୍ୱରେ ସର୍ବାଧିକ ସମୟ ବନ୍ଦୀ ଭାବରେ ବିତାଇଛନ୍ତି। ସେ ସମୟରେ ଉଦନ୍ତଙ୍କୁ ତାଙ୍କ କାକା ବଳରାମ ସିଂହଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କରାଯାଇ ୧୮୪୦ରେ ହଜାରିବାଗ କାରାଗାରରେ ବନ୍ଦୀ ଭାବେ ରଖାଯାଇଥିଲା। ଦୀର୍ଘ ୧୭ ବର୍ଷର କାରାବରଣ ପରେ ୧୮୫୭ରେ ସିପାହୀ ବିଦ୍ରୋହ ସମୟରେ ବିଦ୍ରୋହୀଙ୍କ ଦ୍ୱାରା ସୁରେନ୍ଦ୍ର ଓ ଉଦନ୍ତ ମୁକ୍ତ ହୋଇଥିଲେ। ଇଂରେଜ ସରକାର ୧୮୬୨ରେ ବହୁ ଉଦ୍ୟମ କରି ଶାନ୍ତି ସ୍ଥାପନ କରିଥିଲେ। ଷଡ଼ଯନ୍ତ୍ର କରି ୧୮୬୪ ଜାନୁୟାରୀ ୨୨ ତାରିଖ ରାତିରେ ସୁରେନ୍ଦ୍ର ସାଏଙ୍କ ପରିବାରର ସମସ୍ତ ପୁରୁଷ ସଦସ୍ୟ ଏବଂ ସହଯୋଗୀଙ୍କୁ ଗିରଫ କରାଯାଇ ରାୟପୁରକୁ ପଠାଯାଇଥିଲା। ସେସନ୍ସ କୋର୍ଟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ମାତ୍ର ଜୁଡିସିଆଲ କମିଶନରଙ୍କ କୋର୍ଟ ସେମାନଙ୍କୁ ଦୋଷମୁକ୍ତ କରି ପୂର୍ବ କୋର୍ଟର ଦଣ୍ଡାଦେଶକୁ ଖାରଜ କରିଥିଲେ। ତଥାପି ସେମାନଙ୍କୁ ମୁକ୍ତ କରାଗଲା ନାହିଁ। ୧୮୧୮ ଅଟକ ଆଇନର ଧାରା ୩ ଅନୁସାରେ ସେମାନଙ୍କୁ ଅଟକ ବନ୍ଦୀ ଭାବରେ ରଖାଯାଇଥିଲା। ସୁରେନ୍ଦ୍ର, ତାଙ୍କର ତିନି ଭାଇ ଉଦନ୍ତ, ଧ୍ରୁବ, ମେଦିନୀ, ସୁରେନ୍ଦ୍ରଙ୍କ ପୁତ୍ର ମିତ୍ରଭାନୁ ଏବଂ ରମ୍ପେଲା ଗୌନ୍ତିଆ ଲୋକନାଥ ପଣ୍ଡା ଓ ଲଖନପୁର ଜମିଦାର ବଂଶର ସଦସ୍ୟ ଖଗେଶ୍ୱର ସିଂହ ପ୍ରମୁଖ ସାତଜଣଙ୍କୁ ୧୮୬୪ ଡିସେମ୍ବର ୩ ତାରିଖଠାରୁ ନାଗପୁରର ସୀତାବାଲଡି ଦୁର୍ଗରେ ନେଇ ରଖାଯାଇଥିଲା। ରାଣୀ ଭିକ୍ଟୋରିଆ ଭାରତର ସମ୍ରାଜ୍ଞୀ ଘୋଷିତ ହେବା ପରେ ଧ୍ରୁବ ଓ ମିତ୍ରଭାନୁଙ୍କୁ ୧୮୭୭ ଜାନୁୟାରୀ ୧ ତାରିଖରେ ମୁକ୍ତ କରାଯାଇଥିଲା। ତେଣେ ଅସୀରଗଡର ଅବଶିଷ୍ଟ ୫ ସମ୍ବଲପୁର ବନ୍ଦୀଙ୍କ ମଧ୍ୟରୁ ଲୋକନାଥ ପଣ୍ଡା ୧୮୬୯ରେ, ମେଦିନୀ ସାଏ ୧୮୭୫ରେ, ବୀର ସୁରେନ୍ଦ୍ର ସାଏ ୧୮୮୪ ଫେବୃୟାରୀ ୨୮, ଖଗେଶ୍ୱର ସିଂହ ୧୮୮୭, ଉଦନ୍ତ ସାଏ ୧୮୯୪ ମସିହାରେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ରେକର୍ଡ ରହିଛି। ମୃତ୍ୟୁବେଳକୁ ଉଦନ୍ତଙ୍କ ବୟସ ୮୨ ହୋଇଥିଲା। ୧୮୧୨ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ। ରିପୋର୍ଟ ଅନୁସାରେ, ୧୮୯୩ ଡିସେମ୍ବର ୩୧ ସୁଦ୍ଧା ଉଦନ୍ତ ଅସୀରଗଡରେ ୨୮ବର୍ଷ ୧୯୩ ଦିନ, ହଜାରିବାଗ କାରାଗାରରେ ୧୭ ବର୍ଷ, ସମ୍ବଲପୁର, ରାୟପୁର ଓ ନାଗପୁରରେ ୧ ବର୍ଷ ୧୩୬ ଦିନର ବନ୍ଦୀ ଜୀବନକୁ ମିଶାଇଲେ ପ୍ରାୟ ୪୭ ବର୍ଷ ଜୀବନକାଳ ଜେଲରେ କଟିଛି। ସ୍ୱାଧୀନତାର ୭୫ ବର୍ଷ ଅବସରରେ ଅମୃତ ମହୋତ୍ସବ ପାଳନ ବେଳେ ସ୍ୱାଧୀନତା ସଂଗ୍ରାମ ସହ ଜଡିତ ଯେଉଁ କେତୋଟି ଦୁର୍ଗକୁ ଚିହ୍ନଟ କରାଯାଇଛି, ସେଥିମଧ୍ୟରେ ଅସୀରଗଡ ରହିଛି। ଏଥିରେ ସମ୍ବଲପୁର ସଂଗ୍ରାମୀଙ୍କ ବଳିଦାନ ପ୍ରମୁଖ। ଏହି ଦୁର୍ଗରେ ସମ୍ବଲପୁର ସଂଗ୍ରାମର ମହାନାୟକମାନଙ୍କ ସ୍ମାରକୀ ନିର୍ମାଣ ଦିଗରେ କେନ୍ଦ୍ର ସରକାର ତଥା ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ।

# ରାଜ୍ୟରେ ମୋବାଇଲ ନେଟୱର୍କ ବଢ଼ାଇବାକୁ ଦାବି କଲେ ମାନସ



**ଭୁବନେଶ୍ୱର,୨୦।୧୨(ବ୍ୟୁରୋ):** ରାଜ୍ୟରେ ମୋବାଇଲ ନେଟୱର୍କର କନେକ୍ଟିଭିଟି ବଢ଼ାଇବା ପାଇଁ ରାଜ୍ୟ ସଭାରେ ଏମ୍‌ପି ମାନସ ମଙ୍ଗରାଜ ଦାବି କରିଛନ୍ତି। ୨୦୨୧ ମାର୍ଚ୍ଚ ସୁଦ୍ଧା ୬୨୭୮ ଗାଁରେ ଏପର୍ଯ୍ୟନ୍ତ ମୋବାଇଲ ନେଟୱର୍କ ନାହିଁ। ଏଥିପାଇଁ ଏକ ହଜାର ମୋବାଇଲ ଟାୱାରର ଆବଶ୍ୟକତା ରହିଛି। ଅନ୍ୟ ରାଜ୍ୟଠାରୁ ଓଡ଼ିଶାରେ ଅଧିକ ଅଞ୍ଚଳରେ ଏବେବି ମୋବାଇଲ ଟାୱାର ନାହିଁ। ତେଣୁ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱର ସହ ନେବା ସହ ମୋବାଇଲ ଟାୱାର ଉପଲବ୍ଧ କରାନ୍ତୁ ବୋଲି ମାନସ ଦାବି କରିଛନ୍ତି।

# କଂଗ୍ରେସ ନେତା ଅଜୟ ରାୟଙ୍କ ବିରୋଧରେ ଏତଲା

**ବାରାଣସୀ,୨୦।୧୨:** କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଉତ୍ତରପ୍ରଦେଶ କଂଗ୍ରେସ ନେତା ଅଜୟ ରାୟଙ୍କ ବିରୋଧରେ ଏତଲା ଦାଏର ହୋଇଛି। ଭାଜପା ମହିଳା ମୋର୍ଚ୍ଚା ସୋନଭଦ୍ରା ଜିଲା ମୁଖ୍ୟ ପୁଷ୍ପା ସିଂଙ୍କ ଅଭିଯୋଗକ୍ରମେ ରାୟଙ୍କ ବିରୋଧରେ ଆଇପିସି ଦଫା ୩୫୪(ଏ), ୫୦୧ ଏବଂ ୫୦୯ରେ ମାମଲା ରୁଜୁ ହୋଇଛି। ସୋମବାର ସୋନଭଦ୍ରା ଜିଲାରେ ଭାରତ ଯୋଡ଼ୋ ଯାତ୍ରାରେ ଥିବା ରାୟ କହିଥିଲେ ଯେ, ଇରାନୀ ତାଙ୍କ ନିର୍ବାଚନ ମଣ୍ଡଳୀ ଆମେଠିକୁ କେବଳ 'ଲଟ୍‌କେ-ଝଟକେ' (ଲୋକଙ୍କୁ ଆକର୍ଷିତ କରିବା ଲାଗି ହାବଭାବ) ଦେଖାଇବାକୁ ଆସୁଛନ୍ତି। ଏପରିକି 'ଲଟ୍‌କେ-ଝଟକେ' କଥୋପକଥନ ଭାଷା କହି କ୍ଷମା ମାଗିବାକୁ ରାୟ ମନା କରିଦେଇଛନ୍ତି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିମେଳା
## OFFICE OF THE NOTIFIED AREA COUNCIL, BALIMELA

Odisha, Pin-764051, Ph: 06861-230244 e-Mail: eonacbalimela@gmail.com

Lr. No.4954/2022/NAC Dtd. 17.12.2022

### QUOTATION CANCELLATION NOTICE

**No.C-1998:-** The Quotation Call Notice No.4857/22/NAC, dated 08.12.2022 floated for supply of Bicycle of branded company having ISI brand for ladies engaged through Mission Shakti Group in this NAC is hereby cancelled due to quoted items to be purchase from authorized GeM portal.

**Sd./- Executive Officer**
**NAC, Balimela**

OIPR-13140/11/0014/2223

## Bhubaneswar Municipal Corporation

*Progress through Partnership for better Bhubaneswar*

**XXXXIII (E.N.V.) - 33/2022**

**RFP No. 59012 Dated: 19.12.2022**

### RFP for "Selection of an Agency for Supply of "Vehicle Mounted Hydraulic Ladder" to Bhubaneswar Municipal Corporation (BMC)"

No. C-2008: Bhubaneswar Municipal Corporation (BMC) invites sealed proposals from intending agencies having the requisite qualification as per terms stipulated in the detailed RFP document for undertaking the work of supplying vehicle Mounted Hydraulic Ladder to Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 19.12.2022 at 12.00 Noon onwards. The pre-bid meeting is scheduled to be held on Dt.26.12.2022 at 4.00 P.M. in the Mini Conference Hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 03.01.2023. For any clarification, an e-mail may be sent on **bmcprnu@bmc.gov.in**.

**By Order**
**Sd./- Environment Officer**
**Bhubaneswar Municipal Corporation**

OIPR-13002/11/0187/2223

## GOVERNMENT OF ODISHA No.A-901
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER ADDITIONAL SPILLWAY DIVISION, BURLA

PHONE NO.0663 - 2430080, E-mail id:eeasdhirakud@gmail.com

**'e' Procurement Notice No. ASD- 03 (01-04)/2022-23 (Online)**
**Bid identification No. ASD- 03 (01)/2022-23 to ASD - 03(04)/2022-23**

| | | |
|---|---|---|
| 1. | Nature of Works | Construction of Temple, culvert and drain as per DTCN. |
| 2. | Nos. of works | 04 (Four) Nos. |
| 3. | Amount Put to Tender | Rs. 8.53 Lakhs to Rs. 64.30 Lakhs Approximately. |
| 4. | Period of Completion | As per D.T.C.N. 60 Days |
| 5. | Date and Time of availability of Bid Document in the Portal | Dt: 23.12.2022 at 11.00 AM to Dt: 03.01.2023 up to 5.00 PM. |
| 6. | Last Date / Time for receipt of Bids in the Portal | Dt: 03.01.2023 up to 5.00PM. |
| 7. | Date of opening of Bid | Dt: 05.01.2023 at 1 1.00 AM. |
| 8. | Last date & time of seeking tender clarification | Dt: 31.12.2022 upto 04.00 PM. |
| 9. | Name and Address of the Officer Inviting Bid | Superintending Engineer, Additional Spillway Division, Burla At/Po-Burla- 768017 Dist-Sambalpur Email Id: eeasdhirakud@gmail.com |

Further detail can be seen from the e-procurement portal www.tendersodisha.gov.in.

**Sd./- Superintending Engineer**
**Additional Spillway Division, Burla**

OIPR-32414/11/0007/2223

## OFFICE OF THE NOTIFIED AREA COUNCIL, KHANDAPADA

E-Mail Id: nackpg89@gmail.com

Letter No. 2314 Date: 17.12.2022

### EXPRESSION OF INTEREST

No. C-2012: Sealed Expression of Interest are invited from Consultancy/Architecture/Firms for preparation of detail Plan, Estimate & Structural Design of proposed **"Vegetable Market, Slaughter House and other Infrastructural Development Work like Park, Smart Library, Town Hall, Landscaping, Beautification Works"**. The interested parties should quoted their rates for the above purpose. The agency should submit the GST and IT Clearance Certificate along with experience certificate if any. The EOI should reach to the undersigned on or before Dtd.30.12.2022 upto 4.00 P.M. through Speed Post or Registered Post only. The EOI will be opened on Dtd.30.12.2022 at 5.00 P.M. The EOI received after due date will not be entertained. The undersigned reserves the right to accept or reject any or all quotations without assigning any reason thereof. The bidders can download the details from the website i.e. **http://www.khandapadanac.in** and **nayagarh.nic.in**.

**Sd./- Executive Officer**
**Khandapada NAC**

OIPR-13147/11/0016/2223

## OFFICE OF THE ROURKELA MUNICIPAL CORPORATION, ROURKELA

### INVITATION FOR BID

**No. 16685 Dated: 19.12.2022**

**Bid Identification No. MC/RMC/101/2022**

No. C-2015: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/101/2022 for 01 No. Civil work with value of Rs.56.70 lakh.

1. Bid documents will be available in website **www.tendersorissa.gov.in** from 19.12.2022.
2. Bids must be submitted on "Online" on or before 26.12.2022 by 17.00 hours.
3. Bids shall be opened at 11.00 hours on 27.12.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**

OIPR-13131/11/0155/2223

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA

Phone No.0661-2664637,Fax No.0661-2664638,e-mail:dforourkela.od@gov.in

Order No.519/Dtd.20.12.2022

**No.MM-354:**

### INVITATION FOR BIDS (IFB)

**E-Procurement Bid Identification No.RKL-F.E.&C.C./2022-23,Dtd...**

1. Name of work : Construction of Anti-Poaching Barrack at K-Bolang of Banki Range, Rourkela Forest Division
2. No. of works : 01 No.
3. No. of covers : Single Cover
4. Estimated Cost : Rs.16,78,366.00
5. Period of Completion : 03 (Three) Calendar Months
6. Date & Time of availability of bid documents in portal : From 01.00 P.M. of dated 22.12.2022 to 06.00 P.M. of dated 26.12.2022
7. Last date/ time for receipt of bids in the portal : Upto 06.00 P.M. of dated 26.12.2022
8. Date of opening of bid documents : At 04.00 P.M. on dated 27.12.2022
9. Class of Contractor : "C" & above Class Contractor
10. Name and address of Officer Inviting Bid : Divisional Forest Officer Rourkela Forest Division

Further, details can be seen from the e-Procurement portal www.tenderodisha.gov.in. The Addendum / Corrigendum if any will be hosted in the website only.

**Sd./- Divisional Forest Officer**
**Rourkela Forest Division**

OIPR-08044/11/0012/2223

## BHUBANESWAR MUNICIPAL CORPORATION

**No.59055, Dt.19.12.2022**

**COMPETITIVE BIDDING THROUGH e-Procurement**

### NOTICE INVITING TENDER

**Bid Reference No. BMC-DD-CE-03/2022-23 Dt.**

**No.C-2019:** On behalf of the Commissioner, Bhubaneswar Municipal Corporation, **City Engineer**, Bhubaneswar Municipal Corporation invites **Percentage Rate Bids for the work mentioned in the DTCN** through e-Procurement in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid/Price Bid/ BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website www.tendersodisha.gov.in by eligible bidders. The bidders should have necessary Portal Enrolment (Digital Signature Certificate) under e-procurement process of Govt. of Odisha in required class/category. For queries, if any on this DTCN, intending bidders may contact Superintending Engineer, Drainage Division, Bhubaneswar Municipal Corporation.

1. Total No. of works for which Tenders invited: 1 No.
2. Place of Execution: Different locations in Bhubaneswar Municipal Corporation area.
3. Estimated Cost of Individual Work: Rs.2,45,82,196 /- and Class of Contractor- 'B' & 'A' as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through **"On-Line"** bidding only. The website for online bidding is **https://www.tendersodisha.gov.in.**
5. The bid documents will be available in the above website from 10.30 AM on Dt.21.12.2022 to 5 PM on Dt.04.01.2023 for online bidding.
6. Last date & time of bidding on-line: **Dt. 04.01.2023 at 5 PM**.
7. The Technical bid received online will be opened at 11.00 A.M. on Dt.05.01.2023.
8. The bidder must possess valid and compatible **Digital Signature Certificate (DSC).**
9. The successful bidder has to furnish Additional Performance Security (APS) as detailed in the DTCN failing which the bid shall not be considered.
10. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.
11. Subsequent reserves corrigendum, if required, shall appear in these websites.
12. Authority reserves the right to reject any or all the tenders without assigning any reason thereof subject to the limitations prescribed by Central Vigilance Commission

**By Order of Commissioner, BMC**
**Sd./- City Engineer**
**Bhubaneswar Municipal Corporation**

OIPR-13002/11/0188/2223

## ବିଜ୍ଞାପନ

No.D-255

### ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା

| | |
|---|---|
| ହାବିଲଦାର | ଆକାଶ କୁମାର ଦାସ |
| ପିତା – | ପ୍ରଶାନ୍ତ ଦାସ |
| ଗ୍ରାମ – | ବଡ଼ ଛୁରୁଣି |
| ପୋଷ୍ଟ – | ବଡ଼ ଛୁରୁଣି |
| ଥାନା – | ବୈଶିଙ୍ଗା |
| ଜିଲ୍ଲା – | ମୟୂରଭଞ୍ଜ |

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ଓ.ଏସ୍.ଏ.ଏଫ୍. ପ୍ଲାଟୁନ, ସିମୁଳିଆ ଥାନାରେ ଡ୍ୟୁଟିରେ ଥିବା ସମୟରେ ତା୦୬.୦୬.୨୦୨୨ରିଖ ସକାଳ ଗଣତିରେ ବିନା ଛୁଟି ଏବଂ ବିନାନୁମତିରେ କାହାରିକୁ କିଛି ନ ଜଣାଇ ସରକାରୀ କାର୍ଯ୍ୟରୁ ଗୈରହାଜିର ଅଛନ୍ତି । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି, ଏବଂ ଆପଣଙ୍କର ଏତାଦୃଶ ଗୈରହାଜିର ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ୍ ବିଭାଗରେ ନିଯୁକ୍ତି କରାଯାଇଛି ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ଉକ୍ତ ଗୈରହାଜିର ଯୋଗୁଁ ଆପଣଙ୍କ ଦରମା ମଧ ବନ୍ଦ କରାଯାଇଅଛି ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୭ ଦିନ ମଧରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ଗୈରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ ।

**ସ୍ୱା./- ଦୁର୍ଗପତି,**
**ଓଡ଼ିଶା ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା**

## ବିଜ୍ଞାପନ

### ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା

| | |
|---|---|
| ସିପାହୀ/୬୪୯ | ଜୁଗୁରାମ ହେମ୍ବରମ |
| ପିତା – | ଫାଗୁରାମ ହେମ୍ବରମ |
| ଗ୍ରାମ – | ପଳାସ ବଣି |
| ପୋଷ୍ଟ – | ସାନପଖଣା |
| ଥାନା – | ରାୟରଙ୍ଗପୁର |
| ଜିଲ୍ଲା – | ମୟୂରଭଞ୍ଜ |

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣଙ୍କର ଛୁଟି ଦରଖାସ୍ତ ଅନୁଯାୟୀ ଆପଣଙ୍କୁ ୦୩ ଦିନ ସାମୟିକ ଛୁଟି ତା୨୫.୦୫.୨୦୨୨ରିଖ ଅପରାହ୍ନଠାରୁ ତା୨୮.୦୫.୨୦୨୨ରିଖ ଅପରାହ୍ନ ପର୍ଯ୍ୟନ୍ତ ଛୁଟି ପ୍ରଦାନ କରାଯାଇଥିଲା । ତଦନୁଯାୟୀ ଆପଣ ନିଜ କାର୍ଯ୍ୟରେ ତା୨୯.୦୫.୨୦୨୨ରିଖ ପୂର୍ବାହ୍ନରେ ଯୋଗଦେବା କଥା, କିନ୍ତୁ ଆପଣ ଅଦ୍ୟାବଧି ଆପଣଙ୍କ କାର୍ଯ୍ୟରେ ଯୋଗ ଦେଇନାହାନ୍ତି କିମ୍ବା ଆପଣଙ୍କଠାରୁ କୌଣସି ପ୍ରକାରର ସୂଚନା ଏହି କାର୍ଯ୍ୟାଳୟକୁ ହସ୍ତଗତ ହୋଇନାହିଁ । ଆପଣ ବିନା ଅନୁମତି ତଥା ବିନା ଛୁଟିରେ କାହାରିକୁ କିଛି ନ ଜଣାଇ କିମ୍ବା କୌଣସି ସୂଚନା ନ ଦେଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଗୈରହାଜିର ହୋଇଛନ୍ତି । ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ପ୍ରତୀୟମାନ ହେଉଅଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ଏବଂ ଏତାଦୃଶ ଗୈରହାଜିର ଯୋଗୁଁ ଆପଣଙ୍କ ଦରମା ବନ୍ଦ କରାଯାଇଅଛି ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୭ ଦିନ ମଧରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ, ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ଗୈରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ ।

**ସ୍ୱା./- ଦୁର୍ଗପତି,**
**ଓଡ଼ିଶା ପଞ୍ଚମ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ, ବାରିପଦା**

OIPR-12029/11/0045/2223

## COUNCIL OF HIGHER SECONDARY EDUCATION ODISHA, C/2, PRAJNAPITHA, SAMANTAPUR, BHUBANESWAR-751013

**No-EC-I/156/2022/_3939_/CHSE (O), Dt. 19.12.2022/**

### REQUEST FOR PROPOSAL (RFP)

**No.N-73:** The Council of Higher Secondary Education, Odisha intends to undertake e-valuation of Answer Books of the Annual Higher Secondary Examination, 2023 which would include Scanning/ Imaging and on-screen e-valuation of Answer Books, Re-addition/ Rechecking of Answer Books, and also feeding, uploading & transmission of off-line marks. Therefore, Request for Proposal (RFP) is invited for experienced and registered companies/ firms as per following schedule.

| Sl. No. | Item | Date & Time |
|---|---|---|
| (a) | Last date and time for submission of tender as per RFP (Only by registered post/speed post/courier) | 17/01/2023 (05.30 P.M.) |
| (b) | Submission of pre-bid queries | 26/12/2022 in the E-mail ID -secy.chse@odisha.gov.in |
| (c) | Pre-Bid Meeting | 28/12/2022 at 11.00 A.M. |
| (d) | Corrigendum, if any, to be published in website : [www.chseodisha.nic.in] | 29/12/2022 |
| (e) | Opening of Technical Bid | 19/01/2023 at 11.00 A.M. |
| (f) | Technical Presentation | 20/01/2023 at 11.00 A.M. |
| (g) | Opening of Financial Bid | 21/01/2023 at 11.00 A.M. |

RFP document is available in the website www.chseodisha.nic.in. Bidders are requested to go through the RFP thoroughly.

**Order of the Chairman**
**Sd./- Financial Officer**
**C.H.S.E., Odisha, Bhubaneswar**

OIPR-11003/11/0011/2223

## OFFICE OF THE CHIEF EXECUTIVE OFFICER

**WATCO, Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India, Telefax: +91-674-2391444**
**E-mail - mail@watcoodisha.in. md@watcoodisha.in**

### INVITATION FOR BID (IFB)

**Bid Identification No. WATCO (W) -34/2022-23**
**Dtd.17.12.2022 WATCO No.5909 Date: 17.12.2022**

**No.C-1995:** 1.Name of the work :- 1. Implementation of Drink from Tap with 24x7 water supply to Zone No- 17 (1500 KL) at Sishubhawan in Ward No-11(P), 13(P), 14(P), 19(P) & 20(P) (Network Improvement, Installation of Valves, Pipe laying, House connection, Construction of PLC room & Site development), Cuttack under SUJAL.

2. Implementation of Drink from Tap with 24 x 7 water supply to Zone No-27 (Ranihat) (700 KL) at Ranihat Ward No.31 & 32 (Network Improvement with Installation of Valves, Pipe laying, House connection & Site development), Cuttack under SUJAL.
3. Implementation of Drink from Tap with 24 x 7water supply to Zone No-30 (Jobra) (900 KL) at Jobra Ward No.40(P) & 41(P) (Network Improvement with Installation of Valves, Pipe laying, House connection, Construction of PLC room & Site development),Cuttack under SUJAL.
4. Implementation of Drink from Tap with 24 x 7 water supply to Zone No-31 (Pareswar Sahi) (700 KL) at Jobra & College Square Ward No.40(P), 41 (P), 38 & 39 (Network Improvement with Installation of Valves, Pipe laying, House connection & Site development), Cuttack under SUJAL.
5. Implementation of Drink from Tap with 24 x 7 water supply to Zone No-47 (500 KL ESR) at Kahneipur in Ward No-55 (Network Improvement with Installation of Valves, Pipe laying, House connection & Site development), Cuttack under SUJAL.
6. Implementation of Drink from Tap with 24 x 7 water supply to Zone No-33 (Kaliaboda) (700KL) at Sikharpur Ward No. 46 (Network Improvement with Installation of Valves, Pipe laying, House connection, Construction of PLC room & Site development),Cuttack under SUJAL.
7. Implementation of Drink from Tap with 24 x 7 water supply to Zone-No-13 (1200 KL) at Kafla in Ward No-10(P), 11(P), 12(P) of CMC, (Network Improvement with Installation of Valves, Pipe laying, House connection & Site development),Cuttack under SUJAL.

2. Estimated cost :-(1) Rs.219.86 lakh, (2) Rs.147.81 lakh, (3) Rs.174.12 lakh, (4) Rs. 172.73 lakh, (5) Rs.104.15 lakh, (6) Rs. 95.64 lakh, (7) Rs.255.40 lakh
3. Period of completion :- 6 (Six) Months.
4. Date & time of availability of bid document in the portal: - From 11.00 AM of Dt.21.12.2022 to 5.00PM of Dt. 04.01.2023
5. Last date / time of receipt of bids in the portal: - 5.00 PM of 04.01.2023.
6. Date & time of opening of technical bids :- 12.30 PM of 05.01.2023.
7. Name and address of the Officer Inviting Bid: CEO, WATCO, Telefax: 0674-2391444, E-mail:mail@watcoodisha.in, md@watcoodisha.in mail to: eephibbsr@ori.nic.in.
8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.

**Sd./- CEO, WATCO**

OIPR-13194/11/0062/2223

**କେନ୍ଦ୍ରୀୟ ଯୋଜନାର ପ୍ରଚାର କରିବେ ରାଷ୍ଟ୍ରୀୟ ମହିଳା ନେତ୍ରୀ**

ଭୁବନେଶ୍ୱର,(ବ୍ୟୁରୋ): ମହିଳାଙ୍କୁ ସଶକ୍ତ କରିବା ଲାଗି ମୋଦି ସରକାର ସ୍ୱୟଂସହାୟକ ଗୋଷ୍ଠୀ ଆରମ୍ଭ କରିଥିଲେ। କିନ୍ତୁ ରାଜ୍ୟ ସରକାର ଏସ୍‌ଏଚ୍‌ଜି ମହିଳାଙ୍କୁ ନିଜ ଦଳୀୟ କାର୍ଯ୍ୟରେ ଲଗାଇବା ସହ ସ୍ୱାବଲମ୍ବୀ ହେବାର ସ୍ୱପ୍ନକୁ ନିରାଶ କରିଛନ୍ତି। ନାରୀଙ୍କ ନ୍ୟାୟ ଲାଗି ଭାଜପା ସବୁ ଗାଁରେ ବୁଲି ସଚେତନ କରିବ। ବିଭିନ୍ନ ରାଜ୍ୟର ରାଷ୍ଟ୍ରୀୟସ୍ତରରେ ନେତୃତ୍ୱ ନେଇଥିବା ୩୬ ଜଣ ନେତ୍ରୀ ଓଡ଼ିଶା ଆସୁଛନ୍ତି। ଆସନ୍ତା ୨୨ ଓ ୨୩ରେ ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲା ଗସ୍ତକରି ଏ ସମ୍ପର୍କରେ ଅବଗତ କରାଇବେ ବୋଲି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆତ୍ମହତ୍ୟା ନୁହେଁ, ହତ୍ୟା ବୋଲି କହିଲେ ବିରୋଧୀ

**ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣା**

- ନିଜ ନେତା, ମନ୍ତ୍ରୀଙ୍କୁ ବଞ୍ଚାଇବାକୁ ସାକ୍ଷୀଙ୍କୁ ହତ୍ୟା କରିବାକୁ ସରକାର ପଛାଉନାହାନ୍ତି: ଭାଜପା
- ଗୋବିନ୍ଦଙ୍କ ମୃତ୍ୟୁ ପଛରେ ବଡ଼ ଷଡ଼ଯନ୍ତ୍ର ରହିଛି: କଂଗ୍ରେସ
- ମାମଲା କୋର୍ଟରେ ଅଛି : ବିଜେଡି

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ମଙ୍ଗଳବାର ବେକରେ ଫାଶ ଲଗାଇ ଜେଲ ପରିସରରେ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ବହୁ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିବା ବେଳେ ଏହା ହତ୍ୟା ବୋଲି ଅଭିଯୋଗ ଉଠିବା ଆରମ୍ଭ ହୋଇଛି। ଶାସକ ଦଳର ଜଣେ ପୂର୍ବତନ ମନ୍ତ୍ରୀ ତଥା ଏବକାର ବିଧାୟକ ମମିତା ମେହେର ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ ଆସୁଥିବାରୁ ଜାଣିଶୁଣି ଗୋବିନ୍ଦଙ୍କୁ ହତ୍ୟା କରି ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଉଥିବା ଉଭୟ ଭାଜପା ଏବଂ କଂଗ୍ରେସ ଅଭିଯୋଗ କରୁଛନ୍ତି। ଏହି ଘଟଣାରେ କଂଗ୍ରେସ ସିବିଆଇ ତଦନ୍ତ ଦାବି କରୁଥିବା ବେଳେ ଏହା ସିଧାସଳଖ ହତ୍ୟା ବୋଲି ଭାଜପା କହିଛି। ଅନ୍ୟପଟେ ଏହି ବିଷୟ ଏବେ କୋର୍ଟରେ ଥିବା ଯୋଗୁ ବର୍ତ୍ତମାନ କିଛି କହିବାକୁ ବିଜେଡି ମନା କରିଦେଇଛି।

ଭାଜପା ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ କହିଛନ୍ତି, ଅପରାଧୀମାନଙ୍କୁ ନେଇ ଏ ସରକାର ଚାଲିଛି। ଯିଏ ଅପରାଧ କରେ ତାକୁ ଏଠାରେ ଆଶ୍ରୟ ମିଳେ। ଏହି ସରକାରରେ ସବୁ କିଛି ସମ୍ଭବ। ଏପରି କ୍ଷେତ୍ରରେ ଗୋବିନ୍ଦ ସାହୁ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି, ତାହାର ତଦନ୍ତ ହେବା ଦରକାର। ଇତିଶ୍ରୀ ଓ ବେବିନା କ୍ଷେତ୍ରରେ ଯାହା ଘଟିଥିଲା, ତା'ର ପୁନରାବୃତ୍ତି ପୁଣି ଓଡ଼ିଶା ମାଟିରେ ହେଲା। ଅର୍ଚ୍ଚନା ନାଗ ମାମଲାରେ ମଧ୍ୟ ସେହିଭଳି କିଛି ଘଟିବ। ଅର୍ଚ୍ଚନା ନାଗ ମଧ୍ୟ ଜେଲରେ ଆତ୍ମହତ୍ୟା କରିବେ। ରାଜ୍ୟରେ ଘଟିଯାଇଥିବା ବଡ଼ ଅପରାଧରେ ଶାସକ ବିଜେଡିର ବଡ଼ ବଡ଼ ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତିର ଯଥେଷ୍ଟ ପ୍ରମାଣ ରହିଛି। ନିଜ ନେତା ଓ ମନ୍ତ୍ରୀଙ୍କୁ ବଞ୍ଚାଇବା ପାଇଁ ସାକ୍ଷୀଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ କରିବାକୁ ମଧ୍ୟ ରାଜ୍ୟ ସରକାର ପଛାଉନାହାନ୍ତି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ମଧ୍ୟ ଜଣେ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବାରୁ ମୁଖ୍ୟ ସାକ୍ଷୀଙ୍କୁ ହତ୍ୟା କରାଯାଇଥିଲା ବୋଲି ସ୍ମୃତି କହିଛନ୍ତି।

କଂଗ୍ରେସର କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ମମିତା ମେହେର ମାମଲାରେ ଗୋବିନ୍ଦ ସହ ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ପୃକ୍ତ ଥିଲେ। ପୂର୍ବତନ ମନ୍ତ୍ରୀ ଗୋବିନ୍ଦଙ୍କୁ କିଛିଦିନ ଭିତରେ ମୁକ୍ତ କରି ଦେବେ ବୋଲି କଥା ଦେଇଥିଲେ। ହେଲେ ଶେଷରେ ତାଙ୍କ ହାତ ଛାଡ଼ିଦେଇଛନ୍ତି। ଯେତେବେଳେ ମୁକ୍ତି ପାଇବାର ବାଟ ବନ୍ଦ ଥିବା ଦେଖିଲେ ଗୋବିନ୍ଦ ପ୍ରବଳ ମାନସିକ ଚାପରେ ଥିଲେ। ଅପରପକ୍ଷରେ ପୂର୍ବତନ ମନ୍ତ୍ରୀଙ୍କ ପାଇଁ ଗୋବିନ୍ଦଙ୍କୁ ଜେଲରେ ଭ୍ୱାଇଁପୁଅ ଭାବେ ଚର୍ଚ୍ଚା ମଧ୍ୟ ମିଳୁଥିଲା। ତେଣୁ ଗୋବିନ୍ଦ ସାହୁ ଆତ୍ମହତ୍ୟା କଲା ବେଳେ ଜେଲ କର୍ମଚାରୀମାନେ କେମିତି ଦେଖିପାରିଲେ ନାହିଁ। ଗୋବିନ୍ଦଙ୍କ ମୃତ୍ୟୁ ଘଟିବାରୁ ମମିତା ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ତାଙ୍କ ମୃତ୍ୟୁ ପଛରେ ନିଶ୍ଚିତ ଭାବେ ଗୋଟିଏ ବଡ଼ ଷଡ଼ଯନ୍ତ୍ର ଥିବା ସନ୍ଦେହ ହେଉଛି। ଏହା ଆତ୍ମହତ୍ୟା ନୁହେଁ, ତାଙ୍କୁ ହତ୍ୟା କରାଯାଇଥାଇପାରେ। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସାଲୁଜା ଦାବି କରିଛନ୍ତି। ସେହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଗୋବିନ୍ଦ ସାହୁ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ମାରି ଦିଆଯାଇଛି।

ଅନ୍ୟପଟେ ବିଜେଡି ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି, ଏହି ବିଷୟ ଏବେ କୋର୍ଟରେ ବିଚାରାଧୀନ ଅବସ୍ଥାରେ ଅଛି। ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଘଟଣା କୋର୍ଟରେ ରହିଛି। ସେ କାହିଁକି ଆତ୍ମହତ୍ୟା କଲେ ତା'ର ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ କିଛି ଜଣାପଡ଼ିବ ନାହିଁ। ତା'ର ତଦନ୍ତ ଚାଲିଛି। ତେଣୁ ଏବେଠାରୁ କିଛି କହିବା ଠିକ୍ ହେବ ନାହିଁ ବୋଲି ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, ଗୋବିନ୍ଦ ସାହୁ ମଙ୍ଗଳବାର ସକାଳେ ଜେଲ ପରିସରରେ ବେକରେ ଗାମୁଛା ବାନ୍ଧି ଏକ ଗଛରୁ ଝୁଲିପଡ଼ିଥିଲେ ବୋଲି କୁହାଯାଉଛି। ଏହି ଘଟଣାରେ ଏ ପର୍ଯ୍ୟନ୍ତ କେବଳ ଜେଲ ୱାର୍ଡରଙ୍କୁ ସସ୍‌ପେଣ୍ଡ କରାଯାଇଥିବା ବେଳେ ପୋଲିସ ମହାନିର୍ଦ୍ଦେଶକ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ନେତାଙ୍କ ପୁଅଙ୍କୁ ନିର୍ବାଚନ ଟିକେଟ

**କର୍ଣାଟକରେ ବଂଶବାଦ ରାଜନୀତି**

ବେଲଗାଭି,୨୦।୧୨ :କର୍ଣାଟକରେ ବଂଶଗତ ରାଜନୀତି ଜୋର୍ ଧରିଛି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟ ବିଧାନସଭା ନିର୍ବାଚନ ଲାଗି ଜେଡିଏସ୍ ସୋମବାର ୯୩ ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ସେମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ପୁଅ ନିଖିଲ କୁମାରସ୍ୱାମୀ, ପୂର୍ବତନ ମନ୍ତ୍ରୀ ଜି.ଟି. ଦେବେଗୌଡ଼ାଙ୍କ ପୁଅ ଜି.ଟି. ହରିଶଗୌଡ଼ା, ରାଜ୍ୟ ଜେଡିଏସ୍ ସଭାପତି ସି.ଏମ୍. ଇବ୍ରାହିମ୍‌ଙ୍କ ପୁଅ ସି.ଏମ୍. ଫୟାଜଙ୍କ ନାଁ ରହିଛି। ନିଖିଲ ରାମନଗର ଆସନରୁ ନିର୍ବାଚନ ଲଢ଼ିବେ। ଏବେ ଏହି ଆସନରୁ ତାଙ୍କ ମାଆ ଅନୀତା ବିଧାୟିକା ଅଛନ୍ତି। ସେହିପରି ହରିଶ ମହୀଶୂର ଜିଲାର ହୁନ୍‌ସୁରରୁ ପ୍ରାର୍ଥୀ ହୋଇଛନ୍ତି। ଏଚ୍.ଡି. କୁମାରସ୍ୱାମୀ ଚନ୍ନାପାଟନା ଆସନରୁ ଲଢ଼ିବେ। ସେ ୨୦୧୮ରେ ଉକ୍ତ ଆସନରୁ ନିର୍ବାଚିତ ହୋଇଥିଲେ। ସେହିପରି ଜି.ଟି.ଦେବେଗୌଡ଼ା ଚାମୁଣ୍ଡେଶ୍ୱରୀ ଆସନରୁ ପୁନର୍ବାର ନିର୍ବାଚିତ ହେବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୧୮ରେ ସେ ଏହି ଆସନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମାୟାଙ୍କୁ ହରାଇଥିଲେ। ୨୦୨୩ ନିର୍ବାଚନ ନିଖିଲଙ୍କ ପାଇଁ ଦ୍ୱିତୀୟ ଲଢ଼େଇ। ସେ ୨୦୧୯ରେ ମାଣ୍ଡ୍ୟା ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। କୁମାରସ୍ୱାମୀ ତାଙ୍କ ଉତ୍ତରାଧିକାରୀ ଭାବେ ନିଖିଲଙ୍କୁ ବିଧାନସଭାକୁ ପଠାଇବାକୁ ଚାହୁଁଛନ୍ତି। ସେହିପରି ଜି.ଟି. ଦେବେଗୌଡ଼ା ଓ ତାଙ୍କ ପୁଅ ଯେପରି ଭାଜପା କିମ୍ବା କଂଗ୍ରେସକୁ ନ ଡିଅନ୍ତି, ସେଥିପାଇଁ ଜେଡିଏସ୍ ସେମାନଙ୍କୁ ଟିକେଟ ଦେଇଛି।

**CLASSIFIED DISPLAY**

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ମୋବାଇଲ ଟାୱାର**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍‌ରେ 4G/5G ମୋବାଇଲ ଟାୱାର ଲଗାନ୍ତୁ।
* ଅଗ୍ରିମ 70 ଲକ୍ଷ
* ଭଡ଼ା- 50,000/-
* 01 ଚାକିରି
24 ଘଣ୍ଟାରେ ସର୍ଭେ କରାନ୍ତୁ।
ରେଜିଷ୍ଟ୍ରେଶନ୍ ଫିସ୍- 2850/-
ଏଜେଣ୍ଟ ଆମନ୍ତ୍ରିତ
Helpline:- 08901421291

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# 'ଚାଷ ନ ହୋଇ ଏମ୍‌ଏସ୍‌ପି ନେବାକୁ ହୋଇଛି ମସୁଧା'

ଭୁବନେଶ୍ୱର,୨୦।୧୨(ବ୍ୟୁରୋ)

ଓଡ଼ିଶାରେ କ୍ରମାଗତ ଧାନକିଣାରେ ଦୁର୍ନୀତି, ମଣ୍ଡି ପରିଚାଳନାରେ ଅବ୍ୟବସ୍ଥା ଓ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ମଙ୍ଗଳବାର ଓଡ଼ିଶାର ଭାଜପା ଏମ୍‌ପିମାନେ ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏନେଇ ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି, ନକଲି ଚାଷୀ, ଠକ ବେପାରୀମାନେ ମଣ୍ଡି କର୍ମଚାରୀଙ୍କ ସହ ଅସାଧୁ ମେଣ୍ଟକରି ଧାନ ବିକ୍ରି ନିମନ୍ତେ ଟୋକନ ହାତେଇବା ସହିତ ସରକାରୀ ଏମ୍‌ଏସ୍‌ପିକୁ ହରିଲୁଟ କରୁଛନ୍ତି। ସାଟେଲାଇଟ ସର୍ଭେରେ ଚଳିତ ଖରିଫ ଋତୁରେ ୫ ଲକ୍ଷ ୫୪ ହଜାର ୬୭୯ ଏକର ଭୂତଜମି ବୋଲି ଜଣାପଡ଼ିଛି। ମାତ୍ର ଏ ବାବଦରେ ୧୭୧୫ କୋଟି ଟଙ୍କାର ଏମ୍‌ଏସ୍‌ପି ସହାୟତା ପାଇବାକୁ ମସୁଧା ହୋଇଛି। ତେବେ ସାଟେଲାଇଟ ସର୍ଭେରେ ଜଣାପଡ଼ିଥିବା ଭୂତଜମି ରିପୋର୍ଟ କିଏ କଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଭାରତ ସରକାର ଧାନ କିଣା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଏହାଦ୍ୱାରା ସ୍ଥାନୀୟ ଚାଷୀମାନେ ଏମ୍‌ଏସ୍‌ପିର ଲାଭ ନେଉଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଅବ୍ୟବସ୍ଥା ଯୋଗୁ ଧାନ ସଂଗ୍ରହ ପ୍ରକ୍ରିୟା ଓଡ଼ିଶାର ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ୧୬ ମାର୍ଚ୍ଚ ୨୦୨୧ ଏବଂ ୨୨ ଡିସେମ୍ବର ୨୦୨୨ରେ ଆର୍‌ଏମ୍‌ଏସି, ମଣ୍ଡି ସୋସାଇଟିରେ ଚାଲିଥିବା ଦୁର୍ନୀତି ଓ ଅବ୍ୟବସ୍ଥା ସମ୍ପର୍କରେ ଆମ ଦଳ ତରଫରୁ ଭାରତ ସରକାରଙ୍କ ବିଭାଗୀୟ ମନ୍ତ୍ରଣାଳୟକୁ ବିସ୍ତୃତ ସୂଚନା ଦିଆଯାଇଥିଲା। ଏହି ଦୁର୍ନୀତିକୁ ନେଇ କେନ୍ଦ୍ରୀୟ ଟିମ୍ କରିଥିବା ତଦନ୍ତରେ ମଧ୍ୟ ଉକ୍ତ ବିଷୟରେ ମତ ରଖିଥିଲା। ମାତ୍ର ଦୁର୍ଭାଗ୍ୟଜନକ ଭାବେ ରାଜ୍ୟ ସରକାର କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ ଦେଇଥିବା ରିପୋର୍ଟ ଓ ପରାମର୍ଶକୁ ଉପେକ୍ଷା କରିଛନ୍ତି, ଯାହା ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଧାନ କିଣା ପ୍ରକ୍ରିୟାରେ ହେଉଥିବା ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ସରକାରୀ ଭାବେ ଖରିଫ୍ ଧାନକିଣା ବ୍ୟବସ୍ଥା ଅକ୍ଟୋବରରୁ ଆରମ୍ଭ ହୋଇଥାଏ। ଧାନକିଣାକୁ ବ୍ୟବସ୍ଥିତ କରିବା ପାଇଁ ଏହାର ସମୟସୀମା ରହିଛି ୧୫୧ ଦିନ। ମାତ୍ର ଓଡ଼ିଶାରେ କିଛି ଜିଲାକୁ ଛାଡ଼ିଦେଲେ ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ମଣ୍ଡି ଖୋଲିନାହିଁ। ନିକଟରେ ହୋଇଥିବା ଡ୍ରୋନ୍ ସର୍ଭେ ରିପୋର୍ଟ ଅନୁସାରେ ପ୍ରାୟ ୩୫ ପ୍ରତିଶତ ଚାଷ ଜମିରୁ ଫସଲ ଅମଳ ସରିଛି। ଅପରପକ୍ଷେ ଅଧିକାଂଶ ଉପକୂଳବର୍ତ୍ତୀ ଜିଲାରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନାହିଁ ବୋଲି ବସନ୍ତ କହିଛନ୍ତି।


**କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଭେଟିଲେ ଓଡ଼ିଶାର ଭାଜପା ଏମ୍‌ପି**

# ବଡ଼ସାହିରେ ଭାଜପା-ବିଜେଡି ମୁହାଁମୁହିଁ


ସମର୍ଥକଙ୍କ ସହ ହସ୍ପିଟାଲ ପରିସରରେ ବସିଥିବା ବିଧାୟକ ସନାତନ ବିଜୁଳି।

ବଡ଼ସାହି,୨୦।୧୨(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ପ୍ରଶାସନିକ ଭବନ ଉଦ୍‌ଘାଟନକୁ ନେଇ ମଙ୍ଗଳବାର ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଛନ୍ତି। ଆଇନ ଶୃଙ୍ଖଳା ଦୃଷ୍ଟିରୁ ହସ୍ପିଟାଲ ପରିସରରେ ପୋଲିସ ମୃତୟନ କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଭାଜପା ବିଧାୟକ ସନାତନ ବିଜୁଳି ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ପ୍ରଶାସନିକ ଭବନକୁ ଉଦ୍‌ଘାଟନ କରିବା ପାଇଁ ଆସିଥିବା ବେଳେ ବିଜେଡି କର୍ମୀମାନେ ତାଙ୍କୁ ବିରୋଧ କରିଥିଲେ। ବିଧାୟକ ତାଙ୍କ ନିଜସ୍ୱ ପାଣ୍ଠିରୁ ଗୃହ ନିର୍ମାଣ ପାଇଁ ଅନୁଦାନ ଦେଇ ନ ଥିବା, ସ୍ଥାନୀୟ କୌଣସି ଜନ ପ୍ରତିନିଧିଙ୍କୁ ସୂଚନା ନ ଦେଇ ଉଦ୍‌ଘାଟନ କରିବା ତଥା ମଙ୍ଗଳବାର ଜିଲାରେ ଆଦିବାସୀଙ୍କ ଦାବି ପୂରଣ ପାଇଁ ବନ୍ଦ ପାଳନ ଚାଲିଥିବା ସମୟରେ ଏଭଳି ଉଦ୍‌ଘାଟନ ଉତ୍ସବକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି ବୋଲି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର କହିଛନ୍ତି। ଏହାର ପ୍ରତିବାଦରେ ପୂର୍ବତନ ବିଧାୟକ ପାତ୍ରଙ୍କ ସମେତ ବ୍ଲକ ସଭାପତି, ଯୁବ ଓ ଛାତ୍ର ବିଜେଡି ସଭାପତିଙ୍କ ସହିତ ବହୁ ବରିଷ୍ଠ ନେତା ତଥା କର୍ମୀ ନୂତନ ଗୃହ ସମ୍ମୁଖରେ ଧାରଣାରେ ବସିଥିଲେ। ଅନ୍ୟପକ୍ଷରେ ବିଧାୟକ ବିଜୁଳି ଉଦ୍‌ଘାଟନ କରି ନ ପାରି ବହୁ ସଂଖ୍ୟକ କର୍ମୀଙ୍କ ଗହଣରେ ହସ୍ପିଟାଲ ପରିସରରେ ବସି ରହିଥିଲେ। ଏ ସମ୍ପର୍କରେ ବିଧାୟକ ବିଜୁଳିଙ୍କୁ ପଚାରିବାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କଠାରୁ ନିମନ୍ତ୍ରଣ ପାଇ ଉଦ୍‌ଘାଟନ ସକାଶେ ଆସିଥିବା ବେଳେ ବିଜେଡି କର୍ମୀମାନେ ହୀନ ରାଜନୀତି କରି ତାଙ୍କୁ ବିରୋଧ କରିଛନ୍ତି ବୋଲି କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁକାନ୍ତ ପାତ୍ରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଚାଲି ଯାଇଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ଗୃହଟି ଓଡ଼ିଶା ଖଣିଜ ଆଧାରିତ ଅଞ୍ଚଳ ଉନ୍ନୟନ ନିଗମ କଲ୍ୟାଣ ପାଣ୍ଠିରୁ ନିର୍ମାଣ ହୋଇଛି।

**Classified Everyday**
0674-2580101, 2549949


MATRIMONIAL

BRIDE WANTED

Professional Librarian ପାତ୍ର ପାଇଁ ମାଟ୍ରିକ୍ ପାସ୍ କରିଥିବା ଜ୍ୟୋତିଷ ଘର ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 9237210331. D-2276

Khandayat Groom fres candidate 49, 5'7" BBSR, MA., Contractor in Rourkela Steel Plant, Requires beautiful Govt. College Lecturer. 8908731617. D-2254

GROOM WANTED

Khandayat Bride beautiful +3 Arts 5'4" requires Karan Khandayat service or business candidates. 8908731617. D-2255


automobile

SALE

Scootypep Scooter, new tyre, Battery Tiptop urgent sale. Whatsapp- 8763839132. D-2284


REAL ESTATE

SALE

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

NH side plot (Gharabari, boundary wall). Nakhara to Niali road, Cuttack. 8249851363. D-74607

New Cancer Hospital ନାଇଜର ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73669

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

Yellowzone gharabari plot for sale, 2000sqft. (13Nos) at Mouza- Sankarpur, Ghatikia, Khandagiri in front of Tata Ariana, Vipul Garden backside, Bhubaneswar. Govt. road connected Internal Road- 30ft. & road side Plantation. Immediately possession then registration. Water & Electricity available. NH-5 to 1KM. sqft.-2000/-. Ph- 8114744495, 8328943165. D-2273

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

Puri Kalingavihar Sipasarubali OSHC Beach land urgent sale. Whatsapp- 8763839132. D-2285

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614. D-74166

GENERAL

SALE

Gent's Beauty Parlour (Saloon) Chair for sale. Contact: 9861542977, 9338058332. D-74618

Running fly ash Bricks Machinery for sale at Gudiapokhari, Bhubaneswar. Contact: 7978532710. D-2301

Want to sale a complete mineralwater and Colddrinks plant and Machinery at reasonable prices. Contact: 9090004443. D-71047




Newly open full body massage ladies and gents. 8327740003, 8093860513. D-74616

Full body massage in homely atmosphere. All Therapy, Mob.- 8114881641. D-73417

Relax, Refresh your Body, Mind at Saikrupa Spa with best therapies. 8984068077. D-2230

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74612




3BHK Duplex house at Brahmeswar Patna Ansu homes. Contact: 9040668776. D-2246

7500sqft. commercial building with 150 KVA Transformer at Khurda suitable for factory, Godown. Contact: 9090004443. D-71048


CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2264

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**

**ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା।
ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳୀ ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୭୧୬୬୫

**ଦ୍ୱାଦଶ କାର୍ଯ୍ୟ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

**୰ଚନ୍ଦ୍ର ଶେଖର ସାହୁ**
ଛତ୍ରପୁର, ରିଙ୍କାପଲ୍ଲୀ, ମେନ୍ ରୋଡ୍
ଆବିର୍ଭାବ: ୧୪।୦୪।୧୯୫୦
ତିରୋଧାନ: ୧୦।୧୨।୨୦୨୨
ଆମେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ ତାଙ୍କର ଚରଣ କମଳରେ ତମକୁ ଟିକିଏ ଜାଗା ଦିଅନ୍ତୁ। ତମେ ଯେଉଁଠାରେ ବି ଥାଅ, ଭଲରେ ଥାଅ, ତମ ଆତ୍ମାର ସଦ୍‌ଗତି ହେଉ।
ତୁମର ହତଭାଗିନୀ ସ୍ତ୍ରୀ: ସୌଦାମିନୀ, ପୌଷ୍ୟପୁତ୍ର: ରମଣି ରଞ୍ଜନ ସାହୁ।
ଧ-୨୩୦୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ବିଲୁପ୍ତିପଥେ ଡାଇଭିଂ ବାର୍ଡ

ୱାଶିଂଟନ୍



ଜଳବାୟୁ ପରିବର୍ତ୍ତନ ପ୍ରତ୍ୟେକ ଜୀବକୁ ପ୍ରଭାବିତ କରିଛି। ଏପରି ଅନେକ ପ୍ରଜାତିର ଜୀବ ରହିଛନ୍ତି, ଯେଉଁମାନେ ପ୍ରତିକୂଳ ପରିସ୍ଥିତିରେ ବଞ୍ଚିବାର ସାହାରା ଖୋଜି ପାଇଛନ୍ତି। ଆଉ କିଛିଜୀବଙ୍କ ପାଖରେ ଏହାର ମୁକାବିଲା ପାଇଁ କୌଣସି ବାଟ ନାହିଁ। ବର୍ତ୍ତମାନ ସମୟରେ ଏହି ସ୍ଥିତି ଦେଇ ଗତି କରୁଛନ୍ତି ଜଳପକ୍ଷୀ। ପେଙ୍ଗୁଇନ୍, ପଫିନ୍ସ ଏବଂ ପାଣିକୁଆ ଭଳି ପକ୍ଷୀ ଏବେ ବିଲୁପ୍ତ ହେବାକୁ ବସିଛନ୍ତି। ସ୍ଥଳଭାଗରେ ଗଛରୁ ଗଛକୁ ଉଡ଼ି ଖାଦ୍ୟ ସଂଗ୍ରହ କରୁଥିବା ପକ୍ଷୀଙ୍କ ତୁଳନାରେ ଗଭୀର ଜଳରେ ପହଁରି ଖାଦ୍ୟ ସଂଗ୍ରହ କରୁଥିବା ପକ୍ଷୀଙ୍କ ଜୀବନ ଅଧିକ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଆମେରିକାର ବାଥ୍ ୟୁନିଭର୍ସିଟି ମିଲନର ସେଣ୍ଟର ଫର୍ ଇଭୋଲ୍ୟୁଶନ୍‌ର ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ପେଙ୍ଗୁଇନ୍ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଡାଇଭିଂ ବା ଗଭୀର ଜଳରେ ପହଁରି ଶିକାର କରନ୍ତି। ତେବେ ଏପ୍ରକାର ଜଳପକ୍ଷୀଙ୍କ ପାଇଁ ଡାଇଭିଂ କାଳ ସାଜିଥିବା ଇଭୋଲ୍ୟୁଶନ୍ ବୈଜ୍ଞାନିକ ଜୋଶୁଆ ଟାଇଲର ଏବଂ ଡା. ଜେନ୍ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଗବେଷକଙ୍କ ଅନୁସାରେ ଡାଇଭିଂ କରୁଥିବା ପ୍ରତ୍ୟେକ ପକ୍ଷୀଙ୍କ ପହଁରିବା ପ୍ରଣାଳୀ ସେମାନଙ୍କ ଶରୀର ଗଠନ ଉପରେ ନିର୍ଭରକରେ। ପେଙ୍ଗୁଇନ୍ ଓ ପଫିନ୍ସ ହେଉଛନ୍ତି ୱିଙ୍ଗ୍ ଡାଇଭର୍ସ। ପାଣି ଭିତରେ ଖାଦ୍ୟର ସନ୍ଧାନବେଳେ ସେମାନେ ଡେଣା ସାହାଯ୍ୟରେ ଆଗକୁ ବଢ଼ିଥାନ୍ତି। ସେମାନଙ୍କର ଶରୀର ଅନ୍ୟ ପକ୍ଷୀଙ୍କ ଅନୁସାରେ ବଡ଼ ହୋଇଥାଏ। ସେହିପରି ଜଳକୁଆ ଡାଇଭିଂ ପାଇଁ ସେମାନଙ୍କ ଗୋଡ଼କୁ ବ୍ୟବହାର କରନ୍ତି। ପାଖପାଖି ୭୨୭ ପ୍ରକାର ପ୍ରଜାତିର ଜଳପକ୍ଷୀ ଏହି ପ୍ରଣାଳୀକୁ ବ୍ୟବହାର କରି ଜଳରୁ ଖାଦ୍ୟ ସଂଗ୍ରହ କରନ୍ତି। ଗବେଷଣାରେ ବ୍ୟବହାର କରାଯାଇଥିବା ପଦ୍ଧତି ଜରିଆରେ ଜୀବ ସଂରକ୍ଷଣକାରୀ ଗବେଷକମାନେ ବିଲୁପ୍ତପ୍ରାୟ ପକ୍ଷୀଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରିପାରିବେ। ଉଭୟ ଜଳପକ୍ଷୀ ଏବଂ ସ୍ଥଳଭାଗରେ ରହୁଥିବା ବିହଙ୍ଗଙ୍କ ଗୁଣସୂତ୍ର ପ୍ରାୟତଃ ସମାନ। କିନ୍ତୁ ସେମାନଙ୍କ ଶାରୀରିକ ଗଠନ ପ୍ରଣାଳୀ ପରସ୍ପରଠାରୁ ଭିନ୍ନ ହୋଇଥାଏ। ପେଙ୍ଗୁଇନ୍ ଯେଉଁ ବେଗରେ ଜଳ ମଧ୍ୟରେ ପହଁରେ ସେହି ସ୍ପିଡ୍‌ରେ ପହଞ୍ଚିବା ସ୍ଥଳଭାଗରେ ରହୁଥିବା ପକ୍ଷୀଙ୍କ ପାଇଁ ସମ୍ଭବପର ହୋଇ ନ ଥିଲେ ମଧ୍ୟ ସେମାନେ ଜଳ ମଧ୍ୟରେ ଖାଦ୍ୟର ଅନ୍ୱେଷଣ କରିପାରିବେ। କିନ୍ତୁ ଜଳପକ୍ଷୀମାନେ ସ୍ଥଳଭାଗରୁ ଆବଶ୍ୟକ ଅନୁସାରେ ଶିକାର କରିପାରିବେ ନାହିଁ। ସେହି ଦୃଷ୍ଟିରୁ ଜଳପକ୍ଷୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରାଯାଉଛି।

### ୭୨୭ ପ୍ରଜାତିର ଜଳପକ୍ଷୀଙ୍କ ପ୍ରତି ବିପଦ ଆଶଙ୍କା

## ଘର ପାଇଁ ହେବାକୁ ପଡ଼ିଥିଲା ହତାଦର




**ମୁମ୍ବାଇ:** ଲୋକପ୍ରିୟ ମରାଠୀ ଅଭିନେତ୍ରୀ ତେଜସ୍ୱିନୀ ପଣ୍ଡିତ ତାଙ୍କ ଜୀବନର ଏକ ଖରାପ ଅଧ୍ୟାୟ କଥା ଶେୟାର କରିଛନ୍ତି। ଯାହା ସମସ୍ତଙ୍କୁ ଚକିତ କରିଛି। ତେଜସ୍ୱିନୀ ତାଙ୍କର ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ୨୦୦୯-୧୦ରେ ସେ ପୁଣେର ସିଂହଗଡ଼ ରୋଡସ୍ଥିତ ଏକ ଆପାର୍ଟମେଣ୍ଟରେ ଭଡ଼ାରେ ରହୁଥିଲେ। ସେତେବେଳେ ତାଙ୍କର ମାତ୍ର ୨ଟି ଫିଲ୍ମ ବଡ଼ ପରଦାକୁ ଆସିଥିଲା। ସେ ରହୁଥିବା ଆପାର୍ଟମେଣ୍ଟ ଜଣେ କର୍ପୋରେଟରଙ୍କ ଥିଲା। ତେଜସ୍ୱିନୀ ଯେତେବେଳେ ତାଙ୍କ ଘର ଭଡ଼ା ଦେବାକୁ ଅଫିସ୍‌କୁ ଯାଉଥିଲେ, ସେତେବେଳେ ଘର ମାଲିକ ତାଙ୍କ ମୁହଁରେ ଟେବୁଲ ଉପରେ ଥିବା ପାଣିକୁ ପିଙ୍ଗିବା ସହ ଦୁର୍ବ୍ୟବହାର କରୁଥିଲେ। ଘର ଭଡ଼ା ବଦଳରେ ମାଲିକ ଜଣକ ଅଭିନେତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଅଫର ଦେଉଥିଲେ। ସେତେବେଳେ ସେ ନୂଆ ନୂଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ କାମ କରିବା ଆରମ୍ଭ କରୁଥିଲେ। ତାଙ୍କର ୨ଟି ଫିଲ୍ମ ରିଲିଜ୍ ହୋଇସାରିଥିଲେ ମଧ୍ୟ ଆର୍ଥିକ ସ୍ଥିତି ସେତେ ସୁଦୃଢ଼ ନ ଥିବା ସେ କହିଛନ୍ତି।

# ରାଗରେ ଅଛନ୍ତି ଅନୁଷ୍କା



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ଜଣାଶୁଣା ବ୍ରାଣ୍ଡ 'ପୁମା' ମଧ୍ୟରେ ସୋସିଆଲ ମିଡିଆରେ ଲଢ଼େଇ ଆରମ୍ଭ ହୋଇଯାଇଛି। 'ପୁମା' ବ୍ରାଣ୍ଡର ଏକ ପୋଷାକକୁ ଅନୁଷ୍କା ପିନ୍ଧିଥିଲେ। କମ୍ପାନୀ ଉକ୍ତ ଫଟୋକୁ ବିଜ୍ଞାପନ ଭାବରେ ବ୍ୟବହାର କରି ଅନୁଷ୍କାଙ୍କ କ୍ରୋଧର ଶିକାର ହୋଇଛି। ଅନୁଷ୍କା 'ପୁମା' ବ୍ରାଣ୍ଡ୍‌ର ଏକ ପୋଷାକ ପିନ୍ଧି ବସିଥିବା ଫଟୋ ଶେୟାର କରିଥିଲେ। ଅନୁଷ୍କା ତାଙ୍କର ଏହି ବିଜ୍ଞାପନ ଫଟୋ ପୋଷ୍ଟରେ ଲେଖିଛନ୍ତି, ମୋ ଫଟୋ ଆପଣଙ୍କ ଲୋକପ୍ରିୟତା ହାସଲ କରିବା ପାଇଁ ବ୍ୟବହାର କରିବା ପୂର୍ବରୁ ଅନୁମତି ନେବା ଜରୁରୀ ବୋଲି ଜଣାଥିବ। ମୁଁ ଆପଣଙ୍କ ବ୍ରାଣ୍ଡ୍ ଆମ୍ବାସାଡର ନୁହେଁ ବୋଲି ଆପଣ ଜାଣିବା ଉଚିତ୍ ଥିଲା। ଏହାକୁ ତୁରନ୍ତ ବନ୍ଦ କରିବାକୁ ଅନୁଷ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଲେଖିଛନ୍ତି। ଏଥିରେ ଅନୁଷ୍କାଙ୍କ ସ୍ୱାମୀ କ୍ରିକେଟର ବିରାଟ କୋହଲି ମଧ୍ୟ 'ପୁମା' ଏପରି ଆଚରଣରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିରେ କମ୍ପାନୀ ପକ୍ଷରୁ ପୁମା ଏକ୍ସ ଅନୁଷ୍କାଙ୍କ ଏକ ପେପର ଉପରେ କନ୍‌ଫିଡେନ୍‌ସିଆଲ ବୋଲି ଷ୍ଟାମ୍ପ ଥିବା ଫଟୋ ଶେୟାର କରିଛି।

# ଚର୍ଚ୍ଚାରେ ଭାରତୀୟ-ନାଇଜେରୀୟ ଦମ୍ପତି



**ଅବୁଜା:** ବର୍ତ୍ତମାନ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଭାରତୀୟ- ନାଇଜେରୀୟ ଦମ୍ପତିଙ୍କୁ ଦେଖିବାକୁ ମିଳିଛି। ସୂଚନା ଯେ, ଚେନ୍ନାଇରେ ରହୁଥିବା କଳ୍ପନା ନାଇଜେରିଆର ଲୋଗେସ୍‌ରେ ରହୁଥିବା ଟାମିଣ୍ଡେ ଅକିନିମି ପ୍ରଥମ ଥର ପାଇଁ ୨୦୧୫ରେ ସାକ୍ଷାତ ହୋଇଥିଲା। ଉଭୟ ଏକ ବ୍ୟୁଟି ପ୍ରେଜେଣ୍ଟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଠାରେ ଜଣେ ମହିଳା ଏବଂ ପୁରୁଷଙ୍କ ମଧ୍ୟରେ ଯୋଡି କରାଯାଇଥିଲା। ଯୋଡିରେ ଦୁହେଁ ଏକାଠି ପ୍ରଦର୍ଶନ କରିଥିଲେ ଏବଂ ସେହି ପ୍ରତିଯୋଗିତାକୁ ଉଭୟେ ଜିତିଥିଲେ। କଳ୍ପନା ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ତାଙ୍କ ଜନ୍ମ ଚେନ୍ନାଇରେ ହୋଇଥିଲା। ତାଙ୍କ ବାପା ୟୁନାଇଟେଡ୍ ନେଶନରେ କାର୍ଯ୍ୟ କରୁଥିବାବେଳେ ତାଙ୍କୁ ପରିବାର ସହ କେନିଆ ଯିବାକୁ ପଡ଼ିଥିଲା। ପରେ ତାଙ୍କ ପରିବାର ଭାରତକୁ ଫେରିଆସିଥିଲେ ମଧ୍ୟ ସେ ସେଠାରେ ରହି ପାଠ ପଢୁଥିଲେ। ସେତେବେଳେ ବ୍ୟୁଟି ପ୍ରତିଯୋଗିତାରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ୫ ବର୍ଷର ସମ୍ପର୍କ ପରେ ୨୦୨୧ରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏବେ ତାଙ୍କ ଘରକୁ ଏକ ନୂଆ ଅତିଥି ଆସିବାକୁ ନେଇ ଦୁହେଁ ୟୁଟ୍ୟୁବ୍ ମାଧ୍ୟମରେ ସୂଚନା ଦେଇଛନ୍ତି।

## ଖେଳ ଖବର

# ଭାରତକୁ ୫୪ରନରେ ହରାଇଲା ଅଷ୍ଟ୍ରେଲିଆ

ମୁମ୍ବାଇ, ୨୦।୧୨ (ପି.ଟି.)

ଭାରତ ବିପକ୍ଷ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୫୪ ରନରେ ବିଜୟୀ ହୋଇଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୪-୧ରେ ଅଗ୍ରଣୀ ଲାଭ କରିଛି। ୧୯୭ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଭାରତ ୧୪୨ ରନରେ ଅଲଆଉଟ

**ମହିଳା ଟି୨୦**

ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଦୀପ୍ତି ଶର୍ମା ୩୪ ବଲ୍‌ରୁ ୫୩ ରନ କରିଥିଲେ। ହିଥର ଗ୍ରାହମ୍ ଏକ ହ୍ୟାଟ୍ରିକ ସହ ମାତ୍ର ୮ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ଗାର୍ଡନର (୨/୨୦) ଦୁଇଟି ଉଇକେଟ ହାସଲ କରିଥିଲେ।


ହାଟ୍ରିକ୍ ହାସଲ ପରେ ହିଥର ଗ୍ରାହମଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ପୂର୍ବରୁ ଏକଦା ୨ ଉଇକେଟ ବିନିମୟରେ ୧୭ ରନ କରିଥିବା ଅଷ୍ଟ୍ରେଲିଆ ଆଶ୍‌ଲେ ଗାର୍ଡନର (୬୬*), ଗ୍ରେସ୍ ହାରିସ (୬୪*)ଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ୪ଉଇକେଟ ହରାଇ ୧୯୬ ରନ କରିଥିଲା। ସିରିଜରେ ଦଳର ଏହା ହେଉଛି ସର୍ବାଧିକ ସ୍କୋର। ଭାରତ ତରଫରୁ ଅଞ୍ଜଳୀ ସାର୍ବାନୀ (୧/୩୦), ଦୀପ୍ତି ଶର୍ମା (୧/୪୬), ଶେଫାଳି ବର୍ମା (୧/୧୭) ଓ ଦେବୀକା ବୈଦ୍ୟ (୧/୨୬) ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ମହିଳା ଦଳ: ୧୯୬/୪ (ଆଶ୍‌ଲେଗାର୍ଡନର-୬୬*,ଗ୍ରେସ୍‌ହାରିସ-୬୪*; ଦେବୀକା ବୈଦ୍ୟ-୧/୨୬)। ଭାରତ ମହିଳା ଦଳ: ୨୦ ଓଭରରେ ୧୪୨/ଅଲଆଉଟ (ଦୀପ୍ତି ଶର୍ମା-୫୩; ହିଥର ଗ୍ରାହମ୍-୪/୮)।

# ସାତ୍ୱିକ-ଚିରାଗଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୨୦।୧୨ (ପି.ଟି.)

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ବିଶ୍ୱ ର୍ୟାଙ୍କିଙ୍ଗ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଭାରତୀୟ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସେମାନଙ୍କ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ଏଚ୍.ଏସ୍. ପ୍ରଣୟ ପୁରୁଷ ସିଙ୍ଗଲ୍ସ ଟପ୍ ୧୦କୁ ଫେରିଛନ୍ତି। ଏହି ବର୍ଷ ସାତ୍ୱିକ ଓ ଚିରାଗ ଯୋଡ଼ିଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ସେମାନେ ଦୁଇଟି ୱାର୍ଲ୍ଡ ଟୁର୍ ଟାଇଟଲ ଇଣ୍ଡିଆନ ଓପନ ସୁପର-୫୦୦ ଏବଂ ଫ୍ରେଞ୍ଚ ଓପନ ସୁପର-୭୫୦ ବିଜୟୀ ହୋଇଥିବା ବେଳେ ପ୍ରଥମଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସେମାନଙ୍କ ଅଭୂତପୂର୍ବ ସଫଳତା ର୍ୟାଙ୍କିଙ୍ଗ ତାଲିକାରେ ପ୍ରତିଫଳିତ ହୋଇଛି। ସେମାନେ ୧୫ଟି ଟୁର୍ନାମେଣ୍ଟରୁ ୭୫,୮୦୬ ରେଟିଂ ପଏଣ୍ଟ ଅର୍ଜନ କରିବା ସହ ଦୁଇ ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ପହଞ୍ଚିଛନ୍ତି। ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗରେ ପ୍ରଣୟଙ୍କର ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ସେ ପୁଣି ଟପ୍ ୧୦ରେ ପ୍ରବେଶ କରି ୯ମ ସ୍ଥାନରେ ରହିଛନ୍ତି। ବିଶ୍ୱର ୨୬ ନମ୍ବର ଖେଳାଳି ଭାବେ ସେ ବର୍ଷ ଆରମ୍ଭ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍ ଭାରତୀୟଙ୍କ ମଧ୍ୟରେ ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୭ମ ସ୍ଥାନରେ ଅଛନ୍ତି। ବିଶ୍ୱର ପୂର୍ବତନ ନମ୍ବର ୱାନ କିଡାମ୍ବି ଶ୍ରୀକାନ୍ତ ଗୋଟିଏ ସ୍ଥାନ ପଦୋନ୍ନତି ସହ ୧୧ତମ ସ୍ଥାନରେ ରହିଛନ୍ତି। ମହିଳା ସିଙ୍ଗଲ୍ସରେ ଡବଲ୍ସ ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ୬ଷ୍ଠ ସ୍ଥାନ ବଜାୟ ରଖିଛନ୍ତି। ବର୍ମିଂହାମ୍‌ରେ ବ୍ରୋଞ୍ଜ ଜିତିଥିବା ଡବଲ୍ସ ଯୋଡ଼ି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି ଦୁଇ ସ୍ଥାନ ଡେଇଁ ବିଶ୍ୱର ୧୮ ନମ୍ବର ଯୋଡ଼ି ହୋଇଛନ୍ତି। ମିକ୍ସଡ ଡବଲ୍ସରେ ଇଶାନ ଭଟନାଗର ଓ ତନିଶା କ୍ରାଷ୍ଟୋ ୩ ସ୍ଥାନ ପଦୋନ୍ନତି ସହ ୨୧ତମ ସ୍ଥାନରେ ଅଛନ୍ତି।

# ଡୋପିଂ ପାଇଁ କିପ୍‌ୟୋକି ୬ ବର୍ଷ ବାସନ୍ଦ

ମୋନାକୋ, ୨୦।୧୨ (ଏପି)

ଡୋପିଂ ଓ ଟାମ୍ପରିଂ ପାଇଁ କେନିଆ ମାରାଥନର ଡାଏନା କିପ୍‌ୟୋକି ୬ ବର୍ଷ ବାସନ୍ଦ ହୋଇଛନ୍ତି। ଏଥିସହିତ ତାଙ୍କଠାରୁ ୨୦୨୧ ବୋଷ୍ଟନ ମାରାଥନ ଟାଇଟଲ ପ୍ରତ୍ୟାହାର କରାଯାଇଥିବା ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ମଙ୍ଗଳବାର ପ୍ରକାଶ କରିଛି। ୨୦୨୧ ଅକ୍ଟୋବରରେ ବୋଷ୍ଟନ ମାରାଥନ ଜିତିବା ପରେ କିପ୍‌ୟୋକିଙ୍କଠାରୁ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ସେଥିରେ ଟ୍ରାୟାମସିନୋଲୋନ୍ ଏସିଟୋନାଇଡର୍‌ର ମାତ୍ରା ରହିଥିଲା। ଏହା ଏକ ଆଣ୍ଟି-ଇନ୍‌ଫ୍ଲୋମେଟୋରି, ଯାହାକୁ ରେସ୍ ସମୟରେ ଜଣେ ଆଥଲେଟ୍ ଔଷଧ ଭାବେ ବ୍ୟବହାର କରିବା ମନା ରହିଛି। କିପ୍‌ୟୋକି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇଥିଲେ। ଏକ ହସ୍ପିଟାଲରୁ ସେ ନକଲି ଡକ୍ୟୁମେଣ୍ଟ ଆଣି ଦାଖଲ କରିଥିଲେ। ବୋଷ୍ଟନ ଆଥଲେଟିକ୍ ଆସୋସିଏଶନ କିପ୍‌ୟୋକିଙ୍କ ୨୦୨୧ ବୋଷ୍ଟନ ମାରାଥନ ଫଳାଫଳକୁ ରଦ୍ଦ ଘୋଷଣା କରିବା ସହ କେନିଆର ଏଡ୍‌ନା କିପ୍‌ଲାଗାଟ୍‌ଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଫଳରେ କିପ୍‌ଲାଗାଟ୍ ଦୁଇଥର ବୋଷ୍ଟନ ବିଜେତା ହୋଇଗଲେ। ପୂର୍ବରୁ ସେ ୨୦୧୭ରେ ଏହି ଇଭେଣ୍ଟ ଜିତିଥିଲେ। ଏଆଇୟୁ ଆହୁରି ମଧ୍ୟ ଘୋଷଣା କରିଛି ଯେ, ସମାନ ଅପରାଧ ପାଇଁ କେନିଆର ଅନ୍ୟ ଜଣେ ମାରାଥନର ଫ୍ୟୁରିଟି ରିଓନୋରିପୋଙ୍କୁ ୫ବର୍ଷ ବାସନ୍ଦ କରାଯାଇଛି। ସେ ୨୦୧୭ରେ ପ୍ୟାରିସ ମାରାଥନ ଜିତିଥିଲେ।




## ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍‌ରେ ପୁରସ୍କାର ୩୩.୫ କୋଟି

**କେପ୍‌ଟାଉନ୍, ୨୦।୧୨ (ପି.ଟି.):** ଉଦ୍‌ଘାଟନୀ ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ପାଇଁ ମୋଟ ପୁରସ୍କାର ରାଶି ୭୦ ନିୟୁତ ର୍ୟାଣ୍ଡ (ପ୍ରାୟ ୩୩.୫ କୋଟି ଟଙ୍କା) ରଖାଯାଇଛି। ଦକ୍ଷିଣ ଆଫ୍ରିକା ଫ୍ରାଞ୍ଚାଇଜ୍ କ୍ରିକେଟ ଇତିହାସରେ ଏହା ସର୍ବାଧିକ। ଏହି ଫ୍ରାଞ୍ଚାଇଜ୍‌ଭିତ୍ତିକ ଟୁର୍ନାମେଣ୍ଟ ଆସନ୍ତାବର୍ଷ ଜାନୁୟାରୀ ୧୦ରୁ ଫେବୃୟାରୀ ୧୧ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ହେବ। ସମସ୍ତ ଦଳ ପଛରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍ ରହିଛନ୍ତି। ଟୁର୍ନାମେଣ୍ଟ ଜାନୁୟାରୀ ୧୦ରେ କେପ୍‌ଟାଉନ୍‌ର ନ୍ୟୁଲାଣ୍ଡ୍ସଠାରେ ଆରମ୍ଭ ହେବ। ଫେବୃୟାରୀ ୧୧ରେ ଫାଇନାଲ ଜୋହାନ୍ସବର୍ଗର ୱାଣ୍ଡରର୍ସଠାରେ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ ଏମ୍‌ଆଇ କେପ୍‌ଟାଉନ୍ ଓ ପାର୍ଲ ରୟାଲ୍ସ ମଧ୍ୟରେ ଖେଳାଯିବ। ଏଥିରେ ଆଫଗାନିସ୍ତାନ ସ୍ପିନର ରଶିଦ ଖାଁ, ଇଂଲଣ୍ଡ ଟି୨୦ ବିଶ୍ୱକପ୍ ବିଜୟୀ ଅଧିନାୟକ ଜୋସ୍ ବଟଲର, ଦକ୍ଷିଣ ଆଫ୍ରିକା ପେସ୍ ବୋଲର କାଗିସୋ ରାବାଡା ଓ ଡେଭିଡ୍ ମିଲରଙ୍କ ସମେତ ଅନ୍ୟ କେତେଜଣଙ୍କ ଖେଳ ଦେଖିବାକୁ ମିଳିବ।

# ଜଗା ୟୁନାଇଟେଡ୍ ସେମିଫାଇନାଲରେ

ଭୁବନେଶ୍ୱର, ୨୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଜଗା ୟୁନାଇଟେଡ୍ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଭୁବନେଶ୍ୱରର ଦୁଇ ଦଳ କିଶୋର କ୍ଲବ ଓ ଜଗା ୟୁନାଇଟେଡ ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ୪୬ତମ ମିନିଟ୍‌ରେ ଜଗା ୟୁନାଇଟେଡର ଅଜୟ ବରୁଆ ଗୋଲ୍ ସ୍କୋର କରି ତାଙ୍କ ଦଳକୁ ଅଗ୍ରଣୀ କରାଇଥିଲେ। ଖେଳର ଶେଷ

**ତମାଣ୍ଡୋ କପ୍ ଫୁଟ୍‌ବଲ**

ଭାଗରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳିଥିଲେ ମଧ୍ୟ ଗୋଲ୍ ସ୍କୋର ହୋଇ ପାରି ନ ଥିଲା। ଫଳରେ ଜଗା ୟୁନାଇଟେଡ୍ ୧-୦ଗୋଲରେ ବିଜୟୀ ହୋଇଥିଲା। ଭୀମ ଛେତ୍ରୀ, ଶିବଶଙ୍କର ପଣ୍ଡା, ସୁଜିତ କୁମାର ପାତ୍ର, ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଖୋର୍ଦ୍ଧା ଜିଲା କ୍ରୀଡ଼ା ଅଧିକାରୀ ଲଳିତ ମୋହନ ମହାନ୍ତି ଓ ଭୁବନେଶ୍ୱର ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବେନ୍ଦ୍ର ନାଥ ବେହେରା ବିଜୟୀ ଦଳର ଅଜୟ ବରୁଆଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଆର.ଏନ୍. କ୍ଲବ ଫୁଲବାଣୀ ଓ ଏ.କେ. କ୍ଲବ ଅନୁଗୋଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଅଜୟ ବରୁଆ।

# ଭାରତ ଜୁନିୟର ଦଳରେ ଓଡ଼ିଶାର ୪



ରାଉରକେଲା ଅଫିସ,୨୦।୧୨

ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ୍ ଖେଳାଯିବାକୁ ଆଉ ଅଳ୍ପଦିନ ବାକି ରହିଛି। ଏଥିପାଇଁ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟପଟେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ହକି ବିଶ୍ୱକପକୁ ଅଧିକ ରୋମାଞ୍ଚକ କରିବା ପାଇଁ ଜିଲାର ବିଭିନ୍ନ ଗ୍ରାମଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ଏଲ୍ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଉଛି। ଆଉ କେତେକ ସ୍ଥାନରେ ହକି ଖେଳାଳିଙ୍କ ଷ୍ଟାଚ୍ୟୁ ନିର୍ମାଣ ଚାଲିଛି। ଷ୍ଟିଲ୍ସିଟି ରାଉରକେଲାରେ ପ୍ରଥମ ଥର ବିଶ୍ୱକପ୍ ହକି ମ୍ୟାଚର ଆୟୋଜନ ହେଉଥିବାବେଳେ ଏଠାରେ ସମୁଦାୟ ୨୦ଟି ମ୍ୟାଚ ଖେଳାଯିବ। ସେଥିମଧ୍ୟରୁ ୨୦୨୩ ଜାନୁୟାରୀ ୧୩ରେ ପ୍ରଥମ ମ୍ୟାଚ ଭାରତ ସହ ସ୍ପେନ ଦଳ ମଧ୍ୟରେ ଖେଳାଯିବ। ଏହି ମ୍ୟାଚକୁ ଦେଖିବା ପାଇଁ ଷ୍ଟାଡିୟମ ପରିସରରେ ଦୁଇଟି ଅଫ୍ଲାଇନ ଟିକେଟ କାଉଣ୍ଟର ବ୍ୟବସ୍ଥା କରାଯାଇଥିବାବେଳେ ପ୍ରତିଦିନ ଏହି ଟିକେଟ କାଉଣ୍ଟରରେ ଭିଡ ଦେଖିବାକୁ ମିଳୁଛି। ଆସନ୍ତା ୨୪ ତାରିଖରେ ଜିଲା ତଥା ସହରବାସୀ ବିର୍ସାମୁଣ୍ଡା ଷ୍ଟାଡିୟମରେ ଜୁନିୟର ଭାରତ ଦଳ ସହ ଦକ୍ଷିଣ କୋରିଆ ଦଳର ଅଭ୍ୟାସ ମ୍ୟାଚ ଖେଳ ଦେଖିବାକୁ ସୁଯୋଗ ପାଇପାରିବେ।

**ପୁରୁଷ ହକି ବିଶ୍ୱକପ୍ ଅଭ୍ୟାସ ମ୍ୟାଚ**

ଆଉ ମାତ୍ର ୨ ଦିନ ପରେ ଜୁନିୟର ଭାରତ ଦଳ ଦକ୍ଷିଣ କୋରିଆ ଦଳ ସହ ଅଭ୍ୟାସ ମ୍ୟାଚ ଖେଳି ବିଜୟୀ ହୋଇ ବିଶ୍ୱକପକୁ ସ୍ୱାଗତ କରିବ ବୋଲି ବିଭିନ୍ନ କ୍ରୀଡାପ୍ରେମୀ ଆଶା କରିଛନ୍ତି। ଏହି ଅଭ୍ୟାସ ମ୍ୟାଚରେ ଭାରତ ଜୁନିୟର ଦଳରେ ସୁନ୍ଦରଗଡ ଜିଲାର ସୁଦୀପ ଚିର୍ମାକୁ, ଅଭିଷେକ ଲାକ୍ରା, ସୁନୀଲ ଜୋଜୋ ଓ ଶିଉଲ ଲୁଗୁନ ନିଜର ହକିଷ୍ଟିକ ଯାଦୁ ଦେଖାଇବେ । ହକି ତାରକା ଉତ୍ତମ ସିଂଙ୍କ ନେତୃତ୍ୱରେ ଭାରତ ଜୁନିୟର ହକି ଦଳ ଦକ୍ଷିଣ କୋରିଆ ସହ ଅଭ୍ୟାସ ମ୍ୟାଚ ଖେଳିବ। ଏହି ଅଭ୍ୟାସ ମ୍ୟାଚକୁ ବିଭିନ୍ନ କ୍ରୀଡାପ୍ରେମୀ ବିନା ଟିକେଟରେ ଦେଖିପାରିବେ। ଉଭୟ ଦଳର ସମସ୍ତ ଖେଳାଳିଙ୍କ ଦକ୍ଷତାପୂର୍ଣ୍ଣ ମ୍ୟାଚକୁ ଦେଖିବା ପାଇଁ ଷ୍ଟାଡିୟମରେ ଭିଡ ଓ ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ଷ୍ଟାଡିୟମ ପରିସରରେ ସମସ୍ତ ଖେଳାଳିମାନଙ୍କ ପାଇଁ ୪ଟି ହୋଟେଲରେ ବ୍ୟବସ୍ଥା ସହ ଏ, ବି, ସି, ଡି ବ୍ଲକରେ ବିଭକ୍ତ କରାଯାଇଛି। ଏହି ହୋଟେଲରେ ଖେଳାଳିମାନଙ୍କ ପାଇଁ ଅତ୍ୟାଧୁନିକ ଜିମ୍ ଉପକରଣ ସାଙ୍ଗକୁ ଡ୍ରେସିଂରୁମ, ସୁଇମିଂପୁଲ ଭଳି ଅନ୍ୟାନ୍ୟ ଉନ୍ନତ ଧରଣର ବ୍ୟବସ୍ଥା ସହ ୨୧୬ଟି କକ୍ଷ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଖେଳାଳିମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା ପାଇଁ ବମ୍ବେର ତାଜ୍ ହୋଟେଲରୁ ୧୫୦ ଜଣ ରୋଷେୟାଙ୍କୁ ଚୟନ କରାଯାଇଛି। ଆସନ୍ତା ଜାନୁୟାରୀ ୫ରେ ଖେଳାଳିମାନେ ରାଉରକେଲାରେ ପହଞ୍ଚିବେ। ସେମାନଙ୍କ ଲାଗି ପାନପୋଷ ଛାତ୍ର କ୍ରୀଡ଼ାବାସ, ବିର୍ସାମୁଣ୍ଡା ଷ୍ଟାଡିୟମରେ ଥିବା ଆଷ୍ଟ୍ରୋଟର୍ଫ ଫିଲ୍ଡ ସହ ଅନ୍ୟ କେତେକ ଆଷ୍ଟ୍ରୋ ପଡିଆରେ ଅଭ୍ୟାସ କରିବା ପାଇଁ ବ୍ୟବସ୍ଥା କରାଯାଇଛି।




ଆର୍ଜେଣ୍ଟିନାକୁ ବିଶ୍ୱକପ୍ ବିଜୟୀ କରିବା ପରେ ସ୍ତ୍ରୀ ଆଣ୍ଟୋନେଲା ରୋକୁଜୋ ଏବଂ ତିନି ପିଲାଙ୍କ ସହିତ ଲିଓନେଲ ମେସି।

# ଆର୍ଜେଣ୍ଟିନା ଦଳକୁ ଭବ୍ୟ ସ୍ୱାଗତ

ବୁଏନ୍ସ ଏୟାର୍ସ,୨୦।୧୨ (ପି.ଟି.)

ଫୁଟବଲ ବିଶ୍ୱକପ୍ ବିଜୟୀ ଆର୍ଜେଣ୍ଟିନା ଦଳକୁ ମିଳିଛି ଭବ୍ୟ ସ୍ୱାଗତ। ମଧ୍ୟରାତ୍ରରେ ଦଳ ଦେଶରେ ପହଞ୍ଚିଥିଲେ ମଧ୍ୟ ହଜାର ହଜାର ସମର୍ଥକ ଦଳକୁ ସ୍ୱାଗତ କରିବାକୁ ପ୍ରସ୍ତୁତ ରହିଥିଲେ। ବିଶ୍ୱକପ୍ ଇତିହାସର ଅନ୍ୟତମ ଶ୍ରେଷ୍ଠ ଫାଇନାଲରେ ଦଳ ଫ୍ରାନ୍ସକୁ ୪-୨ ପେନାଲ୍ଟି ଶୁଟ୍ଆଉଟରେ ପରାସ୍ତ କରି ତୃତୀୟ ଥର ପାଇଁ ଟାଇଟଲ ହାସଲ କରିଥିଲା। ସୋମବାର ରାତି ୩ଟାରେ ଆର୍ଜେଣ୍ଟିନା ଦଳ ଏଜେଇଜାରେ ବିମାନରୁ ଅବତରଣ କରିଥିଲେ। ଅଧିନାୟକ ଲିଓନେଲ ମେସିଙ୍କ ସହିତ ସମସ୍ତ ଆର୍ଜେଣ୍ଟିନା ଦଳକୁ ବିମାନ ବନ୍ଦର ବାହାରେ ମିଳିଥିଲା ରେଡ୍ କାର୍ପେଟ ସ୍ୱାଗତ। ବିଶ୍ୱକପ୍ ସହିତ ପ୍ରଥମ ଖେଳାଳି ଭାବରେ ମେସି ବିମାନରୁ ଓହ୍ଲାଇଥିଲେ। ପଛକୁ ରହିଥିଲେ ଦଳର କୋଚ୍ ଲିଓନେଲ ସ୍କାଲୋନି ଏବଂ ଅନ୍ୟ ସମସ୍ତ ଖେଳାଳି। ଲା ମୋସ୍କା ନାମକ ଏକ ବ୍ୟାଣ୍ଡ 'ମଚାଚୋଷ' ନାମକ ଗୀତ ଗାଇ ଦଳକୁ ସ୍ୱାଗତ କରିଥିଲେ। ଏହି ଗୀତକୁ ଜଣେ ଫୁଟବଲ ଫ୍ୟାନ୍ ଲେଖିଥିବା ବେଳେ କାତାର ୨୦୨୨ରେ ଏହା ଆର୍ଜେଣ୍ଟିନା ଦଳର ଅନୌପଚାରିକ ଆନ୍ଥେମ (ସଙ୍ଗୀତ) ରହିଥିଲା। ଏହା ପରେ ଏକ ଛାତଖୋଲା ବସ୍ ସାହାଯ୍ୟରେ ଖେଳାଳିମାନଙ୍କୁ ଆର୍ଜେଣ୍ଟିନା ଫୁଟବଲ ସଂଘ ମୁଖ୍ୟାଳୟକୁ ନିଆଯାଇଥିଲା। ମେସିଙ୍କ ସମେତ ସମସ୍ତ ଖେଳାଳି ବସ୍ରେ ରହିଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିଲା ଜନସମୁଦ୍ର। ନିଜ ପ୍ରିୟ ଖେଳାଳିଙ୍କ ଝଲକ ପାଇବା ପାଇଁ ଫ୍ୟାନ୍ଙ୍କ ମଧ୍ୟରେ ରହିଥିଲା ପ୍ରବଳ ଉତ୍ସାହ। ମୁଖ୍ୟାଳୟରେ ବିଶ୍ରାମ ପରେ ଦଳ ସମାନ ଭିଡ ମଧ୍ୟରେ ଓବେଲିସ୍କ ଅଭିମୁଖେ ଯାତ୍ରା କରିଥିଲା। ୧୯୮୬ ବିଶ୍ୱକପ୍ ପରେ ଏହା ଦେଶର ତୃତୀୟ ବିଶ୍ୱକପ୍ ଟାଇଟଲ ହୋଇଥିବା ବେଳେ ରାଷ୍ଟ୍ରପତି ଆଲବର୍ଟୋ ଫର୍ନାଣ୍ଡେଜ ଗୋଟିଏ ଦିନ ଛୁଟି ଘୋଷଣା କରିଥିଲେ। ଆର୍ଜେଣ୍ଟିନାର ବିଜୟ ଉତ୍ସବରେ ସାମିଲ ହେବା ସହିତ ଫ୍ୟାନ୍ମାନେ ରାସ୍ତାକୁ ଆସି ସେଲିବ୍ରେଶନ୍ କରିଥିଲେ। ଆର୍ଜେଣ୍ଟିନା ଦଳର ବିମାନ ପହଞ୍ଚିବା ପୂର୍ବରୁ ଟିଭି ଚ୍ୟାନେଲଗୁଡିକରେ ଏହାର ଲାଇଭ୍ ଅପଡେଟ୍ ମିଳୁଥିବା ବେଳେ ଅନ୍ଲାଇନରେ ପ୍ରାୟ ୨ ଲକ୍ଷ ଲୋକ ବିମାନ ପହଞ୍ଚିବାର ସମୟକୁ ଚେକ୍ କରୁଥିଲେ। ଏପରି କି ଓବେଲିସ୍କରେ ମଧ୍ୟ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା। ରାଷ୍ଟ୍ରପତି ନିଜର ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରି ଦଳ ସହିତ ସାମିଲ ହୋଇଥିଲେ। ଏପରି କି ବିଶ୍ୱକପ୍ ପାଇଁ ରହିଥିବା କିଛି ଶୁଭେଚ୍ଛା ମେସେଜକୁ ନିଜେ ରାଷ୍ଟ୍ରପତି ଉତ୍ତର ମଧ୍ୟ ଦେଇଥିଲେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଶୁଭେଚ୍ଛା ମେସେଜକୁ ରିଟୁଇଟ୍ କରିବା ସହିତ ସେ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଦେଶରେ ପହଞ୍ଚିବା ପରେ ସମର୍ଥକଙ୍କ ଗହଣରେ ଟ୍ରଫି ସହ ଆର୍ଜେଣ୍ଟିନା ଗୋଲକିପର ଏମିଲିଆନୋ ମାର୍ଟିନେଜ୍।



ଫ୍ରାନ୍ସ ଫୁଟ୍ବଲ ଦଳକୁ ସ୍ୱାଗତ ଲାଗି ପ୍ୟାରିସରେ ଜନସମୁଦ୍ର।

# ପ୍ୟାରିସ ଲୋକାରଣ୍ୟ

ପ୍ୟାରିସ୍,୨୦।୧୨(ପି.ଟି)

ବିଶ୍ୱକପ୍ ଫାଇନାଲରେ ଫ୍ରାନ୍ସ ଦଳ ପରାଜିତ ହୋଇଥିଲେ ହେଁ ପ୍ୟାରିସରେ ଦଳକୁ ମିଳିଛି ଅଭୂତପୂର୍ବ ସ୍ୱାଗତ। କିଲିଆନ୍ ଏମ୍ବାପେ ଏବଂ ଦଳର ଅନ୍ୟ ସମସ୍ତ ସଦସ୍ୟ ଚାର୍ଲସ ଡେ ଗଲ୍ଲେ ବିମାନ ବନ୍ଦରରେ ପହଞ୍ଚିବା ପରେ ଲକ୍ଷ ଲକ୍ଷ ସମର୍ଥକ ଦଳର ସମର୍ଥନ ପାଇଁ ଉପସ୍ଥିତ ଥିଲେ। ପରାଜୟ ଦୁଃଖରେ ଖେଳାଳିମାନେ ଆସିଥିଲେ ହେଁ ବିମାନ ବନ୍ଦର ବାହାରେ 'ଧନ୍ୟବାଦ' ଓ 'ପ୍ୟାରିସ୍ ତୁମକୁ ଭଲପାଏ' ବୋଲି ପ୍ଲା କାର୍ଡ ସହ ଅପେକ୍ଷା କରିଥିଲେ ଫ୍ୟାନ୍। ଏହାପରେ ବସରେ ଡେ ଲା କନକର୍ଡ ପର୍ଯ୍ୟନ୍ତ ଯାଇଥିଲା। ଏହାପାର ଚାମ୍ପ ଏଲିସ୍ରେ ଦଳକୁ ପ୍ୟାରେଡ ଜରିଆରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏପରିକି ୨୦୧୮ ରୁଷିଆ ବିଶ୍ୱକପରେ ଦଳ ଚାମ୍ପିୟନ ହୋଇ ଫେରିଥିଲେ ମଧ୍ୟ ଏଭଳି ସମ୍ବର୍ଦ୍ଧନା ମିଳିନଥିଲା। ପ୍ରଶଂସକ ମାନେ ଦଳର ସମର୍ଥନରେ ବିଭିନ୍ନ ସ୍ଲୋଗାନ ଦେଉଥିବା ବେଳେ ଫ୍ରାନ୍ସ ଦଳର ଅଧିନାୟକ ହ୍ୟୁଗୋ ଲାରିସ୍, ଅଲିଭର ଗିରୁଡ୍, ଓସୁମାନେ ଡେମ୍ବେଲେ, ଆଣ୍ଟୋନିଓ ଗ୍ରୀଜମ୍ୟାନ୍ ଓ କିଲିଆନ୍ ଏମ୍ବାପେଙ୍କ ପରି ଖେଳାଳି ଉପସ୍ଥିତ ଫ୍ୟାନଙ୍କୁ ହାତ ହଲାଇ ଅଭିବାଦନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, କିଲିଆନ୍ ଏମ୍ବାପେଙ୍କ ହ୍ୟାଟ୍ରିକ୍ ସତ୍ତ୍ୱେ ଫ୍ରାନ୍ସ ଦଳ ପେନାଲ୍ଟି ଶୁଟଆଉଟକୁ ୪-୨ରେ ହାରିବା ସହିତ ଟାଇଟଲ ଡିଫେଣ୍ଡ କରିବାରେ ବିଫଳ ହୋଇଥିଲା। ଚଳିତ ବିଶ୍ୱକପରେ ଫ୍ରାନ୍ସରେ ୨୪ ମିଲିୟନ ଦର୍ଶକ ଟିଭିରେ ଏହାର ମଜା ନେଇଥିଲେ। ଟିଭି ଦେଖୁଥିବା ଲୋକଙ୍କ ମଧ୍ୟରେ ୧୦ରୁ ୮ ଜଣ ଲୋକ ଫୁଟବଲ ବିଶ୍ୱକପ ଦେଖିଥିଲେ।

# ସାଇ ଏକାଦଶ ବିଜୟୀ

**ମହାବୀର ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

ସୋର, ୨୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲ ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖେଳପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୪ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲରେ ଖଡ଼ଗପୁର ସେରସାକୁ ହରାଇ ଭୁବନେଶ୍ୱର ସାଇ ଏକାଦଶ ବିଜୟୀ ହୋଇଛି। ଟସ୍ ଜିଣି ସେରସା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ସେରସା ନିର୍ଦ୍ଧାରିତ ୨୮ଓଭରରୁ ୨୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ୍ କରିଥିଲା। ଦେବୋପମ ବିଶ୍ୱାସ ୪୫ ବଲ୍ ଖେଳି ୪୦ ରନ୍ କରିଥିବା ବେଳେ ସାଇ ଏକାଦଶର ମନୋଜ କୁମାର ବାରିକ ୬ ଓଭର ବୋଲିଂ କରି ୨୦ ରନ୍ରେ ୪ ଉଇକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ସାଇ ଏକାଦଶ ୧୨.୧ ଓଭରରେ କୌଣସି ଉଇକେଟ ନ ହରାଇ ୧୬୧ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ସାଇ ଏକାଦଶର ବ୍ୟାଟ୍ସମ୍ୟାନ ସିଦ୍ଧାନ୍ତ କୁମାର ଜେନା ୩୪ ବଲ୍ରେ ୧୨ଟି ଛକା ଓ ୬ଟି ଚୌକା ମାରି ୧୦୬ ରନ୍ ସଂଗ୍ରହ କରି ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ତାଙ୍କୁ କ୍ଲବର ସଭାପତି ଅଖିଳରାମ ଜେନା ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ରଞ୍ଜନ ମହାନ୍ତି ମ୍ୟାଚ୍କୁ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଶାନ୍ତ ଜେନା, ରାଜେଶ ଜେନା ଓ ଅନଲାଇନ୍ ସ୍କୋରର ଭାବେ କିରଣ ମନୋହର ମହାନ୍ତି ଏବଂ ଭାଷ୍ୟକାର ଭାବେ ଯଦୁନାଥ ଜେନା, ସେକ୍ ଅତଓ୍ୱଲା ଏବଂ ବାସୁଦେବ ଜେନା ଦାୟିତ୍ୱ ତୁଲାଇଥିଲେ। ଜଗନ୍ନାଥ ଶିଅଳ, ରାଜେଶ ଜେନା, ଦୀପକ ବେହେରା, ଶକ୍ତି ସ୍ୱରୂପ ଦାସ, ମହେନ୍ଦ୍ର ଦେ, ପ୍ରଶାନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ଜୟନ୍ତ କୁମାର ମଲିକ, ଚିନ୍ମୟ ପ୍ରଧାନ, ରମାକାନ୍ତ ମଲିକ, ରାଜକିଶୋର ଦେ ପ୍ରମୁଖଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟମାନେ ମ୍ୟାଚ୍କୁ ପରିଚାଳନାରେ ସହଯୋଗ କରିଥିଲେ। ବୁଧବାର ପ୍ରଥମ ସେମିଫାଇନାଲ ୟୁ ଆଣ୍ଡ ମି ବାଲେଶ୍ୱର ଓ ସାଇ ଏକାଦଶ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

# ନର୍ଥଇଷ୍ଟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍ଲେଟିକ୍ସ ଉଦ୍ଘାଟିତ

ଭୁବନେଶ୍ୱର,୨୦।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର ସ୍ଥିତ କିଟ୍-କିସ୍ରେ ଉଦ୍ଘାଟିତ ହୋଇଛି ନର୍ଥଇଷ୍ଟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥଲେଟିକ୍ସ ଚାମ୍ପିୟନଶିପ୍। ଆସୋସିଏଶନ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିର ମିଳିତ ସହଯୋଗରେ ୩ ଦିନ ଯାଏ ଏହି ଚାମ୍ପିୟନଶିପ୍ ଆୟୋଜିତ ହେବ। ୨୫୦ଟି ବିଶ୍ୱବିଦ୍ୟାଳୟରୁ ୨୫୦୦ ଛାତ୍ରୀ ଛାତ୍ର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ୧୦୦ ମିଟର ମହିଳା ବର୍ଗରେ ଦୂତୀ ଚାନ୍ଦ, ୧୦୦ ମିଟର ପୁରୁଷ ବର୍ଗରେ ଲାଲୁ ପ୍ରସାଦ ଭୋଇ ଫାଇନାଲରେ ପ୍ରବେଶ କରିଥିବା ବେଳେ ହାମର୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଅଜୟ କୁମାର। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, କିଟ୍ କୁଳପତି ସସ୍ମିତା ସାମନ୍ତ, ଅର୍ଜୁନ ପୁରସ୍କାର ବିଜେତା ତଥା ଅଲିମ୍ପିଆନ୍ ଦୂତୀ ଚାନ୍ଦ, କିଟ୍ କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଏବଂ କିସ୍ର ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ସମସ୍ତ ଖେଳାଳି କିଟ୍ ଓ କିସ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।




କୃତୀ ପ୍ରତିଯୋଗୀ ପୁରସ୍କୃତ ହେଉଛନ୍ତି।

# ରିଚା ଘୋଷ୍ଙ୍କୁ ୪ ସ୍ଥାନ ଫାଇଦା

**ଦୁବାଇ, ୨୦।୧୨ (ପି.ଟି.):** ଆଇସିସି ମହିଳା ଟି୨୦ ର୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତର ଉଇକେଟକିପର ବ୍ୟାଟର ରିଚା ଘୋଷଙ୍କୁ ୪ ସ୍ଥାନ ଫାଇଦା ମିଳିଛି। ସେ ବ୍ୟାଟର ତାଲିକାରେ ୪୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ ଅନ୍ତର୍ଜାତୀୟ ଟି୨୦ରେ ତାଙ୍କ ଅପରାଜିତ ୪୦ ରନ ପାଇଁ ଏହା ହୋଇପାରିଛି। ଭାରତର ଦୀପ୍ତିଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ୩୨ତମ ସ୍ଥାନରେ ଅଛନ୍ତି। ଅଷ୍ଟ୍ରେଲିଆ ଅଲରାଉଣ୍ଡର ଆଶଲେ ଗାର୍ଡନର ବ୍ୟାଟର ତାଲିକାର ୯ମ ସ୍ଥାନରେ ରହିଛନ୍ତି। ଗତ ଶନିବାର ଭାରତ ବିପକ୍ଷ ଚତୁର୍ଥ ମ୍ୟାଚ ବେଳେ ୭ରନ ବିଜୟ ସୂଚକ ସ୍କୋରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା।

# ଇଂଲଣ୍ଡର ସିରିଜ କ୍ଲିନ୍ ସୁଇପ୍

କରାଚୀ,୨୦।୧୨(ପି.ଟି)

ପାକିସ୍ତାନ ମାଟିରେ ୩-୦ରେ ଟେଷ୍ଟ ସିରିଜ ଜିତିବା ସହିତ କ୍ଲିନ୍ ସୁଇପ୍ କରିଛି ଇଂଲଣ୍ଡ। ଦୀର୍ଘ ୧୭ ବର୍ଷ ପରେ ପାକିସ୍ତାନ ଗସ୍ତରେ ଆସିଥିବା ଇଂଲଣ୍ଡ ଆକ୍ରମଣାତ୍ମକ ବ୍ରାଣ୍ଡର କ୍ରିକେଟ ଖେଳିବା ସହିତ ସିରିଜ କ୍ଲିନ୍ସୁଇପ୍ କରିଛି। ପ୍ରଥମ ଥର ପାଇଁ ପାକିସ୍ତାନ ଘରୋଇ ମାଟିରେ କୌଣସି ଟେଷ୍ଟ ସିରିଜ କ୍ଲିନ୍ସୁଇପ୍ରେ ପରାସ୍ତ ହୋଇଛି। ୧୬୭ ରନ୍ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ମାତ୍ର ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଓପନର ବେନ୍ ଡକେଟ୍ ଦ୍ରୁତ ୮୨ ରନ୍ କରିଥିବା ବେଳେ ଅଧିନାୟକ ବେନ୍ ଷ୍ଟୋକ୍ସ ୩୫ ରନ୍ କରିଥିଲେ। ଅନ୍ତିମ ଦିନରେ ଇଂଲଣ୍ଡକୁ ବିଜୟ ପାଇଁ ୫୫ ରନ୍ ଆବଶ୍ୟକ ଥିବା ବେଳେ ଆଉ କୌଣସି ଉଇକେଟ ନ ହରାଇ ଦଳ ବିଜୟୀ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୦୪
ଇଂଲଣ୍ଡ ପ୍ରଥମ ଇନିଂସ: ୩୫୪
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୧୬ (ବାବର ଆଜାମ-୫୪, ସାଉଦ୍ ଶକିଲ-୫୩, ଅବ୍ଦୁଲ୍ଲା ସଫିକ୍-୨୬; ରେହାନ ଅହମ୍ମଦ-୫/୪୮, ଜ୍ୟାକ୍ ଲିଚ୍-୩/୭୨)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୭୦/୨ (ବେନ୍ ଡକେଟ-୮୨*, ଜ୍ୟାକ୍ କ୍ରଲି-୪୧, ଅବ୍ରାର ଅହମ୍ମଦ-୨/୭୮)।



ସିରିଜ୍ ବିଜୟୀ ଟ୍ରଫି ସହ ଇଂଲଣ୍ଡ କ୍ରିକେଟ ଦଳ।

## ସୁଦେବା ଦିଲ୍ଲୀ ଏଫ୍ସିକୁ ୬୦ ହଜାର ଟଙ୍କା ଜରିମାନା

**ନୂଆଦିଲ୍ଲୀ, ୨୦।୧୨ (ପି.ଟି.):** ସୁଦେବା ଦିଲ୍ଲୀ ଏଫ୍ସିକୁ ସର୍ବଭାରତୀୟ ଫୁଟ୍ବଲ ମହାସଂଘ (ଏଆଇଏଫ୍ଏଫ୍) ଶୃଙ୍ଖଳାକମିଟି ୬୦,୦୦୦ ଟଙ୍କା ଜରିମାନା କରିଛି। ମୁମ୍ବାଇ କେଙ୍କ୍ରେ ବିପକ୍ଷରେ ଏହି ଦଳ ନିୟମ ବାହାରେ ଜଣେ ଖେଳାଳିଙ୍କୁ ଖେଳାଇଥିଲା। ମ୍ୟାଚକୁ ମୁମ୍ବାଇ କେଙ୍କ୍ରେ ୨-୧ରେ ଜିତିଥିଲା। ହେଲେ ସୁଦେବା ଦଳ ଏକାଧିକ ନିୟମ ଉଲ୍ଲଂଘନ କରିଥିବାରୁ ବିଜୟୀ ଦଳକୁ ଶୃଙ୍ଖଳା କମିଟି ୩-୦ରେ ବିଜୟୀ ଘୋଷଣା କରିଥିଲା। ମ୍ୟାଚର ୭୬ତମ ମିନିଟ୍ରେ ସୁଦେବା ଦିଲ୍ଲୀ ଏଫ୍ସି ଜଣେ ଏସିଆନ ବିଦେଶୀ ଖେଳାଳିଙ୍କ ବଦଳରେ ଜଣେ ଅଣଏସୀୟ ଘାନା ଖେଳାଳିଙ୍କୁ ଖେଳାଇଥିଲା। ଫଳରେ ସେତେବେଳେ ଦଳରେ ଯଦିଓ ୪ ବିଦେଶୀ ଖେଳାଳି ଥିଲେ ସେମାନଙ୍କ ମଧ୍ୟରେ ଜଣେ ଏସୀୟ ନ ଥିଲେ।

# ପ୍ରଥମ ଦିବସରେ ଓଡ଼ିଶା ୨୧୩ରେ ସୀମିତ

**ରଣଜୀ ଟ୍ରଫି**

ଡେରାଡୁନ୍,୨୦।୧୨

ରଣଜୀ ଟ୍ରଫିରେ ଓଡ଼ିଶା ଦଳ ଉତ୍ତରାଖଣ୍ଡ ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ ଖେଳିଛି। ପ୍ରଥମ ଦିନରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୧୩ ରନ୍ରେ ସୀମିତ ରହିଛି। ଜବାବରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ବିନା କୌଣସି କ୍ଷତିରେ ୪ ରନ୍ ସଂଗ୍ରହ କରିଛି। ଦୁଇ ବାମହାତୀ ସ୍ପିନର ମୟଙ୍କ ମିଶ୍ର ଓ ସ୍ୱପ୍ନିଲ ସିଂଙ୍କ ଘାତକ ବୋଲିଂ କାରଣରୁ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଉତ୍ତରାଖଣ୍ଡର ଅଭିମନ୍ୟୁ କ୍ରିକେଟ ଏକାଡେମୀରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଶାନ୍ତନୁ ମିଶ୍ର(୦) ଖାତା ଖୋଲିବାରେ ବିଫଳ ହୋଇଥିଲେ। ଅନୁରାଗ ଷଡଙ୍ଗୀ(୨୭) ଓ ଶୁଭ୍ରାଂଶୁ ସେନାପତି (୧୧) ବଡ ସ୍କୋରରେ ବିଫଳ ହେବା ଯୋଗୁ ଓଡ଼ିଶା ୩୮ ରନରେ ୩ ଉଇକେଟ ହରାଇଥିଲା। ତେବେ ବିପ୍ଳବ ସାମନ୍ତରାୟ(୪୬) ଓ ଟପ୍ ସ୍କୋରର କାର୍ତ୍ତିକ ବିଶ୍ୱାଳ(୪୮)ଙ୍କ ମଧ୍ୟରେ ୮୦ ରନର ପାର୍ଟନରଶିପ୍ ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲା। ବିପ୍ଳବ ୧୬୧ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ କାର୍ତ୍ତିକ ୭୫ ବଲ ଖେଳି ୮ ଚୌକା ସହିତ ୪୮ ରନ କରିଥିଲେ। ମୟଙ୍କ ମିଶ୍ର ଓ ସ୍ୱପ୍ନିଲ ସିଂ ପରସ୍ପର ମଧ୍ୟରେ ୭ ଉଇକେଟ ବାଣ୍ଟିନେବାରୁ ଓଡ଼ିଶା ମଧ୍ୟକ୍ରମ ବଡ ସ୍କୋର କରିବାରେ ବିଫଳ ହୋଇଥିଲା। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଭିଷେକ ରାଉତ ୩୨ ଓ ରାଜେଶ ଧୂପର ୨୧ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ୭୬.୧ ଓଭରରେ ୨୧୩ ରନରେ ଅଲଆଉଟ ହୋଇଥିଲା। ଉତ୍ତରାଖଣ୍ଡ ପକ୍ଷରୁ ସ୍ୱପ୍ନିଲ ସିଂ ୪ ଓ ମୟଙ୍କ ମିଶ୍ର ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ଧପୋଲା ୨ ଓ ଆକାଶ ମଧୱାଲ ଗୋଟିଏ ଉଇକେଟ ନେଇଥିଲେ। ଉତ୍ତରାଖଣ୍ଡ ଇନିଂସର ମାତ୍ର ୪ ଓଭର ଖେଳ ସମ୍ଭବ ହୋଇଥିବା ବେଳେ ଦଳ ବିନା କ୍ଷତିରେ ୪ ରନ ସଂଗ୍ରହ କରିଛି।



କାର୍ତ୍ତିକ ବିଶ୍ୱାଳ



ବିପ୍ଳବ ସାମନ୍ତରାୟ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୭୬.୧ ଓଭରରେ ୨୧୩/୧୦ (କାର୍ତ୍ତିକ ବିଶ୍ୱାଳ-୪୮, ବିପ୍ଳବ ସାମନ୍ତରାୟ-୪୬, ଅଭିଷେକ ରାଉତ-୩୨, ମୟଙ୍କ ମିଶ୍ର-୩/୩୯, ସ୍ୱପ୍ନିଲ ସିଂ-୪/୪୮, ଦୀପକ ଧପୋଲା-୨/୪୭)। ଉତ୍ତରାଖଣ୍ଡ ପ୍ରଥମ ଇନିଂସ- ୪ ଓଭରରେ ୪/୦(ଜୀଓ୍ୱନଜୋତ ସିଂ-୪*)

## କୋବିଜାତୀୟ ଫସଲ: ରୋଗପୋକ ଦମନ



**କୋ**ବିଜାତୀୟ ଫସଲରେ ଜଉ ପୋକ,ଠିକିରି ପିଠିଆ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲ୍‌ଟରନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ।

## ଫୁଲଚାଷରେ ତରଳ ଖତ ପ୍ରୟୋଗ

**ଫୁ**ଲଚାଷରେ ତରଳ ଖତ ପ୍ରୟୋଗ କରୁଥିଲେ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ସେବତୀ ଲଗାଇବାର ୪ ସପ୍ତାହ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) ୦ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି। ଗୋଲାପ ଗଛର କାଟଛାଣ୍ଟ କାମ ଶୀଘ୍ର ଶେଷ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।



## ବାର୍ଡ ଫ୍ଲୁ ଲକ୍ଷଣ



**କୁ**କୁଡ଼ାଙ୍କ ଠାରେ ନିମ୍ନ ଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡ ଫ୍ଲୁ ର ସୂଚନା ମିଳିଥାଏ । କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ବ୍ରଏଲର କୁକୁଡ଼ା – ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇବିଡି ରୋଗ ଟିକା ଦିଅନ୍ତୁ ।

# ସଫଳ ବିରିଚାଷ



ଡ. ପରେଶ କୁମାର ପଣ୍ଡା

**ଆ**ମ ରାଜ୍ୟରେ ବିରି ଚାଷ ବେଶ୍ ଲୋକପ୍ରିୟ। ଏହାର ଚାଷ ଅତି ସହଜ। ଏହାର ଅବଧି ଅଢ଼େଇ ମାସ ଥିବାରୁ ବିଭିନ୍ନ ଫସଲ ପର୍ଯ୍ୟାୟରେ ମଧ୍ୟ ଏହାକୁ ନିଆଯାଇପାରେ। ବିରି ସ୍ୱଳ୍ପ ଅବଧି ବିଶିଷ୍ଟ ଥିବାରୁ ବର୍ଷର ଯେକୌଣସି ସମୟରେ ଅନ୍ତଃଫସଲ, ମିଶ୍ରିତ ଫସଲ ତଥା ଅମୁହାଁ ବା ପାଇରା ଫସଲ ରୂପେ ନିଆଯାଇଥାଏ। ଏବେ ରାଜ୍ୟ କୃଷି ବିଭାଗ ଜରିଆରେ ଟ୍ରାଫା, ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଡାଲି) ଧାଡ଼ି ବୁଣା (ଡାଲି) ତଥା ଖାଲି ପଡୁଥିବା ଧାନଜମିରେ ପରିଚାଳନା ପରି ଯୋଜନାଗୁଡିକରେ ଏହାର ଚାଷକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ ପ୍ରକାର ସରକାରୀ ସହାୟତାର ବ୍ୟବସ୍ଥା ରଖାଯାଇଛି। ଅଧିକନ୍ତୁ ଫସଲ ବିବିଧକରଣରେ ମଧ୍ୟ ଏହାର ଚାଷକୁ ଅନ୍ତର୍ଭୁକ୍ତ କରାଯାଇ କୃଷକର ଆୟ ବୃଦ୍ଧି ତଥା ଚାଷଜମିକୁ ସୁସ୍ଥ ଓ ଉର୍ବରିଆ ରଖିବାରେ ଗୁରୁତ୍ୱାରୋପ କରାଯାଉଛି। ବିରି ଡାଲିରେ ପୁଷ୍ଟିସାର ୨୪ ପ୍ରତିଶତ ରହିଥାଏ। ବର୍ତ୍ତମାନ ଆମ ରାଜ୍ୟରେ ବହୁଳ ଭାବେ ଚାଷ କରାଯାଉଥିବା ବିଜ୍ଞପିତ, ଅଧିକ ଅମଳକ୍ଷମ, ଉନ୍ନତ ବିରି କିସମଗୁଡିକ (ଅବଧି ୬୫–୯୦ ଦିନ) ହେଲା :

**(ଖରାଦିନ)** : ସିଓ–୬, ମାସ୍–୪୭୯ (କେଜିୟୁ ୪୭୯), ପ୍ରସାଦ, ବଲ୍ଲଭ ଉରଦ–୧ (୬୫–୮୨ ଦିନିଆ ଓ ସାହେବୀ ପ୍ରତିରୋଧୀ), ପନ୍ତ ଉରଦ–୪୦, ସୁଲତା ଓ ଇନ୍ଦିରା ଉରଦ ପ୍ରଥମ (ଆରୟୁ ୦୩–୧୪) ଅନ୍ୟ ଉନ୍ନତ କିସମ : ଭିବିଏନ୍ (ବି.ଜି.) ୭, ଆଇପିୟୁ ୧୧–୨ ଅଧିକ ଅମଳ ଦେଇଥାଏ। ଗତ ୧୫ ବର୍ଷ ମଧ୍ୟରେ ବାହାରିଥିବା ବିରି କିସମଗୁଡିକ ହେଲା : ଆଇପିୟୁ–୨–୪୩, ଶଶୀ, ମହୁରୀ, ଉଜ୍ଜ୍ୱଳା, ପ୍ରସାଦ, ଶେଖର–୩, ଏଲ୍‌ଏମ୍–୭୦୯, ପନ୍ତ ଉରଦ–୩୧, ପନ୍ତ ଉରଦ–୪୦, ସୁଲତା, ରଶ୍ମି, ବିଶ୍ୱାସ, ଆଜାଦ ଉରଦ–୩, ଆଇପିୟୁ ୧୧–୨, ଆଇପିୟୁ ୯୪–୧, ଏଲ୍‌ବିଜି ୭୮୭, ପ୍ରତାପ ଉରଦ–୧, ସିଓ–୬, ମାସ୍ ୪୭୯, ଭିବିଏନ (ବି.ଜି.) ୭, ବଲ୍ଲଭ ଉରଦ ୧ ଓ ଇନ୍ଦିରା ଉରଦ ପ୍ରଥମ ଇତ୍ୟାଦି)।

**ବର୍ଷା** ଦିନ ପାଇଁ ଟି–୯, ସାରଳା, ପନ୍ତ, ୟୁ–୧୯, ପନ୍ତ ୟୁ–୩୧, ଆଇପିୟୁ ୦୨–୪୩, ଆଇପିୟୁ ୧୧–୨, ପ୍ରସାଦ, ଉଜ୍ଜ୍ୱଳା, ମହୁରୀ, ପନ୍ତ ୟୁ–୩୫, କେ.ୟୁ.–୩୦୦ ଓ ଶେଖର–୧ (କେ.ୟୁ.–୩୦୧), ଉତ୍ତରା, ଶଶୀ, ରଶ୍ମି, ଶେଖର–୩, ଆଜାଦ ଉରଦ–୩। (ପ୍ରାକ୍ ରବି) : ଟି–୯, ଶାରଳା, ପ୍ରସାଦ, ଉଜ୍ଜ୍ୱଳା (ଓ.ବି.ଜି.–୧୭, ପନ୍ତ ୟୁ–୩୦, ପନ୍ତ ୟୁ–୩୫, ପନ୍ତ ୟୁ–୧୯, ପି.ଡି.ୟୁ.–୧, ଆଜାଦ ଉରଦ–୧, ଆଜାଦ ଉରଦ–୩, ଆଇପିୟୁ ୯୪–୧, ଶଶୀ (ପାଇରା ଫସଲ ଉପଯୋଗୀ) ଇତ୍ୟାଦି।

**ବିହନ, ବୁଣା ଓ ଖତସାର** : ଏକର ପ୍ରତି ୮–୧୦ କି.ଗ୍ରା. ବିହନ ଦରକାର ପଡ଼ିଥାଏ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରିବା ଆବଶ୍ୟକ। ତହିଁରୁ ଆଶାନୁରୂପ ଅମଳ ମିଳିଥାଏ। ବିଭିନ୍ନ ପ୍ରକାର ଫିମ୍ପି ଜାତୀୟ ରୋଜ ଫସଲରେ ନ ହେବା ନିମନ୍ତେ ସର୍ବଦା ବିହନକୁ ବିଶୋଧନ କରିବା ଜରୁରୀ। ସେଥିଲାଗି ୧୦ କି.ଗ୍ରା. ବିହନ ପାଇଁ ୩୦ ଗ୍ରାମ ଥିରାମ ବା ୧୫ ଗ୍ରାମ କାର୍ବୋଜାଣ୍ଡିମ ଆବଶ୍ୟକ ପଡିଥାଏ। ବିହନ ବିଶୋଧନର ସପ୍ତାହକ ମଧ୍ୟରେ ଓ ବିହନ ବୁଣିବାର କିଛି ସମୟ ପୂର୍ବରୁ ୧୦ କି.ଗ୍ରା. ବିହନ ପ୍ରତି ୨୦୦ ଗ୍ରାମ ବୀଜାଣୁ କଲ୍‌ଚର ଉପଚାର ପୂର୍ବରୁ ବିହନକୁ ୫–୬ ଘଣ୍ଟା ପାଣିରେ ଭିଜାଇ ଏପରି ଛାଣି ଦିଅନ୍ତୁ ଯେପରି କି ଫୁଲିଥିବା ମଞ୍ଜି ଚୋପା ଫାଟି ନ ଥିବ। ଏହାଦ୍ୱାରା ବିହନ ବୁଣିବା ମାତ୍ରେ ଗଜା ବାହାରିବା ପ୍ରକ୍ରିୟା ଆରମ୍ଭ ହୋଇଯାଏ ଏବଂ ମୃତ୍ତିକାରେ କୌଣସି କ୍ଷେତ୍ରରେ ଆର୍ଦ୍ରତା କମିଯାଇଥିଲେ ତାହା ଗଜା ପ୍ରକ୍ରିୟାକୁ ଡେରି କରି ନ ଥାଏ। ମାଟିରୁ ଯଥେଷ୍ଟ ପରିମାଣର ଫସ୍‌ଫରସ ଫସଲକୁ ଉପଲବ୍ଧ ହେବା ପାଇଁ ୧୦ କି.ଗ୍ରା. ବିହନ ପ୍ରତି ଫସ୍‌ଫୋକଲଚର ୨୦୦ ଗ୍ରାମକୁ ରାଇଜୋବିୟମ ଉପଚାର ବେଳେ ମିଶାଇ ଦିଆଯାଏ। ଆହୁରି ମଧ୍ୟ ରାଇବୋଜିୟମ କାର୍ଯ୍ୟଦକ୍ଷତା ବଢ଼ାଇବା ତଥା ଫସଲର ବୃଦ୍ଧି ଅଧିକ ଘଟିବା ନିମନ୍ତେ ୧୦ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ ମଲିବଜେଟ୍ ଅଣୁସାରକୁ କଲ୍‌ଚର ମିଶ୍ରଣରେ ଗୋଳାଇ ଦିଆଯାଏ।

ମାଟିକୁ ଭଲ ରୂପେ ଗୁଣ୍ଡ (ପାୱାରଟିଲର ହଳ ଦ୍ୱାରା ଟ୍ରାକ୍ଟର ହଳ ତୁଳନାରେ ମାଟି ଭଲ ଗୁଣ୍ଡ ହୋଇଥାଏ) ଚାଷ କରି ସର୍ବଦା ଧାଡ଼ିରେ ବିହନ ବୁଣିବା ଦରକାର। ସାଧାରଣତଃ ଧାଡ଼ିକୁ ଧାଡ଼ି ୨୫–୩୦ ସେମି ଓ ଗଛ ମଧ୍ୟରେ ୧୦ସେମି ରଖିବା ଭଲ। ବିହନ ବୁଣିବା ପୂର୍ବରୁ ଶେଷ ଓଡ଼ ଚାଷ ସମୟରେ (ଡାଲିଜାତୀୟ ଫସଲରେ) ଏକର ପ୍ରତି ଜିପ୍‌ସମ ୮୦–୧୦୦ କି.ଗ୍ରା., ବୋରାକ୍ସ ୪ କି.ଗ୍ରା., ଜିଙ୍କ୍ ସଲଫେଟ୍ ୪.୮ କି.ଗ୍ରା., ଖତ ୧୨ କୁଇଣ୍ଟାଲ, ୮:୧୬:୮ ଯବକ୍ଷାରଜାନ–ଫସ୍‌ଫରସ–ପଟାସ ସାରକୁ (ଅର୍ଥାତ୍ ଡିଏପି ୩୫ କି.ଗ୍ରା., ୟୁରିଆ ୪ କି.ଗ୍ରା. ଓ ପଟାସ୍ ୧୩ କି.ଗ୍ରା.) ୟୁରିଆକୁ ଛାଡ଼ି ଅବଶିଷ୍ଟ ପ୍ରୟୋଗ କରାଯାଏ। ୟୁରିଆ ୪ କି.ଗ୍ରା.କୁ ପ୍ରଥମେ କୋଡାଖୁସା ବେଳେ ଦିଆଯାଏ। ପାଇରା ବା ଅମୁହାଁ ବା ଅଛରା ବୁଣା କରିବାର ଥିଲେ ବିହନକୁ ୫–୬ ଘଣ୍ଟା ପାଣିରେ ବତୁରାଇ ଧାନ କାଟିବାର ୧୦ ଦିନ ପୂର୍ବରୁ ଓଦା ଜମିରେ ବୁଣି ତା'ର ଠିକ୍ ପରେ ଏକର ପ୍ରତି ୩୫ କି.ଗ୍ରା. ଡିଏପି ଓ ୧୦ କି.ଗ୍ରା. ପଟାସ୍ ଛାଟି ଦେଲେ ଫସଲ ଭଲ ହୋଇଥାଏ।

**ଘାସ ନିୟନ୍ତ୍ରଣ ଓ ରୋଗପୋକ ପରିଚାଳନା** : ଗଛ ଉଠିବାର ୩ସପ୍ତାହ ମଧ୍ୟରେ ଓ ଦେଢ଼ମାସ ବେଳକୁ ଘାସ ବାଛିଦେବା ଦରକାର। ନଚେତ୍ ରାସାୟନିକ ତୃଣନାଶକ ଯଥା– ପେଣ୍ଡିମେଥାଲିନ୍ ୩୦ ଇସି–୧୨୦୦ ମିଲି, (ବୁଣାର ୨ଦିନ ମଧ୍ୟରେ), ନଚେତ୍ କ୍ୱିଜାଲିଫସ୍ ଇଥାଇଲ୍ ୫ ପ୍ରତିଶତ ଇ.ସି./ଇମାଜିଥାପିର ୧୦ ପ୍ରତିଶତ ଏସ.ଏଲ୍./ପ୍ରୋପାକ୍ୱିଜାଫସ୍ ୧୦ ପ୍ରତିଶତ ଇ.ସି. ୩୦୦–୪୦୦ ମି.ଲି. (ବୁଣାର ୨୦–୨୫ଦିନ ବେଳକୁ) ଏକର ପ୍ରତି ମାଟିରେ ବତର ଥିବା ଅବସ୍ଥାରେ ପ୍ରୟୋଗ କରି ତୃଣଗୁଡିକୁ ନିୟନ୍ତ୍ରଣ କରାଯାଏ। ସାଧାରଣତଃ ରବି ଓ ଖରାଦିନିଆ ବିରି ଚାଷରେ ବୁଣିବା, ବୁଣିବାର ତିନି ସପ୍ତାହ ବେଳକୁ ଫୁଲ ଧରିବା ଓ ଛୁଇଁ ବଢ଼ିବା ସମୟରେ ଜଳସେଚନ ଦିଆଗଲେ ଛୁଇଁ ଅଧିକ ହୋଇ ଅଧିକ ଅମଳ ମିଳିଥାଏ। ସର୍ବଦା ହାଲୁକା ଜଳସେଚନ (ସିଞ୍ଚନ ବେଳକୁ ପ୍ରାଧାନ୍ୟ ଦେବା) କରାଗଲେ ଘାସ ନିୟନ୍ତ୍ରିତ ହୋଇ ଫସଲ ଭଲ ବଢ଼ିଥାଏ ଓ ଅଧିକ ଫୁଲ ଆସିଥାଏ। କୌଣସି ପରିସ୍ଥିତିରେ ମଡ଼ା ପାଣି ନ ଦେବା ଭଲ। ସିଞ୍ଚନର ବ୍ୟବସ୍ଥା ନ ଥିଲେ ୧୦ ଫୁଟ ବ୍ୟବଧାନରେ ଅଗଭୀର ନାଳ କରି ତହିଁରେ ପାଣି ମଡାଇ ଦିଆଯାଏ, ଯେପରି କି ଜମିରେ ଅଧିକ ପାଣି ରହିବ ନାହିଁ। ବିଭିନ୍ନ ରୋଗ ଯଥା–ଝାଉଁଳା, ଚେରପଚା/ଶଢ଼ା, କଳଙ୍କି, ପତ୍ରପୋଡ଼ା, କଳାଦାଗ, ପତ୍ରଚିତା, ପାଉଁଶିଆ ଓ ସାହେବୀ ଭୂତାଣୁର ନିୟନ୍ତ୍ରଣ ନିମନ୍ତେ ହରଡ ଫସଲ ପରି କୀଟନାଶକର ମାତ୍ରା ଅନୁଯାୟୀ ସିଞ୍ଚନ କରାଯାଏ।

**ଅମଳ** : ଫସଲରୁ ଛୁଇଁ ତୋଳାଗଲେ ଓ ମଝିରେ ମଝିରେ ବର୍ଷା ବା ଜଳ ସିଞ୍ଚନ କରାଗଲେ ଅଧିକ ଛୁଇଁ ହୋଇ ଫସଲର ଅବଧି ବଢ଼ିଯାଏ ଏବଂ ଅମଳ ଅଧିକ (୧–୨ ଦୁଇ କୁଇଣ୍ଟାଲ) ହୋଇଥାଏ। ଛୁଇଁ ୮୦ ଭାଗ ପାଚିଗଲେ ଅମଳ କରିନେବା ଆବଶ୍ୟକ। ବିରି ଗଛ ପାଚି ଆସିଲେ ଗଛକୁ ପୋଡ଼ି ଭୂମି ପତ୍ତନରୁ କାଟି ଅମଳ କରିବା ଆବଶ୍ୟକ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇଲେ ମଞ୍ଜିରେ ୯ ପ୍ରତିଶତକୁ କମ୍ ଜଳୀୟ ଅଂଶ ରହିଥାଏ।



–ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୭୨୦୫୦୯୬୦୮୦

## ଜାଣିରଖନ୍ତୁ...



**ବ**ର୍ତ୍ତମାନ କଦଳୀ ଗଛ ଲଗାଇ ପାରିବେ। ଏଥିପାଇଁ ଗ୍ରାଣ୍ଡ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ। ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡ୍ୱାର୍ଫ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡ୍ୱାର୍ଫ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦାବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ। ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

## ଫଳଚାଷ



**ବ**ଗିଚାକୁ ଭଲଭାବରେ ଚାଷ କରନ୍ତୁ। ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ ।

## ତରଭୁଜ

**ବି**ହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜାହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଉଚିତ । ଉନ୍ନତ କିସମ – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା ସଙ୍କର କିସମ – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍ ରୁବି, ମମତାଜ୍, ଆଣ୍ଡାମାନ୍।



## ଆଳୁ ଅମଳ ସମୟରେ...

**ଆ**ଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨–୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ। ଅନ୍ୟପକ୍ଷରେ ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ। ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା–ଏ–୪। ଭେଣ୍ଡି ଲଗାଇବା ସମୟରେ ଗଛଗୁଡିକ ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର।



# ସମନ୍ୱିତ କୃଷି ସହ ମାଛଚାଷ ଓ ପ୍ରାଣୀପାଳନ

(ଶେଷ ଭାଗ)

**ମାଛଚାଷ ଓ ଅନ୍ୟାନ୍ୟ କୃଷିର ସମନ୍ୱୟ:** ମାଛଚାଷ କରିବା ସହିତ ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାର ଫଳ, ପନିପରିବା, ଫୁଲ, ସବୁଜ ଗୋଖାଦ୍ୟ ଫସଲ ଇତ୍ୟାଦି ଚାଷ କରାଯାଏ । ଭଲ ଫସଲ ପାଇଁ ପୋଖରୀରୁ ପାଣି ଓ ଉର୍ବର ପଙ୍କ ନେଇ ବ୍ୟବହାର କରାଯାଇପାରିବ । ଫସଲରୁ ବାହାରୁଥିବା ସବୁଜ ପତ୍ର ଆଦି ଗ୍ରାସ କାର୍ପ ବା ଦଳଖିଆ ରୋହି ମାଛର ଅତି ପ୍ରିୟଖାଦ୍ୟ । ପୋଖରୀ ହୁଡ଼ା ଗଡ଼ାଣୀରେ କନ୍ଦମୂଳ ଚାଷ କଲେ ଏହା ହୁଡ଼ାର ମାଟିକୁ ଧୋଇଦିଏ ନାହିଁ ଏବଂ ଏହାର ପତ୍ର ମାଛମାନେ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି।

ପୋଖରୀ ଭିତର ଆଡ଼କୁ ମଞ୍ଚା ତିଆରି କରି ଲତାଜାତୀୟ ପନିପରିବା ଚାଷ କରାଯାଇ ହୁଡ଼ାରୁ ମଞ୍ଚା ଆଡ଼କୁ ମଡ଼ାଯାଇପାରିବ। ଏହି ଉପାୟରେ ଚାଷ କଲେ, ପନିପରିବା ଉତ୍ପାଦନ ପାଇଁ ଅଧିକ ଜାଗା ଦରକାର ହୁଏ ନାହିଁ । ପୋଖରୀ ହୁଡ଼ାରେ ଫୁଲକୋବି, ବନ୍ଧାକୋବି, କଦଳୀ, ଭେଣ୍ଡି, ବିନ୍‌ସ୍, ଅମୃତଭଣ୍ଡା, ଟମାଟୋ ଆଦି ଚାଷକଲେ ଅଧିକ ଉତ୍ପାଦନ ସହ ସମନ୍ୱିତ କୃଷିରୁ ଲାଭ ମିଳିଥାଏ ।



**ସମନ୍ୱିତ ଧାନ–ମାଛଚାଷ** : ଆମ ଦେଶରେ ମୁଣ୍ଡ ପିଛା ଉପଲବ୍ଧ ହେଉଥିବା ଜମିର ପରିମାଣ ହେଉଛି ୦.୧୫ ହେକ୍ଟର ବା ୩୭ ଡେସିମିଲ । ଦ୍ରୁତ ଶିଳ୍ପାୟନ ଓ ଅଧିକ ସହରୀକରଣ ପ୍ରକ୍ରିୟା ଯୋଗୁ ଏହି ଉପଲବ୍ଧ ହେଉଥିବା ଜମିର ପରିମାଣ ଧୀରେ ଧୀରେ କମିବାରେ ଲାଗିଛି । ତେଣୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ଏକକ ବା କମ୍ ଜମିରୁ ଅଧିକରୁ ଅଧିକ ଫସଲ ଆଦାୟ କରିବାର ଆବଶ୍ୟକତା ରହିଛି । ଏହି ପରିପେକ୍ଷୀରେ ଧାନ, ମାଛ ଓ ଚିଙ୍ଗୁଡ଼ିଚାଷକୁ ସମନ୍ୱିତ କରି ସମନ୍ୱିତ ଧାନ–ମାଛଚାଷ କରିବା ଏକ ଠିକ୍ ଓ ଉଚିତ ପନ୍ଥା ବୋଲି ଗବେଷଣା ଲବ୍ଧ ଫଳାଫଳରୁ ଜଣାଯାଇଛି । ଏହି ସମନ୍ୱିତ ଧାନ–ମାଛଚାଷ ଏବେ କିଛି ନୂଆ କଥା ନୁହେଁ । ଆମ ଦେଶରେ ୧୫ ଶହ ବର୍ଷ ପୂର୍ବରୁ ଏହି ସମନ୍ୱିତ ଧାନ–ମାଛଚାଷ କରାଯାଇ ଆସୁଛି ଏବଂ ଏହା କ୍ରମେ ଏସିଆର ଅନ୍ୟାନ୍ୟ ଦେଶକୁ ସମ୍ପ୍ରସାରିତ ହୋଇଛି। ଉପଲବ୍ଧ ତଥ୍ୟ ଅନୁଯାୟୀ ଆମ ଦେଶରେ ପ୍ରାୟ ୪୩୦ ଲକ୍ଷ ହେକ୍ଟର ଧାନ ଚାଷଜମି ମଧ୍ୟରୁ ପୂର୍ବାଞ୍ଚଳରେ ୧୪୨ ଲକ୍ଷ ହେକ୍ଟର ସମେତ ମୋଟ ୧୭୪ ଲକ୍ଷ ହେକ୍ଟର କେବଳ ଖାଲୁଆ ଜମି ରହିଅଛି । କିନ୍ତୁ ଏସବୁ ଅଞ୍ଚଳର ମାତ୍ର ୨ ଲକ୍ଷ ହେକ୍ଟର ଜମିରେ ସମନ୍ୱିତ ଧାନ ମାଛଚାଷ ହେଉଛି । ତେଣୁ ଖାଲୁଆ ଜମିର ଉପଯୁକ୍ତ ବିନିଯୋଗକରି ଅଧିକ ଉତ୍ପାଦନ କରିବା ପାଇଁ ଧାନ–ମାଛଚାଷ ଏକ ଯୁଗୋପଯୋଗୀ ଆବଶ୍ୟକତା ହୋଇପଡ଼ିଛି।

**ଉପଯୋଗିତା** : ଧାନ–ମାଛଚାଷରେ ଗୋଟିଏ ପରିବେଶରେ ଉଭୟ ଉଭୟଙ୍କ ଦ୍ୱାରା ଉପକୃତ ହୋଇଥାନ୍ତି । ଏକା ଜଳରେ ଧାନ ସହିତ ମାଛ ଓ ଚିଙ୍ଗୁଡ଼ି ସଭିଏଁ ସାଥିରେ ପରିପୁଷ୍ଟ ହୁଅନ୍ତି । ଦିନରେ ଧାନ ଗଛ ଏବଂ ଅଣୁ ଉଦ୍ଭିଦମାନଙ୍କ ଅଙ୍ଗାର ପରିପାକ କ୍ରିୟାରୁ ନିର୍ଗତ ଅମ୍ଳଜାନ ପରିମାଣକୁ ବୃଦ୍ଧିକରେ, ଯାହାକି ମାଛ ଓ ଚିଙ୍ଗୁଡ଼ି ଚାଷ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟିକରେ । ମାଛ ଧାନକ୍ଷେତରୁ ତା'ର ପ୍ରାକୃତିକ ଖାଦ୍ୟ ଅଣୁଜୀବ, ଅଣୁ ଉଦ୍ଭିଦ ଆଦି ଖାଇଥାନ୍ତି । ଏସବୁ ଖାଦ୍ୟର ୩–୪ ପ୍ରତିଶତ ମାଛ ହଜମ କରି ତା'ର ଶରୀର ଗଠନ ଓ ବୃଦ୍ଧିରେ ଲଗାଇଥାଏ । ପରୀକ୍ଷାରୁ ଜଣାଯାଇଛି ଯେ, ମାତ୍ର ୫୦ କି.ଗ୍ରା ମାଛ ପ୍ରାୟ ୬୫ ଶହ ବର୍ଗମିଟର (ଦେଢ଼ ଏକର) ପରିମିତ ଧାନଚାଷ ଜମିକୁ ଉର୍ବର କରିବାରେ ସହାୟକ ହୋଇଥାଏ । ଦିନରେ ମାଛ ଯେତିକି ଅଙ୍ଗାରକାମ୍ଳ ଛାଡ଼େ, ସେତିକି ଧାନର ଅଙ୍ଗାର ପରିପାକ କ୍ରିୟାରେ ସହାୟକ ହୁଏ । ମାଛ ଚଲାବୁଲା କରିବା ଫଳରେ ଧାନଗଛର ମୂଳ ଦୃଢ଼ ଓ ପରିପୁଷ୍ଟ ହୁଏ । ତେଣୁ ଏଭଳି ସମନ୍ୱିତ ଚାଷରେ ଧାନ ଉତ୍ପାଦନ ୨୦ ରୁ ୩୦ ପ୍ରତିଶତ ଅଧିକ ହୋଇଥାଏ ।

– ଡା. ବୀରକିଶୋର ପରିଡ଼ା
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର,
ମୋ : ୯୪୩୭୬୦୭୩୧୨



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


MARUTI SUZUKI
NEXA
TOUGH, STYLISH, SPORTY.
AND NOW 2,00,000 CUSTOMERS STRONG.
Ignis, a perfect city car, sets a new milestone.
Join the community of the Tough.
CREATE. INSPIRE.
IGNIS
2 LACS MILESTONE
IGNIS
COMPACT URBAN SUV
17.78 cm Smartplay Studio (Available from Zeta variant onwards)
High Ground Clearance and SUV-lIKE Stance
Auto Gear Shift
Spacious and Comfortable Interiors
1.2L VVT Petrol Engine
NEXA Safety Shield
Standard Across All Variants
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Scan the QR code for more details about the Ignis.
VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 7064499300), NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153), CUTTACK: NEXA STADIUM RD (JYOTE MOTORS PH: 7440005202).
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Offers vary across variants. Maruti Suzuki India Limited reserves the right to discontinue offers without notice. For details on functioning of safety features, kindly refer to the Owner's Manual.
Scan to know more.
SMART FINANCE
AN ONLINE END-TO-END CAR FINANCE SOLUTION
Multiple financiers
Digital Document Upload
Live Loan status
Complete transparency (associated fees & charges)